# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୭/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 17/2022 Page 20 ₹ 7.00 | ★★★★★★

୪୯ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 24 ମୂଲ୍ୟ ₹୭/-


सत्यमेव जयते
राजस्थान सरकार



4 वर्ष

जनसेवा, सबका सम्मान
आगे बढ़ता राजस्थान

सेवा ही कर्म, सेवा ही धर्म

“ ରାଜ୍ୟର ସମ୍ବେଦନଶୀଳ, ପାରଦର୍ଶୀ ଏବଂ ଉତ୍ତରଦାୟୀ ସରକାରର ସଫଳ 4 ବର୍ଷ ପୂରଣ ହେବା ଅବସରରେ, ମୁଁ ସଭିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହିତ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି, ସୁସ୍ଥ ଜୀବନ ଏବଂ ସର୍ବାଙ୍ଗୀନ ବିକାଶର କାମନା କରୁଛି । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ରାଜସ୍ଥାନର ସର୍ବାଙ୍ଗୀନ ବିକାଶ ପାଇଁ ପୂର୍ଣ୍ଣ ନିଷ୍ଠା ଏବଂ ପ୍ରତିବଦ୍ଧତା ସହିତ ଆଗକୁ ବଢ଼ିବା ଏବଂ ମନ, ବଚନ ତଥା କର୍ମରେ ଏଥିରେ ସହଭାଗୀ ହୋଇ ନିଜର ଭୂମିକା ନିର୍ବାହ କରିବା । ”

**ଅଶୋକ ଗେହଲଟ**
ମୁଖ୍ୟମନ୍ତ୍ରୀ, ରାଜସ୍ଥାନ

# ଆଦର୍ଶ ରାଜ୍ୟ ରାଜସ୍ଥାନ

### ମୁଖ୍ୟମନ୍ତ୍ରୀ ଚିରଞ୍ଜୀବୀ ସ୍ୱାସ୍ଥ୍ୟ ବୀମା ଯୋଜନା
₹10 ଲକ୍ଷର କ୍ୟାଶ୍‌ଲେସ୍ ସ୍ୱାସ୍ଥ୍ୟ ବୀମା ଏବଂ ₹5 ଲକ୍ଷର ଦୁର୍ଘଟଣା ବୀମା । ଏବେ ପର୍ଯ୍ୟନ୍ତ 27.60 ଲକ୍ଷ ରୋଗୀଙ୍କୁ ₹3,195 କୋଟିର ନିଃଶୁଳ୍କ ଚିକିତ୍ସା ।

### ଓଲ୍ଡ ପେନ୍‌ସନ ସ୍କିମ୍
1 ଜାନୁୟାରୀ 2004 ପରଠାରୁ ନିଯୁକ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପୂର୍ବ ପେନ୍‌ସନ ଯୋଜନା (ଓପିଏସ୍) ଲାଗୁ ।

### ସରକାରୀ ଚାକିରି
1.36 ଲକ୍ଷ ସରକାରୀ ଚାକିରି ଦିଆଯାଇଛି । 1.21 ଲକ୍ଷ ସରକାରୀ ନିଯୁକ୍ତି ପ୍ରକ୍ରିୟାଧୀନ । 1 ଲକ୍ଷ ଅତିରିକ୍ତ ପଦବୀରେ ନିଯୁକ୍ତି ପ୍ରସ୍ତାବିତ ।

### ଇନ୍ଦିରା ଗାନ୍ଧୀ ସହରୀ ରୋଜଗାର ଗ୍ୟାରେଣ୍ଟି ଯୋଜନା
ସହରାଞ୍ଚଳରେ 100 ଦିନର ରୋଜଗାରର ଗ୍ୟାରେଣ୍ଟି । ଏବେ ପର୍ଯ୍ୟନ୍ତ 3.5 ଲକ୍ଷ ଜବ୍ କାର୍ଡ ଜାରି ।

### ରାଜୀବ ଗାନ୍ଧୀ ଗ୍ରାମୀଣ ଅଲିମ୍ପିକ ଖେଳ
ଦୁନିଆର ସବୁଠାରୁ ବଡ଼ ଖେଳର ଆୟୋଜନ । ପାଖାପାଖି 30 ଲକ୍ଷ ଲୋକଙ୍କ ଅଂଶଗ୍ରହଣ । ସହରୀ ଅଲିମ୍ପିକ ଖେଳ 26 ଜାନୁୟାରୀ, 2023ରୁ । ଏହି ଖେଳ ପ୍ରତିବର୍ଷ ଆୟୋଜିତ ହେବ ।

### ପାଳନହାର ଯୋଜନା
ଅନାଥ ଏବଂ ଅନ୍ୟ ଯୋଗ୍ୟ ଶିଶୁଙ୍କୁ ମାସିକ ₹500 ରୁ ₹2500 ର ଆର୍ଥିକ ସହାୟତା । ଏବେ ସୁଦ୍ଧା 6.64 ଲକ୍ଷ ଶିଶୁ ଲାଭାନ୍ୱିତ ।

### ରାଜୀବ ଗାନ୍ଧୀ ସ୍କଲାରଶିପ୍ ଫର୍ ଏକାଡେମିକ୍ ଏକ୍ସେଲେନ୍ସ
ପ୍ରତିବର୍ଷ 200 ପିଲାଙ୍କ ବିଦେଶରେ ଅଧ୍ୟୟନର ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯିବ ।

### ମହାତ୍ମା ଗାନ୍ଧୀ ଇଂଲିଶ୍ ମିଡିୟମ୍ ସ୍କୁଲ
ରାଜ୍ୟରେ 1670 ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୁଣମାନଯୁକ୍ତ ଶିକ୍ଷା ।

### ବାଳିକାଙ୍କୁ ସ୍କୁଟି ବିତରଣ
ସ୍କୁଲ ଓ କଲେଜ ଯାଉଥିବା ବାଳିକାଙ୍କୁ ପ୍ରତିବର୍ଷ 20,000 ସ୍କୁଟି ବିତରଣ ।

### ମୁଖ୍ୟମନ୍ତ୍ରୀ ନିଃଶୁଳ୍କ ୟୁନିଫର୍ମ ବିତରଣ ଯୋଜନା
ସରକାରୀ ବିଦ୍ୟାଳୟଗୁଡ଼ିକର 1ରୁ 8ମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ନିଃଶୁଳ୍କରେ ଦୁଇ ସେଟ୍ ୟୁନିଫର୍ମ ।

### ମୁଖ୍ୟମନ୍ତ୍ରୀ ବାଳ ଗୋପାଳ ଯୋଜନା
ସରକାରୀ ବିଦ୍ୟାଳୟଗୁଡ଼ିକର 1ରୁ 8ମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ଦିନ ଦୁଗ୍ଧ ବିତରଣ ।

### ଟେକ୍ନୋଲୋଜିରୁ ବିକାଶ
ୟୁନିକ୍ ଆଇଟି ଇନ୍‌ଷ୍ଟିଚ୍ୟୁଟ୍-ରାଜୀବ ଗାନ୍ଧୀ ଫିନ୍‌ଟେକ୍ ଡିଜିଟାଲ ଇନ୍‌ଷ୍ଟିଚ୍ୟୁଟ୍, ଯୋଧପୁର ।
ମେଡି-ଟେକ୍, କ୍ଲାଇମେଟ୍ ଟେକ୍ ଏବଂ ଏଗ୍ରିଟେକ୍ ଆଦିର ଉନ୍ନତ ଜ୍ଞାନକୌଶଳ ଉପରେ ରିସର୍ଚ୍ଚ ପାଇଁ ରାଜସ୍ଥାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ୍ ଲର୍ନିଂ, ଜୟପୁର ।
ଷ୍ଟାର୍ଟଅପ୍ସ ପାଇଁ ପ୍ଲଗ୍ ଆଣ୍ଡ ପ୍ଲେ ଫାସିଲିଟି-ଜୟପୁର, ଯୋଧପୁର ଏବଂ କୋଟାରେ ରାଜୀବ ଗାନ୍ଧୀ ନଲେଜ୍ ଇନୋଭେଶନ୍ ହବ୍ ।
ଫିନିଶିଂ ସ୍କୁଲ୍- R-CAT.

### ସାମାଜିକ ସୁରକ୍ଷା ପେନ୍‌ସନ
ବୃଦ୍ଧଜନ, ବିଶେଷ ଯୋଗ୍ୟଜନ, ବିଧବା ଏବଂ ନିଃସଙ୍ଗ ମହିଳାଙ୍କ ସମେତ 1 କୋଟି ଲୋକଙ୍କୁ ପେନସନ୍ ଦିଆଯାଉଛି ।

### ଘର ପାଇଁ ଶସ୍ତା ବିଜୁଳି
38.18 ଲକ୍ଷ ପରିବାର ପାଇଁ ବିଜୁଳି ବିଲ୍ ଶୂନ ।

### ଚାଷୀଙ୍କୁ ଶସ୍ତା ବିଜୁଳି
କୃଷି ବିଜୁଳି ଦରରେ କୌଣସି ବୃଦ୍ଧି କରାଯାଇନାହିଁ, ଏଥିପାଇଁ ₹16,000 କୋଟିର ବାର୍ଷିକ ଅନୁଦାନ ।

### ମୁଖ୍ୟମନ୍ତ୍ରୀ କିଷାନ ମିତ୍ର ଉର୍ଜା ଯୋଜନା
ଚାଷୀମାନଙ୍କୁ କୃଷି ବିଜୁଳି କନେକ୍ସନ୍ ଉପରେ ମାସିକ ₹1000ର ଅତିରିକ୍ତ ଅନୁଦାନ । 8 ଲକ୍ଷ ଚାଷୀଙ୍କ ବିଜୁଳି ବିଲ୍ ଶୂନ୍ୟ ।

### ଉଡ଼ାଣ ଯୋଜନା
ବାଳିକା ଏବଂ ମହିଳାମାନଙ୍କୁ ପ୍ରତିମାସରେ 12 ସାନିଟାରୀ ନାପ୍‌କିନ୍ ନିଃଶୁଳ୍କ । ପାଖାପାଖି 1.45 କୋଟି କିଶୋରୀ ଏବଂ ମହିଳା ଏହାଦ୍ୱାରା ଲାଭାନ୍ୱିତ ।

### ଇନ୍ଦିରା ରସୋଇ
₹8ରେ ପୁଷ୍ଟିକର ଏବଂ ଗୁଣମାନଯୁକ୍ତ ଭୋଜନ । ରାଜ୍ୟରେ 951ଟି ଇନ୍ଦିରା ରସୋଇ ସଂଚାଳିତ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତି ଥାଳିରେ ₹17ର ଅନୁଦାନ ।

### ମୁଖ୍ୟମନ୍ତ୍ରୀ ଦୁଗ୍ଧ ଉତ୍ପାଦକ ସମ୍ବଳ ଯୋଜନା
ଦୁଗ୍ଧ ଉତ୍ପାଦକଙ୍କୁ ପ୍ରତି ଲିଟର ₹5ର ଅନୁଦାନ । ଏବେ ପର୍ଯ୍ୟନ୍ତ ମୋଟ ₹718 କୋଟିର ଅନୁଦାନ ।

**ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ରାଜସ୍ଥାନ**

**ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଥମ ମହଲାରୁ ଫିଙ୍ଗିଦେଲେ ଶିକ୍ଷୟିତ୍ରୀ**

ଦିଲ୍ଲୀର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମୁଣ୍ଡକୁ ଶିକ୍ଷୟିତ୍ରୀ କଇଁଚିରେ ପିଟିବା ସହ ସ୍କୁଲ୍ ବିଲ୍ଡିଂର ପ୍ରଥମ ମହଲାରୁ ତଳକୁ ଫିଙ୍ଗିଦେଇଛନ୍ତି। ଆହତ ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଶିକ୍ଷୟିତ୍ରୀ ଗୀତା ଦେଶୱାଲଙ୍କୁ ଅଟକ ରଖାଯାଇଛି। ଦିଲ୍ଲୀ ମଡେଲ ବସ୍ତି ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ବହୁସଂଖ୍ୟାରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ହୋହଲ୍ଲା କରୁଥିବାବେଳେ ପୋଲିସ ସ୍ଥିତିକୁ ଆୟତ୍ତ କରିଛି। ଶିକ୍ଷୟିତ୍ରୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବ୍ଲାକ୍‌ମେଲ୍‌ର ମାଧ୍ୟମ ହୋଇପାରେ ପିଆଇଏଲ୍

**ନୂଆଦିଲ୍ଲୀ ,୧୬।୧୨(ଆଇଏଏନ୍ଏସ୍):** ଭିତ୍ତିଭୂମି ପ୍ରକଳ୍ପ ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ବ୍ଲାକ୍‌ମେଲ୍‌ର ମାଧ୍ୟମ ହୋଇପାରେ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଟିପ୍ପଣୀ ଦେଇଛନ୍ତି। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ପିଆଇଏଲ୍ ଦ୍ୱାରା ସର୍ବାଧିକ ଟାର୍ଗେଟ କରାଯାଉଥିବା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି। ମୁମ୍ବାଇରେ ଜମି ପ୍ଲଟ୍ ପୁନଃ ବିକାଶ ବିରୋଧରେ ଏକ ପିଟିଶନକୁ ଶୁଣାଣି ଲାଗି ଗ୍ରହଣ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ଉକ୍ତ ପିଟିଶନ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ବମ୍ବେ ହାଇକୋର୍ଟ ଜାଣିବାକୁ ପାଇଥିଲେ।

### ଲିଙ୍ଗାୟତ ସନ୍ଥ ଆତ୍ମହତ୍ୟା ପଛରେ ମହିଳା ଭକ୍ତ

**ରାମନଗର(କର୍ଣ୍ଣାଟକ),୧୬।୧୨:** କର୍ଣ୍ଣାଟକ ରାମନଗର ଜିଲାର କଞ୍ଚୁଗାଲ ବନ୍ଦେ ମଠ ମହନ୍ତ ବାସବଲିଙ୍ଗା ଶ୍ରୀ ସ୍ୱାମୀଜୀ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ପୋଲିସ ସ୍ଥାନୀୟ କୋର୍ଟରେ ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରିଛି। ଏହି ଆତ୍ମହତ୍ୟା ପଛରେ ମହିଳା ଭକ୍ତ ନୀଳାମ୍ବିକେଙ୍କ ଭୂମିକା ରହିଥିବା ଚାର୍ଜଶିଟ୍‌ରେ ଅଭିଯୋଗ କରାଯାଇଛି। ମହିଳା ଭକ୍ତ ଜଣକ ଇଞ୍ଜିନିୟରିଂ ପଢୁଥିଲେ। ମହନ୍ତ ତାଙ୍କୁ ଏକଦା ଅପମାନିତ କରିଥିଲେ। ପ୍ରତିଶୋଧ ନେବା ଲାଗି ଅନ୍ୟ ଜଣେ ସନ୍ଥଙ୍କ ସହ ମିଶି ସେ ମହନ୍ତଙ୍କୁ ହନିଟ୍ରାପ୍‌ରେ ପକାଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ପ୍ରତିଶୋଧ ଏବଂ ଲୋଭ ଯୋଗୁ ହନିଟ୍ରାପ୍ କରାଯାଇ ମହନ୍ତଙ୍କୁ ନିର୍ଯାତନା ଦିଆଯାଉଥିଲା, ଯେଉଁଥିପାଇଁ ସେ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ ବୋଲି ଅଭିଯୋଗ କରାଯାଇଛି। ଏହି ମାମଲାରେ କନ୍ନୁରୁ ମଠର ମୃତ୍ୟୁଞ୍ଜୟ ସ୍ୱାମିଜୀ ଏବଂ ନୀଳାମ୍ବିକେ ଓରଫ ଚନ୍ଦାଙ୍କୁ ଗିରଫ କରାଯାଇଛି।

### ସ୍କୁଲ ବସ୍‌ରେ ହୃଦ୍‌ଘାତ: ଛାତ୍ରଙ୍କ ମୃତ୍ୟୁ

**ଭିଣ୍ଡ୍ ,୧୬।୧୨:** ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲାରେ ସ୍କୁଲ୍ ବସ୍‌ରେ ଯାଉଥିବା ଜଣେ ୧୨ ବର୍ଷର ଛାତ୍ର ହଠାତ୍ ମୂର୍ଚ୍ଛା ଯିବା ପରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ ହୃଦ୍‌ଘାତ ମୃତ୍ୟୁରେ ସେ ସର୍ବକନିଷ୍ଠ ହୋଇପାରନ୍ତି ବୋଲି ତାଙ୍କୁ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି। ଇଟାୱା ରୋଡ୍‌ରେ ଥିବା ଏକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ମନୀଷ ଯାତଭ ଗୁରୁବାର ଭାଇ ସହ ମଧ୍ୟାହ୍ନ ଭୋଜନ କରିବା ପରେ ଅପରାହ୍ନ ୨ଟାରେ ସ୍କୁଲ୍ ବସ୍‌ରେ ଚଢ଼ିଥିଲେ। କିଛି ସମୟ ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଡ୍ରାଇଭର ଏନେଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ହୃଦ୍‌ଘାତରେ ମନୀଷଙ୍କ ମୃତ୍ୟୁ ଘଟିସାରିଥିବା ଜିଲା ହସ୍ପିଟାଲ ସର୍ଜନ ଡ.ଅନିଲ ଗୋୟଲ କହିଛନ୍ତି।

### ଅନ୍‌ଲାଇନରେ ଏସିଡ୍ ବିକ୍ରି: ୨ ଇ-କମର୍ସ ସଂସ୍ଥାକୁ ନୋଟିସ

**ନୂଆଦିଲ୍ଲୀ ,୧୬।୧୨:** ଅନ୍‌ଲାଇନରେ ଏସିଡ୍ ବିକିବା ଅଭିଯୋଗରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଦୁଇଟି ଇ-କମର୍ସ ସଂସ୍ଥା ଫ୍ଲିପ୍‌କାର୍ଟ ଇଣ୍ଟରନେଟ୍ ପ୍ରା.ଲିଃ ଏବଂ ଫାସ୍‌ନିଅର ଟେକ୍‌ନୋଲୋଜିଜ୍ ପ୍ରା.ଲିଃକୁ ନୋଟିସ୍ ଜାରି କରିଛନ୍ତି। ଏସିଡ୍ ବିକ୍ରିରେ ନିୟମ ଉଲ୍ଲଂଘନ କରିଥିବାରୁ ୭ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ବିପଜ୍ଜନକ ଏସିଡ୍ ଉପଲବ୍ଧ ହେବା ଗ୍ରାହକ ତଥା ଜନସାଧାରଣଙ୍କ ପାଇଁ ବିପଜ୍ଜନକ ଓ ଅସୁରକ୍ଷିତ ବୋଲି ସିସିପିଏ କହିଛନ୍ତି। ବୁଧବାର ଦିଲ୍ଲୀର ଦ୍ୱାରିକା ଅଞ୍ଚଳରେ ଜଣେ ୧୭ ବର୍ଷୀୟ କିଶୋରୀଙ୍କୁ ଏସିଡ୍ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ଫ୍ଲିପ୍‌କାର୍ଟରୁ ଏସିଡ୍ କିଣିଥିବା ଜଣାପଡ଼ିଥିଲା।

### ଟ୍ରେନ୍‌ରୁ ଡେଇଁ ୨ ନାବାଳକଙ୍କ ମୃତ୍ୟୁ

**କୋଚି,୧୬।୧୨:** କେରଳର କୋରାଟ୍ଟି ରେଳଷ୍ଟେଶନ ନିକଟରେ ୨ ଜଣ ନାବାଳକ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇଯିବାକୁ ଉଦ୍ୟମ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ କୋରାଟ୍ଟିର କୃଷ୍ଣକୁମାର(୧୭) ଏବଂ ସଞ୍ଜୟ (୧୬)। ରାତି ୩ଟାରେ ଟ୍ରେନ୍‌ଟି କୋରାଟ୍ଟି ଷ୍ଟେଶନରେ ନ ଅଟକିବାରୁ ନାବାଳକଦ୍ୱୟ ଡେଇଁପଡ଼ିଥିଲେ। ଭୋର ସମୟରେ ସେମାନଙ୍କ ମୃତଦେହ ମିଳିଥିଲା।



ବେଲଜିୟମରେ ଦରଦାମ ବୃଦ୍ଧିର ପ୍ରତିବାଦରେ ବ୍ରସେଲ୍ସରେ ଜଣେ ବ୍ୟକ୍ତି ସ୍ମୋକ୍ ଗ୍ରେନେଡ୍ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ରାକୁଲପ୍ରୀତ୍‌ଙ୍କୁ ଇଡି ସମନ

**ହାଇଦ୍ରାବାଦ,୧୬।୧୨**



ଟଲିଉଡ୍ ଡ୍ରଗ୍ସ କାରବାର ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିନେତ୍ରୀ ରାକୁଲ ପ୍ରୀତ୍ ସିଂଙ୍କୁ ସମନ ଜାରି କରିଛି। ଏହି ମାମଲାରେ ଇଡି ଗତବର୍ଷ ସେପ୍ଟେମ୍ବରରେ ରାକୁଲଙ୍କୁ ଜେରା କରିଥିଲା। ୪ ବର୍ଷ ହେଲା ଇଡି ତେଲୁଗୁ ସିନେମା ଇଣ୍ଡଷ୍ଟ୍ରିଜ୍‌ରେ ବେଆଇନ ନିଶା କାରବାରର ତଦନ୍ତ ଚଳାଇଥିବାବେଳେ ଅନେକ ଅଭିନେତାଙ୍କୁ ଜେରା କଲାଣି। ୨୦୧୭ ଜୁଲାଇରେ ସଙ୍ଗୀତକାର କାଲ୍‌ଭିନ୍ ମାସ୍‌କାରେନ୍‌ହାସ୍ ଓ ଅନ୍ୟ ୨ ଜଣଙ୍କଠାରୁ ୩୦ ଲକ୍ଷ ଟଙ୍କାର ଡ୍ରଗ୍ସ ଜବତ ହୋଇଥିଲା। ପୂର୍ବରୁ ଇଡି ଏହି ମାମଲାରେ ଟଲିଉଡ୍ ସେଲିବ୍ରିଟି ରବି ତେଜା, ଚାର୍ମି କୌର, ନବଦୀପ, ମୁମିଥ ଖାନ୍, ତନିଶ, ନନ୍ଦୁ, ତରୁନ୍ ଏବଂ ରାଣା ଡଗୁବତିଙ୍କୁ ସମନ କରିଛି।

# ‘ଗୁଜରାଟ କଂସେଇ ଏବେ ପ୍ରଧାନମନ୍ତ୍ରୀ’

## ୟୁଏନ୍‌ଏସ୍‌ସିରେ ଭାରତ– ପାକିସ୍ତାନ ମୁହାଁମୁହିଁ

**ନ୍ୟୁୟର୍କ/ନୂଆଦିଲ୍ଲୀ,୧୬।୧୨**



ବିଲାୱାଲଙ୍କ ବିବାଦୀୟ ମନ୍ତବ୍ୟ



ପାକ୍ ଆତଙ୍କବାଦର କେନ୍ଦ୍ରସ୍ଥଳୀ: ଜୟଶଙ୍କର

ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ ମୃତ। କିନ୍ତୁ ଗୁଜରାଟର କଂସେଇ ଏବେ ବି ଜୀବିତ ଏବଂ ସେ ଭାରତର ପ୍ରଧାନମନ୍ତ୍ରୀ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ସମାଲୋଚନା କରିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନକୁ ‘ଆତଙ୍କବାଦର କେନ୍ଦ୍ରସ୍ଥଳ’ ବୋଲି ଅଭିହିତ କରିଥିବାବେଳେ ଏହାର ଜବାବ ଦେବାକୁ ଯାଇ ବିଲାୱଲ ଏପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ଯାହାକୁ ନେଇ ଝଡ଼ ସୃଷ୍ଟି ହୋଇଛି।

୨୦୨୨ ଡିସେମ୍ବର ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷତା ଭାରତ ଭାଗରେ ପଡ଼ିଛି। ଚଳିତ ଅଧିବେଶନରେ ପ୍ରସଙ୍ଗ ରହିଛି ‘ନ୍ୟୁ ଓରିଏଣ୍ଟେଶନ ଫର୍ ରିଫର୍ମଡ୍ ମଲ୍ଟିଲେଟରାଲିଜମ୍’ ଅର୍ଥାତ୍ ସଂସ୍କାରିତ ବହୁପକ୍ଷବାଦ ପାଇଁ ନୂତନ ଅଭିବିନ୍ୟାସ। ଜାତିସଂଘ ମୁଖ୍ୟାଳୟରେ ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଡ. ସୁବ୍ରମଣ୍ୟମ୍ ଜୟଶଙ୍କର ଏ ସମ୍ପର୍କିତ ଖୋଲା ବିତର୍କରେ ଅଧ୍ୟକ୍ଷତା କରି କହିଥିଲେ, ସୁରକ୍ଷା ପରିଷଦରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗ ଉଠାଇବା ଅନୁଚିତ। ଯେଉଁ ଦେଶ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଲାଡେନ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଥିଲା, ସେହି ରାଷ୍ଟ୍ର ଏବେ ଜାତିସଂଘରେ ପ୍ରବଚନ ଦେବାର ବିଶ୍ୱସନୀୟତା ହରାଇଛି। ସାରା ବିଶ୍ୱ ପାକିସ୍ତାନକୁ ‘ଆତଙ୍କବାଦର କେନ୍ଦ୍ରସ୍ଥଳୀ’ ଭାବେ ଦେଖୁଛି। ପାକିସ୍ତାନ ନିଜ କର୍ମରେ ଶୁଦ୍ଧତା ଆଣି ଏକ ଭଲ ପଡ଼ୋଶୀ ହେବାକୁ ଉଦ୍ୟମ କରିବା ଉଚିତ। ଆତଙ୍କବାଦର ଉତ୍ପତ୍ତି କେଉଁଠୁ ହୋଇଛି ତାହା ବିଶ୍ୱ ଭୁଲିନାହିଁ। ଏହି ଅବସରରେ ସେ ଇସ୍‌ଲାମାବାଦ ଉଦ୍ଦେଶ୍ୟରେ ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରି କ୍ଲିଣ୍ଟନ ଦେଇଥିବା ସନ୍ଦେଶର ଅବତାରଣା କରି କହିଥିଲେ, ଘରେ ସାପ ପାଳିଥିବା ଲୋକେ ଶେଷରେ ନିଜେ ହିଁ ଦଂଶନର ଶିକାର ହୋଇଥାଆନ୍ତି। ସାପ କେବଳ ପଡ଼ୋଶୀଙ୍କୁ କାମୁଡ଼ିବ ବୋଲି ଭାବିବା ଅନୁଚିତ। ତାକୁ ରଖିଥିବା ଲୋକେ ବି ସର୍ପ ଦଂଶନରେ ମରିଥାଆନ୍ତି ବୋଲି ୨୦୧୧ ଅକ୍ଟୋବରରେ ପାକିସ୍ତାନ ଗସ୍ତ ବେଳେ ହିଲାରି କହିଥିବା ଜୟଶଙ୍କର ପ୍ରକାଶ କରିଥିଲେ। ହିଲାରିଙ୍କ ଏହି ପୁରୁଣା କାହାଣୀକୁ ମନେପକାଇ ଜୟଶଙ୍କର ଦେଇଥିବା ମନ୍ତବ୍ୟ ଉପରେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି ପ୍ରତିକ୍ରିୟା ରଖି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା କରିବାକୁ ପଛାଇ ନ ଥିଲେ। ବିଲାୱଲ କହିଥିଲେ, ଲାଡେନ୍ ଆଉ ନାହାନ୍ତି। କିନ୍ତୁ ଗୁଜରାଟର କଂସେଇ ଏବେ ଭାରତର ପ୍ରଧାନମନ୍ତ୍ରୀ ହୋଇଯାଇଛନ୍ତି। ବିଲାୱଲଙ୍କ ମନ୍ତବ୍ୟକୁ ଭାରତରେ ଦୃଢ଼ ନିନ୍ଦା କରାଯାଇଛି। ଲାଡେନଙ୍କୁ ଜଣେ ଶହୀଦ ଭାବେ ମହିମାମଣ୍ଡିତ କରୁଥିବା ପାକିସ୍ତାନ ଲଖ୍‌ଭି, ହାଫିଜ୍ ସଇଦ, ମାସୁଦ୍ ଆଝାର, ସାଜିଦ ମିର୍ ଓ ଦାଉଦ୍ ଇବ୍ରାହିମ୍‌ଙ୍କୁ ଆଶ୍ରୟ ଦେଇଛି। କିନ୍ତୁ ଆତଙ୍କବାଦୀଙ୍କୁ ପୂର୍ବ ଭଳି ବ୍ୟବହାର କରିପାରୁ ନାହିଁ। ଏଥିଲାଗି ହତାଶ ହୋଇ ବିଲାୱଲ ଏପରି ଅଭଦ୍ର ଟିପ୍ପଣୀ ଦେଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଯେଉଁ ଭାଷା ପ୍ରୟୋଗ କରିଛନ୍ତି, ସେଥିରୁ ବୁଝାପଡୁଛି ଯେ ତାଙ୍କ ଦେଶ ଉଭୟ ଆର୍ଥିକ ଓ ମାନସିକ ସ୍ତରରେ ଦେବାଳିଆ ହୋଇଯାଇଛି। ସେ ଜଣେ ବିଫଳ ରାଷ୍ଟ୍ରର ପ୍ରତିନିଧି। ଏଭଳି ମାନସିକତା ଥିବା ବ୍ୟକ୍ତିଙ୍କଠାରୁ ଆଉ କ’ଣ ଆଶା କରାଯାଇପାରେ। ସେହିପରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ବିଲାୱଲଙ୍କ ମନ୍ତବ୍ୟକୁ ‘ଖଳ ଓ ଲଜ୍ଜାଜନକ’ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ବୋଧହୁଏ ପାକିସ୍ତାନ ୧୯୭୧ର ଯନ୍ତ୍ରଣାକୁ ଭୁଲିପାରି ନାହିଁ। ସେତେବେଳେ ୯୩,୦୦୦ରୁ ଅଧିକ ପାକିସ୍ତାନୀ ସୈନ୍ୟ ଆତ୍ମସମର୍ପଣ କରିଥିଲେ। ବିଲାୱଲଙ୍କ ଜେଜେବାପା ତଥା ପୂର୍ବତନ ରାଷ୍ଟ୍ରପତି ଜୁଲଫିକର ଅଲି ଭଟ୍ଟୋ ପରାଜୟ ପରେ କାନ୍ଦିଥିଲେ। ପ୍ରକାଶ ଯେ, ୨୦୦୨ରେ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ମୋଦିଙ୍କୁ କ୍ଲିନ୍‌ଚିଟ୍ ମିଳିସାରିଛି। ଏହାକୁ ଇଙ୍ଗିତ କରି ବିଲାୱଲ ଦେଇଥିବା ମନ୍ତବ୍ୟର ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସ ଆଗରେ ଭାଜପା କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ସ୍ଲୋଗାନ ଦେଇଛନ୍ତି, ପାକିସ୍ତାନ ହାଏ ହାଏ, ବିଲାୱଲ ଭୁଟ୍ଟୋ କ୍ଷମା ମାଗ।

## କିଭ୍‌ରେ ମିଶାଇଲ ବର୍ଷା

**କିଭ୍,୧୬।୧୨**

ରୁଷିଆ ପକ୍ଷରୁ ଶୁକ୍ରବାର କିଭ୍ ସମେତ ୪ ୟୁକ୍ରେନୀୟ ସହରରେ ୬୦ରୁ ଊର୍ଦ୍ଧ୍ୱ ମିଶାଇଲ ମାଡ଼ କରାଯାଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଦ୍ୱିତୀୟ ବଡ଼ ସହର ଖାରକିଭ୍‌ରେ ଅନେକ ହଜାର ଲୋକ ବାସଚ୍ୟୁତ ହୋଇ ଷ୍ଟେଶନଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଜାପୋରିଝିଆ ଓ କ୍ରିଭି ରିହରେ ମଧ୍ୟ ଅନେକ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆମେରିକା ୟୁକ୍ରେନ୍‌କୁ ପାଟ୍ରୋଇଟ୍ ଏୟାର ଡିଫେନ୍ସ ସିଷ୍ଟମ୍ ଓ ତାକୁ ପରିଚାଳନା କରୁଥିବା କ୍ରିୟୁ ଦେଲେ ସେମାନେ ମଧ୍ୟ ରୁଷୀୟ ଟାର୍ଗେଟର ଶିକାର ହେବେ ବୋଲି ଏହା ପୂର୍ବରୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ଚେତାବନୀ ଦେଇଥିଲା।

## ଆଲୋଚନା ଏକମାତ୍ର ବିକଳ୍ପ

### ପୁଟିନ୍‌ଙ୍କୁ ମୋଦିଙ୍କ ପରାମର୍ଶ

**ନୂଆଦିଲ୍ଲୀ,୧୬।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଶକ୍ତି, ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗ ସମେତ ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ଆଲୋଚନା ଓ କୂଟନୈତିକ ଉପାୟରେ ହିଁ ୟୁକ୍ରେନ୍ ସଙ୍କଟର ସମାଧାନ ହୋଇପାରିବ ବୋଲି ପୁଟିନ୍‌ଙ୍କୁ ମୋଦି ଫୋନ୍‌ରେ କହିଛନ୍ତି। ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଏହା ହେଉଛି ଦୁଇନେତାଙ୍କ ମଧ୍ୟରେ ଫୋନ୍ ଜରିଆରେ ପଞ୍ଚମ ଆଲୋଚନା। ସେପ୍ଟେମ୍ବରରେ ସମରକନ୍ଦ ଏସ୍‌ସିଓ ସମ୍ମିଳନୀରେ ମଧ୍ୟ ମୋଦି ବର୍ତ୍ତମାନ ଯୁଦ୍ଧର ଯୁଗ ନୁହେଁ ବୋଲି କହିଥିଲେ।

## ରାଜୌରୀ ସେନା କ୍ୟାମ୍ପରେ ୨ ଜଣଙ୍କ ମୃତ୍ୟୁ

**ଶ୍ରୀନଗର,୧୬।୧୨**

### ପ୍ରତିବାଦରେ ବିକ୍ଷୋଭ



ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ଥିବା ସେନା କ୍ୟାମ୍ପ ବାହାରେ ଦୁଇଜଣ ନିରୀହ ଲୋକଙ୍କ ମୃତ୍ୟୁ ସହ ଜଣେ ଆହତ ହେବା ଘଟଣାକୁ ନେଇ ଶୁକ୍ରବାର ସ୍ଥାନୀୟ ଲୋକେ ପୁଞ୍ଛ୍-ରାଜୌରୀ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଜଣା ଆତଙ୍କବାଦୀଙ୍କ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ସେନା ସଫେଇ ଦେଇଥିବାବେଳେ ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଖବର ଅନୁଯାୟୀ ଶୁକ୍ରବାର ଭୋର ସମୟରେ ସେନା କ୍ୟାମ୍ପର ଆଲ୍‌ଫା ଗେଟ୍ ବାହାରେ ଦୁଇଜଣ ସ୍ଥାନୀୟ ଲୋକଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା। ମୃତକମାନେ ହେଲେ ରାଜୌରୀ ଜିଲାର କମଲ କୁମାର ଏବଂ ସୁରିନ୍ଦର କୁମାର। ଘଟଣାସ୍ଥଳରୁ କେତେକ ଖାଲି ଖୋଖା ମିଳିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ, ସେନା ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଆପାର୍ଟମେଣ୍ଟରେ ନିଆଁ: ୧୦ ମୃତ

**ପ୍ୟାରିସ୍,୧୬।୧୨**

ଫ୍ରାନ୍ସର ଲିଓନ୍ ସହରରେ ଥିବା ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ଶୁକ୍ରବାର ନିଆଁ ଲାଗି ୫ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ସହରର ଭଲ୍ସ-ଏନ୍-ଭେଲିନ୍‌ଠାରେ ଥିବା ୮ ମହଲା ବିଲ୍ଡିଂରେ ରାତି ୩ଟା ୧୨ ମିନିଟରେ ନିଆଁ ଲାଗିଥିଲା। ନିଆଁ ଲିଭା କାର୍ଯ୍ୟରେ ୧୭୦ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।



ନୂଆଦିଲ୍ଲୀର ସାକେତସ୍ଥିତ ଡିଏଲ୍‌ଏଫ୍ ଆଭେନ୍ୟୁରେ ଆୟୋଜିତ ନିସାନ କୋନ୍ନିଚିୱା ଜାପାନ ୨୦୨୨ କାର୍ଯ୍ୟକ୍ରମରେ ଜଣେ ଜାପାନୀ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

## ନିର୍ଭୟା ପାଣ୍ଠିର ଅଧା ବିନିଯୋଗ ହୋଇଛି

**ନୂଆଦିଲ୍ଲୀ ,୧୬।୧୨**

### ଗଣବଳାତ୍କାରକୁ ୧୦ ବର୍ଷ

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାକୁ ୧୦ ବର୍ଷ ବିତିଛି। ହେଲେ ରାଜଧାନୀର ମହିଳାମାନଙ୍କ ପାଇଁ କିଛି ବଦଳି ନ ଥିବା ନିର୍ଭୟାର ମାଆବାପା କହିଛନ୍ତି। ଏଠାରେ ଅନେକ ମହିଳା ଯୌନ ଉତ୍ପୀଡ଼ନର ଶିକାର ହେଉଥିବା ନିର୍ଭୟାଙ୍କ ମାଆ ଆଶାଦେବୀ କହିଛନ୍ତି। ଦିଲ୍ଲୀରେ ମହିଳା ସୁରକ୍ଷିତ ନୁହନ୍ତି ବୋଲି ଆଶାଦେବୀଙ୍କ ସ୍ୱାମୀ ବଦ୍ରିନାରାୟଣ ସିଂ କହିଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ପାରାମେଡିକାଲ ଛାତ୍ରୀ ନିର୍ଭୟା ତାଙ୍କ ପୁରୁଷବନ୍ଧୁଙ୍କ ସହ ବସ୍‌ରେ ଯାଉଥିବାବେଳେ ତାଙ୍କୁ ୬ ଜଣ ଗଣବଳାତ୍କାର କରିବା ସହ ଚଳନ୍ତା ବସ୍‌ରୁ ଠେଲିଦେଇଥିଲେ। ୧୫ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ନିର୍ଭୟାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହେବା ସହ ସରକାର ଆଇନରେ ପରିବର୍ତ୍ତନ କରିବାକୁ ବାଧ ହୋଇଥିଲେ। ମହିଳାମାନଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ୨୦୧୩ରେ ନିର୍ଭୟା ପାଣ୍ଠି ଗଠନ କରିଥିଲେ ହେଁ ଏହାର ଅଧା ବିନିଯୋଗ ହୋଇଥିବା ଜଣାପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହି ପାଣ୍ଠିକୁ ମୋଟ ୬,୨୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ୩,୦୬୯ କୋଟି ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଛି। ପାଣ୍ଠି ଗଠନ ହେବାର ପ୍ରଥମ ୫ ବର୍ଷରେ ୩,୨୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା ଏବଂ ଏଥିରେ ମହିଳାଙ୍କ ସୁରକ୍ଷା ଲାଗି ବିଭିନ୍ନ ଭିତ୍ତିଭୂମି ଓ ପ୍ରୋଜେକ୍ଟ କାର୍ଯ୍ୟ ହୋଇଥିଲା। ମହାମାରୀଠାରୁ ୨,୯୦୫ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ହେଁ ବ୍ୟୟ ପରିମାଣ ବହୁତ କମ୍ ରହିଛି।

## ବିହାରରେ ମଦମୃତ୍ୟୁ ସଂଖ୍ୟା ୬୫

**ନୂଆଦିଲ୍ଲୀ/ପାଟନା,୧୬।୧୨**

### ଏସ୍‌ଆଇଟି ତଦନ୍ତ, କ୍ଷତିପୂରଣ ଦାବିରେ ସୁପ୍ରିମକୋର୍ଟରେ ପିଟିଶନ



ବିହାର ସରନ ଜିଲା ଅନ୍ତର୍ଗତ ଛାପ୍ରାରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁସଂଖ୍ୟା ୬୫ରେ ପହଞ୍ଚିଛି। ପଡୋଶୀ ସିୱାନ ଜିଲାରେ ମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମଦମୃତ୍ୟୁ ଘଟଣାର ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଦ୍ୱାରା ନିରପେକ୍ଷ ତଦନ୍ତ ଏବଂ ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ୬ ବର୍ଷ ହେଲା ବିହାରରେ ମଦକୁ ନିଷେଧ କରାଯାଇଥିବାବେଳେ ଏତେସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମଙ୍ଗଳବାର ରାତିରୁ ମଦମୃତ୍ୟୁ ଆରମ୍ଭ ହୋଇଥିଲା।

ବିହାରର ଆର୍ଯ୍ୟବର୍ତ୍ତ ମହାସଭା ଫାଉଣ୍ଡେଶନ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଛି। ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଯୋଗାଇଦେବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ନିବେଦନ କରାଯାଇଛି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠରେ ଜରୁରୀ ଶୁଣାଣି ନିମନ୍ତେ ନିବେଦନ କରାଯାଇଥିଲା। ତେବେ ଖଣ୍ଡପୀଠ ଏହାର ଜରୁରୀ ଶୁଣାଣି ପାଇଁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟରେ ଶୀତ ଅବକାଶ ପୂର୍ବରୁ ଶୁକ୍ରବାର ଶେଷ କାର୍ଯ୍ୟଦିବସ ଥିଲା। ଜାନୁୟାରୀ ୨ରେ କୋର୍ଟ ଖୋଲିବ। ମଦ ମୃତ୍ୟୁକୁ ନେଇ ବିରୋଧୀ ନୀତୀଶ କୁମାର ସରକାରଙ୍କୁ ଦାୟୀ କରିଥିବାବେଳେ ଯିଏ ପିଇବ ସିଏ ମରିବ କହି ମୁଖ୍ୟମନ୍ତ୍ରୀ କ୍ଷତିପୂରଣ ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ମଦମୃତ୍ୟୁ ପ୍ରସଙ୍ଗରେ ୩ ଦିନ ହେଲା ବିହାର ବିଧାନସଭାରେ ଅଚଳାବସ୍ଥା ଲାଗିରହିଥିବାବେଳେ ବିରୋଧୀ ଦଳ ଭାଜପା ସଦସ୍ୟମାନେ ରାଜଭବନ ଅଭିମୁଖେ ପ୍ରତିବାଦ ଯାତ୍ରା ବାହାର କରିଥିଲେ।

ସରନ ଜିଲା ମଦମୃତ୍ୟୁକୁ ନେଇ

## ରିପୋର୍ଟ ମାଗିଲେ ଏନ୍‌ଏଚ୍‌ଆର୍‌ସି

ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଶୁକ୍ରବାର ବିହାର ସରକାର ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି। ୨୦୧୬ ଏପ୍ରିଲରେ ବିହାରରେ ମଦ ବିକ୍ରି ଓ ପିଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବାବେଳେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଏନ୍‌ଏଚ୍‌ଆର୍‌ସି ଜାଣିବାକୁ ପାଇଛନ୍ତି। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏନ୍‌ଏଚ୍‌ଆର୍‌ସି ନିଜ ଆଡୁ ମାମଲା ବିଚାରପାଇଁ ଗ୍ରହଣ କରିଥିଲେ। ମଦମୃତ୍ୟୁ ଘଟଣାରେ ପୋଲିସ ଏତଲାର ସ୍ଥିତି, ମଦ ପିଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ଚିକିତ୍ସା, କ୍ଷତିପୂରଣ ଆଦି ସବିଶେଷ ରିପୋର୍ଟ ଦେବା ଲାଗି ଏନ୍‌ଏଚ୍‌ଆର୍‌ସି ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୭/୨୦୨୨ | Bhubaneswar, Saturday, December 17/2022 | ପୃଷ୍ଠା-୧




**ଗିଲ୍‌ଙ୍କ ପ୍ରଥମ ଟେଷ୍ଟ ଶତକ**

ଚଟ୍ଟୋଗ୍ରାମରେ ଚାଲିଥିବା କ୍ରିକେଟ ଟେଷ୍ଟରେ ଭାରତର ଶୁବମନ ଗିଲ୍ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି।

୧୮

୦୬

**ଝିଅକୁ ଚିଡ଼ିଆଖାନା ବୁଲାଇଲେ ପ୍ରିୟଙ୍କା**

ପ୍ରିୟଙ୍କା ଚୋପ୍ରା ସ୍ୱାମୀ ନିକ୍ ଜୋନାସ ଓ ଝିଅ ମାଲତୀ ମେରିଙ୍କ ସହ ଲସ୍ ଆଞ୍ଜେଲସର ଏକ ପ୍ରାଣୀ ଉଦ୍ୟାନ ବୁଲୁଥିବାର ଫଟୋ ଇନ୍‌ଷ୍ଟାଗ୍ରାମରେ ସେୟାର କରିଛନ୍ତି।



# ଚାଇନା ଯୁଦ୍ଧମୁହାଁ, କେନ୍ଦ୍ର ଶୋଇଛି

## 'ଭାରତ ଯୋଡ଼ୋ ଯାତ୍ରା'ର ୧୦୦ ଦିନରେ ରାହୁଲଙ୍କ ଟାର୍ଗେଟ

**ଜୟପୁର/ନୂଆଦିଲ୍ଲୀ,୧୬।୧୨**

ଭାରତ ସହ ଯୁଦ୍ଧ ପାଇଁ ଚାଇନା ପ୍ରସ୍ତୁତି ଚଳାଇଛି। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ ଅଞ୍ଚଳରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳକୁ ଦେଖିଲେ ଏହା ବୁଝାପଡୁଛି। କିନ୍ତୁ ଆମ ସରକାର ଏହାକୁ ଗ୍ରହଣ କରିବାକୁ ନାରାଜ। ମୋଦି ସରକାର ରଣନୀତି ଉପରେ କାର୍ଯ୍ୟ କରିବା ପରିବର୍ତ୍ତେ ଇଭେଣ୍ଟ ମ୍ୟାନେଜମେଣ୍ଟରେ ବ୍ୟସ୍ତ ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ସପ୍ତାହେ ତଳେ ଅରୁଣାଚଳ ପ୍ରଦେଶର ତୱାଙ୍ଗରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ଆକ୍ରମଣରେ ୬ ଭାରତୀୟ ଯବାନ ଆହତ ହେବା ପରେ ଏହାକୁ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ବଡ଼ ବିତର୍କ ସୃଷ୍ଟି ହୋଇଛି। ତୱାଙ୍ଗ ସେକ୍ଟରରେ ପିଏଲ୍‌ଏ ସ୍ଥିତାବସ୍ଥା ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିବାବେଳେ ଭାରତର ଇଞ୍ଚେ ଭୂମି କେହି ନେଇପାରିବେ ନାହିଁ ବୋଲି ସରକାର ବାହୁସ୍ଫୋଟ ମାରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାହୁଲଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରିଛି।



ଦଉସାରେ ଏକ ଖବରଦାତା ସମ୍ମିଳନୀକୁ ଶୁକ୍ରବାର ସମ୍ବୋଧିତ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ନିକଟରେ ଅଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।

କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା'କୁ ଦେଶବ୍ୟାପୀ ଅଭୂତପୂର୍ବ ସମର୍ଥନ ମିଳୁଛି। କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ଚାଲିଥିବା ରାହୁଲଙ୍କ ପଦଯାତ୍ରାରେ ପ୍ରତ୍ୟହ ଅନେକ ସେଲିବ୍ରିଟି, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହେଉଛନ୍ତି। ଶୁକ୍ରବାର ଏହି ଯାତ୍ରାକୁ ୧୦୦ ଦିନ ପୂରିଥିବାବେଳେ ରାହୁଲ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଦଉସାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ରାହୁଲ କହିଛନ୍ତି, ଚାଇନା ଆମ ଭୂମି ଛଡ଼ାଇନେଲାଣି। ପିଏଲ୍‌ଏ ସୈନ୍ୟମାନେ ଆମ ଯବାନଙ୍କୁ ପିଟୁଛନ୍ତି। ଚାଇନା ପଟୁ ଥିବା ବିପଦ ଜଳଜଳ ହୋଇ ଦିଶୁଛି। କିନ୍ତୁ କେନ୍ଦ୍ର ସରକାର ଏହାକୁ ଅଣଦେଖା କରି ଲୁଚାଉଛନ୍ତି। ଲଦାଖ ଓ ଅରୁଣାଚଳରେ ଚାଇନା ଏକ ବଡ଼ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି। କିନ୍ତୁ ଭାରତ ସରକାର ଶୋଇପଡ଼ିଛନ୍ତି। ରାହୁଲ ଆହୁରି କହିଛନ୍ତି, ସୀମାରେ ଯାହା ଚାଲିଛି ତା' ଉପରେ ପୂର୍ବରୁ ସେ ୩-୪ ଥର ସତର୍କ କରାଇଛନ୍ତି। କିନ୍ତୁ କେନ୍ଦ୍ରର ମନ୍ତ୍ରୀମାନେ କିଛି ନ ବୁଝି କେବଳ ମନ୍ତବ୍ୟ ଦେଇଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଚାଇନା ସହ ଆଖିରେ ଆଖି ମିଳାଇ ସୀମା ପ୍ରସଙ୍ଗର ସମାଧାନ କରିବା ଉଚିତ ବୋଲି ବିରୋଧୀ କଂଗ୍ରେସ କହିଆସୁଛି। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ଲଗାତର ଚତୁର୍ଥ ଦିନ ଧରି ହଟ୍ଟଗୋଳ ଜାରି ରହିଛି। ଲୋକ ସଭାରେ ଶୂନ୍ୟକାଳରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଶୁକ୍ରବାର କହିଛନ୍ତି, ଭାରତ ୯୦%ରୁ ଅଧିକ ବିରଳ ଖଣିଜ ସମ୍ପଦ ଚାଇନାଠାରୁ ଆମଦାନୀ କରୁଛି। ଏଭଳି ନିର୍ଭରଶୀଳତା ଭାରତ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟ ସଭାରେ ଚାଇନାର ଅତିକ୍ରମଣ ଉପରେ ବିତର୍କ ପାଇଁ ଉପାଧ୍ୟକ୍ଷ ଜଗଦୀପ ଧନକର ସୁଯୋଗ ନ ଦେବାରୁ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କଡ଼ା ଆପତ୍ତି ଉଠାଇଛନ୍ତି। କଂଗ୍ରେସ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ବିତର୍କ ସକାଶେ ରୁଲ୍ ୨୬୭ ଅଧୀନରେ ସେମାନଙ୍କ ☞ପୃଷ୍ଠା-୨

# ମେ' ୭ରେ ଏନ୍‌ଇଇଟି ୟୁଜି

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି(ୟୁଜି) ୨୦୨୩ ମେ' ୭ରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପେନ୍-ପେପର ମୋଡ୍‌ରେ କରାଯିବ। ସେହିପରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା ପାଇଁ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଇଟି)-୨୦୨୩ ମେ' ୨୧ ରୁ

**୨୧ରୁ ସିୟୁଇଟି**

ଆରମ୍ଭ ହୋଇ ୩୧ରେ ଶେଷ ହେବ। ସେହିଭଳି ଆଇସିଏଆର୍ ଏଆଇଇଇଏ ୨୦୨୩ ଏପ୍ରିଲ ୨୬ରୁ ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଏନ୍‌ଟିଏ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ର ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ୍ https://nta.nic.inକୁ ଯିବାକୁ କୁହାଯାଇଛି।

# ଭିକ୍ଷାବୃତ୍ତି କରି ଜଗନ୍ନାଥ ମନ୍ଦିରକୁ ୧ ଲକ୍ଷ ଦାନ

**ଫୁଲବାଣୀ ଅଫିସ, ୧୬।୧୨**

**୭୦ ବର୍ଷୀୟା ମହିଳାଙ୍କ ମହାନତା**

ଜୀବନ ସାରା ଭିକ ମାଗି ଚଳିବା ପରେ ସେଥିରୁ ସଞ୍ଚୟ କରି ରଖିଥିବା ୧ ଲକ୍ଷ ଟଙ୍କା ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି ଜଣେ ଭିକାରୁଣୀ। ୭୦ବର୍ଷୀୟା ଏହି ମହିଳା ହେଲେ ତୁଳା ବେହେରା। ସେ ଫୁଲବାଣୀ ସହରରେ ଦୀର୍ଘ ୪୦ବର୍ଷ ଧରି ଭିକ ମାଗି ଚଳୁଛନ୍ତି। ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ସେ ତାଙ୍କ ସଞ୍ଚୟ ଟଙ୍କା ହସ୍ତାନ୍ତର କରିଛନ୍ତି। ଉକ୍ତ ଟଙ୍କା ପୁରୁଣା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ☞ପୃଷ୍ଠା-୨



ତୁଳା ବେହେରା

**ଶିମିଳିପାଳରେ ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣା**

**ଆଖି ବୁଜିଲେ ମୁଖ୍ୟ ସାକ୍ଷୀ**

୩

**ଆଜିର ସମ୍ପାଦକୀୟ**

ପ୍ରୋଟୋକଲ ବିବାଦ

**ଆଜିର ମନ୍ତବ୍ୟ**

"ମହିଳାମାନେ ବରିଷ୍ଠ ପଦ ଓ ଅଗ୍ରଣୀ ଭୂମିକାରେ ଅଧିକ ରହିଲେ ଭାରତର ସମାବେଶୀ ବିକାଶ ସମ୍ଭବ।

-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି







## ମେହୁଲ ଚୋକ୍‌ସିଙ୍କ ବିରୋଧରେ ଆଉ ୩ ମାମଲା ରୁଜୁ କଲା ସିବିଆଇ

ନୂଆଦିଲ୍ଲୀ ,୧୬।୧୨: ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ଆଉ ୩ଟି ମାମଲା ରୁଜୁ କରିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଉପମହାପ୍ରବନ୍ଧକଙ୍କ ଅଭିଯୋଗ ଆଧାରରେ ମେହୁଲଙ୍କ ନାମରେ ଠକେଇ ଏବଂ ବିଶ୍ୱାସଭଙ୍ଗ ନେଇ ମାମଲା ରୁଜୁ ହୋଇଛି। ମେହୁଲ ଚିନୁଭାଇ ଚୋକ୍‌ସି ଗୀତାଞ୍ଜଳି ଜେମ୍ସ ଲିଃର ନିର୍ଦ୍ଦେଶକ ଓ ପ୍ରମୋଟର ଥାଇ ନକ୍ଷତ୍ର ବ୍ରାଣ୍ଡସ୍ ଲିମିଟେଡ୍‌କୁ ଦିଆଯାଇଥିବା ଋଣରେ ଗ୍ୟାରେଣ୍ଟର ରହିଥିଲେ। ଫଳରେ ପିଏନ୍‌ବି ନେତୃତ୍ୱାଧୀନ ବ୍ୟାଙ୍କ ସମୂହକୁ ୮୦୭.୭୨ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ଗୁଜରାଟର ଅନ୍ୟତମ ହୀରା ବ୍ୟବସାୟୀ ନୀରବ ମୋଦି ଲଣ୍ଡନରେ ଥିବାବେଳେ ତାଙ୍କ ମାମୁଁ ମେହୁଲ ଚୋକ୍‌ସି ଆଣ୍ଟିଗୁଆ ନାଗରିକତ୍ୱ ଗ୍ରହଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲାଜ ନ ଥାଏ ଯୋଉ ମୁହଁକୁ,
ଭଣ୍ଡାରି ନ ଥାଏ ଖଉରିବାକୁ ।**

ଅଲାଜୁକ, ତା'ର ମୁହଁକୁ ଲାଜସରମ ନ ଥାଏ। ପ୍ରତ୍ୟେକ କଥାକୁ ସେ ଫୁତକାରରେ ଉଡ଼ାଇ ଦେଇଥାଏ। ଯିଏ ଯେତେ କହିଲେ ମଧ୍ୟ ତା'ର ପ୍ରଭାବ ତା' ଉପରେ ପଡ଼ିପାରି ନ ଥାଏ। ଅଲାଜୁକ, ବେହିଆ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଲେଙ୍ଗୁଟି ପିନ୍ଧାଙ୍କ ପାଗପଟୁକା,
ଗୋଲମକୁ ବଡ଼ ପଣ,
ମାଗିଖିଆଙ୍କର ଟଟୁ ଘୋଡ଼ା
ଏ ବଡ଼ ବିଡ଼ମ୍ବନା।**

ଲଜ୍ଜା ନିବାରଣ ପାଇଁ ବସ୍ତ୍ରର ଆବଶ୍ୟକତା ପଡ଼ିଥାଏ। ଏତିକି ସ୍ୱଳ୍ପ ବସ୍ତ୍ର ହିଁ ଯାହାର କାମ୍ୟ ତା'ପାଇଁ ଦାମୀ ବସ୍ତ୍ରର ପ୍ରୟୋଜନତା ସେତେ ଗୁରୁତ୍ୱ ରଖି ନ ଥାଏ। ଚାକର ଶ୍ରେଣୀୟ ବ୍ୟକ୍ତି ପକ୍ଷେ ବଡ଼ ପଦପଦବୀର ଦାୟିତ୍ୱ ସମ୍ଭାଳିବା କଷ୍ଟକର ହୋଇଥାଏ। ଟଟୁ ଘୋଡ଼ା ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଲୋଡ଼ିଥାଏ। ଯିଏ ପର ଆଗରେ ହାତପାତି ନିଜ ଗୁଜୁରାଣ ମେଣ୍ଟାଇଥାଏ ତା'ପକ୍ଷେ ଏପରି ଘୋଡ଼ା ରଖିବା ଯନ୍ତ୍ରଣାଦାୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଧାର ସଂଯୋଗ ନ ଥିଲେ ଭୋଟର ତାଲିକାରୁ ନାଁ କଟିବନି

ନୂଆଦିଲ୍ଲୀ ,୧୬।୧୨

ଭୋଟର ପରିଚୟ ପତ୍ରରେ ଯେଉଁମାନେ ଆଧାର ନମ୍ବର ସଂଯୋଗ କରିନାହାନ୍ତି, ସେମାନଙ୍କ ନାଁ ଭୋଟର ତାଲିକାରୁ କଟାଯିବ ନାହିଁ ବୋଲି ସରକାର ଶୁକ୍ରବାର ସ୍ପଷ୍ଟ କରିଦେଇଛନ୍ତି। ଭୋଟର ପରିଚୟପତ୍ର ସହ ଆଧାର ଲିଙ୍କ୍ କରିବା ସ୍ୱେଚ୍ଛାକୃତ ବୋଲି କୁହାଯାଇଛି। ପରିଚୟକୁ ବଳିଷ୍ଠ କରିବା ପାଇଁ ଭୋଟର ଚାହିଁଲେ ପରିଚୟପତ୍ର ସହ ଆଧାର ସଂଯୋଗ କରିବାକୁ ନିର୍ବାଚନ ଆଇନ(ସଂଶୋଧନ) ଆଇନ, ୨୦୨୧ ପଞ୍ଜୀକରଣ ଅଧିକାରୀଙ୍କୁ ଅନୁମତି ଦେଇଛି ବୋଲି ଶୁକ୍ରବାର ଲୋକ ସଭାରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାରେ ନାଁ ଥିବା ଏବଂ ନୂଆ ଭୋଟର ହେବାକୁ ଯାଉଥିବା ଲୋକଙ୍କ ଆଧାର ନମ୍ବର ସଂଗ୍ରହ କରିବା ଲାଗି ଅଗଷ୍ଟ ୧ରେ ନିର୍ବାଚନ କମିଶନଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଏବଂ ଆଧାର ସଂଯୋଗ ଲାଗି ଫର୍ମ ୬ବିରେ ଭୋଟରଙ୍କ ସହମତି ଆବଶ୍ୟକ ବୋଲି ରିଜିଜୁ କହିଛନ୍ତି।

# ୧୪ ଓକିଲଙ୍କ ଜାମିନ ଆବେଦନ ଖାରଜ

■ ରାଜ୍ୟ ବାହାରେ ଜିଲା ପୋଲିସ ଟିମ୍
■ ପୋଲିସର ଗିରଫଦାରିକୁ ନିନ୍ଦା

ସମ୍ବଲପୁର, ୧୬।୧୨ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ଗତ ୧୨ ତାରିଖରେ ଉଗ୍ର ରୂପ ନେଇ କୋର୍ଟ ଭିତରେ ତୁମୁଳକାଣ୍ଡ ଘଟିଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୩୨ଜଣଙ୍କୁ ପୋଲିସ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୧୪ଜଣ ଓକିଲଙ୍କ ପାଇଁ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ହୋଇଥିଲା। ହେଲେ କୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଏହାପରେ ସେମାନେ ଉପର କୋର୍ଟରେ ଜାମିନ ପାଇଁ ଆବେଦନ କରିବେ ବୋଲି ଓକିଲମାନେ କହିଛନ୍ତି। କୁଚିଣ୍ଡାର ଓକିଲ ରଞ୍ଜନ ଶର୍ମା, ସଚ୍ଚିଦାନନ୍ଦ ଶର୍ମା, ଯଦୁମଣି ପୃଷ୍ଟେଠ ସମସ୍ତ କାଗଜପତ୍ର ପ୍ରକ୍ରିୟା ସାରି ଏସ୍‌ଡିଜେଏମ୍‌ଙ୍କ ପାଖରେ ଆବେଦନ କରିଥିଲେ। କେତେକ ଜାମିନବିହୀନ ଦଫା ଲାଗିଥିବାରୁ ଏସ୍‌ଡିଜେଏମ୍ ଏହାକୁ ଖାରଜ କରିଦେଇଥିଲେ ବୋଲି ଓକିଲ ରଞ୍ଜନ ଶର୍ମା କହିଛନ୍ତି। ସେ ଆହୁରି କହିଛନ୍ତି, ଆମକୁ କେହି ନିୟୋଜିତ କରିନାହାନ୍ତି। ନିଜ ପକ୍ଷରୁ ମାମଲା କରିଥିଲୁ। ପ୍ରଥମ ପର୍ଯ୍ୟାୟରେ ୧୪ ଜଣଙ୍କ ପାଇଁ ଆବେଦନ କରିଛୁ। ଅନ୍ୟମାନଙ୍କ ପାଇଁ ମଧ୍ୟ ଆବେଦନ କରାଯିବ। ଆଜି ଜାମିନ ଖାରଜ ହୋଇଛି। ଏହାକୁ ନେଇ ଉପର କୋର୍ଟରେ ଅପିଲ କରିବୁ ବୋଲି ସେ କହିଥିଲେ। ଅନ୍ୟପଟେ ଶୁକ୍ରବାର ମଧ୍ୟ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଥିଲା। ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ୨୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିଲେ ମଧ୍ୟ ସାଧାରଣ ଲୋକଙ୍କୁ କାମ ପାଇଁ କୋର୍ଟ ପରିସରକୁ ଛଡାଯାଇଥିଲା। ଅନ୍ୟପଟେ ପୋଲିସ ଅନ୍ୟ କେତେଜଣ ଓକିଲଙ୍କୁ ଗିରଫ କରିବାକୁ ଯୋଜନା କରୁଛି। ରାଜ୍ୟ ବାହାରେ ମଧ୍ୟ ଜିଲା ପୋଲିସ ଟିମ୍ ପହଞ୍ଚିଥିବା ଜଣାପଡ଼ିଛି। ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ରାତିଅଧିଆ ଚଢ଼ାଉ ଜାରି ରଖିଛି। ପୋଲିସର ଏଭଳି ଗିରଫଦାରିକୁ ସାଧାରଣରେ ନିନ୍ଦା କରାଯାଉଛି। ପୋଲିସ ନିଜର ଭୁଲ୍ ସଂଶୋଧନ କରିବା ଓ ଛବି ସୁଧାରିବାକୁ ଏଭଳି କରୁଥିବା ଅଭିଯୋଗ ହେଉଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହାକୁ ନିନ୍ଦା କରାଯାଉଛି। ଓକିଲ ସଂଘ ପ୍ରତି ସାଧାରଣରେ ସମର୍ଥନ ବଢ଼ୁଥିବା ଲକ୍ଷ୍ୟ କରାଯାଉଛି।



ଏସ୍‌ଡିଜେଏମ୍ କୋର୍ଟକୁ ଜାମିନ ଆବେଦନ କରିବାକୁ ଯାଉଛନ୍ତି ଓକିଲମାନେ।

# କୋଟିପତି ସବ୍‌ଇନ୍ସପେକ୍ଟର ଅଭିମନ୍ୟୁ ଗିରଫ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

**ଆୟଠାରୁ ୧୧୩ % ଅଧିକ ସମ୍ପତ୍ତି ଠୁଳ**

■ ଜେଲ ଗଲେ, ସ୍ତ୍ରୀଙ୍କ ନାମରେ ମାମଲା
■ ଗୁରୁବାର ୩ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

ବେଆଇନ ମାଧ୍ୟମରେ ସମ୍ପତ୍ତି ଠୁଳ କରି ମଧ୍ୟ କନ୍‌ଷ୍ଟେବଲରୁ ସବ୍ ଇନ୍ସପେକ୍ଟରକୁ ପଦୋନ୍ନତି ପାଇଥିଲେ। କମିଶନରେଟ ପୋଲିସର ଏହି କରିତ୍‌କର୍ମା କୋଟିପତି ଏସ୍‌ଆଇ ଅଭିମନ୍ୟୁ ଚୌଧୁରୀଙ୍କୁ ଶେଷରେ ଭିଜିଲାନ୍ସ ଗିରଫ କରିଛି। ଭୁବନେଶ୍ୱରର ତମାଣ୍ଡୋ ଥାନାରେ ଏସ୍‌ଆଇ ଭାବେ କାର୍ଯ୍ୟରତ ଅଭିମନ୍ୟୁଙ୍କ ଘରେ ଗୁରୁବାର ଭିଜିଲାନ୍ସ ଚଢ଼ାଉ କରି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଯାଞ୍ଚ ପରେ ଅଭିମନ୍ୟୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୩.୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର-ଅସ୍ଥାବର ସମ୍ପତ୍ତି ମିଳିଛି। ଏସବୁ ସମ୍ପତ୍ତିର ମୂଲ୍ୟ ଅଭିମନ୍ୟୁଙ୍କ ପ୍ରକୃତ ଆୟର ୧୧୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତେବେ ଉକ୍ତ ସମ୍ପତ୍ତି ଠୁଳ ସଂକ୍ରାନ୍ତରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶୁକ୍ରବାର ଅଭିମନ୍ୟୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ. ୩୯/୨୦୨୨) ରୁଜୁ କରାଯାଇଛି। ଗିରଫ ପରେ ଅଭିମନ୍ୟୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ କୋର୍ଟ ତାଙ୍କୁ ଡିସେମ୍ବର ୨୭ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତେବେ ଅଭିମନ୍ୟୁଙ୍କ ପାଖରୁ ଏତେ ପରିମାଣର ସମ୍ପତ୍ତି ଠାବ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। କନ୍‌ଷ୍ଟେବଲରୁ ପଦୋନ୍ନତି ପାଇ ଏସ୍‌ଆଇ ହୋଇଥିବା ଜଣେ ପୋଲିସ କର୍ମଚାରୀ ଏଭଳି ସମ୍ପତ୍ତି ଠାବ କରିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି। ତେବେ ଲାଞ୍ଚ ଓ ବଟି ଆଦାୟ କରି ଏହି ସମ୍ପତ୍ତି ଅଭିମନ୍ୟୁ କରିଥିବା କୁହାଯାଉଛି। ସୂଚନାଯୋଗ୍ୟ, ଗୁରୁବାର ଏସ୍‌ଆଇ ଅଭିମନ୍ୟୁଙ୍କ କାର୍ଯ୍ୟାଳୟ, ନୟାଗଡ଼ ଜିଲା ନଛିପୁରସ୍ଥିତ ଘର ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୧୧ଜଣ ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଥିଲେ। ଭୁବନେଶ୍ୱର ପାଇକନଗରରେ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪ ମହଲା କୋଠା, ନଛିପୁର ପୈତୃକ ଗାଁରେ ୬.୨୨ ଲକ୍ଷ ଟଙ୍କାର ଏକ ମହଲା କୋଠା, ଭୁବନେଶ୍ୱରରେ ୯୦ ଲକ୍ଷ ଟଙ୍କାର ୭ ପ୍ଲଟ୍ ସମେତ ମୋଟ ୮ ପ୍ଲଟ୍ ଠାବ ହୋଇଥିଲା। ସେହିପରି ତାଙ୍କ ଘରୁ ୧୫.୯୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ, ୧.୮୯ ଲକ୍ଷ ଟଙ୍କାର ୩ଟି ବାଇକ୍, ୬.୯୫ ଲକ୍ଷର ଗୋଟିଏ ଚାରିଚକିଆ ଯାନ, ନଗଦ ୧.୭୫ ଲକ୍ଷ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କରେ ୭୮.୮୦ ଲକ୍ଷ ଟଙ୍କା ଜମାରାଶି ମିଳିଥିଲା। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ଅଭିମନ୍ୟୁ ଚୌଧୁରୀ

# ୭ ହଜାର ଲିଟର ଦେଶୀ ମଦ ନଷ୍ଟ

■ ନଷ୍ଟ କରାଯାଇଥିବା ମଦର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ
■ ଜିଲାର ୧୭ ଥାନାର ୫୦୮ଟି ମାମଲାରେ ମଦ ଜବତ ହୋଇଥିଲା

ବଲାଙ୍ଗୀର ଅଫିସ, ୧୬।୧୨

ବଲାଙ୍ଗୀର ଜିଲା ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଶୁକ୍ରବାର ବଲାଙ୍ଗୀର ସହର ଉପକଣ୍ଠ ବିଜାଖମନ ଜଙ୍ଗଲ ଭିତରେ ୭ ହଜାର ଲିଟର ଦେଶୀ ମଦ ନଷ୍ଟ କରିଛନ୍ତି। ଗତ ୪-୫ ବର୍ଷ ମଧ୍ୟରେ ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜବତ କରାଯାଇଥିବା ମଦକୁ ଆଇନଗତ ଭାବେ ନଷ୍ଟ କରାଯାଇଛି। ଏହାକୁ ଓଡ଼ିଶାର ପ୍ରଥମ ଘଟଣା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲାର ୧୭ଟି ଥାନାର ୫୦୮ଟି ମାମଲାରେ ଯେତେ ମଦ ଜବତ କରାଯାଇଥିଲା ତାକୁ ଜଙ୍ଗଲକୁ ଅଣାଯାଇଥିଲା। ଜଙ୍ଗଲ ଭିତରେ ଏକ ସ୍ଥାନରେ ସମସ୍ତ ଜବତ ମଦ ପାଉଚ୍ ଏବଂ ଜାରକୁ ରଖାଯାଇ ଏକ ଜେସିବି ମେଶିନ ଜରିଆରେ ନଷ୍ଟ କରାଯାଇଥିଲା। ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଉକ୍ତ ସ୍ଥାନ ପରିଦର୍ଶନ କରି ଜବତ ଦେଶୀ ମଦ ନଷ୍ଟ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ନଷ୍ଟ କରାଯାଇଥିବା ମଦର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି ।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି କୁଶଲକର କହିଥିଲେ, ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଜବତ କରାଯାଇଥିବା ମଦକୁ ଥାନା ଭିତରେ ରଖିବାରେ ଅସୁବିଧା ହେଉଥିଲା। ଅନେକ ମଦ ମାମଲା ବର୍ଷ ବର୍ଷ ଧରି ଗଡ଼ୁଥିବାରୁ ଜବତ ମଦକୁ ମାଲଖାନା ଭିତରେ ରଖିବାକୁ ପଡୁଥିଲା। ଏହାଦ୍ୱାରା ଥାନାର ମାଲଖାନା ଅପରିଷ୍କାର ହେଉଥିଲା। ଏବେ ଆଇନଗତ ଭାବେ ଜବତ ମଦ ନଷ୍ଟ କରିବାକୁ ଅନୁମତି ଦିଆଯାଇଥିବାରୁ ଏହା ବହୁ ଦିଗରୁ ଉଚିତ ପଦକ୍ଷେପ ହୋଇଛି ବୋଲି କହିଥିଲେ। ଏବେ କୌଣସି ବେଆଇନ ମଦ ଜବତ ମାମଲା ହେଲେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଅର୍ଥଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବେଆଇନ ମଦ କାରବାର କମିବ ଏବଂ ସମାଜରେ ନିଶା ନିବାରଣ ଦିଗରେ ସଚେତନତା ସୃଷ୍ଟି ହେବ ବୋଲି ଏସ୍‌ପି କୁଶଲକର କହିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଜଙ୍ଗଲ ଭିତରେ ଲୁଚି କରି ବେଆଇନ ମଦ ତିଆରି ଘଟଣା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ କୁଶଲକର କହିଛନ୍ତି, ଆଗକୁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ ଜୋର୍‌ଦାର କରିବେ । ଜିଲା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି ଜବତ ମଦ ନଷ୍ଟ ପ୍ରକ୍ରିୟା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । ଆଗାମୀ ଦିନରେ ଆହୁରି ଜବତ ମଦ ନଷ୍ଟ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।




ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକର ଜବତ ଦେଶୀ ମଦ ନଷ୍ଟ ପ୍ରକ୍ରିୟା ଅନୁଧ୍ୟାନ କରୁଛନ୍ତି।

# ବସ୍ ଓଲଟି ଜଣେ ମୃତ, ୪୦ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

କୁଳିଅଣା, ୧୬।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥର କୁଳିଅଣା ଛକଠାରେ ଶୁକ୍ରବାର ପୂର୍ବାହ୍ନ ୯ଟା ୩୦ରେ ଏକ ଯାତ୍ରୀବାହୀ ବସ୍ ଓଲଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୦ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ କୁଳିଅଣା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଯଶୀପୁରରୁ ବାରିପଦା ଅଭିମୁଖେ ୫୦ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା 'ଗୌରୀ' ବସ୍ (ନଂ.ଓଆର ୦୪ଏଚ୍-୧୨୮୯)ର ଆଗ ବାମପାର୍ଶ୍ୱ ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ମୃତକ ହେଲେ ଯଶୀପୁର ଥାନା ଚହକା ଗ୍ରାମର ଧୂଳେଶ୍ୱର ମହାନ୍ତ(୬୭)। ଖବରପାଇ ପୋଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ସୂଚନାଯୋଗ୍ୟ, କୁଳିଅଣାଠାରେ ଗଳାପୋଲ କାର୍ଯ୍ୟ ଚାଲିଥିବା ବେଳେ ଦୁର୍ଘଟଣାସ୍ଥଳରେ ଥିବା ଏକ ଖାଲରେ ପଡ଼ି ବସ୍ ଚକା ଫାଟି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ଧରି ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୧୭୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରଥମ ପୃଷ୍ଠାରୁ...

## ଚାଇନା ଯୁଦ୍ଧମୁହାଁ, ...

ନୋଟିସ ଗ୍ରହଣ କରାଯିବା ପାଇଁ ଦାବି କରିଥିଲେ। କିନ୍ତୁ ଉପାଧ୍ୟକ୍ଷ ହରିବଂଶ ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇ ହଟ୍ଟଗୋଳ କରିବାରୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ଏହା ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟର ଉଭୟ ଗୃହରେ ବିବୃତି ଦେଇଥିଲେ। ଏହାକୁ ନେଇ ବିରୋଧୀ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରି କି ସେମାନଙ୍କ ଦାବିକୁ ଗ୍ରହଣ କରା ନ ଯିବାରୁ ଶୀତ ଅଧିବେଶନରେ ଅଚଳାବସ୍ଥା ଜାରି ରହିଛି। ପ୍ରକାଶ ଯେ, ଭାରତ ଓ ଚାଇନା ମଧ୍ୟରେ ୩୪୮୮ କି.ମି. ବିସ୍ତୃତ ପ୍ରକୃତ ନିୟନ୍ତ୍ରଣରେଖା ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶ ସଂଲଗ୍ନ ଏହି ସୀମାର ପରିମାପ କରାଯାଇ ନ ଥିବାରୁ ଏହାକୁ ନେଇ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବହୁବାର ବିବାଦ ସୃଷ୍ଟି ହୋଇସାରିଛି। ୧୯୬୨ ଯୁଦ୍ଧ ପରଠାରୁ ବେଜିଂ ଅରୁଣାଚଳକୁ ନିଜ ଭୂଖଣ୍ଡ ବୋଲି ଦାବିକରି ଆସିଛି। ଏପରି କି ତିବ୍ବତ ମାନଚିତ୍ରରେ ମଧ୍ୟ ଭାରତୀୟ ଅଞ୍ଚଳକୁ ସାମିଲ କରିଛି। ୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର କେତେଜଣ ସୈନ୍ୟ ମୃତାହତ ହୋଇଥିଲେ ସେନେଇ ଚାଇନା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିଲା। ସେହି ବର୍ଷ ଲଦାଖର ରିଞ୍ଚେନ୍ ଲାରେ ଦୁଇପକ୍ଷ ପୁଣି ମୁହାଁମୁହିଁ ହୋଇଥିଲେ। ସେହିପରି ଗତବର୍ଷ ଅକ୍ଟୋବରରେ ୟାଙ୍ଗସେରେ ଭାରତ-ଚାଇନା ସଶସ୍ତ୍ର ବଳ ମଧ୍ୟରେ ବିବାଦ ହୋଇଥିଲା। ଦୁଇଦେଶର କମାଣ୍ଡରସ୍ତରୀୟ ଆଲୋଚନା ପରେ ଏହାର ସମାଧାନ ହୋଇଥିବା କୁହାଯାଇଥିଲା। ତୱାଙ୍ଗରୁ ୩୫ କି.ମି. ଉତ୍ତର-ପୂର୍ବରେ ସମୁଦ୍ର ପତ୍ତନଠାରୁ ୧୭,୦୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ୟାଙ୍ଗସେରେ ଗତ ୯ ତାରିଖରେ ପ୍ରାୟ ୩୦୦ ପିଏଲ୍‌ଏ ସୈନ୍ୟ ସୁପରିକଳ୍ପିତ ଷଡ଼ଯନ୍ତ୍ର ଅନୁଯାୟୀ ଏହି ପାର୍ବତ୍ୟ ଅଞ୍ଚଳର ଶିଖରକୁ ଆସି ଦଖଲ ପାଇଁ ଉଦ୍ୟମ କରିଥିଲେ। ଭାରତୀୟ ଯବାନମାନେ ବିରୋଧ କରିବାରୁ ପିଏଲ୍‌ଏ ସୈନ୍ୟମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୬ ଭାରତୀୟ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଗୁଆହାଟୀର ବଶିଷ୍ଠ ୧୫୧ ବେସ୍ ହସ୍ପିଟାଲକୁ ଏୟାରଲିଫ୍ଟ କରି ନିଆଯାଇ ଚିକିତ୍ସା କରାଯାଉଛି। ତୱାଙ୍ଗ ସଂଲଗ୍ନ ଅଞ୍ଚଳରେ ଚାଇନା ଅନେକ ଗ୍ରାମ ପ୍ରତିଷ୍ଠା କରିଛି। ଏପରି କି ଏଲ୍‌ଏସି ସେପଟେ ରାସ୍ତା ମଧ୍ୟ ନିର୍ମାଣ କରିଛି। ୟାଙ୍ଗସେରୁ ଉଭୟ ପାର୍ଶ୍ୱ ସୀମାର ସାମରିକ ଅବସ୍ଥିତି ଦୃଶ୍ୟମାନ ହେଉଥିବାରୁ ଏହାକୁ ଚାଇନା ବାରମ୍ବାର ନିଜ କବ୍‌ଜାକୁ ନେବା ପାଇଁ ଉଦ୍ୟମ କରିଆସିଛି। ସଦ୍ୟ ସଂଘର୍ଷ ଘଟଣା ସାମ୍ନାକୁ ଆସିବା ପରେ ଉପଗ୍ରହ ଚିତ୍ରରୁ ଏହି ବିଷୟ ଜଣାପଡ଼ିଥିବା ମଙ୍ଗଳବାର ଭାରତୀୟ ସେନା ମାନିଥିଲା। କିନ୍ତୁ ଏବେ ସମ୍ପୃକ୍ତ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଶୁକ୍ରବାର ଇଷ୍ଟର୍ନ ଆର୍ମି କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଣା ପ୍ରତାପ କଳିତା ସୂଚନା ଦେଇଛନ୍ତି। କଳିତା କହିଛନ୍ତି, ସଂଘର୍ଷରେ ଉଭୟ ପକ୍ଷର ସୈନ୍ୟ ସାମାନ୍ୟ ଆହତ ହୋଇଛନ୍ତି। ବୁମ୍‌ଲାରେ ପ୍ରତିନିଧିସ୍ତରୀୟ ଆଲୋଚନା ବେଳେ ଏହି ପ୍ରସଙ୍ଗର ସମାଧାନ ହୋଇଯାଇଛି।

## ଭିକ୍ଷାବୃତ୍ତି କରି...

କାର୍ଯ୍ୟରେ ଲାଗିବ ବୋଲି ଆଶା ରଖିଛନ୍ତି। ତୁଳାଙ୍କ ଘର କଟକ ଅଞ୍ଚଳରେ। ସେ କନ୍ଧମାଳ ଜିଲା କଟ୍ରିଙ୍ଗିଆ ପଞ୍ଚାୟତ ଦୁବଗଡ଼ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ପ୍ରଫୁଲ୍ଲ ବେହେରାଙ୍କୁ ବିବାହ କରିଥିଲେ। କିଛିଦିନ ପରେ ଅକସ୍ମାତ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିଲା। ଏକାକୀ ହୋଇଯାଇଥିଲେ ତୁଳା। ସେବେଠାରୁ ସେ ଫୁଲବାଣୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ କୁଡ଼ିଆ ଘରେ ରହୁଛନ୍ତି। ନିଜର ସନ୍ତାନ ସନ୍ତତି ନ ଥିବାରୁ ବୟସ ଅଧିକ ହେବା ପରେ ୧୦ ବର୍ଷ ପୂର୍ବେ ଉକିଅ ମହାକୁଡ଼ ନାମ୍ନୀ ଜଣେ ବେସାହାରା ମହିଳାଙ୍କୁ ପାଳିତ ଝିଅ କରି ରଖିଛନ୍ତି । ନିକଟସ୍ଥ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଓ ସାଇ ମନ୍ଦିରରେ ତୁଳା ଭିକ ମାଗି ଚଳିବା ସହିତ କିଛି ଟଙ୍କା ସଞ୍ଚୟ କରନ୍ତି। ସେହି ସଞ୍ଚୟ ଟଙ୍କାରୁ ୧ଲକ୍ଷ ଟଙ୍କା ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି। ଭିକ ମାଗି ରଖିଥିବା ଟଙ୍କା ପ୍ରଭୁ ଜଗନ୍ନାଥଙ୍କ ସେବାରେ ଲାଗୁ ବୋଲି ସେ କହିଛନ୍ତି । ମନ୍ଦିର ପରିଚାଳନା କମିଟି ସଭାପତି ସୁନାଶିର ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ଏହି ଟଙ୍କା ଦାନ କରିଛନ୍ତି। ତୁଳାଙ୍କ ଇଚ୍ଛା ଅନୁସାରେ ଏହି ଟଙ୍କାରେ ପୁରୁଣା ଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ହେବ ଓ ସେଠାରେ ସାଧୁସନ୍ଥମାନଙ୍କ ପାଇଁ ଆଶ୍ରୟସ୍ଥଳୀ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି। ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବାକୁ ମନ୍ଦିର କମିଟି ନିଷ୍ପତ୍ତି ନେଇଥିବା କମିଟିର ସଦସ୍ୟ ରଜତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା, ବିଜୟ ମହାନ୍ତି, ଶରତ ଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜୀବନରେ ସଂଗ୍ରାମ କରି ଚାଲୁଥିଲେ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଥିବା ତାଙ୍କର ଆସ୍ଥା ସମସ୍ତଙ୍କୁ ହତବାକ୍ କରିଛି। ତୁଳାଙ୍କ ଏହି ମହାନତା ପାଇଁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତିଙ୍କ ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟସିଦ୍ଧି ସହ ସମ୍ମାନିତ ହେବେ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇବେ । କିନ୍ତୁ ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ ନାହିଁ ।

**ବୃଷ** ବୁଧ ଓ ଶୁକ୍ରଙ୍କ ସଂଯୋଗରୁ ଯାହା ପାଇଁ ବହୁତ ମେହେନତ କରିଥିଲେ ସେ ହିଁ ଶତ୍ରୁତା କରିବ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ । ପାରିବାରିକ ଶୃଙ୍ଖଳା ରକ୍ଷାରେ ପଡ଼ୋଶୀ ସହାୟତା ଆଶା କରି ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** ଧନାଧିପଙ୍କ ତୃତୀୟସ୍ଥିତି ଜନିତ ସ୍ୱାର୍ଥସାଧନ ଆଶାରେ ବନ୍ଧୁ ସମସ୍ୟା ସୃଷ୍ଟି କରି ଅପଦସ୍ଥ ହେବେ। ପରିବାର ଭିତରେ ପୁରୁଣା କଥାର ଆଲୋଚନାହିଁ କଳହର କାରଣ ହୋଇପାରେ । ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ । ଧାତୁ ଅଳଙ୍କାରାଦି କ୍ରୟ, ବିକ୍ରୟ ପାଇଁ ଦିନଟି ଭଲ ବହୁତ ଭଲ।

**କର୍କଟ** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ହେତୁ ବ୍ୟସ୍ତ ବିବ୍ରତ ହେବା ଦ୍ୱାରା ନିଜେ ହିଁ କଷ୍ଟ ପାଇପାରନ୍ତି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟଥିତ ହୋଇପାରନ୍ତି। ଇଚ୍ଛା ନ ଥିବା ଜିନିଷ କିଣିବାକୁ ବାଧ୍ୟ ହେବେ।

**ସିଂହ** ପାରିବାରିକ ସମସ୍ୟା ବଢ଼ିଯିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧିପାଇବ । ପଞ୍ଚମସ୍ଥ ଶୁକ୍ର ଓ ବୁଧ ହେତୁ ପ୍ରିୟ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି। ଆଜି ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଲାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା** କାମ ବହୁତ ବିଳମ୍ବରେ ସମ୍ପନ୍ନ ହେବାରୁ ନିଜକୁ ଦୋଷୀ ମନେ କରିବେ । କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନାକରି ଶେଷରେ ନିରାଶ ହେବାକୁ ପଡ଼ିପାରେ । ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ବୃହସ୍ପତିଙ୍କ ସୁପ୍ରଭାବରୁ ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ଉନ୍ନତି କରିବେ।

**ତୁଳା** ପାପଗ୍ରହମଧ୍ୟେ ଚନ୍ଦ୍ର ପ୍ରଭାବଜନିତ କାମ ହାସଲ ସହଜସାଧ୍ୟ ହୋଇ ନ ପାରେ। କେତେକ ଦୀର୍ଘମିଆଦୀ ଯାଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ଯେତେ ଭଲ କାମ କଲେ ସୁଦ୍ଧା ସେମାନେ ଅନ୍ୟର କାନକୁହା କଥା ଶୁଣି ଭୁଲ୍ ବୁଝି ଭଲ ପାଇବେ ନାହିଁ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ।

**ବିଛା** କର୍ମାଧିପ ରାଶିସ୍ଥ ଯୋଗୁ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲନ୍ତୁ ବନ୍ଧୁଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଚିନ୍ତା କରିବାକୁ ପଡ଼ିବ।

**ଧନୁ** ସ୍ୱରାଶିରେ ବୁଧ ଥିବାରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ । ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି । କ୍ରନିକ୍ ରୋଗୀ ସକାଶେ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି।

**ମକର** ଆଜି ଘରୋଇ କଳହରୁ ମଧ୍ୟ ରକ୍ଷା ପାଇବା ସହ ସମସ୍ୟା ସମାଧାନ ହୋଇପାରିବ । ସାୟାହ୍ନରେ ପ୍ରିୟ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶ୍ରବଣା ନକ୍ଷତ୍ରର ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**କୁମ୍ଭ** ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସାଙ୍ଗକୁ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପାପଗ୍ରହମଧ୍ୟ ଗୁରୁଜନିତ କେତେକ କ୍ଷେତ୍ରରେ ନୀରବ ରହିବାକୁ ଶ୍ରେୟ ମନେ କରିପାରନ୍ତି। ଦିନଭିତରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଶତ୍ରୁତା ସୃଷ୍ଟି ହେବା ଭଳି କୌଣସି କାମ କଲେ ଅପଦସ୍ଥ ହେବେ।

**ମୀନ** ସୁଖଭାବସ୍ଥ ରାହୁ ହେତୁ ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ୍ୟ ହୋଇପାରନ୍ତି । ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବା ଦ୍ୱାରା ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯତ୍ନ କରିବା ଭଲ ହେବ । ବନ୍ଧୁମିଳନରୁ ସାମୟିକ ଭାବରେ ଦୁଃଖ କେତେକାଂଶରେ ଭୁଲିଯିବେ।

ଆଜି ଡିସେମ୍ବର ୧୭ ତାରିଖ, ପୌଷକୃଷ୍ଣ ନବମୀ, ଶନିବାର, ରାଶି ନକ୍ଷତ୍ର-ଦିବା, ଘ.୦୯।୧୬ମି ଗତେ, ହସ୍ତା/କନ୍ୟା, ନବମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୪ ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୦୪ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୦ ଗତେ ଘ.୧୦।୨୧ ମଧ୍ୟେ ରାହୁ କାଳ।

# ଆଖିବୁଜିଲେ ମୁଖ୍ୟ ସାକ୍ଷୀ

## ଶିମିଳିପାଳରେ ହାତୀ ମୃତ୍ୟୁ ଓ ପ୍ରମାଣ ନଷ୍ଟ ଘଟଣା

■ ବିଷ ପିଇ ଚିକିତ୍ସିତ ହେଉଥିଲେ
■ ବିଚାର ବିଭାଗୀୟ ତଦନ୍ତ ଦାବି କଲା ଭଞ୍ଜସେନା

**ବାରିପଦା ଅଫିସ,୧୬।୧୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଦନ୍ତା ଶିକାର ଓ ପ୍ରମାଣ ନଷ୍ଟ ଉଦ୍ୟମ ଘଟଣାକୁ ନେଇ ବିବାଦ ବଢ଼ିଚାଲିଛି। ଅଧିକାରୀଙ୍କ ତାଗିଦ ଯୋଗୁ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ହାତୀ ମୃତ୍ୟୁ ଘଟଣାର ମୁଖ୍ୟ ସାକ୍ଷୀ ବନ କର୍ମଚାରୀ ତୁରାମ ପୂର୍ତ୍ତିଙ୍କ ଗୁରୁବାର ରାତିରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହାକୁ ନେଇ ବନ ବିଭାଗ ପୁଣି ଅଡୁଆରେ ପଡ଼ିଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଅଧୀନ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଗତ ୭ ତାରିଖରେ ଏକ ଦନ୍ତା ହାତୀ ଶିକାର କରାଯାଇଥିଲା। ଏହାର ଦାନ୍ତ କାଟି ନେବା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଡ଼ି ଅବଶିଷ୍ଟ ଦେହାବଶେଷକୁ ବନ କର୍ମଚାରୀମାନେ ନିକଟସ୍ଥ ନଦୀରେ ଭସାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ମୁଖ୍ୟ ସାକ୍ଷୀ ରହିଥିବା ତୁରାମଙ୍କୁ ବିଭାଗୀୟ ଅଧିକାରୀମାନେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ତୁରାମ ଗତ ୧୨ ତାରିଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେକ୍ସନର କର୍ମଚାରୀମାନେ ତାଙ୍କୁ ବିଭାଗୀୟ ଗାଡ଼ିରେ ନେଇ ନିକଟସ୍ଥ ଯଶୀପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ତୁରାମଙ୍କ ମୃତ୍ୟୁ ପରେ ପରିବାର ଲୋକେ ବନ କର୍ମଚାରୀଙ୍କ ନାମରେ ହତ୍ୟା ଅଭିଯୋଗ କରିବେ ବୋଲି କହିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ କୌଣସି ରାସାୟନିକ ସାର କିମ୍ବା କୀଟନାଶକ ଦ୍ରବ୍ୟର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଥିବା ବେଳେ ତୁରାମ କେଉଁଠୁ ବିଷ ଆଣି ପିଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରାମଙ୍କ ଘର ଗୁଡ଼ଗୁଡିଆ ରେଞ୍ଜ ଡାକୁଆ ଅଞ୍ଚଳରେ ହୋଇଥିବା ବେଳେ ସେ ଗୁରୁଣ୍ଡିଆ ସେକ୍ସନରେ ବ୍ୟାଘ୍ର ସୁରକ୍ଷା ବଳ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ଡ୍ୟୁଟି ସମୟରେ କାର୍ଯ୍ୟାଳୟରେ ବିଷ ଥିବା ଜାଣି ଏହାକୁ ପିଇ ଦେଇଥିଲେ। ବନ ବିଭାଗ କାର୍ଯ୍ୟାଳୟରେ ବିଷ କାହିଁକି ରଖାଯାଇଥିଲା ଓ ଏହା କେଉଁ କାର୍ଯ୍ୟରେ ଲଗାଯାଉଛି ତାହାକୁ ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ବିଷକ୍ରିୟାଜନିତ ନା ଗୁଳିବିଦ୍ଧ କରାଯାଇ ଶିକାର କରାଯାଇଛି ତାହା ତଦନ୍ତସାପେକ୍ଷ। ହାତୀ ମୃତ୍ୟୁରେ ଜଡ଼ିତ ଥିବା ଅଧିକାରୀମାନେ କେଉଁ ଉପାୟରେ ହାତୀ ଶିକାର କରିଛନ୍ତି ତାହାକୁ ନେଇ ପ୍ରାଣୀ ବିଶେଷଜ୍ଞଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ଭାନୁମିତ୍ର କହିଛନ୍ତି। ହାତୀ ଓ ବନ କର୍ମଚାରୀ ତୁରାମଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜିଲାର ଅଗ୍ରଣୀ ସଙ୍ଗଠନ ଭଞ୍ଜସେନା ଦାବି କରିଛି।

# ଅନ୍ଧାରରେ ପଦ୍ମଶ୍ରୀଙ୍କ ପରିବାର

## ବିଭାଗୀୟ ଭୁଲ ଯୋଗୁ ବିଦ୍ୟୁତ୍ ବିଚ୍ଛିନ୍ନ


ପଦ୍ମଶ୍ରୀ ଦୈତାରୀ ନାଏକ

**କେନ୍ଦୁଝର,୧୬।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳ ବୈତରଣୀ ଗ୍ରାମରେ ରହୁଥିବା ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ପରିବାର ଅନ୍ଧାରରେ। ବିଭାଗୀୟ ଭୁଲ ଯୋଗୁ ଦୀର୍ଘ ଏକ ମାସ ହେଲା ତାଙ୍କ ଘରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଇଛି। ଫଳରେ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବକେୟା ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବା ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଭୁଲ ବିଲ୍ ଆସିଥିବା ଦୈତାରୀ କହିଛନ୍ତି।

ଅଭିଯୋଗ ମୁତାବକ, ଗତ ଏକ ବର୍ଷ ହେଲା ଦୈତାରୀଙ୍କ ଘରେ ଥିବା ବିପିଏଲ ସଂଯୋଗକୁ କାଟି ଦିଆଯାଇଛି। ତେଣୁ ସେ ଘରୋଇ ବିଦ୍ୟୁତ୍ ସଂଯୋଗରୁ ଅର୍ଥ ପୈଠ କରି ବିଜୁଳି ଜାଳୁଥିଲେ। ଗତ ମାସରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିପିଏଲ୍ ସଂଯୋଗର ବକେୟା ବିଲ୍ ଦିଆଯାଇଥିଲା। କିନ୍ତୁ ତାହା ବିଚ୍ଛିନ୍ନ ହୋଇଯାଇଥିବା ଦୈତାରୀ କହିଥିଲେ। ମାତ୍ର ବିଭାଗର କର୍ମଚାରୀ କିଛି ନ ଶୁଣି ଘରୋଇ ବିଦ୍ୟୁତ୍ ସଂଯୋଗକୁ କାଟି ଦେଇଥିଲେ। ଘରେ ସ୍ତ୍ରୀ, ତିନି ପୁଅ, ବୋହୂ ଓ ନାତିନାତୁଣୀଙ୍କ ସହ ରହୁଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ ଫଳରେ ସେ ପରିବାର ସହିତ ଅନ୍ଧାରରେ ରହୁଛନ୍ତି। ବଣଜଙ୍ଗଲ ଘେରା ଅଞ୍ଚଳ ହୋଇଥିବାରୁ ଅନ୍ଧାରରେ ନାନା ସମସ୍ୟା ମଧ୍ୟରେ ଛୋଟ ଛୋଟ ପିଲାଙ୍କୁ ଧରି ରହୁଥିବା ସେ କହିଛନ୍ତି। ବିଭାଗୀୟ ତ୍ରୁଟି କାରଣରୁ ବିଲ୍ ପଇଠ ହୋଇ ନ ଥିବା ବେଳେ ଜଣେ ପଦ୍ମଶ୍ରୀଙ୍କ ଘରୁ ବିଦ୍ୟୁତ୍ ସଂଯୋଗ କାଟିଦେବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାର ସମାଧାନ କରି ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହେଉଛି। ଏ ନେଇ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ କହିଛନ୍ତି, ବିଦ୍ୟୁତ୍ କାହିଁକି କଟାଯାଇଛି ଜାଣିନାହାନ୍ତି। ତେବେ କ'ଣ ସମସ୍ୟା ହୋଇଛି, ସେ ବିଷୟରେ ବିଲ୍ ସହିତ ଆସି ଜଣାଇଲେ ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ପଦ୍ମଶ୍ରୀ ଦୈତାରୀ ନାଏକ ନିଜର ଓ ସ୍ଥାନୀୟ ଲୋକଙ୍କ ଚାଷ ଜମିକୁ ପାଣି ମଡ଼ାଇବା ପାଇଁ ଦୀର୍ଘ ୩ ବର୍ଷ ପରିଶ୍ରମ କରି ତିନି କିମି ଦୂରରୁ ନିଜ ଉଦ୍ୟମରେ କେନାଲ ଖୋଳିଥିଲେ। ତାଙ୍କ ଉଦ୍ୟମ ଯୋଗୁ ଏବେ ବନବାସୀମାନେ ପାହାଡ଼ିଆ ଝରଣାର ଜଳ ବ୍ୟବହାର କରି ବର୍ଷ ତମାମ ଚାଷ କରିପାରୁଛନ୍ତି।

# ପ୍ରାର୍ଥନା ସଭାରେ ଟଳିପଡ଼ିଲେ ଛାତ୍ର

## ଆଇଟିଆଇ କ୍ୟାମ୍ପସ୍‌ରେ ଅଭାବନୀୟ ଘଟଣା


ଅଭିଜିତ୍ ଦାସ

**ଢେଙ୍କାନାଳ ଅଫିସ, ୧୬।୧୨**

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ଆଇଟିଆଇ କଲେଜ କ୍ୟାମ୍ପସ୍‌ରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ପ୍ରାର୍ଥନା ସଭା ଚାଲିଥିବାବେଳେ ଇଲେକ୍ଟ୍ରିକାଲ ବ୍ରାଞ୍ଚର ପ୍ରଥମ ବର୍ଷ ଛାତ୍ର ଅଭିଜିତ୍ ଦାସ (୧୭)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଅଭିଜିତ୍‌ଙ୍କ ଘର କାମାକ୍ଷାନଗର ଉପଖଣ୍ଡ ସରଦେଇପୁର ଜିରାଳ ଗ୍ରାମରେ। କଲେଜରେ ପୂର୍ବାହ୍ନ ୯ଟା ୧୦ରୁ ୯ଟା ୨୫ ପର୍ଯ୍ୟନ୍ତ ପ୍ରାର୍ଥନ ସଭା ହେଉଥିବାବେଳେ ସେ ଯୋଗଦେଇଥିଲେ। ତେବେ ହଠାତ୍ ତାଙ୍କ ଶରୀର ଥରିଥିଲା। କିଛିକ୍ଷଣ ମଧ୍ୟରେ ସେ ଚେତାଶୂନ୍ୟ ହୋଇ ଟଳିପଡ଼ିଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

ଏ ସଂକ୍ରାନ୍ତରେ ସହକାରୀ ଟ୍ରେନିଂ ଅଫିସର ଧନେଶ୍ୱର ବେହେରା କହିଛନ୍ତି, ହଷ୍ଟେଲରେ ରହୁଥିବା ଅଭିଜିତ୍ ନିର୍ଦ୍ଧାରିତ ସମୟରେ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ଅସୁସ୍ଥ ହୋଇ ତଳେ ପଡ଼ିଯିବା ପରେ ତାଙ୍କୁ କଲେଜ ଗାଡ଼ିରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବରୁ ତାଙ୍କର ଦେହ କେବେ ଖରାପ ହୋଇଥିବା ଆମେ ଜାଣିନାହୁଁ ବୋଲି ଟ୍ରେନିଂ ଅଫିସର ବେହେରା ସୂଚନା ଦେଇଛନ୍ତି। ଅଭିଜିତ୍‌ଙ୍କ ଏଭଳି ବିୟୋଗକୁ ନେଇ କଲେଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ହତ୍ୟା

**ମାଲକାନଗିରି, ୧୬।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ମାଲେବାହୀ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ଦାନ୍ତେୱାଡା ଜିଲାରେ ଏପରି ଘଟଣା ଘଟିଛି। ପୋଲିସ ସୂଚନାଦାତା ସନ୍ଦେହରେ ଗୁରୁବାର ମାଓବାଦୀମାନେ ଜୟରାମ କଶ୍ୟପ ନାମକ ଯୁବକଙ୍କୁ ଅପହରଣ କରି ନେଇଥିଲେ। ପ୍ରଜାକୋର୍ଟ କରି ତାଙ୍କୁ ନିର୍ମମ ଭାବେ ହତ୍ୟା କରି ମୃତଦେହକୁ ମାଲେବାହୀ ଛକ ନିକଟରେ ଫିଙ୍ଗି ଚାଲି ଯାଇଥିଲେ। ତାଙ୍କ ନିକଟରେ ଏକ ଚିଠି ଛାଡି ଯାଇଥିଲେ। ଶୁକ୍ରବାର ସକାଳେ ଗ୍ରାମବାସୀ ଏନେଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।




# ନିରଞ୍ଜନଙ୍କୁ ମିଳିଲା ଜାମିନ

## କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା

**ଭଦ୍ରକ ଅଫିସ,୧୬।୧୨:** ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରରେ ଥିବା ଅଭିଯୁକ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ଶୁକ୍ରବାର ଜାମିନ ମିଳିଛି। ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ମଞ୍ଜୁର ପରେ ସେ ଭଦ୍ରକ ଜେଲରୁ ବାହାରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ମୋଟ ୮ ଅଭିଯୁକ୍ତ ଜେଲ୍ ଯାଇଥିଲେ। ପୂର୍ବରୁ ଅଭିଯୁକ୍ତ ପରମେଶ୍ୱର ରାଉତ ଜାମିନରେ ଆସିଥିଲେ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଡିସେମ୍ବର, ୨୦୨୨

“ ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ



# ପ୍ରୋଟୋକଲ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଏବଂ କଷ୍ଟମ୍ସ(ସୀମାଶୁଳ୍କ) ଓ ଜିଏସ୍‌ଟି (ସାମଗ୍ରୀ ଓ ସେବା ଟିକସ)ରେ କାର୍ଯ୍ୟରତ ଅଧିକାରୀମାନଙ୍କ ମଧ୍ୟରେ ମତଭେଦ ଗମ୍ଭୀର ରୂପ ନେଉଥିବା ମନେହେଉଛି। ଆଇଆର୍‌ଏସ୍ ଅଧିକାରୀମାନେ ଦାବି କରୁଥିବା ଗାର୍ଡ ଅଫ୍ ଅନର୍ ଓ ସାଲ୍ୟୁଟ୍‌କୁ ନେଇ ରହିଥିବା ପ୍ରୋଟୋକଲ ଉପରେ ଏହି ମତଭେଦ ପ୍ରକାଶ ପାଇଛି। ସୀମାଶୁଳ୍କ ଅଧିକାରୀମାନେ କହନ୍ତି, ଏହି ପରମ୍ପରା ସେମାନଙ୍କ ଦାୟିତ୍ୱରେ ବାଧା ଆଣୁଛି। ମୁମ୍ବାଇ କଷ୍ଟମ୍ସ ଓ ଜିଏସ୍‌ଟି ବିଭାଗକୁ ନିରୀକ୍ଷଣ କରୁଥିବା ବରିଷ୍ଠ ଅଧିକାରୀମାନେ ସୀମାଶୁଳ୍କ ଅଧିକାରୀଙ୍କୁ ସାଲ୍ୟୁଟ ମାରିବା, ବସିବା ଏବଂ ଆଇପିଏସ୍ ଅଧିକାରୀଙ୍କ ପଛରେ ଚାଲିବାର ତରିକା ଉପରେ ପ୍ରଶିକ୍ଷଣ ଦେବା ଲାଗି ନେଇଥିବା ପଦକ୍ଷେପକୁ ସେଣ୍ଟ୍ରାଲ ଏକ୍ସାଇଜ ଇନିସ୍‌ପେକ୍ଟର ଆସୋସିଏସନର ସେକ୍ରେଟାରି ଅଭିଜିତ ଶ୍ରୀବାସ୍ତବ ସମାଲୋଚନା କରିଛନ୍ତି। ନିକଟରେ ଏହି ପ୍ରଶିକ୍ଷଣ ଭାନ୍ଦୁପସ୍ଥିତ ନ୍ୟାଶନାଲ ଏକାଡେମୀ ଅଫ୍ କଷ୍ଟମ୍ସ, ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ ନାର୍କୋଟିକ୍ସ ସେଣ୍ଟରରେ ଅତିରିକ୍ତ ମହାନିର୍ଦ୍ଦେଶକ (ପ୍ରଶିକ୍ଷଣ) ରାଜୀବ କପୁରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଆଗଧାଡ଼ିର ଅଧିକାରୀମାନଙ୍କୁ ସାଲ୍ୟୁଟ୍ ମାରିବା, ଡୋର୍ ଖୋଲିବା, ବସିବା ଓ ଆଇପିଏସ୍ ଅଧିକାରୀଙ୍କ ପଛରେ ଚାଲିବା, ପ୍ରୋଟୋକଲ ଓ ସୁରକ୍ଷା ଯୋଗାଇ ଦେବା, ଟୋପି ପିନ୍ଧିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇ ଅଯଥାରେ ସମୟ ନଷ୍ଟ କରାଯାଉଛି ବୋଲି କନିଷ୍ଠ ଅଧିକାରୀମାନେ ଅଭିଯୋଗ କରିଛନ୍ତି। ତେବେ ଆଇଆର୍‌ଏସ୍ ଅଧିକାରୀମାନଙ୍କ ବିରୋଧରେ ମୁମ୍ବାଇ ଏୟାରପୋର୍ଟରେ କାର୍ଯ୍ୟରତ କନିଷ୍ଠ ଅଧିକାରୀମାନଙ୍କୁ ମାରପିଟ ଓ ଗାଳିଗୁଲଜ କରିବା ଘଟଣାର ରିପୋର୍ଟ ଦାୟର ହେବା ପରେ ବରିଷ୍ଠ ଆଇଆର୍‌ଏସ୍ ଅଧିକାରୀମାନେ ଅସନ୍ତୁଷ୍ଟ ହୋଇଥିଲେ। ମୁମ୍ବାଇ ଏୟାରପୋର୍ଟ କଷ୍ଟମ୍ସର ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍‌ରେ ଡେପୁଟି କଷ୍ଟମ କମିଶନର ମନୁଦେବ ଜୈନ ଜଣେ କନିଷ୍ଠ ଅଧିକାରୀଙ୍କୁ ଧମକାଇବା ସହ ମାରପିଟ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

### ଓଏନ୍‌ଜିସିର ନୂଆ ମୁଖ୍ୟ

ଘରୋଇ କ୍ଷେତ୍ରରୁ ଜଣେ ବୃତ୍ତିଧାରୀ ବିଶେଷଜ୍ଞଙ୍କୁ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ପ୍ରଥମ ସିଇଓ ଭାବେ ନିଯୁକ୍ତ କରିବା ପାଇଁ କେନ୍ଦ୍ର ଯୋଜନା କରୁଛି ବୋଲି ଗୁଜବ ଉଠିଥିବାବେଳେ ଠିକ୍ ଏହି ସମୟରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ଅରୁଣ କୁମାର ସିଂଙ୍କୁ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନ ଭାବେ ୩ ବର୍ଷ ପାଇଁ ନିଯୁକ୍ତି ଦିଆଯାଇଛି। ଫଳରେ ଗତ ବର୍ଷ ଏପ୍ରିଲରୁ ଶଶୀ ଶଙ୍କରଙ୍କ ସେବାନିବୃତ୍ତି ପରେ ଆରମ୍ଭ ହୋଇଥିବା କାର୍ଯ୍ୟନିର୍ବାହୀ ଦାୟିତ୍ୱର ଧାରା ଶେଷ ହୋଇଛି। ଏହି ସମୟ ମଧ୍ୟରେ ୩ଜଣ ଅନ୍ତରୀଣ ଅଧ୍ୟକ୍ଷଙ୍କୁ ନିଯୁକ୍ତ କରାଯାଇଥିଲା। ଉପଯୁକ୍ତ ପ୍ରାର୍ଥୀ ଖୋଜି ଚୟନ କରିବା ଲାଗି ଗଠିତ କମିଟିରେ ନେତୃତ୍ୱରେ ରହିଥିଲେ ପିଇଏସ୍‌ବି ଅଧ୍ୟକ୍ଷ ମଲ୍ଲିକା ଶ୍ରୀନିବାସନ ଏବଂ ତାଙ୍କ ସହ ଥିଲେ ତୈଳ ସଚିବ ତଥା ପୂର୍ବତନ ଇଣ୍ଡିଆନ ଅଏଲ ମୁଖ୍ୟ ବି. ଅଶୋକ। ସେମାନେ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌ର ସିଏମ୍‌ଡି ବର୍ତ୍ତିକ ଶୁକ୍ଲାଙ୍କ ସହ ବହୁ ପ୍ରାର୍ଥୀଙ୍କର ଇଣ୍ଟରଭ୍ୟୁ ନେଇଥିଲେ। ସିଂଙ୍କ ନିଯୁକ୍ତି ହିଁ ଅନ୍ୟ ପ୍ରାର୍ଥୀମାନଙ୍କ ପାଇଁ ବୟସ ଯୋଗ୍ୟତା କୋହଳ କଲା। ପୂର୍ବରୁ ଯୋଗ୍ୟତା ପାଇଁ ନିର୍ଦ୍ଧାରିତ ବୟସ ଥିଲା ୪୫। କିନ୍ତୁ ନିୟମ କୋହଳ ହେବା ପରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କର ବୟସ ୬୦ରୁ ଊର୍ଦ୍ଧ୍ୱ ହେବା ଉଚିତ ନୁହେଁ ବୋଲି ଧାର୍ଯ୍ୟ ହୋଇଛି। ତେବେ ଆଇଏନ୍‌ଜିସିର ରିପୋର୍ଟ ମୁତାବକ ଅନ୍ତର୍ଜାତୀୟ ତୈଳ ଓ ଗ୍ୟାସ୍ ମୂଲ୍ୟରୁ ଲାଭ ନେବା ଲାଗି ସରକାରଙ୍କ ଦ୍ୱାରା ଲାଗୁ ଅତ୍ୟଧିକ ଟିକସ କାରଣରୁ ମୋଟ ଲାଭରେ ୩୦ ପ୍ରତିଶତ ହ୍ରାସ ଘଟିଥିବାରୁ ସିଂଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ଅଛି।

### ନୋଏଡାର ପ୍ରଥମ ମହିଳା ପୋଲିସ ଅଧିକାରୀ

ଗତ ସପ୍ତାହରେ ୨୦୦୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଲକ୍ଷ୍ମୀ ସିଂ ନୋଏଡାର ପୋଲିସ କମିଶନର ଭାବେ ଦାୟିତ୍ୱ ନେଇଛନ୍ତି। ଉତ୍ତରପ୍ରଦେଶରେ ଏକ କମିଶନରେଟ୍‌କୁ ନେତୃତ୍ୱ ଦେବାରେ ସିଂ ହେଉଛନ୍ତି ପ୍ରଥମ ମହିଳା ଅଧିକାରୀ। ତେବେ ରାଜ୍ୟ ପୋଲିସର ଉଚ୍ଚ ପଦବୀରେ ମହିଳାଙ୍କୁ କ୍ୱଚିତ ଦେଖିବାକୁ ମିଳେ। ପୋଲିସରେ ମହିଳାଙ୍କ ନିଯୁକ୍ତିକୁ ନେଇ ବହୁତ କିଛି କୁହାଯାଉଥିଲେ ମଧ୍ୟ ନିକଟରେ ଏକ ତଥ୍ୟରୁ ଜଣାପଡ଼ିଛି ଯେ, ଭାରତର ପୋଲିସ ଫୋର୍ସରେ ମହିଳାଙ୍କ ସଂଖ୍ୟା କମ୍ ଅର୍ଥାତ୍ ୧୦.୫%। ସ୍ପଷ୍ଟତଃ, ମହିଳାଙ୍କ ପାଇଁ ଦେଶରେ ଲାଗୁ କରାଯାଇଥିବା ସଂରକ୍ଷଣର ଲକ୍ଷ୍ୟ କୌଣସି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ହାସଲ କରିପାରିନାହାନ୍ତି। ସୂତ୍ରରୁ ପ୍ରକାଶ, ସିଂଙ୍କ ଅତ୍ୟନ୍ତ ଭଲ ରେକର୍ଡକୁ ଉପେକ୍ଷା କରିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପାଇଁ କଠିନ ଥିଲା। ଗତ ବର୍ଷ ଲଖିମପୁର ଖେରି ଘଟଣାରେ ଉତ୍ତ୍ୟକ୍ତ କୃଷକଙ୍କୁ ଶାନ୍ତ କରିବାରେ ସିଂ ମୁଖ୍ୟ ଭୂମିକା ନେଇଥିଲେ। ସେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପୋଲିସ ସେବା ପଦକ ପାଇଥିଲେ। ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀରେ ତାଙ୍କର ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକାଳରେ ତାଙ୍କୁ ଶ୍ରେଷ୍ଠ ପ୍ରଶିକ୍ଷାର୍ଥ ଘୋଷଣା କରାଯାଇଥିଲା ଏବଂ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ସିଲ୍‌ଭର ବାଟନ ଗ୍ରହଣ କରିଥିଲେ। ବାରାଣସୀ, ବାଘପତ ଏବଂ ବୁଲନ୍ଦସହରରେ ଉଚ୍ଚ ପଦବୀରେ ରହି ସେ ଦାୟିତ୍ୱ ତୁଲାଇଛନ୍ତି। ଏବକାର ତାଙ୍କ ହାଇ ପ୍ରୋଫାଇଲ ନିଯୁକ୍ତି ଅଧିକ ଆହ୍ୱାନପୂର୍ଣ୍ଣ ହୋଇପାରେ। ଉତ୍ତରପ୍ରଦେଶରେ ମହିଳା ପୋଲିସ ଅଧିକାରୀଙ୍କ ଗ୍ରହଣୀୟତା ଅଧିକ ହେଉଥିବାରୁ ଜଣେ ‘ଲେଡି ବସ୍’ଙ୍କୁ ଗ୍ରହଣ କରିବା ଅନେକ ପୁରୁଷ ପୋଲିସ ଅଧିକାରୀମାନଙ୍କ ପକ୍ଷରେ କଷ୍ଟକର ହେଉଛି। କିନ୍ତୁ ସିଂ ଏହି ରୂଢ଼ିବାଦୀ ଧାରଣାକୁ ପରିବର୍ତ୍ତନ କରିବାକୁ ନିଶ୍ଚିତ ଅଛନ୍ତି।

Email: dilipcherian@gmail.com

# ନଷ୍ଟ ନ ହେଉ ପୁସ୍ତକମେଳାର ପବିତ୍ରତା



ଡ.ପ୍ରଫୁଲ୍ଲ କୁମାର ସାହୁ

ବହି ମଣିଷର ବନ୍ଧୁ। ବୌଦ୍ଧିକ ଚେତନାର ସହଚର। କୈଶୋରରେ ବୌଦ୍ଧିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ବହି। ଯୌବନର ସାମ୍ରାଜ୍ୟକୁ ଯୋଗାଏ ଜ୍ଞାନଦୀପ୍ତ ପ୍ରେରଣା। ପ୍ରୌଢ଼ାବସ୍ଥାରେ ବତାଏ ସମସ୍ୟା ସମାଧାନର ସୂତ୍ର। ବାର୍ଦ୍ଧକ୍ୟରେ ବିଷାଦରୁ ମୁକ୍ତି ପାଇଁ ପୁସ୍ତକ ହିଁ ସର୍ବୋତ୍ତମ ଅବଲମ୍ବନ। ତେଣୁ ବହି କିଛି ସାଧାରଣ ବନ୍ଧୁ ନୁହେଁ, ଏହା ସବୁ ବର୍ଗର ଓ ସବୁ ବୟସର ଲୋକଙ୍କ ପାଇଁ ସର୍ବକାଳୀନ ଓ ସର୍ବୋତ୍ତମ ବନ୍ଧୁ।

ପୁସ୍ତକରେ ଥାଏ ସିଦ୍ଧିର ମନ୍ତ୍ର, ଯାହା ବୁଦ୍ଧି, ବିଚାର ଓ ବିବେକକୁ ଶାଣିତ କରେ ଏବଂ ବଦଳେଇଦିଏ ପାଠକର ଦୃଷ୍ଟିଭଙ୍ଗୀ। ଇତିହାସ କହେ ଗୋଟେ ଗୋଟେ ଭଲ ବହିର ପ୍ରଭାବରେ ବଦଳିଯାଇଛି ପୃଥିବୀର ବହୁ ବିଶିଷ୍ଟ ଲୋକଙ୍କ ଜୀବନର ଗତିପଥ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ପୁସ୍ତକ ଶୁଣାଏ ସଭାବନାର ମନ୍ତ୍ର। ଗୋଟିଏ ଦେଶ ଓ ଜାତିର ବୌଦ୍ଧିକ ସମ୍ପତ୍ତି। ଏହି ଦୃଷ୍ଟିରୁ ପୁସ୍ତକ ମେଳାକୁ କୁହାଯାଏ ସାହିତ୍ୟ ସଂସ୍କୃତିର ମେଳନ ବା ଏକ ବୌଦ୍ଧିକ ଆନ୍ଦୋଳନ। ଜ୍ଞାନର ନୂଆ ନୂଆ ଦିଗନ୍ତ ସହିତ ପରିଚିତ କରାଇବା ନିମନ୍ତେ ଉଦ୍ଦିଷ୍ଟ ଏହି ମେଳା ଆମ ଦେଶର କଲିକତା ସହରରେ ପ୍ରଥମେ ଆରମ୍ଭ ହୋଇଥିଲା(୧୯୭୬) ‘ନ୍ୟାଶନାଲ ବୁକ୍ ଫେୟାର’ ବା କଲିକତା ବହିମେଳା ନାମରେ। ଜନ୍ମର ମାତ୍ର ତିନିବର୍ଷ ପରେ ଆୟୋଜକମାନଙ୍କ ଅହଂ ଲଢ଼େଇରେ ପେଷି ହୋଇ ଦୁଇଫାଳ ହୋଇଗଲା କଲିକତା ବହିମେଳା। ଏହାକୁ ସହଜରେ ଗ୍ରହଣ କରିପାରିଲେନି ପଶ୍ଚିମବଙ୍ଗର ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ବୁଦ୍ଧିଜୀବୀ। ଲୋକଙ୍କ ଉଦ୍‌ବେଗକୁ ଅନୁଭବ କରି ଏଥିରେ ହସ୍ତକ୍ଷେପ କଲେ ରାଜ୍ୟ ସରକାର। ଫଳରେ ଦୁଇମେଳା ପୁଣି ମିଶିଗଲେ (୧୯୯୨) ଏବଂ ଜନ୍ମନେଲା ଏକକ ଅନୁଷ୍ଠାନ ‘ମିଳନ ମେଳା’, ଯାହା ଏବେ ଏସିଆର ସର୍ବବୃହତ୍ତମ ତଥା ପୃଥିବୀର ତୃତୀୟ ବୃହତ୍ତମ ପୁସ୍ତକ ମେଳା ଭାବେ ପରିଚିତ।

କଲିକତା ପୁସ୍ତକମେଳାର ସଫଳତା ଦେଖି ଆମ ରାଜ୍ୟରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଓ ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଅନୁଷ୍ଠିତ ହେଲା(୧୯୮୫) ଭୁବନେଶ୍ୱରର ପୁସ୍ତକମେଳା। ପରବର୍ତ୍ତୀ ସମୟରେ ଆୟୋଜକମାନଙ୍କ ମଧ୍ୟରେ ପତିଆରା ଲଢ଼େଇ ଯୋଗୁ ଆରମ୍ଭ ହେଲା ବିଭାଜନ ପର୍ବ। ଏହି କାରଣରୁ ଭୁବନେଶ୍ୱରରେ ଆୟୋଜିତ ହେଲା ରାଜଧାନୀ ପୁସ୍ତକମେଳା, କଳିଙ୍ଗ ପୁସ୍ତକ ମେଳା, ଏକାମ୍ର ପୁସ୍ତକମେଳା ଆଦି ଅନେକ ମେଳା। ଏସବୁକୁ ଏକାଠି କରି ଗୋଟିଏ ବୃହତ୍ ମେଳାର ଆୟୋଜନ ନିମନ୍ତେ ବୁଦ୍ଧିଜୀବୀମାନେ ପ୍ରୟାସ ଆରମ୍ଭକଲେ ଏବଂ ତାହା ସଫଳ ହେଲା ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ। ୨୦୧୯ରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସବୁ ମେଳାକୁ ମିଶାଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେଲା ବୃହତ୍ ରାଜ୍ୟସ୍ତରୀୟ ପୁସ୍ତକ ମେଳା ‘ଅକ୍ଷର’।



ପୁସ୍ତକମେଳାକୁ କୁହାଯାଏ ଜ୍ଞାନଯଜ୍ଞ, ଯାହା ଜ୍ଞାନ କର୍ମକୁ ଦେଖାଏ ଠିକ୍ ରାସ୍ତା। ଏହି ଯଜ୍ଞରେ ଦେଶ ବିଦେଶର ବହୁ ପ୍ରକାଶକ ଯୋଗଦିଅନ୍ତି ଏବଂ ଏଠାରେ ଉପଲବ୍ଧ ହୁଏ ସବୁ ବର୍ଗର ପାଠକଙ୍କ ପାଇଁ ଉପାଦେୟ ବହି, ଯାହା ଏକକାଳୀନ ମିଳିବା ସମ୍ଭବ ହୁଏନି ନିର୍ଦ୍ଦିଷ୍ଟ କେଉଁ ବହି ଦୋକାନରେ। ଏତଦଭିନ୍ନ ଗ୍ରାହକଙ୍କୁ ମିଳୁଥିବା ଆକର୍ଷଣୀୟ ରିହାତି ମଧ୍ୟ ପୁସ୍ତକମେଳାର ଅନ୍ୟ ଏକ ବିଶେଷତ୍ୱ। କଥାରେ ଅଛି ‘ଘୋର୍ କୀର୍ତ୍ତନ ବେଳେ ମୂକ ବି ଆଁ କରିଦିଏ,’ କାରଣ ସେ ବି କିଛି ଗାଇବ। ଅର୍ଥାତ ହାତ ପାହାନ୍ତାରେ ଓ ରିହାତି ଦରରେ ଦୁର୍ଲଭ ବହି ଉପଲବ୍ଧ ହେଉଥିବାରୁ ନ କିଣିବା ଲୋକ ବି ଇଚ୍ଛାକରେ ମନପସନ୍ଦର କିଛି ବହି କିଣିବାପାଇଁ।

ସାହିତ୍ୟାନୁରାଗ ସୃଷ୍ଟି କରିବା ପୁସ୍ତକ ମେଳାର ଅନ୍ୟତମ ଲକ୍ଷ୍ୟ। ତାକୁ ହିଁ ଦୃଷ୍ଟିରେ ରଖି ସେଠାରେ ଆୟୋଜିତ ସାହିତ୍ୟ ସଭାକୁ କବି, ଲେଖକ, ଗବେଷକ, ସମାଲୋଚକ, ଗ୍ରନ୍ଥକାରମାନେ ଆମନ୍ତ୍ରିତ ହୋଇ ଆସନ୍ତି ଏବଂ ସାହିତ୍ୟମୁଖର ହୋଇଉଠେ ପୁସ୍ତକମେଳାର ପ୍ରତିଟି ସନ୍ଧ୍ୟା। ଭାଷା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଆଲୋଚନା ସାଙ୍ଗକୁ ଆୟୋଜିତ ହୁଏ କବିତାପାଠ, କବି ସମ୍ମିଳନୀ, ଶିଶୁମେଳା, ପୁସ୍ତକ ଉନ୍ମୋଚନ ତଥା ପୁରସ୍କାର ପ୍ରଦାନ ଆଦି ଅନେକ କାର୍ଯ୍ୟକ୍ରମ। ଗୋଟିଏ ମଞ୍ଚରେ ଲେଖକ, ପାଠକ, ପ୍ରକାଶକ, ବିକ୍ରେତା, ମୁଦ୍ରାକର, ଚିତ୍ରଶିଳ୍ପୀ ଆଦି ବିଭିନ୍ନ ବିଭାଗର ପ୍ରତିନିଧି ଏକାଠି ହୋଇ ଖୋଜନ୍ତି ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନର ସୂତ୍ର।

ଜିଜ୍ଞାସୁ ପାଠକଙ୍କ ପାଇଁ ବହିମେଳାର ଆକର୍ଷଣ ଅନନ୍ୟ। ସେମାନେ ବହି ମେଳା ସମୟକୁ ଅପେକ୍ଷାକରି ରହନ୍ତି ମନପସନ୍ଦର ବହି କିଣିବା ଲକ୍ଷ୍ୟରେ। ଦିନଥିଲା ବଜାରକୁ ବହି ଆସିବା ଆଗରୁ ତାକୁ ଖୋଜି ବସୁଥିଲେ ପୁସ୍ତକପ୍ରେମୀ। ସେମାନେ ବୁଝିଥିଲେ ଗ୍ରନ୍ଥର ଗୁରୁତ୍ୱ ଓ ପଠନର ଉପଯୋଗିତା। ସେଥିପାଇଁ ସାମାନ୍ୟ ସମୟ ପାଇବା ମାତ୍ରେ ହାତରେ ବହି ବା ପତ୍ରିକାଖଣ୍ଡେ ଧରି ବସିପଡୁଥିଲେ ଆଗ୍ରହରେ। ଭ୍ରମଣ ବେଳେ ସାଙ୍ଗରେ ନେଉଥିଲେ ବହି। ଅନେକଙ୍କ ପାଇଁ ବହି ଥିଲା ବଞ୍ଚିବାର ସଞ୍ଜିବନୀ। ଭଲ ବହିଟିଏ ପାଇଲେ ସେମାନେ ଭୁଲି ଯାଉଥିଲେ ଭୋକଶୋଷ। ମନୋରଞ୍ଜନ ତଥା ଜ୍ଞାନ ଆହରଣ ପାଇଁ ଏବେ ଯୁବପିଢ଼ିର ପ୍ରଥମ ପସନ୍ଦ ହୋଇଛି ଇଣ୍ଟରନେଟ୍। ମାତ୍ର ତା’ କେବେ ବହିର ବିକଳ୍ପ ନୁହେଁ। କାରଣ ବହିର କାଗଜପୃଷ୍ଠାରେ ଥାଏ ଏକ ଅଲଗା ଆବେଦନ। ନିଆରା ସମ୍ମୋହନ। ବର୍ଣ୍ଣାଡ ଶ’ କହନ୍ତି, ବହି ସର୍ବୋତ୍ତମ, ସହଜଲବ୍ଧ ଓ ଚିରସ୍ଥାୟୀ ଆନନ୍ଦବୋଧର ଉତ୍ସ। ଇଣ୍ଟରନେଟରୁ ତଥ୍ୟ ମିଳେ, କିନ୍ତୁ ତତ୍ତ୍ୱ ନୁହେଁ। ଇଣ୍ଟରନେଟରୁ ମିଳିପାରେ ରାମାୟଣ ସମ୍ପର୍କରେ ଅନେକ ତଥ୍ୟ। ମାତ୍ର ରାମଚନ୍ଦ୍ର କାହିଁକି ମର୍ଯ୍ୟାଦାପୁରୁଷ– ଏ ପ୍ରଶ୍ନର ଉତ୍ତର ନାହିଁ ଇଣ୍ଟରନେଟ ପାଖରେ। ଏହା କେବଳ ଜାଣିହେବ ସଦ୍‌ଗ୍ରନ୍ଥ ପ୍ରଣେତାମାନଙ୍କ ବିଚାର ଓ ମନନ ଅଧ୍ୟୟନ କରିବା ପରେ। ସେଥିପାଇଁ କୁହାଯାଏ ଜୀବନକୁ ଜାଣିବା ପାଇଁ, ଜଗତକୁ ବୁଝିବା ପାଇଁ ପୁସ୍ତକ ହିଁ ଜ୍ଞାନର ବତିଘର। ପୁସ୍ତକ ଅଧ୍ୟୟନ ଦ୍ୱାରା ଜିଜ୍ଞାସା ବଢ଼େ ଓ ଜାଗ୍ରତ ହୁଏ ଚେତନା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ପରିବାର ପାଇଁ ବହି ଏକ ଅମୂଲ୍ୟ ସମ୍ପଦ। ଯେଉଁ ପରିବାରରେ ବହି ନାହିଁ, ସେ ପରିବାର ଧନୀ ହେଲେ ବି ଉନ୍ନତ ନୁହେଁ। ସେ ଘର ଗୋଟେ ସୁରକ୍ଷା ଅଟ୍ଟାଳିକା ହୋଇପାରେ, ମାତ୍ର ତାହା ଗୋଟେ ଆତ୍ମା ବିହୀନ ଶରୀର ପରି। ଏହି ଦୃଷ୍ଟିରୁ ଯେଉଁ ଶିକ୍ଷିତ ଲୋକମାନେ ବହି ପଢ଼ନ୍ତି ନାହିଁ ଓ ସାମର୍ଥ୍ୟ ଥାଇ ବି ବହି କିଣନ୍ତି ନାହିଁ, ସେମାନେ ଅଶିକ୍ଷିତ ଲୋକଙ୍କ ସହ ସମାନ। କାରଣ ପଠନାଭ୍ୟାସ କମିଗଲେ ସଙ୍କୁଚିତ ହୋଇଯିବ ଆମ ଦୃଷ୍ଟିକୋଣ। ଆଉ ରହିବନି ଭାବବ୍ୟକ୍ତ କରିବାର ସାମର୍ଥ୍ୟ। ଲେଖକମାନେ ବି ଜାଣିରଖିବା ଦରକାର ଧାଡ଼ିଏ ଉପାଦେୟ ଲେଖା ଲେଖିବାକୁ ହେଲେ, ପଢ଼ିବାକୁ ହୁଏ ଗାଡ଼ିଏ ଲେଖା। ଅଧିକ ନ ପଢ଼ିଲେ ସ୍ଥାଣୁ ହୋଇଯିବ ଚିନ୍ତନ ପ୍ରକ୍ରିୟା। ଆଉ ରହିବନି ଲେଖକୀୟ ବର୍ଣ୍ଣନା ସହିତ ପାଠକୀୟ କଳ୍ପନାର ସମନ୍ୱୟ। ବହି କିଣି ନ ପଢ଼ିଲେ ସଙ୍କଟ ଭିତରକୁ ଠେଲି ହୋଇଯିବ ମୁଦ୍ରଣ ଶିଳ୍ପ। ଆଉ ରହିବନି ପୁସ୍ତକମେଳାର ଆଦର।

ବହିମେଳାର ଆଦର କମିବାର ଆଉ ଏକ ପ୍ରମୁଖ କାରଣ ହୋଇପାରେ ସାଙ୍ଗଠନିକ କ୍ଷେତ୍ରରେ ପତିଆରା ଲଢ଼େଇ। ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଫଳରେ ରାଜଧାନୀରେ ଏକାଧିକ ପୁସ୍ତକ ମେଳା ପରିବର୍ତ୍ତେ ଏକକ ମେଳା ‘ଅକ୍ଷର’ ଅନୁଷ୍ଠିତ ହେଉଛି ସତ, ହେଲେ ରାଜ୍ୟର ଅନ୍ୟାନ୍ୟ ସହରରେ ତୁଟୁନି ବିବାଦ। ଭଦ୍ରକ ଭଳି ଛୋଟ ଛୋଟ ସହରରେ ସ୍ୱଳ୍ପ ସମୟ ବ୍ୟବଧାନରେ ବାଦବୁଦିଆରେ ଅନୁଷ୍ଠିତ ହେଉଛି ଏକାଧିକ ପୁସ୍ତକ ମେଳା। ମେଳାରେ ବହି ବ୍ୟତୀତ ବୃଦ୍ଧିପାଉଛି ଅନ୍ୟାନ୍ୟ ଜିନିଷର ବିପଣୀ। ବୁଲାବିକାଳି ଓ ପେଁକାଳିବାଲାର ଶବ୍ଦ ସୃଷ୍ଟି କରୁଛି ବାଲିଯାତ୍ରାର ଭ୍ରମ। ଏହାଦ୍ୱାରା ନଷ୍ଟ ହେଉଛି ମେଳାର ମହତ୍ତ୍ୱ ଓ ପବିତ୍ରତା।

**ଅବସରପ୍ରାପ୍ତ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ,**
**ମୋ– ୬୩୭୧୬୪୨୪୬୪**

# ଚାକିରିଆ ଝିଅ ହଁ, ବୋହୂ ନା



ଅକ୍ଷୟ କୁମାର ମିଶ୍ର

ଯନ୍ତ୍ରଣା ଯେମିତି ଜୀବନର ଏକ ଅଂଶ, ସ୍ୱାର୍ଥପରତା ସେମିତି ମଣିଷର ପ୍ରବୃତ୍ତି ପାଲଟିଗଲାଣି। ଅଧିକାଂଶ ଲୋକ ନିଜକୁ ସୁହାଇଲା ପରି କଥା କହୁଛନ୍ତି, ନିଜର ସ୍ୱାର୍ଥ ସାଧନାର୍ଥେ ନିଷ୍ପତ୍ତି ଗ୍ରହଣ କରୁଛନ୍ତି। ଅନ୍ୟକୁ ଯାହା ଉପଦେଶ ଦେଉଛନ୍ତି ନିଜ କ୍ଷେତ୍ରରେ ତାହା ପାଳନ କରୁନାହାନ୍ତି। ସଭିଏଁ କହୁଛନ୍ତି ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ। ମହିଳା ସଶକ୍ତୀକରଣ ଓ ଦେଶର ପ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ନାରୀ ହେଲେ ସ୍ୱାବଲମ୍ବୀ ପରିବାରର ଦୁଃଖ ଯିବ ଅପସରି। ଏ ପ୍ରକାର ମତ ଅଥବା ଯୁକ୍ତି ଅକାଟ୍ୟ। ଦେଶର ମୋଟ ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ମହିଳା। ଅର୍ଦ୍ଧେକ ଲୋକ ଯଦି ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ରହିବେ ତେବେ ଦେଶ ଉଧେଇବା ସମ୍ଭବ ନୁହେଁ। ତଥାପି ବହୁ ଲୋକଙ୍କର ମତ ସମ୍ପୂର୍ଣ୍ଣ ସାଧୀନତା ନାରୀକୁ ସଂସ୍କାରୀ କରିପାରେନା। ଏହା ସୁଗୃହିଣୀ ହେବାର ପରିପନ୍ଥୀ। ଏମାନେ ଭୁଲିଯାଆନ୍ତି ନାରୀ ସୁଯୋଗ ପାଇଲେ ସେ ନିଜକୁ ଯୋଗ୍ୟା କରି ଗଢ଼ିପାରେ। ଅବଶ୍ୟ ବହୁ ଲୋକଙ୍କର ଦୃଷ୍ଟିଭଙ୍ଗୀ ବଦଳିଲାଣି। ସେମାନଙ୍କୁ ଶିକ୍ଷିତା କରିବା ଏବଂ ରୋଜଗାର କରିବା ନିମନ୍ତେ ସୁଯୋଗ ଦେଲେଣି। କିନ୍ତୁ ବିଡ଼ମ୍ବନା ହେଉଛି ଝିଅ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହୁଛି ବୋହୂ ପାଇଁ ତାହା ରହୁନାହିଁ। ପ୍ରତ୍ୟେକ ବାପା ମାଆ ଚାହୁଁଛନ୍ତି ଝିଅ ପାଠ ପଢୁ। ନିଜ ଗୋଡ଼ରେ ନିଜେ ଛିଡ଼ା ହେଉ। କିନ୍ତୁ ବୋହୂ ଚାକିରି ନ କରୁ। ସେ ବାହାରକୁ ଚାକିରି କରିବାକୁ ଗଲେ ଘର ସମ୍ଭାଳିବ କିଏ?

ଅବିବାହିତ ବେଳେ ଝିଅକୁ ବାପା ମାଆ ଭାଇଙ୍କ କଥା ମାନି ଚଳିବାକୁ ପଡ଼େ। ବିବାହ ପରେ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ କଥା ନ ମାନିଲେ ନିନ୍ଦା ଅପବାଦ ମୁଣ୍ଡାଇବାକୁ ହୁଏ। ଘର ଅଛି ବୋହୂକୁ ଚାକିରି କରିବାକୁ ଅନୁମତି ଦିଅନ୍ତି ନାହିଁ। ଏପରି କି ଅନେକ କ୍ଷେତ୍ରରେ ଚାକିରି ଛାଡ଼ିବା ପାଇଁ ଚାପ ଦିଅନ୍ତି। ଯଦି ପୁଅ ଚାକିରି କରିଥାଏ ତେବେ ଯୁକ୍ତି ଉଠେ ପୁଅ ବୋହୂ ଉଭୟ ଯଦି ଚାକିରି କରିବେ ତେବେ ଛୁଆର ଯତ୍ନ ନେବ କିଏ? ପୁଣି ଯଦି ଚାକିରି କରିବେ ତେବେ ଶିକ୍ଷକ କିମ୍ବା ବ୍ୟାଙ୍କ ଚାକିରି ହେଲେ ଚଳିବ। ଆଉ କିଛି ପରିବାର ଏମିତି କଥା କୁହନ୍ତି ଯେମିତି ‘ସାପ ମରିବ ବାଡି ଭାଙ୍ଗିବନି’ –ଯଦି ସବୁକିଛି ମ୍ୟାନେଜ କରିପାରିବେ ତେବେ କରନ୍ତୁ। ଅର୍ଥାତ୍ ଅଫିସ କାମ, ଘରର ସବୁ କାମ କରିବାକୁ ପଡ଼ିବ। ଅଫିସରୁ ଘରକୁ ଫେରିବା ଟିକିଏ ଡେରି ହୋଇଗଲେ ନାନାଦି କୈଫିୟତର ଉତ୍ତର ଦେବାକୁ ହେବ। ଉତ୍ତର ସନ୍ତୋଷଜନକ ହେଲେ ଭଲ, ନ ହେଲେ ସ୍ୱାମୀ ମନରେ ଅଯଥା ସନ୍ଦେହର ଦାନା ବାନ୍ଧିବ। ତା’ପରେ ଅଶାନ୍ତି, ପାରିବାରିକ କଳହ। ଶେଷରେ ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଯାଉଛି।

ଆମ ବିଚାର ସବୁବେଳେ ବଦଳି ଯାଉଛି। ଝିଅ ହୋଇଥିଲେ ଅଫିସରୁ ଫେରି ଘରେ ପାଦ ଦେଉ ନ ଦେଉଣୁ ମାଆ ବାପା କହିବେ –ଯାଆ ଗୋଡ଼ ହାତ ଧୋଇ ବିଶ୍ରାମ ନେବୁ। ବୋହୂ ହୋଇଥିଲେ ଲୁଗା ବଦଳୁ ନ ବଦଳୁ ଶ୍ୱଶୁର କହିବେ– ଟିକିଏ ଚା’ ପିଇବା ପାଇଁ କେତେବେଳଠୁ ଅପେକ୍ଷା କରିଛି। ଶାଶୁ କହିବେ ନାତି ଟୋକାଟା ସ୍କୁଲରୁ ଫେରି କିଛି ଖାଇନି। ତା’ ପାଇଁ ଜଳଖିଆ ପ୍ରସ୍ତୁତ କରିଦିଅ। ଆଉ ଟିକିଏ ପରେ ପୁଅ ଅଫିସରୁ ଫେରିବ। ତା’ ପାଇଁ କିଛି ପ୍ରସ୍ତୁତ କରି ରଖ। କେହି ଭାବନ୍ତି ନାହିଁ ତା’ର ବି ଦେହ ପା’ ଅଛି। ତାକୁ ବି ଥକା ଲାଗିବା ସ୍ୱାଭାବିକ। ତା’ର ମଧ୍ୟ ଟିକିଏ ବିଶ୍ରାମ ଲୋଡ଼ା। ଅଦ୍ଭୁତ ଏ ସମାଜ। ବିଚିତ୍ର ବିଚାର।



ଝିଅଟିଏ ଯେତେବେଳେ ବଧୂ ବେଶରେ ଅପରିଚିତ ମଣିଷ ମାନଙ୍କ ସହିତ ନୂତନ ଘର ସଂସାର କରିବା ପାଇଁ ପାଦ ବଢ଼ାଏ ସେତେବେଳେ ନିଜ ମାଆ ବାପା, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସାଙ୍ଗ ସାଥୀ ସଭିଏଁ ଶାଶୁ ଘରେ ଚଳିବାର ଆଦବ କାଇଦା ଶିଖାନ୍ତି। କେହି କେବେ ଶୁଣିଛନ୍ତି ଏହି ଗୁରୁମନ୍ତ୍ର ଦେବାବେଳେ କହୁଥିବା, ବାପ ଘରେ ଯେମିତି କହିବାର ଅଧିକାର ଥିଲା ସେଠାରେ ମଧ୍ୟ ସେ ସମାନ ଅଧିକାର ପାଇବ? ସ୍ୱାଧୀନତା ରହିବ କହିବାରେ, ମତ ବିନିମୟରେ, ଚାଲିଚଳନରେ, ବୁଲି ଯିବାରେ। ପରନ୍ତୁ ସଭିଏଁ କହନ୍ତି ମାପିଚୁପି ଚଳିବୁ। ଯିଏ ଯାହା କହୁ ସହିଯିବୁ। ବଡ଼ମାନଙ୍କ ଆଖିରେ ଆଖି ମିଶାଇ କଥା ହେବୁ ନାହିଁ। ଏ ଘର ଏବଂ ଘରର ଲୋକମାନେ ଏଣିକି ତୋ ପାଇଁ ପର। ଯେଉଁ ଘରକୁ ଯାଉଛୁ ସେ ଘର ତୋର। ସେଠାକାର ଲୋକମାନେ ତୋର ନିଜର। ଯେତେ ମାନି ନେଇପାରିବୁ ସେତେ ନିଜର କରିପାରିବୁ। ଆଦର ପାଇବୁ। ତେଣିକି ଶାଶୁ ଘରର ଇଚ୍ଛାର ଲଗାମଟା ଏମିତି ତା’ ବେକରେ ବନ୍ଧା ହୋଇଯାଏ ଯେ ନିଜ ମନର ଘୋଡ଼ାଟା ବଳେବଳେ ପୋଷା ବନିଯାଏ। ପିଞ୍ଜରା ଭିତରର ଶାରୀ ପାଲଟି ଯାଏ।

ଅବଶ୍ୟ ଆଜିକାଲି ବୋହୂ ଝିଅ ଉଚ୍ଚଶିକ୍ଷିତା ହୋଇ ଚାକିରି କଲେଣି। କିନ୍ତୁ ଦାୟିତ୍ୱ ଓ କର୍ତ୍ତବ୍ୟର ଲଢ଼େଇ ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି। କେବଳ ଚାକିରିଆ କ୍ଷେତ୍ରରେ ଏହି ସଂକଟ ଉପୁଜେ ନାହିଁ। ନାରୀଟିଏ ବାହାର କାର୍ଯ୍ୟରେ ମନ ବଳାଇଲେ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଯେଉଁ ପରିବାରରେ ପ୍ରଗତିଶୀଳ ଚିନ୍ତନ ଅଛି, ନାରୀ ପୁରୁଷ ମଧ୍ୟରେ ରକ୍ଷଣଶୀଳତାର ଲକ୍ଷ୍ମଣରେଖା ନାହିଁ ସେଠାରେ ଏହି ସମସ୍ୟା ହୁଏତ ଉପୁଜେ ନାହିଁ। କିନ୍ତୁ ବିଶେଷ କରି ମଧ୍ୟବିତ୍ତ ତଥା ନିମ୍ନ ମଧ୍ୟବିତ୍ତ ପରିବାରରେ ଏହି ଲିଙ୍ଗଗତ ବୈଷମ୍ୟ ଉତ୍କଟ। ଅପରପକ୍ଷେ ଆମ ଦେଶରେ ଯେଉଁମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅତ୍ୟନ୍ତ ଦୁର୍ବଳ ସେଠାରେ ନାରୀ ନିମନ୍ତେ ଏମିତି ପ୍ରତିବନ୍ଧକ ନ ଥାଏ। ରୋଜଗାର କରିବା ପାଇଁ ବାହାରକୁ ଗଲେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ। ନାରୀ ଓ ପୁରୁଷ ମଧ୍ୟରେ ସହଯୋଗ, ସଦ୍‌ଭାବନା ଓ ସଦାଚାର ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ନୁହେଁ କି?

ଆମ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ବାପାମାଆ ଓ ଝିଅ ଭିତରେ ଯେଉଁ ଆବେଗିକ ସମ୍ପର୍କ ଗଢ଼ି ଉଠେ ଶାଶୁ ଶ୍ୱଶୁର ଓ ବୋହୂ ମଧ୍ୟରେ ସେହି ଅବିକଳ ସମ୍ପର୍କର ସେତୁ ସର୍ଜନା ହେବା ଆବଶ୍ୟକ। ଉଭୟ ନାରୀ ଓ ପୁରୁଷର ସବୁଥିରେ ସହଭାଗିତା ସୁସ୍ଥ ପରିବାର ଗଠନରେ ସହାୟକ ହେବ, ଯାହା ସମାଜକୁ ଠିକ୍ ମାର୍ଗରେ ଆଗେଇ ନେବ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ,**
**ଓଷ୍ଟା, ମୋ–୭୦୦୮୦୭୩୫୯୯**

## ଏଇ ଭାରତରେ

ବାୟୁ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ଟେକ୍‌ନୋଲୋଜିର ବୈଦ୍ୟୁତିକ ଗାଡ଼ି ବଜାରକୁ ଆସୁଛି। ହେଲେ ଗାଡ଼ି ଚାଲିବା ସମୟରେ ବାୟୁକୁ ସ୍ୱଚ୍ଛ କଲା ଭଳି କାର୍ କଥା କେବେ ଶୁଣିଛନ୍ତି କି? ଏମିତିକା କାର୍ ନିର୍ମାଣ କରିଛନ୍ତି ଲକ୍ଷ୍ନୌର ୪ ଜଣ ସ୍କୁଲ ପିଲା। ବିରାଜ, ଗର୍ବିତ, ଶ୍ରେୟାଂଶ ଏବଂ ଆର୍ଯ୍ୟଭ ଏକ ବିଦ୍ୟୁତ୍‌ଚାଳିତ କାର୍ ନିର୍ମାଣ କରିଛନ୍ତି, ଯାହା ଚାଲିବାବେଳେ ୬ ଫୁଟ ପରିଧି ମଧ୍ୟରେ ବାହାରର ବାୟୁକୁ ସ୍ୱଚ୍ଛ କରିପାରୁଛି। ସେମାନେ କାର୍‌ରେ ଏକ ସ୍ୱତନ୍ତ୍ର ଟେକ୍‌ନୋଲୋଜି ଡଷ୍ଟ ଫିଲ୍‌ଟ୍ରେଶନ ସିଷ୍ଟମ ଖଞ୍ଜିଛନ୍ତି, ଯାହା ଏୟାର ପ୍ୟୁରିଫାୟର ଭାବେ କାମ କରୁଛି। ସେମାନେ ନିଜକୁ ‘ଫୋର୍ ଏଭର୍’ ଭାବେ ପରିଚୟ ସୃଷ୍ଟି କରିଛନ୍ତି। ସେମାନେ ୨୫୦ ଦିନର ପ୍ରୟାସରେ କାର୍ ନିର୍ମାଣରେ ସଫଳତା ପାଇଛନ୍ତି। ପିଲାମାନଙ୍କ ପରିବାର ଏଥପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି। ଉକ୍ତ କାର୍ ଘଣ୍ଟାକୁ ୭୦ରୁ ୯୦ କି.ମି. ଯାଇପାରିବ। ଏହା ପରୀକ୍ଷଣ ଓ ସ୍ୱୀକୃତି ଅପେକ୍ଷାରେ ରହିଛି। ଟେସ୍‌ଲା କମ୍ପାନୀ ଏବେ ଯେଉଁ ବୈଦ୍ୟୁତିକ କାର୍ ନିର୍ମାଣ କରିଛି ତାହାର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା ହୋଇପାରେ। କିନ୍ତୁ ଏମାନେ ତାହାଠାରୁ ଶସ୍ତା କାର୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଡିସେମ୍ବର ୧୯୯୭

- ସନ୍ଦିଗ୍ଧ ବୋମା ମାଡ଼କାରୀଙ୍କୁ ଦଣ୍ଡିତ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ସହଯୋଗ ନିମନ୍ତେ ଜାତିସଂଘ ସାଧାରଣ ସଭାରେ ଏକ ଚୁକ୍ତି ଅନୁମୋଦିତ।
- ମିଳିତ ସାମ୍ମୁଖ୍ୟ (ମଣିପୁର) ନେତା ତଥା ମଣିପୁର ରାଜ୍ୟ କଂଗ୍ରେସର ମୁଖ୍ୟ ଡବ୍ଲ୍ୟୁ. ନିପାମାଚା ସିଂଙ୍କ ନେତୃତ୍ୱରେ ୨୬ ଜଣିଆ ମନ୍ତ୍ରିମଣ୍ଡଳ ଗଠିତ।
- ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ଦଳର ଅନ୍ୟତମ ବଳିଷ୍ଠ ନେତା ନୀଳମଣି ରାଉତରାୟଙ୍କ ସକ୍ରିୟ ଦଳଗତ ରାଜନୀତିରୁ ଅବସର।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 3 |
| 1 | | 8 | 2 | | | | | 4 |
| 2 | | | | 1 | | | | |
| | | 5 | | 2 | | | | 8 |
| | | 1 | 8 | | | | 4 | |
| | | | 3 | | | | | |
| | | | 9 | 3 | | 4 | | 5 |
| | 3 | | | 6 | | | | |
| | 9 | | 4 | | 2 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 5 | 4 | 2 | 6 | 7 | 9 | 3 |
| 2 | 9 | 6 | 8 | 3 | 7 | 1 | 4 | 5 |
| 4 | 7 | 3 | 9 | 1 | 5 | 6 | 8 | 2 |
| 7 | 6 | 4 | 1 | 5 | 9 | 2 | 3 | 8 |
| 9 | 2 | 8 | 3 | 7 | 4 | 5 | 6 | 1 |
| 3 | 5 | 1 | 2 | 6 | 8 | 4 | 7 | 9 |
| 6 | 1 | 7 | 5 | 8 | 3 | 9 | 2 | 4 |
| 8 | 4 | 2 | 7 | 9 | 1 | 3 | 5 | 6 |
| 5 | 3 | 9 | 6 | 4 | 2 | 8 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି

ମହାଶୟ,

ଯାଜପୁର ଜିଲା ଧର୍ମଶାଳାରେ ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି ଚାଲିଛି। ହରିଶ୍ଚନ୍ଦ୍ର ଯୋଜନାରେ ଗରିବ ଲୋକଟିଙ୍କୁ ଶବ ସତ୍କାର ପାଇଁ ସହାୟତା ରାଶି ପ୍ରଦାନ କରାଯାଇଥାଏ। ଶବ ପ୍ରତି ଥିବା ସମ୍ମାନବୋଧକୁ ଆଧାର କରି ରାଜ୍ୟ ସରକାରଙ୍କର ଏହି ଯୋଜନା ଅତ୍ୟନ୍ତ ମାନବିକତାପୂର୍ଣ୍ଣ ନିଷ୍ପତ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଥାଏ। ହେଲେ ଧର୍ମଶାଳାର ଅଭୟପୁର ପଞ୍ଚାୟତ ଅନ୍ତର୍ଗତ ଅଚ୍ଚୁତପୁର ଗ୍ରାମରେ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ ଦେଖା ଯାଇଛି। ଏହି ଗ୍ରାମର ନିହାତି ଗରିବ ସ୍ୱର୍ଗତ ହରେକୃଷ୍ଣ ବରାଳଙ୍କ ପତ୍ନୀ ମାଳତୀ ବରାଳଙ୍କ ପରଲୋକ ହୋଇଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ପ୍ରଦାନ କରାଯାଉ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ଅନ୍ତ୍ୟୋଦୟ ଚାଉଳ ପାଉଥିବା ଏହି ଗରିବ ପରିବାରକୁ ହରିଶ୍ଚନ୍ଦ୍ର ଟଙ୍କା ପ୍ରଦାନ କରା ନ ଯିବା ଦୁର୍ଭାଗ୍ୟଜନକ। ଉକ୍ତ ଗରିବ ପରିବାର ସ୍ଥାନୀୟ କ୍ଷମତାଶାଳୀଙ୍କ ଆକ୍ରୋଶର ଶିକାର ହୋଇ ଆବାସ ଯୋଜନାରୁ ମଧ୍ୟ ବଞ୍ଚିତ ହୋଇଛି। ଏହା ଗରିବ କଲ୍ୟାଣ ଯୋଜନା ଲକ୍ଷ୍ୟ ବିରୋଧୀ ହୋଇଥିବାରୁ ଧର୍ମଶାଳା ବିଡିଓ ଏଥିନେଇ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

**–ରବି ବରାଳ, ଅଚ୍ୟୁତପୁର, ଅଭୟପୁର, ଧର୍ମଶାଳା, ଯାଜପୁର**

## ଚିରନ୍ତନୀ

ମଧୁମାସ ପରଶରେ ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ।
ବାସି ଫୁଲ ସମ କେତେ ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟିଟାନସ୍ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ


ନୀଳଗିରି ମେଡିକାଲରେ ଉତ୍ତେଜନା

**ନୀଳଗିରି, ୧୬।୧୨(ସ୍ୱ.ପ୍ର.)**

ବିଭିନ୍ନ ସମୟରେ ଚିକିତ୍ସାରେ ଅବହେଳା ଲାଗି ବିବାଦରେ ରହିଆସିଥିବା ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପୁଣି ଚର୍ଚ୍ଚାକୁ ଆସିଛି। ହାତ କଟିଯାଇଥିବା ଜଣେ ନାବାଳକଙ୍କୁ ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯିବାକୁ ନେଇ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ଉପସ୍ଥିତ ଶିଶୁ ବିଶେଷଜ୍ଞ କୁକୁର କାମୁଡ଼ା ଇଞ୍ଜେକ୍ସନ କିଛି ଖରାପ କରିବ ନାହିଁ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ନାବାଳକଙ୍କ ପରିବାର ଲୋକେ ଉକ୍ତ ଫାର୍ମାସିଷ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଉପଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାଉଁଶବଣିଆ ପଞ୍ଚାୟତ ଛୋଟକାନପୁର ଗ୍ରାମର ଗଣେଶ୍ୱର ସେଠୀଙ୍କ ୧୨ବର୍ଷର ପୁଅଙ୍କ ଗୁରୁବାର ରାତିରେ ହାତ କଟିଯାଇଥିଲା। ଶୁକ୍ରବାର ସକାଳେ ଗଣେଶ୍ୱର ନୀଳଗିରି ଉପଖଣ୍ଡ ହସ୍ପିଟାଲକୁ ଆସି ଟିକେଟ କାଟି ପୁଅଙ୍କୁ ଡାକ୍ତରଙ୍କୁ ଦେଖାଇଥିଲେ। ହେଲେ ଫାର୍ମାସିଷ୍ଟ ଜଣଙ୍କ ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଥିଲେ। ପରେ ଫାର୍ମାସିଷ୍ଟ ଆହୁରି ଦୁଇଟି ଇଞ୍ଜେକ୍ସନ ଦେବାର ଅଛି ବୋଲି କହିବାରୁ ଗଣେଶ୍ୱରଙ୍କ ସନ୍ଦେହ ହୋଇଥିଲା। ସେ ପଚାରିବାରୁ ପୁଅ ନେଇଥିବା ଇଞ୍ଜେକ୍ସନ କୁକୁର କାମୁଡ଼ା ପାଇଁ ବୋଲି ଜାଣିବାକୁ ପାଇଥିଲେ। ଟିଟାନସ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେବାକୁ ନେଇ ମେଡିକାଲର କିଛି ସ୍ୱାସ୍ଥ୍ୟ କର୍ମଚାରୀ ନିଜର ଭୁଲ ବୁଝି ତାଙ୍କଠାରୁ ପୁରୁଣା ପ୍ରେସ୍କ୍ରିପସ୍ନ ଛଡାଇ ନେଇ ନୂଆ ପ୍ରେସ୍କ୍ରିପ୍ସନ ଧରାଇ ଦେଇଥିଲେ। ଏହି ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ଡିଏଲ୍ ପାଇଁ ଅନ୍‌ଲାଇନରେ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ଲର୍ଣ୍ଣିଂ ଲାଇସେନ୍ସ (ଏଲ୍‌ଏଲ୍) ଏବଂ ଡ୍ରାଇଭିଂ ଲାଇସେନ୍ସ(ଡିଏଲ୍) ପାଇଁ ପରିବହନ ବିଭାଗ ଆଧାର ଇଣ୍ଟିଗ୍ରେଟେଡ୍ ଫେସ୍‌ଲେସ୍ ସେବା ଆରମ୍ଭ କରିବାକୁ ଯାଉଛି। ଏହି ବ୍ୟବସ୍ଥା ମାଧ୍ୟମରେ ଅନ୍‌ଲାଇନ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବ। ସେହିଭଳି ଆଗାମୀ ଦିନରେ ଆରଟିଓ ସମ୍ପର୍କିତ ମେଡିକାଲ ସାର୍ଟିଫିକେଟର ଅନ୍‌ଲାଇନ ଜେନେରେଟ୍‌କୁ ମଧ୍ୟ ବାଧ୍ୟତାମୂଳକ କରାଯିବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା କିମ୍ବା ମୋଟର ଯାନ ଅଧିନିୟମ ଅନୁଯାୟୀ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପାଇଁ ଯାଉଥିବା ୪୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ମେଡିକାଲ ସାର୍ଟିଫିକେଟ ବାଧ୍ୟତାମୂଳକ। ଡ୍ରାଇଭିଂ ଲାଇସେନ୍ସ କିମ୍ବା ଏହାର ନବୀକରଣ ପାଇଁ ଆବେଦନ କରୁଥିବା ବ୍ୟକ୍ତି ଡାକ୍ତରୀ ପ୍ରମାଣପତ୍ରକୁ ମାନୁଆଲ କରିବା ପରିବର୍ତ୍ତେ ୧(ଏ) ଫର୍ମରେ ଉପସ୍ଥାପନ କରିପାରିବେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜନଗହଳି ହ୍ରାସ କରିବାକୁ ଓଡ଼ିଶା ସରକାରଙ୍କ ୫-ଟି ନୀତି ଅନୁଯାୟୀ ଇଲେକ୍ଟ୍ରୋନିକ୍ ଭାବରେ ଫର୍ମ ୧(ଏ)ରେ ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସାରଥି ପୋର୍ଟାଲରେ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି। ଉକ୍ତ ପୋର୍ଟାଲରେ ପଞ୍ଜୀକୃତ ଡାକ୍ତରମାନେ ମେଡିକାଲ ସାର୍ଟିଫିକେଟ ସିଧାସଳଖ ଦେଇପାରିବେ। ଏମ୍‌ବିବିଏସ୍ ଡିଗ୍ରୀ କିମ୍ବା ତଦୂର୍ଦ୍ଧ୍ୱ ଥିବା କୌଣସି ଡାକ୍ତର ପୋର୍ଟାଲରେ ପଞ୍ଜୀକରଣ କରିପାରିବେ। ଡାକ୍ତରଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣା କରାଯାଇଛି। ଏହାଦ୍ୱାରା କେହି ନକଲି ଡାକ୍ତରୀ ପ୍ରମାଣପତ୍ର ଅପ୍‌ଲୋଡ୍ କରିପାରିବେ ନାହିଁ। ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ପୋର୍ଟାଲ ଉନ୍ନୋଚିତ ହୋଇଛି। ଲାଇସେନ୍ସ ଆବେଦନକାରୀ ବିନା ଅସୁବିଧାରେ ସିଧାସଳଖ ଡାକ୍ତରୀ ପ୍ରମାଣପତ୍ର ପାଇପାରିବେ। ଯେଉଁ ଡାକ୍ତରମାନେ ସ୍ୱେଚ୍ଛାକୃତ ଭାବେ ପୋର୍ଟାଲ ମାଧ୍ୟମରେ ମେଡିକାଲ ସାର୍ଟିଫିକେଟ୍ ଦେବାକୁ ଚାହିଁବେ ସେମାନଙ୍କୁ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରାଯିବ। ସେମାନଙ୍କୁ ସାରଥି ପୋର୍ଟାଲରେ ଆବେଦନକାରୀଙ୍କ ପ୍ରମାଣପତ୍ର ଇଲେକ୍ଟ୍ରୋନିକାଲ ଅପ୍‌ଲୋଡ କରିବାକୁ ପଡ଼ିବ।

# ଅନୁଭବଙ୍କ ବରବେଶ ଫଟୋକୁ ନେଇ ଚର୍ଚ୍ଚା

- ସୋସିଆଲ ମିଡିଆରେ ଭାଇରାଲ
- 'ଲଭ୍ ଇନ୍ ଲଣ୍ଡନ' ସିନେମାର ଏକ ଦୃଶ୍ୟ

**ବାରିପଦା ଅଫିସ, ୧୬।୧୨**

ଓଡ଼ିଆ ସିନେ ତାରକା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଏକ ବରବେଶ ଫଟୋ ଓ ଭିଡିଓକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହା ରିଲ୍ ନା ରିୟଲ ତାହାକୁ ନେଇ ଅନୁଭବ ଓ ବର୍ଷା ପ୍ରିୟଦର୍ଶିନୀଙ୍କ ଶୁଭେଚ୍ଛୁମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ବର୍ଷା-ଅନୁଭବ ବିବାଦ ଲାଗି ରହିଥିବା ବେଳେ ଏଭଳି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ତେବେ ଏହି ଫଟୋ ଓ ଭିଡିଓ ଓଡ଼ିଆ ଫିଲ୍ମ 'ଲଭ୍ ଇନ୍ ଲଣ୍ଡନ'ର ଦୃଶ୍ୟ। ଏହି ସିନେମାର ଏକ ଗୀତର କିଛି ଅଂଶ ସୁଟିଂ ବାରିପଦାରେ ଚାଲିଥିଲା। ବିବାହ ମଣ୍ଡପରେ ବାହାଘରର ସାଜସଜ୍ଜା ହୋଇଥିବା ବେଳେ ବନ୍ଧୁବାନ୍ଧବଙ୍କ ଗହଳି ଲାଗି ରହିଥିଲା। ସୁନ୍ଦର ସାଜସଜ୍ଜା ସହ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହାର ସୁଟିଂ କରାଯାଇଛି। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମୟୂରଭଞ୍ଜ ଜିଲା ଖୁଣ୍ଟା ଅଞ୍ଚଳର ତାପସ ସରଘରିଆ। କଳାର ସହର ବାରିପଦା ସ୍ଥିତ ରଘୁନାଥପୁର ଅଞ୍ଚଳରେ ଥିବା ସୁଭଦ୍ରା ବିବାହ ମଣ୍ଡପରେ ଏହି ଗୀତର ସୁଟିଂ କରାଯାଇଛି। ମୁଖ୍ୟ ଅଭିନେତା ଅନୁଭବ ମହାନ୍ତି, ନବାଗତା ଅଭିନେତ୍ରୀ ସୌମ୍ୟା, ପୁଷ୍ପା ପଣ୍ଡା ପ୍ରମୁଖ କଳାକାରମାନେ ଉପସ୍ଥିତ ଥିଲେ। ସୁଟିଂ ସେଟ୍‌ରେ ଫିଲ୍ମ ପ୍ରଯୋଜକ ଶୁଭେନ୍ଦୁ ସାହୁ, ସଞ୍ଜୀବ ଦ୍ୱିବେଦୀଙ୍କ ସହ ମୟୂରଭଞ୍ଜର ଅନେକ କଳାକାର ଓ ଟେକ୍ନିସିଆନ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।


ଭାଇରାଲ ହୋଇଥିବା ଅନୁଭବଙ୍କ ବରବେଶ ଫଟୋ।

# କଟକ-ପାରାଦୀପ: ୮ ଟ୍ରେନ୍ ଡିସେମ୍ବର ୧୭ରୁ ୨୬ ବାତିଲ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ପାରାଦୀପ ରେଳ ଷ୍ଟେଶନରେ ନିରାପତ୍ତା ସମ୍ପର୍କିତ କାର୍ଯ୍ୟ ଯୋଗୁ କଟକ-ପାରାଦୀପ ରେଳଷ୍ଟେଶନରେ ଡିସେମ୍ବର ୧୭ରୁ ୨୬ ତାରିଖ ଯାଏ ୮ଟି ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଆସନ୍ତା ୧୮ ଏବଂ ୨୫ ତାରିଖରେ ବିଶାଖାପାଟଣାରୁ ଛାଡ଼ିବାକୁ ଥିବା ୨୨୮୧୦ ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ ଏବଂ ଆସନ୍ତା ୧୯ ଓ ୨୬ ତାରିଖରେ ପାରାଦୀପରୁ ଛାଡ଼ିବାକୁ ଥିବା ୨୨୮୦୯ ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ ବାତିଲ ହେବ। ସେହିପରି ଉଭୟ ପାର୍ଶ୍ୱରୁ ଆସନ୍ତା ୧୭ରୁ ୨୬ ତାରିଖ ମଧ୍ୟରେ ୧୮୪୧୪/୧୮୪୧୩ ପୁରୀ-ପାରାଦୀପ-ପୁରୀ ଏକ୍ସପ୍ରେସ, ୦୮୪୪୫/୦୮୪୪୬ କଟକ-ପାରାଦୀପ-କଟକ ମେମୁ ଏବଂ ୦୮୪୦୭/୦୮୪୦୮ କଟକ-ପାରାଦୀପ-କଟକ ପାସେଞ୍ଜର ସ୍ପେଶାଲ ଟ୍ରେନ୍ ବାତିଲ ହେବ।

# ପାରାଦୀପ-ହରିଦାସପୁର ରେଳଲାଇନରେ ଯାତ୍ରୀବାହୀ ଟ୍ରେନ୍ ଚଳାଇବାକୁ ଦାବି


ରେଳ ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଦଳ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ପାରାଦୀପ-ହରିଦାସପୁର ରେଳଲାଇନରେ ପାସେଞ୍ଜର ଟ୍ରେନ୍ ଚଳାଇବାକୁ ବିଜେଡି ଦାବି କରିଛି। ଏ ନେଇ ଶୁକ୍ରବାର ବିଜୁ ଜନତା ସଂସଦୀୟ ଦଳର ଏକ ପ୍ରତିନିଧିମଣ୍ଡଳୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ କୁହାଯାଇଛି ଯେ ଗତ ୭୫ ବର୍ଷ ହେବ ରେଳ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରାଯାଇ ଆସିଛି। କେନ୍ଦ୍ରରେ ଥିବା ସରକାରମାନେ ରେଳ ସଂଯୋଗ ନେଇ ଉପଯୁକ୍ତ ଧ୍ୟାନ ଦେଇନାହାନ୍ତି। ଓଡ଼ିଶାରେ ହେଉଥିବା ବିଭିନ୍ନ ରେଳ ପ୍ରକଳ୍ପ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ୫୦ ପ୍ରତିଶତ ମୂଲ୍ୟ ସହ ମାଗଣାରେ ଜମି ଯୋଗାଇ ଦେଇଛନ୍ତି। ପାରାଦୀପ-ହରିଦାସପୁର ରେଳଲାଇନ ମାଲ ପରିବହନ ପାଇଁ ଖୋଲାଯାଇଛି। ଏ ପର୍ଯ୍ୟନ୍ତ ଏହି ରୁଟ୍‌ରେ ଯାତ୍ରୀ ପରିବହନ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏହି ରେଳଲାଇନ କେନ୍ଦ୍ରାପଡ଼ାକୁ ସଂଯୋଗ କରୁଛି। ଏଥିରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ହେଲେ କେନ୍ଦ୍ରାପଡ଼ା ଲୋକମାନେ ଉପକୃତ ହେବେ। ସ୍ୱାଧୀନତାର ୭୫ ବର୍ଷରେ ଏହି ରୁଟ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବାକୁ ସଂସଦୀୟ ଦଳ ଦାବି କରିଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ସୁଲତା ଦେଓ, ମମତା ମହାନ୍ତ, ସୁଜିତ କୁମାର, ଅରୂପ ପଟ୍ଟନାୟକ, ନିରଞ୍ଜନ ବିଶି ପ୍ରମୁଖ ରେଳମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ଉଷା ପାଢ଼ୀଙ୍କୁ ଦକ୍ଷତା ବିକାଶ ସହ ବାଣିଜ୍ୟ ଓ ପରିବହନ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ଉଷା ପାଢ଼ୀଙ୍କୁ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଆସନ୍ତା ବର୍ଷ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ରାଉରକେଲାକୁ ବିମାନ ସେବା ଆରମ୍ଭ ହେବ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସରକାର ଉଷାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କଠାରୁ ଅତିରିକ୍ତ ଦାୟିତ୍ୱ କାଢ଼ି ନିଆଯାଇଛି। ହେମନ୍ତ ଶର୍ମାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବରୁ ଅବ୍ୟାହତି ଦିଆଯାଇଛି। ତେବେ ଇପିକଲ୍ ଓ ଇଡ୍‌କୋ ଅଧ୍ୟକ୍ଷ ଭାବେ ସେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବିଷ୍ଣୁପଦ ସେଠୀଙ୍କଠାରୁ ବାଣିଜ୍ୟ ଓ ପରିବହନ ବିଭାଗ ଦାୟିତ୍ୱକୁ କାଢ଼ି ନିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଭୁବନେଶ୍ୱର ଅଫିସ୍ ପାଇଁ
ଷ୍ଟାଫ୍ ଆବଶ୍ୟକ
Graphic Designer - Business Executives
Office Assistant - Office Boy
Only interested candidates may apply
jobs2023bbsr@gmail.com
8249416516 (Whatsapp)

See Career Appointment on every Wednesday & Saturday

ଆବଶ୍ୟକ
ସୁପରଭାଇଜର – ୧ଗୋଟି: 12th ପାସ୍ / ITI Fitter / ଡିପ୍ଲୋମା। ଦରମା: 9,000.00.
ସେଲ୍ସ ଏକ୍‌ଜିକ୍ୟୁଟିଭ୍ – ୧ଗୋଟି: 12th ପାସ୍ ଓ ଏହାଠାରୁ ଅଧିକ। ଦରମା: 11,000.00.
ଟେକ୍ନିସିଆନ – ୭ଗୋଟି: ମାଟ୍ରିକ୍ ଫେଲ୍। ଦରମା: 8,000.00.
SAI KRUPA ENTERPRISERS
Plot No.: 2946/7055, Pandra, Rasulgarh, Bhubaneswar, Khordha, Odisha - 751010
Mob.: +91-7978571927 / 7013059010

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead market related needs of the company - Distributor and Agents.
- Competitive tracking and analysis to identify and pursue sales targets.
- Achieve sales targets to drive circulation.
Requirements:-
- 3 years frontline sales experience in print media.
Apply immediately to :
recruitment@dharitri.com
Attractive salary commensurate with experience

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
- 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
- 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ
ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ୨୦୨୩ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ ।

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | କେଜିପି ଡିଭି. ସୋମବାର | କେଜିପି ଡିପୋ ମଙ୍ଗଳବାର | ସିକେପି ଡିଭି. ବୁଧବାର | ଏଡିଏ ଡିଭି. ଗୁରୁବାର | ଆର୍‌ଏନ୍‌ସି ଡିଭି. ଶୁକ୍ରବାର |
| ଜାନୁୟାରୀ ୨୦୨୩ | ୦୯।୦୧।୨୦୨୩ | ୧୦।୦୧।୨୦୨୩ | ୦୪।୦୧।୨୦୨୩ | ୦୫।୦୧।୨୦୨୩ | ୦୬।୦୧।୨୦୨୩ |
| | ୧୬।୦୧।୨୦୨୩ | ୧୭।୦୧।୨୦୨୩ | ୧୧।୦୧।୨୦୨୩ | ୧୨।୦୧।୨୦୨୩ | ୧୩।୦୧।୨୦୨୩ |
| | ୨୩।୦୧।୨୦୨୩ | ୨୪।୦୧।୨୦୨୩ | ୧୮।୦୧।୨୦୨୩ | ୧୯।୦୧।୨୦୨୩ | ୨୦।୦୧।୨୦୨୩ |
| | ୩୦।୦୧।୨୦୨୩ | ୩୧।୦୧।୨୦୨୩ | ୨୫।୦୧।୨୦୨୩ | ୨୭।୦୧।୨୦୨୩ | ୨୭।୦୧।୨୦୨୩ |
| ଫେବୃୟାରୀ ୨୦୨୩ | ୦୬।୦୨।୨୦୨୩ | ୦୭।୦୨।୨୦୨୩ | ୦୧।୦୨।୨୦୨୩ | ୦୨।୦୨।୨୦୨୩ | ୦୩।୦୨।୨୦୨୩ |
| | ୧୩।୦୨।୨୦୨୩ | ୧୪।୦୨।୨୦୨୩ | ୦୮।୦୨।୨୦୨୩ | ୦୯।୦୨।୨୦୨୩ | ୧୦।୦୨।୨୦୨୩ |
| | ୨୦।୦୨।୨୦୨୩ | ୨୧।୦୨।୨୦୨୩ | ୧୫।୦୨।୨୦୨୩ | ୧୬।୦୨।୨୦୨୩ | ୧୭।୦୨।୨୦୨୩ |
| | ୨୭।୦୨।୨୦୨୩ | ୨୮।୦୨।୨୦୨୩ | ୨୨।୦୨।୨୦୨୩ | ୨୩।୦୨।୨୦୨୩ | ୨୪।୦୨।୨୦୨୩ |
| ମାର୍ଚ୍ଚ ୨୦୨୧ | ୦୬।୦୩।୨୦୨୩ | ୦୯।୦୩।୨୦୨୩ | ୦୧।୦୩।୨୦୨୩ | ୦୨।୦୩।୨୦୨୩ | ୦୩।୦୩।୨୦୨୩ |
| | ୧୩।୦୩।୨୦୨୩ | ୧୪।୦୩।୨୦୨୩ | ୦୯।୦୩।୨୦୨୩ | ୦୯।୦୩।୨୦୨୩ | ୧୦।୦୩।୨୦୨୩ |
| | ୨୦।୦୩।୨୦୨୩ | ୨୧।୦୩।୨୦୨୩ | ୧୫।୦୩।୨୦୨୩ | ୧୬।୦୩।୨୦୨୩ | ୧୭।୦୩।୨୦୨୩ |
| | ୨୭।୦୩।୨୦୨୩ | ୨୮।୦୩।୨୦୨୩ | ୨୨।୦୩।୨୦୨୩ | ୨୩।୦୩।୨୦୨୩ | ୨୪।୦୩।୨୦୨୩ |
| | – | ୩୦।୦୩।୨୦୨୩ | ୨୯।୦୩।୨୦୨୩ | ୩୦।୦୩।୨୦୨୩ | – |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.ireps.gov.in/e-Auction
(PR-912) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

TPCODL
TP CENTRAL ODISHA DISTRIBUTION LIMITED
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath, Bhubaneswar, Odisha 751022
NOTICE INVITING TENDER
NIT No: TPCODL/P&S/NIT/22-23/014
TP Central Odisha Distribution Limited invites open tender from eligible Bidders for the following:

| SL. No. | Tender Description | Tender Enquiry No | Tender Fee inclusive of GST (Rs.) * | EMD (Rs. Lakh)** | Last date and time of payment of Tender Fee |
|---|---|---|---|---|---|
| 1 | Supply & Installation of Furniture items at Fuse call center across TPCODL. | TPCODL/ P&S/ 1000000322/ 22-23 | 5,000/- | 0.50 | 23/12/2022, 17.00 Hrs. |
| 2 | Supply & Installation of Glow Sign Board with vinyl print & sun Board with vinyl Print at Fuse call center across TPCODL. | TPCODL/ P&S/ 1000000323/ 22-23 | 5,000/- | 0.50 | 23/12/2022, 17.00 Hrs. |
| 3 | Supply of Common Meter Reading Instrument with LPR | TPCODL/ P&S/ 1000000325/ 22-23 | 5,000/- | 0.50 | 23/12/2022, 17.00 Hrs. |
| 4 | CCTV Security Solution Implementation and Maintenance AT TPCODL,ODISHA | TPCODL/ P&S/ 1000000326/ 22-23 | 5,000/- | 0.50 | 23/12/2022, 17.00 Hrs. |
| 5 | SITC of 2No's UR+6 (D type Tower on both side of Daya river near Balakati Area | TPCODL/P&S/ 1000000324/2022-23 | 5,000/- | 1.00 | 23/12/2022, 17.00 Hrs |
| 6 | Hiring of Trainers for skill Development Centre(SDC) Tender shall be available on 20-12-22 | TPCODL/P&S/ 1000000327/2022-23 | 5,000/- | 0.50 | 28/12/2022, 17.00 Hrs |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website

OFFICE OF THE DIVISIONAL FOREST OFFICER, DHENKANAL DIVISION
Tele Fax No.: 0676-2226717, e-mail Id: dfo.dhenkanal@odisha.gov.in
SHORT TENDER NOTICE
Tender No. 13/2022-23 Date: 16.12.2022
No. MM-347: Divisional Forest Officer, Dhenkanal Division, Dhenkanal on behalf of Governor of Odisha invites sealed tender from reputed intending Dealer/Supplier having valid GSTIN and PAN Registration No. for supply of Tent house materials, material which includes Table, Chair, Utensil, Tent, Sound System etc. under EPA in various village in Dhenkanal Division during the year 2022-23. The tender papers with details of terms and conditions can be available in the Division Office, Dhenkanal on payment of Rs.1,000/- (One thousand) only in cash or account payee Bank Draft in favour of Divisional Forest Officer, Dhenkanal Division during office hours from 17.12.2022 to 26.12.2022. The tender paper can be submitted at the above mentioned address on or before 26th December, 2022 latest by 5.30 P.M. by Speed Post/Registered Post/ by Hand only. The tender will be opened in the office of the undersigned on 27th December, 2022 at 11.00 A.M.
Sd./- Divisional Forest Officer
Dhenkanal Division
OIPR-08037/11/0031/2223

OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR, AT: CHATRAPUR
Phone: 06811 263909 / E-mail: eephchpr@gmail.com
No. C-1957 CANCELLATION OF TENDER
Bid Identification No. 37/03/SPH(C)/2022-23 Dt.24.11.2022

| Sl. No. | Name of the Work |
|---|---|
| 1 | Construction of 2.0 lakh ltr. capacity RCC UGR for water supply to Padasahi and Dugudi of G.Udayagiri NAC under 15th CFC grant. |
| 2 | Construction of 2.0 lakh ltr. capacity RCC UGR for water supply to Kanbageri area Ward No.12 & 13 of G.Udayagiri NAC under 15th CFC grant. |
| 3 | Supplying, testing and commissioning of pump sets at Pada Sahi and Kanbageri UGR in G.Udayagiri NAC under 15th CFC grant. |
| 4 | Laying of 100mm dia DI K-7 Pipe line for improvement of water supply to Sankhasahi, Champasahi etc. in G.Udayagiri NAC under 15th CFC grant. |
| 5 | Improvement of water supply to Srirampada and Anwesha SC & ST Hostel area in G.Udayagiri NAC under 15th CFC grant. |
| 6 | Construction of road side drinking water public tap point in G.Udayagiri NAC under 15th CFC grant. |

The tender invited by this office for the above works vide Bid Identification No. 37/03/SPH(C)/2022-23 Dt.24.11.2022 is hereby cancelled due to some Technical Problems.
Sd./- Superintending Engineer
P.H. Division, Bhanjanagar at Chatrapur
OIPR-13172/11/0008/2223

OFFICE OF THE EXECUTIVE ENGINEER
P.H. DIVISION, KORAPUT
Tel/Fax: 06852-250740, e-mail: eephkrp@gmail.com
No.C-1958 GOVERNMENT OF ODISHA
"e" Procurement Notice
e-Procurement Notice for 2022-23
Bid Identification No. EE, P.H.KPT - 17 of 2022-23 Dt.12.12.2022
Name of work : Procurement of DI Pipes
Total No. of works : 1 (One Work)
Estimated Cost : Rs.24.61 lakh (Approx.)
Class of Contractor : Manufacturer
Period of Completion : 60 days

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Koraput | EE. P.H. KPT-17 of 2022-23 Dt.12.12.2022 | 1 (One) | 11.00 A.M. 20.12.2022 | 05.00 P.M. 30.12.2022 | 11.00 A.M. 31.12.2022 |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Chiranjibi Mahali)
Executive Engineer,
P.H. Division, Koraput
OIPR-13008/11/0025/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
CENTRAL (R&B) CIRCLE, BHUBANESWAR
Mail id: seccbbsr@gmail.com
E-Procurement Tender Call Notice No. 09 of 2022-23
No. 3547 (Estg.) Bhubaneswar the 7th December 2022
No. B-984: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for Three number of Road works and Two number Composite Building works to be received in online bidding, double cover system for construction work as detailed in https://tendersorissa.gov.in. The details of bid documents will be available in the above website from 5.00 P.M. of 19.12.2022 to 5.00 P.M. of 28.12.2022. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 29.12.2022 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Er. T.K. Panda
Chief Construction Engineer
OIPR-34156/11/0010/2223 Central (R&B) Circle, Bhubaneswar


ଦ୍ରୌପଦୀ ମୁର୍ମୁ

ବିଦାୟ ନେବାକୁ ଯାଉଛି ୨୦୨୨। ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ଏହି ବର୍ଷଟି ବେଶ୍ ଉତ୍ସାହ ଭରି ଦେଇଥିଲା। ମୟୂରଭଞ୍ଜ ମାଟିର ଝିଅ ରାଷ୍ଟ୍ରପତି ହେବା ଯେତିକି ସ୍ମରଣୀୟ ମୁହୂର୍ତ୍ତ ଥିଲା ଭଦ୍ରକ ଜିଲା ଧାମନଗର ଉପ ନିର୍ବାଚନ ସେତିକି ରୋମାଞ୍ଚକ ହୋଇପଡ଼ିଥିଲା। ହେଲେ ବର୍ଷ ସାରା ହାତୀ ମୃତ୍ୟୁକୁ ନେଇ ବନ ବିଭାଗ ବିବାଦୀୟ ହୋଇପଡ଼ିଥିଲା। ବିଧାୟକ ବିଷ୍ଣୁ ସେଠୀ ଓ ଗୀତିକାର ନିମାଇଁ ମହାନ୍ତିଙ୍କ ଦେହାନ୍ତ ଖବର ଶୋକ ଖେଳାଇ ଦେଇଥିଲା। ୨୦୨୨ର କେତେକ ଚର୍ଚ୍ଚିତ ଘଟଣାକୁ ନେଇ ପ୍ରତିବେଦନ...।

# ସର୍ବୋଚ୍ଚ ଆସନରେ ମୟୂରଭଞ୍ଜ ଝିଅ

୨୦୨୨ ମୟୂରଭଞ୍ଜ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପରେ ରାଇରଙ୍ଗପୁର ବଇଦାପୋଷି ସ୍ଥିତ ବାସଭବନ, କୁସୁମୀ ବ୍ଲକ ଉପରବେଡ଼ା ଜନ୍ମମାଟି ଓ ଶାଶୁ ଘର ପାହାଡ଼ପୁର ଗ୍ରାମ ସମେତ ଜିଲାରେ ଅଦିନିଆ ଦୀପାବଳିର ମାହୋଲ ସୃଷ୍ଟି ହୋଇଥିଲା। ଭାରତର ପ୍ରଥମ ଅନୁସୂଚିତ ଜନଜାତି ମହିଳା ଭାବେ ସେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବା ପରେ ସମଗ୍ର ଓଡ଼ିଶାବାସୀ ଖୁସି ମନାଇଥିଲେ। ପରବର୍ତ୍ତୀ ସମୟରେ ପାହାଡ଼ପୁର ସ୍ଥିତ ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରେ ୫-ଜି ସେବା ଆରମ୍ଭ କରାଯାଇଛି। ଯାହାକି ଓଡ଼ିଶାରେ ପ୍ରଥମ।



## ୮୨୨ ମିଟର ଉଚ୍ଚରେ କୁମ୍ଭୀର

ସମୁଦ୍ର ପତନଠାରୁ ୮୨୨ମିଟର ଉଚ୍ଚରେ ବିରଳ ପ୍ରଜାତିର କୁମ୍ଭୀର। ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବ ମଣ୍ଡଳର ଉପର ବାରିହାକାମୁଡ଼ା ରେଞ୍ଜରେ ଏହି କୁମ୍ଭୀର ରହୁଥିବା ଏବର୍ଷର ଚର୍ଚ୍ଚିତ ଖବର ଥିଲା। ଭାରତର ଅନ୍ୟ କୌଣସି ସ୍ଥାନର ଏତେ ଉଚ୍ଚ ସ୍ଥାନରେ କୁମ୍ଭୀର ଦେଖାଯାଇ ନ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହିଛନ୍ତି।

## ଚର୍ଚ୍ଚାରେ କ୍ୟାମେରାମ୍ୟାନ ମାନସ ହତ୍ୟାକାଣ୍ଡ

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା ଚଳିତବର୍ଷ ଚର୍ଚ୍ଚାରେ ରହିଥିଲା। ଫେବୃୟାରୀ ୭ରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପଳାସପୁର ଗ୍ରାମରେ ମାନସ ଏକ ବିବାହ ଉତ୍ସବ ଶୁଟିଂ ସାରି ନାଲଗୁଣ୍ଡା ଛକରେ ଅପେକ୍ଷା କରିଥିବା ବେଳେ ତାଙ୍କୁ ଅପହରଣ କରାଯାଇ ହତ୍ୟା ପରେ ମୃତଦେହ ନୟାଗଡ଼ରେ ପୋତି ଦିଆଯାଇଥିଲା। ମାର୍ଚ୍ଚ ୨୮ରେ ମୁଖ୍ୟ ଅଭିଯୁକ୍ତ 'ସମ୍ପୂର୍ଣ୍ଣା' ୱେବ ପୋର୍ଟାଲ ମାଲିକାଣୀ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀ ଝୁନା ଭୋଇଙ୍କୁ ଭଦ୍ରକ ନଳାଙ୍ଗ ନିକଟରୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ମୋଟ ୮ ଅଭିଯୁକ୍ତ ଗିରଫ ହୋଇଥିଲେ।

## ଧାମନଗରର ନୂଆ ବିଧାୟକ ସୂର୍ଯ୍ୟବଂଶୀ ସୂରଜ



ଚଳିତ ବର୍ଷ ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ହୋଇଥିଲା ଧାମନଗର ଉପନିର୍ବାଚନ। ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ପରଲୋକ ପରେ ନଭେମ୍ବର ୩ରେ ଉପନିର୍ବାଚନ ହୋଇଥିଲା। ୬ ତାରିଖରେ ଭୋଟ୍ ଗଣତି ହୋଇଥିଲା। ଭାଜପା ପ୍ରାର୍ଥୀ ତଥା ଦିବଂଗତ ବିଧାୟକ ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜ ବାଜିମାତ୍ କରିଥିଲେ।

## ମାରାଥନ ରୋଷେଇରେ ବିଶ୍ୱ ରେକର୍ଡ




କେନ୍ଦୁଝରର ବୋହୂ ବୁସରା ସଲିମ ଘଣ୍ଟାଧିକ କାଳ ରୋଷେଇ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ତାଙ୍କୁ ଇଣ୍ଟରନାଶନାଲ ବୁକ୍ ଅଫ ରେକର୍ଡ ପକ୍ଷରୁ ପଦକ ଓ ପ୍ରମାଣପତ୍ର ମିଳିଛି। ସେ ଦୀର୍ଘତମ ଘର ରୋଷେଇ ମାରାଥନରେ ଭାଗ ନେଇ ଏହି ଗୌରବ ହାସଲ କରିଥିଲେ। ୨୦୨୦ ଅକ୍ଟୋବର ୧୪ରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ୨୦୨୨ରେ ତାଙ୍କୁ ପ୍ରମାଣପତ୍ର ଓ ମେଡାଲ ମିଳିଥିଲା। ସେ ପ୍ରାୟ ୮୦ ଘଣ୍ଟା ୨୪ ମିନିଟ ୩୩ ସେକେଣ୍ଡ ସମୟ ନନ୍‌ଷ୍ଟପ ନିଜ ରୋଷେଇ ଘରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକାର ଜଣେ ବ୍ୟକ୍ତିଙ୍କ ନାମରେ ଥିଲା।

## ଟଙ୍କା ଛାପା କାଗଜ କାରଖାନା ଆଶା ବଢ଼ିଲା

ବାଲେଶ୍ୱର ଜିଲାରେ ଟଙ୍କା ଛାପା କାଗଜ କାରଖାନା ନିମନ୍ତେ ସବୁଜ ସଙ୍କେତ ମିଳିବା ପରେ ସମଗ୍ର ଜିଲାରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। ଜମି ସର୍ବେକ୍ଷଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ୩ଜଣିଆ ଟିମ୍ ଇଡ୍‌କୋ ଏବଂ ଜିଲା ପ୍ରଶାସନ ସହଯୋଗରେ ରେମୁଣା ବ୍ଲକ ପଦାବଡ଼ଗାଁ, ବାଉଁଶମୁହାଁ ଏବଂ ନରହରିପୁର ଅଞ୍ଚଳରେ ଥିବା ସରକାରୀ ଜମିକୁ ବୁଲି ଦେଖିଥିଲେ। ପୁନର୍ବାର ଗତ ଜୁଲାଇ ୧୨ତାରିଖରେ ଆର୍‌ବିଆଇର ଏକ ଟିମ୍ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ଜମି ସର୍ବେକ୍ଷଣ ପାଇଁ ପଦାବଡ଼ଗାଁ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ସେପ୍ଟେମ୍ବର ୬ତାରିଖରେ ୩ଜଣିଆ ଟିମ୍ ସହ ଇଡ୍‌କୋ, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଆର୍‌ଆଣ୍ଡବିର ମୁଖ୍ୟ ୮ଜଣିଆ ଟିମ୍ ପହଞ୍ଚି ରେମୁଣା ବ୍ଲକ ପଦାବଡ଼ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଆର୍‌ବିଆଇ ଟଙ୍କା ଛାପା କାଗଜ କାରଖାନାର ମୁଖ୍ୟ ମାନସ ମହାନ୍ତିଙ୍କ ସମେତ ଉଚ୍ଚ ଅଧିକାରୀଙ୍କ ଗସ୍ତ ପରେ ପଦାବଡ଼ଗାଁରେ ଏହି ପ୍ରକଳ୍ପ ହେବା ନେଇ ଆଶା ବଢ଼ିଛି।

## ଛାତିଥରା ଦୁର୍ଘଟଣା

### ବାଲେଶ୍ୱରରେ ୬, କେନ୍ଦୁଝରରେ ୭

ବାଲେଶ୍ୱର ଓ କେନ୍ଦୁଝର ଜିଲାରେ ଦୁଇଟି ଛାତିଥରା ଦୁର୍ଘଟଣା ଘଟି ୧୩ଜଣଙ୍କ ଜୀବନ ଯାଇଥିଲା। ଜାନୁୟାରୀ ୨୨ରେ ମୟୂରଭଞ୍ଜ ଜିଲା ଉଦଳାରୁ ଭୁବନେଶ୍ୱର ଯାଉଥିବା ଏକ ବସ୍ ବାଲେଶ୍ୱର ଜିଲା ସୋର ଥାନା ୧୬ନଂ. ଜାତୀୟ ରାଜପଥର ବିଦୁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି କେନ୍ଦୁଝର ଜିଲା ୨୨୦ନଂ. ଜାତୀୟ ରାଜପଥର ଡିଆନାଳି ବିଦ୍ୟୁତ୍ ଷ୍ଟ୍ରକଚର ନିକଟରେ ମେ' ୨ରେ ବାଇକ୍ ଧକ୍କାରେ ୩ ଓ ନଭେମ୍ବର ୩ରେ ସଦର ଥାନା ବଡ଼ପଶି ଗାଁ ନିକଟରେ ଦୁର୍ଘଟଣା ଘଟି ଘଟଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ନାଏକଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

## ନିର୍ବାଚନରେ ପରାଜୟ ଉଜାଡ଼ିଲା ସଂସାର

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତରେ ସ୍ୱାଧୀନ ସମିତିସଭ୍ୟ ପ୍ରାର୍ଥୀ ଭାବେ ବଡ଼ଅଗାପୁର ଗାଁର ରମାକାନ୍ତ ପରିଡ଼ାଙ୍କ ସ୍ତ୍ରୀ ସୁମତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିଲେ। ମାର୍ଚ୍ଚ ୧୪ରେ ବିଜୟୀ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଉଥିବା ବେଳେ ରମାକାନ୍ତଙ୍କୁ ଆକ୍ଷେପ କରିଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ ନିର୍ବାଚନରେ ପରାଜୟ ପାଇଁ ତାଙ୍କ ସଂସାର ଉଜୁଡ଼ିଗଲା। ସୁମତୀ ବିଷ ପିଇ ଦେଇଥିବା ବେଳେ ରମାକାନ୍ତ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।




## ହର ହର ଶମ୍ଭୁ...ଗାଇ ରାତାରାତି ଷ୍ଟାର

କେନ୍ଦୁଝର ବଡ଼ବିଲ ଅଞ୍ଚଳର ଜିତୁ ଓ ଅଭିଲିପ୍ସା ପାଶ୍ଚାତ୍ୟ (ୱେଷ୍ଟର୍ନ) ଶୈଳୀରେ ଶିବ ଭଜନ ଗାଇ ରାତାରାତି ପ୍ରସିଦ୍ଧ ହୋଇଥିଲେ। ୟୁଟ୍ୟୁବରେ ଉଭୟ ଗାଇଥିବା ଭଜନ ୩୨ ମିଲିୟନ ସବ୍‌ସ୍କ୍ରାଇବରଙ୍କ ପାଖରେ ପହଞ୍ଚିଥିଲା। ଏହା ଶିବଙ୍କ ସ୍ତୋତ୍ରକୁ ନେଇ ପ୍ରସ୍ତୁତ ହୋଇଥିଲା। ଉକ୍ତ ଭିଡିଓର ନାମ ହର ହର ଶମ୍ଭୁ ଶିବ ମହାଦେବ ...।

## ପରପାରିରେ...

### ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ



ସେପ୍ଟେମ୍ବର ୧୯ରେ ରାଜ୍ୟ ବିରୋଧୀ ଦଳ ଉପନେତା ତଥା ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ ବିଷ୍ଣୁ ଚରଣ ସେଠୀ(୬୧)ଙ୍କ ପରଲୋକ ହୋଇଥିଲା। ସେ କିଡ୍‌ନୀ, ମଧୁମେହ ଓ ଉଚ୍ଚ ରକ୍ତଚାପଜନିତ ରୋଗରେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ପୂର୍ବତନ ବିଧାୟକ ଗୋପନାରାୟଣ



ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସ(୭୪)ଙ୍କ ସେପ୍ଟେମ୍ବର ୧୪ରେ ପରଲୋକ ହୋଇଥିଲା। ଜଣେ କାଉନସିଲରରୁ ରାଜନୈତିକ ଜୀବନ ଆରମ୍ଭ କରି ୧୯୮୦ରୁ ୧୯୮୫ ସଦର ବ୍ଲକ ଚେୟାରମ୍ୟାନ ହୋଇଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସର ବିଧାୟକ ହୋଇଥିଲେ ଗୋପନାରାୟଣ।

### ଗୀତିକାର ନିମାଇଁ ମହାନ୍ତି



ବହୁ ଲୋକପ୍ରିୟ ଓଡ଼ିଆ ଗୀତର ରଚୟିତା, ଗାୟକ, ଲେଖକ ନିମାଇଁ ମହାନ୍ତି(୭୦)ଙ୍କର ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ୱାର୍ଡ ନଂ.୬ ପୁରୁଣା ହାଟସାହି ବାସଭବନରେ ନଭେମ୍ବର ୪ ତାରିଖରେ ପରଲୋକ ପରଲୋକ ଘଟିଛି। ୩୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଗୀତ ଲେଖି ସେ ଓଡ଼ିଶାରେ ବେଶ ପରିଚିତ ଥିଲେ।

## ହାତୀଙ୍କ ପାଇଁ କଳା ବର୍ଷ



୨୦୨୨ ହାତୀଙ୍କ ପାଇଁ ଥିଲା କଳା ବର୍ଷ। ଉତ୍ତର ଓଡ଼ିଶାରେ ୧୯ ହାତୀଙ୍କ ପ୍ରାଣହାନି ପ୍ରାଣୀପ୍ରେମୀଙ୍କୁ କରିଛି ବ୍ୟଥିତ। ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ, ବାଲେଶ୍ୱର ଜିଲା କୁଲଡିହା ଓ କେନ୍ଦୁଝର ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଛନ୍ତି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ପଶିଆସିଥିବା ହାତୀ। ଦନ୍ତା ଶିକାର ପରେ ପ୍ରମାଣ ଲୁଚାଇବା ପାଇଁ ମୃତଦେହ ପୋଡି ପ୍ରମାଣ ନଷ୍ଟ କରିବା ଘଟଣାରେ ୩ ବନ କର୍ମଚାରୀ ଜେଲ୍ ଯିବା ମୟୂରଭଞ୍ଜ ଜିଲାକୁ ଚର୍ଚ୍ଚାକୁ ଆଣିଥିଲା। ସେହିପରି ଜିଲାର କପ୍ତିପଦା ବନାଞ୍ଚଳ ଅଧୀନ ନଟୋ ସଂରକ୍ଷିତ ଜଙ୍ଗଲରୁ ଏକ ଛୁଆ ହାତୀ, ବାଙ୍ଗିରିପୋଷି ରେଞ୍ଜ ନାଫ୍ରି ଗ୍ରାମ୍ୟ ଜଙ୍ଗଲରୁ ହାତୀ ଶାବକର ମୃତଦେହ ଜବତ କରାଯାଇଥିଲା। ବେତନଟୀ ରେଞ୍ଜ ମଶିଣାକାଠି ସଂରକ୍ଷିତ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବନବିଭାଗ ଓ ରେଲୱେ ମଧ୍ୟରେ ସମନ୍ୱୟ ଅଭାବରୁ ମେ' ୧୯ରେ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କୁରୁଡ଼ି ଅଞ୍ଚଳରେ ଟ୍ରେନ ଧକ୍କାରେ ୩ ହାତୀଙ୍କ ଜୀବନ ଯାଇଥିଲା। ସେହିପରି ଜୁନ୍ ୧୧ରେ ଆନନ୍ଦପୁର ୱାଇଲ୍ଡଲାଇଫ୍ ଡିଭିଜନରେ ଏକ ଦନ୍ତା, ୨୫ରେ ତେଲକୋଇ ରେଞ୍ଜରେ ଏକ ମାଈ ହାତୀ, ଅଗଷ୍ଟ ୨୫ରେ ଚମ୍ପୁଆ ରେଞ୍ଜରେ ୨ ମାଈ ହାତୀ, ନଭେମ୍ବର ୭ରେ ତେଲକୋଇ ରେଞ୍ଜର ଏକ ମାଈ ଓ ଛୁଆ ହାତୀ ଏବଂ ଡିସେମ୍ବର ୧ରେ ଚମ୍ପୁଆରେ ଏକ ଦନ୍ତାର ମୃତ୍ୟୁ ହୋଇଥିଲା। ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ବର୍ଷକ ମଧ୍ୟରେ ୫ ହାତୀର ମୃତ୍ୟୁ ହେବା ଘଟଣା ବନବିଭାଗର ନିଦ ହଜାଇ ଦେଇଥିଲା। ବର୍ଷ ଆରମ୍ଭରୁ ଜାନୁଆରୀ ୧୫ରେ କୁଲଡ଼ିହା ଅଭୟାରଣ୍ୟ ଅଧୀନ ମଙ୍ଗଳପୁର ବିଟ୍ ହାତୀକୁଲିଆ ସେକ୍ସନ ଅଞ୍ଚଳରୁ ଏକ ମାଈ ହାତୀର ଗଳିତ ମୃତଦେହ ମିଳିଥିଲା। ସେହିପରି ମାର୍ଚ୍ଚ ୨୦ରେ ତେଣ୍ଡା ସଂରକ୍ଷିତ ଜଙ୍ଗଲ ଗୁହାଳିଆ ନିକଟରୁ ଏକ ମାଈ ହାତୀ, ଜୁଲାଇ ୧୮ରେ ନୀଳଗିରି ଉପଖଣ୍ଡ ନରଣପୁର ପଞ୍ଚାୟତ ବାରାଗଡ଼ିଆ ଗାଁର ପୁରସ୍ତମ ସିଂଙ୍କ ବାଡ଼ିରୁ ଏକ ଦନ୍ତା ହାତୀ, ଜୁଲାଇ ୨୭ରେ ଚେମଚଟା ଜଙ୍ଗଲରୁ ଏକ ହାତୀଛୁଆ, ଡିସେମ୍ବର ୧୦ରେ କୁଲଡ଼ିହା ଅଭୟାରଣ୍ୟ ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ସିଆଡ଼ିମାଳ ପଞ୍ଚାୟତ କଦମଶୋଳଠାରେ ଏକ ମାଈ ହାତୀର ମୃତଦେହ ଜବତ କରାଯାଇଥିଲା।



## ଗଳ୍ପ ସଂକଳନ 'ଜହ୍ନପା' ଉନ୍ମୋଚିତ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ): ରାଜ୍ୟ ପୁସ୍ତକମେଳାରେ କଥାଶିଳ୍ପୀ ବିଭୁ ହୋତାଙ୍କ ଗଳ୍ପ ସଂକଳନ ଜହ୍ନପା ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ପେନ୍ ଇନ୍ ବୁକ୍ସ ଷ୍ଟଲ ନଂ. ୯ ପରିସରରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ କଥାଶିଳ୍ପୀ ଅଧ୍ୟାପକ ବିଶ୍ୱରଞ୍ଜନ, ଅଜୟ ସ୍ୱାଇଁ ଓ ଅରବିନ୍ଦ ରାୟ ଅତିଥି ଭାବେ ଯୋଗଦେଇ ଗଳ୍ପ ସଂକଳନ ଏହି ପୁସ୍ତକ ଉପରେ ମତବ୍ୟକ୍ତ ରଖିଥିଲେ। ବିଭୁ ହୋତା ଲେଖକୀୟ ବକ୍ତବ୍ୟ ରଖିଥିବାବେଳେ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୱି ଫର୍ ୟୁ ସଙ୍ଗଠନ ପକ୍ଷରୁ ଚାରିଟେବୁଲ କର୍ପୋରେଟ୍ କ୍ରିକେଟ୍ ଲିଗ୍, ଇନ୍ଦିରା ମଇଦାନ, ସିଆର୍‌ପି ଛକ ଓ ଘାଟିକିଆ ମିନି ଷ୍ଟାଡିୟମ୍, ସକାଳ ୭ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ, ପାୱାର ହାଉସ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲର ୩୫ତମ ବାର୍ଷିକ କ୍ରୀଡ଼ା ମିଟ୍, ସ୍କୁଲ ପରିସର, ସକାଳ ୮ଟା ୩୦।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଜୟନ୍ତୀ, ପାୱାର ହାଉସ ଛକ, ସକାଳ ୯ଟା। ପୁସ୍ତକ ଉନ୍ମୋଚନ ଉତ୍ସବ, ଉତ୍କଳ ସମ୍ମିଳନୀ ଷ୍ଟଲ, ପୁସ୍ତକ ମେଳା, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସର୍ବୋଦୟ ସମ୍ମିଳନୀ, ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପସ, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ଏଏଓ ଏନ୍‌ଏକ୍ସଟି ପକ୍ଷରୁ ୱେବ ସିରିଜ 'ଆଛନି'ର ସ୍ପେଶାଲ ସ୍କ୍ରିନିଂ, ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୩ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର କାହ୍ନୁଚରଣ ମିଶ୍ର ଜନ୍ମଶତବାର୍ଷିକୀ ଅବସରରେ ସ୍ମାରକୀ ଓ ବକ୍ତୃତା ସମାରୋହ, ପୁସ୍ତକ ମହୋତ୍ସବର ଦ୍ୱିତୀୟ ମଞ୍ଚ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- ଓଡ଼ିଶା ଆର୍ଟ ଆଣ୍ଡ କ୍ରାଫ୍ଟ ଏକାଡେମୀ ପକ୍ଷରୁ କଳା ପ୍ରଦର୍ଶନୀ, ପ୍ଲଟ ନଂ. ୩୦୨, ନୀଳାଦ୍ରି ବିହାର, ଅପରାହ୍ନ ୪ଟା।
- ସେଣ୍ଟ ଜୋସେଫ ହାଇସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, ରାମମନ୍ଦିର ପାଖ, ଅପରାହ୍ନ ୫ଟା।
- ଅକ୍ଷର ପକ୍ଷରୁ ସାହିତ୍ୟ ଚର୍ଚ୍ଚା, ରାଜ୍ୟ ପୁସ୍ତକ ମହୋତ୍ସବ ମଞ୍ଚ, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ମୟୂରଭଞ୍ଜ ଛଉର ଜାତୀୟ ଉତ୍ସବ 'ନାଚ୍‌କି' ଉଦ୍‌ଯାପିତ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ହାବିଲଦାର ଆଣ୍ଡ୍ ସିପାହି ଆସୋସିଏଶନର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ଓଏସ୍‌ଏପି ୭ମ ବାଟାଲିୟନ ପଡ଼ିଆ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଶଟଲ୍ ସ୍ମାଶର୍ସ-୨୦୨୨, ୨୬୧ ପଞ୍ଚମୁଖୀ ବିହାର, ଅଟଳା, ପୂର୍ବାହ୍ନ ୧୦ଟା ୩୦।

# ହୋଟେଲ ମାଲିକଙ୍କୁ ଗୋଡ଼ାଇ ହାଣିଲେ

### ଦିନ ଦ୍ୱିପ୍ରହରରେ ଆତଙ୍କ

■ଆକ୍ରମଣକାରୀ ଯୁବକ ଅଟକ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)



ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦିନ ଦ୍ୱିପହରରେ ଜଣେ ହୋଟେଲ ମାଲିକଙ୍କୁ କଟୁରି ଧରି ଗୋଡାଇ ଗୋଡାଇ ହାଣିଲେ ଯୁବକ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯୁବକଙ୍କ କଟୁରି ଚୋଟରେ ରସୁଲଗଡର ବିମ୍ବାଧର ଓରଫ ବମ୍ବେ ଜେନା (୬୦)ଙ୍କ କାନ, ମୁଣ୍ଡ ଓ ଗାଲରେ ଗଭୀର ଆଘାତ ଲାଗିବାରୁ ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହୋଟେଲର ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିଛି। ଏଥିସହ ଏଭଳି କାଣ୍ଡ ଭିଆଇଥିବା ଉକ୍ତ ଅଞ୍ଚଳର ଯୁବକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପଟେ ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଏଭଳି ଘଟଣା ଘଟିବାକୁ ନେଇ ଅପରାଧୀମାନେ ପୋଲିସକୁ ନ ଡରିବା ସହ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉଭୟ ହୋଟେଲ ମାଲିକ ବିମ୍ବାଧର ଏବଂ ଅଟକ ଯୁବକଙ୍କ ପରିବାର ମଧ୍ୟରେ ହୋଟେଲର ପଛ ପାର୍ଶ୍ୱରେ ଥିବା ପ୍ଲଟକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଗତ ୪୪ ବର୍ଷ ଧରି ଉକ୍ତ ଜମିର ମାଲିକାନାକୁ ନେଇ ଉଭୟ ପରିବାର ଏକ ଆଇନଗତ ଲଢ଼େଇ କରୁଥିଲେ। ୨ ପରିବାରଙ୍କ ଉପସ୍ଥିତିରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ତର୍ଜମା କରାଯାଇଥିଲା। ତର୍ଜମା ପରେ ଜଣାପଡିଥିଲା ଯେ ଯୁବକଙ୍କ ପରିବାରର ସେଥିରେ କୌଣସି ଜାଗା ନାହିଁ। ଏ ନେଇ ୧୨ ଦିନ ପୂର୍ବରୁ ଓଡ଼ିଶା ହାଇକୋର୍ଟ ବିମ୍ବାଧରଙ୍କ ସପକ୍ଷରେ ଆଦେଶ ଦେବା ପରେ ଏହି ଜମି ଅଧିକାର କରିଥିଲେ। ଏହାସହ ଉକ୍ତ ଜାଗାରେ ଗଣ୍ଡଗୋଳ ଆଶଙ୍କା ଥିବାରୁ ୧୪୪ ଧାରା ଲାଗୁ କରାଯାଇଥିଲା। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକ ଶୁକ୍ରବାର ସକାଳେ ହୋଟେଲ ପଛ ପଟେ ବସିଥିବା ବିମ୍ବାଧରଙ୍କୁ ଅଚାନକ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ବିମ୍ବାଧରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

# ବିମାନ ବନ୍ଦର, ରେଳ ଷ୍ଟେଶନ ସୌନ୍ଦର୍ଯ୍ୟକରଣ ହେବ



ଅଧିକାରୀମାନେ ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରୁଛନ୍ତି।

### ହକି ବିଶ୍ୱକପ୍

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଘନଘନ ବୈଠକ ସାଙ୍ଗକୁ କ୍ଷେତ୍ର ପରିଦର୍ଶନରେ ବ୍ୟସ୍ତ ଅଧିକାରୀ। କେଉଁଠାରେ ପରିମଳ ତ ଆଉ କେଉଁଠାରେ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ ଦିଗ ଉପରେ ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଶୁକ୍ରବାର ବିଡିଏ, ବିଏମ୍‌ସି, ସ୍ପୋର୍ଟ୍ସ ବିଭାଗ ଏବଂ ପୋଲିସ ପ୍ରଶାସନର ଅଧିକାରୀମାନେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ। ଖେଳ ପାଇଁ ଦେଶ ବିଦେଶରୁ ପ୍ରଶଂସକଙ୍କ ସୁଅ ଛୁଟିବ। ବିମାନବନ୍ଦରରେ ଓହ୍ଲାଇବା ପରେ ଯେପରି ସେମାନଙ୍କୁ ଏକ ଭିନ୍ନ ଅଭିଜ୍ଞତା ହେବ ସେ ନେଇ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପୂରା ଅଞ୍ଚଳର ଉନ୍ନତିକରଣ ପାଇଁ ଆଲୋଚନା କରାଯାଇଥିଲା। ସେହିପରି ଅଧିକାରୀମାନେ ରେଳ ଷ୍ଟେଶନ ପରିଦର୍ଶନ କରି ସେଠାରେ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳ ଧାରଣା ହେଉ ଅବା ଷ୍ଟେଶନ କଡ଼ ଅଧିକାଂଶ ସମୟରେ ସେଠାରେ ପାନ ଛେପଠାରୁ ଆରମ୍ଭ କରି ଅଳିଆ ଆବର୍ଜନା ପଡ଼ିଥିବା ଦେଖାଯାଏ। ତେଣୁ ଏହାକୁ ସଫା କରିବା ସହ ଷ୍ଟେଶନ ପାଖରେ ଥିବା ଦୋକାନୀମାନେ କିପରି ସ୍ୱଚ୍ଛତା ବଜାୟ ରଖିବେ ସେ ନେଇ ଦୃଷ୍ଟି ଦିଆଯାଇଥିଲା। ନିଜ ଆଖପାଖ ୫ ମିଟର ପରିମିତ ଅଞ୍ଚଳକୁ ସଫା ରଖିବା, ବ୍ୟବସାୟ କରିବା ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା ଏବଂ ଉତ୍ତମମାନର ଖାଦ୍ୟ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ରେଳ ଷ୍ଟେଶନର ସୌନ୍ଦର୍ଯ୍ୟକରଣ ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।



## ପ୍ରଭୁଜୀରେ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ): ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲର ୩୫ତମ ଜାତୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ ଏବଂ କ୍ରୀଡା ବିଭାଗର ସହ-ସମ୍ପାଦକ ଶୈଳେନ୍ଦ୍ର କୁମାର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଗହଣରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଅଭୟ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମଙ୍କି ଦୌଡ ସହ ଅନ୍ୟ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦିକା ଡା. ବୀଣାପାଣି ରଥ, କମିଟି ସଦସ୍ୟା ବୀଣା ମହାପାତ୍ର, କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ଦୋକାନୀଙ୍କୁ ଅପହରଣ ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର,୧୬।୧୨ (ବ୍ୟୁରୋ)

ଜଣେ ଦୋକାନୀଙ୍କୁ ଅପହରଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପୁରୁଣା ଡାକଘର ପାଖ ଜେନା କଲୋନୀର ପ୍ରଦ୍ୟୁମ୍ନ ପ୍ରଧାନ (୩୪) ଓ ରୋଡଗୋଦାମର ସନ୍ତୋଷ ସାହୁ (୪୩)। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛନ୍ତି। ସୂଚନାନୁସାରେ ଅଭିଯୋଗକାରୀ ସୁଶାନ୍ତଙ୍କ ଏକ ଠେଲା ଜଳଖିଆ ଦୋକାନ ରହିଛି। ସେ କିଛିଦିନ ତଳେ କାମ ସାରି ଘରକୁ ଫେରୁଥିଲେ। ତେବେ ଏହି ସମୟରେ ଅଭିଯୁକ୍ତଦ୍ୱୟ ଏକ କାର୍‌ରେ ଆସି ସୁଶାନ୍ତଙ୍କ ସହ ଟଙ୍କା ଦେଣନେଣକୁ ନେଇ ପାଟିତୁଣ୍ଡ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟ ନେଇ ବଳପୂର୍ବକ ଏକ କାର୍‌ରେ ଅପହରଣ କରିନେଉଥିଲେ। କିନ୍ତୁ ସୁଶାନ୍ତ କୌଶଳକ୍ରମେ ସେମାନଙ୍କ ପାଖରୁ ଖସି ଆସି କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି।

# ମାନବ ଅଧିକାର ସଚେତନତା ସମ୍ପର୍କିତ ତର୍କ ପ୍ରତିଯୋଗିତା




■ଇଂଲିଶ୍‌ରେ ନୂଆପଡ଼ାର ଖେତ୍, ବାଲେଶ୍ୱରର ମହମ୍ମଦ ପ୍ରଥମ

■ଓଡ଼ିଆରେ ଜଗତ୍‌ସିଂହପୁରର ଆଶୁତୋଷ ପ୍ରଥମ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଓଡ଼ିଶା ପୋଲିସ ପକ୍ଷରୁ ପୋଲିସ ଭବନସ୍ଥିତ ସମ୍ମିଳନୀ କକ୍ଷରେ 'ମାନବ ଅଧିକାର ସଚେତନତା' ସମ୍ପର୍କିତ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମାନବାଧିକାର ସେଲ୍‌ର ସ୍ୱତନ୍ତ୍ର ଡିଜିପି ଏସ୍. ଏମ୍. ନର୍‌ବାଣେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ରେଞ୍ଜର ପୋଲିସ ବିଭାଗର ବିଭିନ୍ନ ର୍‍ୟାଙ୍କର ୨୯ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ୍ ଭାଷାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂଲିଶ୍ ବିଭାଗର ତର୍କ ପ୍ରତିଯୋଗିତାରେ ନୂଆପଡ଼ା ଜିଲାର ଖେତ ସରାଫ ଏବଂ ବାଲେଶ୍ୱର ଜିଲାର ମହମ୍ମଦ ମିଆଁ ଖାନ୍ ପ୍ରଥମ ହୋଇଥିବା ବେଳେ ଓଡ଼ିଆରେ ଜଗତ୍‌ସିଂହପୁର ଜିଲାର ଆଶୁତୋଷ ମହାନ୍ତି ପ୍ରଥମ ହୋଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୂର୍ବତନ ଡିଜିପି ଏମ୍. ଅକ୍ଷୟ, ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, କଟକର ପ୍ରଫେସର୍ ଡଲି ଜବାଲ୍ ଏବଂ ଅବସରପ୍ରାପ୍ତ ଏସ୍‌ପି ଡି. ପି. ତ୍ରିପାଠୀ ପ୍ରମୁଖ ବିଚାରକମଣ୍ଡଳି ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କାର ବିତରଣ କରିଥିଲେ। ସେହିଭଳି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ବି.କେ ପଟେଲ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ ବଂଶଲ୍ ଏବଂ ଓଡ଼ିଶା ମାନବ ଅଧିକାର ଆୟୋଗର ସ୍ୱତନ୍ତ୍ର ଡିଜିପି, ପ୍ରାଣବିନ୍ଦୁ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ମାନବ ଅଧିକାର ସେଲ୍‌ର ସ୍ୱତନ୍ତ୍ର ଡିଜିପି ଏସ୍. ଏମ୍. ନର୍‌ବାଣେ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ପ୍ରଣବଙ୍କ ସଙ୍ଗୀତକୁ ନେଇ 'ପ୍ରଣବାଶିଷ'

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

କିମ୍ବଦନ୍ତୀ ଗାୟକ ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତକୁ ନେଇ ସଂଭାବନା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସୂଚନା ଭବନଠାରେ 'ପ୍ରଣବାଶିଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଓ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ଯୋଗ ଦେଇଥିଲେ। ୩ଟି ବିଭାଗରେ ପ୍ରତିଯୋଗୀମାନେ ଭାଗନେଇ ପ୍ରଣବଙ୍କ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ ଶିଳ୍ପୀ ଅଧ୍ୟାପକ ନିମାକାନ୍ତ ରାଉତରାୟ, ହରପ୍ରିୟା ସ୍ୱାଇଁ ଓ ତବଲା ବାଦକ ଅଜୟ କୁମାର ଚୌଧୁରୀ ବିଚାରକ ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରାରମ୍ଭିକ ସୂଚନା ଓ ଟ୍ରଷ୍ଟି ସ୍ମୃତି ମହାନ୍ତି ପରିଚାଳନା କରିଥିବାବେଳେ ସତ୍ୟବ୍ରତ ମହାପାତ୍ର, ଛନ୍ଦା ମିଶ୍ର, ରାଜଶ୍ରୀ ଶତପଥି ଓ ପ୍ରଫୁଲ୍ଲ ଦେ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜାନୁଆରୀ ୧୯ରେ ପ୍ରଣବ ପଟ୍ଟନାୟକଙ୍କ ଜନ୍ମଦିନରେ ଆୟୋଜିତ 'ପ୍ରଣବ ପ୍ରଣାମ'ରେ ସମ୍ବର୍ଦ୍ଧିତ କରାଯିବ।

## ସାମନ୍ତ ଚନ୍ଦ୍ରଶେଖର ଓ ବାଇକୋଳି ମହାପାତ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ଖାରବେଳନଗରସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପରିସରରେ ଶୁକ୍ରବାର ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର (ପଠାଣୀ ସାମନ୍ତ)ଙ୍କର ୧୮୭ତମ ଜୟନ୍ତୀ ଏବଂ ଜ୍ୟୋତିଷ ବିଶାରଦ ବାଇକୋଳି ମହାପାତ୍ରଙ୍କ ୧୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରାୟଣ ନାୟକ ମଙ୍ଗଳାଚରଣ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଦଷଦର ଉପସଭାପତି ଡ. ଜୟଦେବ କର, ଉପଦେଷ୍ଟା ବିଷ୍ଣୁ ଚରଣାରବିନ୍ଦ ମହାନ୍ତି, ନାରାୟଣ ମିଶ୍ର ଓ ସମ୍ପାଦକ ନାରାୟଣ ମଲ୍ଲିକ ଯୋଗଦେଇଥିଲେ।

# ୱାର୍ଡ ନଂ. ୩୮ରେ ଡ୍ରୋନ୍ ସର୍ଭେ ଆରମ୍ଭ

ଭୁବନେଶ୍ୱର,୧୬।୧୨




ବିଏମ୍‌ସି ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୩୮ରେ ବୁଧବାର ଡ୍ରୋନ୍ ସର୍ଭେର ଶୁଭାରମ୍ଭ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୱାର୍ଡ ଅଫିସର ରବି ସାହୁ, ସିଇଓ ନିବେଦିତା, ଜାଗା ମିଶନର ଦେବ ମିଶ୍ରଙ୍କ ସମେତ ସମ୍ପୃକ୍ତ ୱାର୍ଡର ୬ଟି ସ୍ଲମ୍ ଡେଭଲପମେଣ୍ଟ କମିଟିର ସଦସ୍ୟ ଓ ସ୍ୱଚ୍ଛ ସାଥୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଡ୍ରୋନ ସର୍ଭେ କାର୍ଯ୍ୟକ୍ରମ ହୋଇଥିଲା। ଏପରିକି ଉକ୍ତ ସର୍ଭେକୁ ସଫଳ କରାଇବା ପାଇଁ ସେ ସମସ୍ତ ହିତାଧିକାରୀ ଓ ୱାର୍ଡବାସୀଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଏଭଳି ମହତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ଭୂୟସୀ ପ୍ରଶଂସା କରିବା ସହ ଉଭୟ ବିଏମ୍‌ସି ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

## ଶିଶୁ ଅନନ୍ତ କୃଷି ଉତ୍ପାଦକ ସଂଘ ଉଦ୍‌ଘାଟିତ

ବାଲିପାଟଣା,୧୬।୧୨(ଡି.ଏନ୍.ଏ.): ବାଲିପାଟଣାର ୪୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଦୁର୍ଗାମାଧବ କଲ୍ୟାଣମଣ୍ଡପ ପରିସରରେ ଶିଶୁ ଅନନ୍ତ କୃଷି ଉତ୍ପାଦକ ସଂଘର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ସବିତା ମିଶ୍ରଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅନିଲ କୁମାର ଯୋଗଦେଇ କହିଥିଲେ, କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ସରକାର ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟ କରୁଛନ୍ତି। ଚାଷୀ ଏଥିରୁ ଲାଭ ଉଠାଇବା ଆବଶ୍ୟକ। କୃଷକ ଉତ୍ପାଦନ କେନ୍ଦ୍ର ମାଧମରେ ଚାଷୀ ନିଜେ ଫସଲର ଉପଯୁକ୍ତ ପ୍ରାପ୍ୟ ପାଇପାରିବ। ଅତିଥିଭାବେ ଚେସ୍‌ର ନିର୍ଦ୍ଦେଶକ ଡ. ଗୋବିନ୍ଦ ଆଚାର୍ଯ୍ୟ, କୃଷି ବିଶ୍ୱବିଦ୍ୟାଳୟର ଛତୁ ବିଭାଗ ଅଧ୍ୟାପକ ଡ. ନିରଞ୍ଜନ ଚିନେରା, ପାରାଦୀପ ଫସ୍‌ଫେଟ୍‌ର ସତ୍ୟରଞ୍ଜନ ମେହେର, ଅନନ୍ୟା ଅନୁଷ୍ଠାନର ଦାମୋଦର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କୋକାନଟର ଡ. ସତ୍ୟ ନବଗଠିତ ଅନୁଷ୍ଠାନକୁ ୩୦୦ ଉନ୍ନତ ଉତ୍ପାଦନକ୍ଷମ ନଡ଼ିଆଗଛ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରସ୍ୱତୀ, ପାୟୋନିୟର, ଇଷ୍ଟ ଆଣ୍ଡ ୱେଷ୍ଟ, କଳ୍ପବୃକ୍ଷର ପ୍ରତିନିଧିମାନେ ପନିପରିବା, ଧାନ, ସୋରିଷ ଆଦି ଫସଲରେ କିପରି କମ୍ ଖର୍ଚ୍ଚରେ ଅଧିକ ଫସଲ ଉତ୍ପାଦିତ ହୋଇପାରିବ ତାହାର ଉପାୟ ବତାଇଥିଲେ। ଏହି ଅବସରରେ ବିଭିନ୍ନ ମହିଳା ସଙ୍ଗଠନ ଦ୍ୱାରା ପ୍ରସ୍ତୁତ ଧୂପକାଠି, ବଡ଼ି, ତେଲପିଠା, ମୁଢ଼ିମୁଆଁ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ସଭାପତି ରୋଜାଲିନ ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଚାଷୀଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। କାଳନ୍ଦୀ ବେହେରା ଧନ୍ୟବାଦ ଦେଇଥିଲେ।

# ବାଲିଆପଟା ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ରସୁଲଗଡ଼ର ନୂଆସାହି ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୧ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗରେ ମୋଟ ୨୪୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପଳାଶୁଣୀ ପଡ଼ିଆରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୧୮ନଂ ୱାର୍ଡର କର୍ପୋରେଟର ବିପ୍ଳବ ବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅନିଲ ବଳିୟାରସିଂ, ଗୋବିନ୍ଦ ଚନ୍ଦ୍ର ପରିଡା ଓ ଶୁଭାଶିଷ ନାୟକ ଯୋଗଦେଇ କୁନି କୁନି କ୍ରୀଡ଼ାବିତ୍‌ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଞ୍ଚେଶ୍ୱର ଥାନାର ଭାରପ୍ରାପ୍ତ ଅଧିକାରୀ ସୁଧୀର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିନୟ କୁମାର ଓ ଆର୍ତ୍ତତ୍ରାଣ ବାରିକ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅମରେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦିକା ମମତା ନାୟକ, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ନାଥ ଏବଂ ସଦସ୍ୟ ବିଜୟ ରାଉତରାୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ପ୍ରଧାନ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ଆଚାର୍ଯ୍ୟ ତ୍ରୈଲୋକ୍ୟନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ହରେକୃଷ୍ଣ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ଦୁଃସାହସିକ କଳା କୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜ୍ଞାନ ଆହରଣରେ ବୌଦ୍ଧିକ କମ୍ପ୍ୟୁଟିଂର ବ୍ୟବହାର ଅପରିହାର୍ଯ୍ୟ

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)




ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ।

ଭାରତ ସରକାରଙ୍କ ବିଜ୍ଞାନ ଓ ଯାନ୍ତ୍ରିକ ଗବେଷଣା ବୋର୍ଡ ଏବଂ ବିଶ୍ୱ ବ୍ୟାଙ୍କ-ଓଏଚ୍‌ଇପିଇଇର ଆର୍ଥିକ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆପ୍ଲିକେଶନ ବିଭାଗ ପକ୍ଷରୁ ଶୁକ୍ରବାର 'ବୌଦ୍ଧିକ କମ୍ପ୍ୟୁଟିଂରେ ଉଦ୍ଭାବନ ଓ ଯୋଗାଯୋଗ' ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉଦ୍‌ଘାଟନ କରି କହିଛନ୍ତି, ଜ୍ଞାନ ଆହରଣ କ୍ଷେତ୍ରରେ ବୌଦ୍ଧିକ କମ୍ପ୍ୟୁଟିଂର ବ୍ୟବହାର ଅପରିହାର୍ଯ୍ୟ। ପାରମ୍ପରିକ ଓ କୃତ୍ରିମ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଗମ କରିଛି ବୌଦ୍ଧିକ କମ୍ପ୍ୟୁଟିଂର ଉଦ୍ଭାବନ। ଏହା ଯୋଗାଯୋଗ କ୍ଷେତ୍ରରେ ସହଜ ହୋଇପାରିଛି। ଏହାର ବ୍ୟାପକତା ପାଇଁ ବୌଦ୍ଧିକ କମ୍ପ୍ୟୁଟିଂ ସମ୍ପର୍କିତ ପାଠ୍ୟକ୍ରମ ଶିକ୍ଷାନୁଷ୍ଠାନରେ ପ୍ରଚଳନ କରାଯିବା ଉଚିତ। ମୁଖ୍ୟବକ୍ତା ଭାବେ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ଅଧ୍ୟକ୍ଷ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ସଚିବ ମନୋଜ କୁମାର ମିଶ୍ର କମ୍ପ୍ୟୁଟର ଉଦ୍ଭାବନ ସମୟରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ କିଭଳି ପରିବର୍ତ୍ତନ ଅଣାଯାଇଛି ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟାପକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟିର ପ୍ରଫେସର ଗଣପତି ଯୋଗଦେଇ ବୌଦ୍ଧିକ କମ୍ପ୍ୟୁଟିଂର ଉଦ୍ଭାବନ ଦ୍ୱାରା ବୈଷୟିକ ଜ୍ଞାନ ଆହରଣ, ବିଜ୍ଞାନ ଭିତ୍ତିକ ତଥ୍ୟ ସଂଗ୍ରହ, ପରିସଂଖ୍ୟାନ ବିଶ୍ଳେଷଣରେ ବ୍ୟାପକ ଉନ୍ନତି ଆସିଛି ବୋଲି ପ୍ରକାଶ କରିଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ପ୍ରଫେସର ନିବେଦିତା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ଡ. ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗବେଷଣାତ୍ମକ ନିବନ୍ଧର ସଂକ୍ଷିପ୍ତ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ୨ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶବିଦେଶରୁ ୩୩ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହେବ। ଏଥିରେ ନୂଆଦିଲ୍ଲୀ ଆଇଆଇଟି ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦ୍‌ଗାତା, ବେଙ୍ଗାଲୁରୁ ଭରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ପ୍ରାଧ୍ୟାପକ ସରୋଜ କୁମାର ମେହେର ପ୍ରମୁଖ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

## କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

**ଖୁଣ୍ଟୁଣୀ,(ଡି.ଏନ.ଏ):** କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ସହିତ ମାଡ଼ ମାରି ମୋବାଇଲ ଫୋନ୍ ଛଡାଇନେବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁମାରପୁର ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ପଙ୍କଜ ଖିଲାର। ପୋଲିସ ସୂଚନା ମୁତାବକ, ସ୍ଥାନୀୟ ଯୁକ୍ତ ୩ କଳା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଜଣକ ଗୁରୁବାର ସାଇକେଲ୍‌ରେ ଘରୁ କଲେଜ ଆସୁଥିଲେ। ବାଟରେ ପଙ୍କଜ ତାଙ୍କୁ ଅଟକାଇ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଏନେଇ ସମ୍ପୃକ୍ତା ଛାତ୍ରୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୪/୨୨) ରୁଜୁ କରିଥିଲା।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର, ଶ୍ରମିକ ଗିରଫ

**କଟକ ସଦର,୧୬।୧୨(ଡି.ଏନ.ଏ.):** ୪୨ ମୌଜା ଥାନା ଅଞ୍ଚଳର ଏକ ଇଟା ଭାଟି ପରିସରରେ ଥିବା କୁଡ଼ିଆରେ ଜଣେ ଜନଜାତି ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଜନଜାତିର ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଇଟାଭାଟିର ଶ୍ରମିକ ରସ ସିଂ (୨୭)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ସମ୍ପୃକ୍ତ ଯୁବତୀଙ୍କୁ ଯୁବକ ଜଣକ ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୮୪/୨୨) ରୁଜୁ କରିଥିଲା। ଏଥିସହ କଟକ ବଡ ଡାକ୍ତରଖାନାରେ ସମ୍ପୃକ୍ତ ଯୁବତୀ ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଥିଲା।

### ଫୁଟ୍‌ବଲ ମ୍ୟାଚ୍, କଟକ ମହିଳା ଟିମ୍ ବିଜୟୀ

**ଚୌଦ୍ୱାର,୧୬।୧୨(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଓଟିଏମ୍ ଖେଳ ପଡିଆରେ ଗତ ୪ ତାରିଖରୁ ଚାଲିଥିବା ବଚନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ପ୍ରଦର୍ଶନୀ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ମହିଳା ଫୁଟ୍‌ବଲ ଟିମ୍ ଓ ନୀତା ଏକାଡେମୀ ଟିମ୍ ମଧ୍ୟରେ ଏହି ମ୍ୟାଚ୍ ହୋଇଥିଲା। ଏଥିରେ କଟକ ମହିଳା ଟିମ୍ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ନୀତା ଏକାଡ଼େମୀର ପ୍ରଭାତୀ ବାର୍ଲା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏମ୍‌ଆର୍‌ଏଫ୍ ଟାୟାରର ଚୌଦ୍ୱାର ଡିଷ୍ଟ୍ରିବ୍ୟୁଟର ସୁଶାନ୍ତ କୁମାର ଚୌଧୁରୀ ଓ ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁଙ୍କ ତରଫରୁ ପ୍ରତିଯୋଗିତାର ସମସ୍ତ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅତିଥି ଭାବେ ସିଡିଏର କାର୍ଯ୍ୟକାରୀ ସଭାପତି ଭକ୍ତ ବଲ୍ଲଭ ଦାସ, ନରେନ୍ଦ୍ର କୁମାର ସାହୁ, ନୀତା ଏକାଡେମୀ ଅଧ୍ୟକ୍ଷ ସୁବ୍ରତ ଦାସ, ସମ୍ପାଦକ ଅରୁଣ କୁମାର ପରିଜା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବ୍ୟବସାୟୀ ବିନୋଦ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ ।

### ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ କ୍ୟାରୋଲ ଉତ୍ସବ

**କଟକ ଅଫିସ, ୧୬।୧୨:** ଯିଶୁଙ୍କ ଧରାବତରଣ ଉପଲକ୍ଷେ ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ କ୍ୟାରୋଲ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସିସିଇବିର ସମ୍ପାଦକ ରବୀନ୍ଦ୍ର କୁମାର ଦାସ ଉଦ୍‌ଘାଟନୀ ପ୍ରାର୍ଥନା ଉତ୍ସର୍ଗ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ସାମଲ ସ୍ୱାଗତ ଭାଷଣ ଓ କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚର ପାଷ୍ଟର ରେଭ୍ . ଡ. ନିହାର କୁମାର ବର୍ଣ୍ଣନ ଈଶ୍ୱରୀୟ ବାର୍ତ୍ତା ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟ ଅତିଥ ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କ୍ୟାରୋଲ ଉତ୍ସବ ଏବଂ ସାଂସ୍କୃତିକ ଜୀବନଧାରା ଉପରେ ଆଲୋକପାତ କରିଥିଲେ। ଖ୍ରୀଷ୍ଟ କଲେଜ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୋନାଲି ପ୍ରିୟଦର୍ଶିନୀ ଓ ସ୍ୱାଗତିକା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଶୋକ ମହାପାତ୍ର, ପ୍ରତିଭା ଖୁଣ୍ଟିଆ, ଅବକାଶ ନାୟକ ଓ ସୁଶ୍ରୀ ସଙ୍ଗୀତା ପ୍ରହରାଜ ଉତ୍ସବ ପରିଚାଳନା କରିଥିବାବେଳେ ସୁମିତ୍ରା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ‘ମାଆଙ୍କ ବିନା ସମାଜର ଅଗ୍ରଗତି ଅସମ୍ଭବ’

କଟକ ଅଫିସ,୧୬।୧୨



ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ ଉଦ୍‌ଯାପନୀ ଦିବସରେ ଉପସ୍ଥିତି ଅତିଥିବୃନ୍ଦ।

### ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ ଉଦ୍‌ଯାପିତ

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଦୁଇଦିନିଆ ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ‘ୱିମେନ ଦ’ ଇଣ୍ଟିଗ୍ରାଲ ଏଜୁକେଟର’ ଶୀର୍ଷକ ଆଲୋଚନାଚକ୍ରରେ ସୋମା ରାୟ ଚୌଧୁରୀ ଯୋଗଦେଇ କହିଥିଲେ, ଭାରତରେ ଏବେ ଯେଉଁସବୁ ସମସ୍ୟା ଦେଖାଦେଇଛି ସେଥିରେ ସ୍ୱାଧୀନ ଚିନ୍ତାଧାରାର ଅଭାବ ବହୁ ଭାବେ ପରିଲକ୍ଷିତ ହେଉଛି। ଶ୍ରୀମାଙ୍କ ବାଣୀ ଅନୁଯାୟୀ ଅତି ମାନବୀୟ ଶକ୍ତିର ପରିପ୍ରକାଶ ପାଇଁ ମଣିଷର କ୍ରମାଗତ ପରିବର୍ତ୍ତନ ହୋଇଚାଲିଛି। ସମାଜକୁ ବଳିଷ୍ଠ କରିବାରେ ନାରୀଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅତିମାନବୀୟ ସତ୍ତାର ଉପସ୍ଥିତି ସବୁଠି ବିଦ୍ୟମାନ ରହିଛି। ତାହାକୁ ନିଜ ଭିତରେ ଆବିଷ୍କାର କରିବା ଦିଗରେ ମଣିଷ ଚେଷ୍ଟିତ ହେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ।

ସେହିପରି ଡ. ବିରଞ୍ଚି ନାରାୟଣ ମହାପାତ୍ର କହିଥିଲେ, ଜୀବଜଗତରେ ମାଆ ହିଁ ଶିକ୍ଷାଦାତା। ମାଆମାନେ ଯାହା ଶିଖିଥିବେ ତାହା ସନ୍ତାନମାନଙ୍କୁ ଶିଖାଉଛନ୍ତି। ତେଣୁ ମାଆମାନେ ଉଚ୍ଚତର ଚେତନାଯୁକ୍ତ ହେଲେ ତାଙ୍କ ଦ୍ୱାରା ବହୁ ମହାନ୍ କାର୍ଯ୍ୟ ସାଧିତ ହୋଇପାରିବ। ମାଆମାନଙ୍କ ନିକଟରେ ସେ ଶକ୍ତି ଅଛି ବୋଲି ଶ୍ରୀମା’ କହିଛନ୍ତି। ଝିଅମାନେ କେବେ ଦୁର୍ବଳ ନୁହନ୍ତି। ପ୍ରଚଳିତ ସମାଜ ପ୍ରଥା ଅନୁସାରେ ଆମେ ସେମାନଙ୍କୁ ଦୁର୍ବଳ କରିଦେଉଛୁ। ପିଲା ଜନ୍ମରୁ ଯେଉଁ ଗୁଣଗୁଡ଼ିକୁ ଶିଖିପାରିବେ ତାହା ସାରା ଜୀବନ ସେମାନଙ୍କ ସହ ରହିବ। ଶ୍ରୀମା’ଙ୍କ ବାଣୀଗୁଡ଼ିକ ଏ ଦିଗରେ ଅତ୍ୟନ୍ତ ପ୍ରାସଙ୍ଗିତ। ମାଆମାନଙ୍କ ବିନା ସମାଜର ଅଗ୍ରଗତି ଅସମ୍ଭବ। ଛଳାମୟୀ ରେଡ୍ଡି ସ୍ୱାଧୀନ ଶିକ୍ଷାଗତ ଯୋଗତ୍ୟ ପାଖରେ ପ୍ରତିଟି କାର୍ଯ୍ୟରେ ଈଶ୍ୱରଙ୍କ ଉପସ୍ଥିତି ଅନୁଭବ କରିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ବିଭା ବୈଷ୍ଣବ କହିଥିଲେ, ଯିଏ ଆମ ଭିତରେ ଅଛନ୍ତି ତାଙ୍କୁ ବାହାରେ ଖୋଜୁଛେ। ଶୈଳଜା କୁମାରୀ ଦେଓ ଏବଂ ଅଞ୍ଜଳି ତ୍ରିପାଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଗୀତାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ। ଅର୍ଗାନାଇଜିଂ ଚେୟାରପର୍ସନ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ, ସମ୍ପାଦିକା ବିଜୟିନୀ ମହାପାତ୍ର, ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଇ ଦିନବ୍ୟାପୀ ବିଭିନ୍ନ ପର୍ଯ୍ୟାୟରେ ବିଶିଷ୍ଟ ବକ୍ତାମାନେ ବହୁ ତାତ୍ତ୍ୱିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ମହିଳା ଯୋଗ ଦେଇଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ

ମଙ୍ଗୁଳି-ଜଗତପୁର, ୬।୧୨(ଡି.ଏନ୍.ଏ.)

### ବିଧାୟକଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ବିରୋଧ

ଓଡ଼ିଶାରେ ବିଧାୟକଙ୍କ ଦରମା ଦୁଇ ଗୁଣ ବୃଦ୍ଧି ପ୍ରସ୍ତାବକୁ ସିପିଆଇ(ଏମ୍) ପକ୍ଷରୁ ବିରୋଧ କରାଯାଇ ଶୁକ୍ରବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଉକ୍ତ ପ୍ରସ୍ତାବକୁ ଅନୁମୋଦନ ନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶୁତୋଷ ମିଶ୍ରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ଓଡ଼ିଶାର ଧାନ ଚାଷୀମାନଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ୨୯୦୦ ଟଙ୍କା କରିବା, ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିବା, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା, ସରକାରୀ ଦପ୍ତରରେ ଠିକାରେ କାମ କରୁଥିବା କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସରକାର ଅସମର୍ଥ ଥିବାବେଳେ ବିଧାୟକ ଦରମା ବୃଦ୍ଧି ପ୍ରସ୍ତାବ ଗୃହୀତ ହେଲେ ରାଜ୍ୟ ରାଜକୋଷକୁ ପ୍ରଭାବିତ କରିବ। ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କଟକ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାସ, କୃଷକ ନେତା ଉମ୍ବରୁଧର ସାହୁ, ରମେଶ ବେହେରା, ରଶ୍ମି ରଞ୍ଜନ ତ୍ରିପାଠୀ, ସୁରେନ୍ଦ୍ର ସାହୁ, ଶିବ ମହାରଣା, ଗଗନ ବିହାରୀ ସାହୁ, ମହେନ୍ଦ୍ର ଜେନା, ମହେନ୍ଦ୍ର ବେହେରା, ଚନ୍ଦ୍ରମୋହନ ମାଝୀ, ଗଙ୍ଗା ତିରିଆ ଓ ନାରୀନେତ୍ରୀ ମମତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରକ୍ ପଛରେ ପିଟିହେଲା କଣ୍ଟେନର, ଯାତାୟାତ ବାଧାପ୍ରାପ୍ତ

ମଙ୍ଗୁଳି-ଜଗତପୁର, ୧୬।୧୨(ଡି.ଏନ୍.ଏ.)



ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ହନୁମାନ ପେଟ୍ରୋଲ ପମ୍ପ ନିକଟ ତଥା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମୁଖରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରକ୍ ପଛରେ କଣ୍ଟେନର ପିଟି ହୋଇଯାଇଛି। ଫଳରେ କଣ୍ଟେନର ଚାଳକ ଗୁରୁତ୍ୱର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣା ପରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସୂଚନା ମୁତାବକ, କଣ୍ଟେନର(ନଂ.ଏନ୍‌ଏଲ୍୦୧ଏନ୍-୭୮୧୦)ଟି ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୫ରେ ଉକ୍ତ ରାସ୍ତାରେ ଯାଉଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ପଛରେ ଥିବା କଣ୍ଟେନର ସେଥିରେ ପିଟି ହୋଇଯାଇଥିଲା। କଣ୍ଟେନର ଚାଳକ ଗାଡିରେ ଚାପି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଣ୍ଟେନରକୁ ରାସ୍ତାରୁ ହଟାଇ ନିଜ ହେପାଜତକୁ ନେବାପରେ ଅପରାହ୍ନ ପ୍ରାୟ ସାଢେ ୧ଟାରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇ ଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଆଇନ ଦକ୍ଷତା ଅଶୋକଙ୍କୁ ସ୍ମରଣୀୟ କରି ରଖିବ



ହାଇକୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ମୃତିସଭାରେ ବିଚାରପତିଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧୬।୧୨

ଓଡ଼ିଶା ହାଇକୋର୍ଟବାର୍ ଆସୋସିଏଶନର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡ. ଅଶୋକ କୁମାର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଅଶୋକ ମହାପାତ୍ର ଆଇନଜୀବୀ ଭାବେ ଯେଉଁ ପଦଚିହ୍ନ ଛାଡ଼ିଯାଇଛନ୍ତି ତାହା ଯୁବ ଆଇନଜୀବୀଙ୍କ ପାଇଁ ଏକ ମାଇଲ ଖୁଣ୍ଟ ସଦୃଶ। ସମ୍ମାନିତ ଅତିଥି ଭାବେ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ଅଶୋକ ମହାପାତ୍ରଙ୍କ ଆଇନ ଦକ୍ଷତା ସହ ସାମାଜିକ କର୍ତ୍ତବ୍ୟ, ଓଡ଼ିଶା ଏବଂ ଓଡ଼ିଆଙ୍କ ଟେକ ପାଇଁ କାର୍ଯ୍ୟ ତାଙ୍କୁ ସ୍ମରଣୀୟ କରିରଖିବ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ବିଚାରପତି ଭି. ନରସିଂହ ଯୋଗଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି କାଳୀପ୍ରସନ୍ନ ମିଶ୍ର ଉପସ୍ଥିତ ରହି ଡ. ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଜଷ୍ଟିସ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ମୁରାହରି ଶ୍ରୀରମଣଙ୍କ ସମେତ ବରିଷ୍ଠ ଆଇନଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ମୃତି କମିଟି ସମ୍ପାଦକ ବିଜୟ କୁମାର ରଗଡ଼ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ମହାପାତ୍ରଙ୍କ ସ୍ମୃତିରେ ପ୍ରକାଶିତ ‘ଅଶୋକାୟନ’ ଉନ୍ମୋଚିତ ହୋଇଥିଲା। ମୁଟ୍‌କୋର୍ଟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଯୁବ ଆଇନଜୀବୀ ଓ କୃତୀ ଆଇନ ଛାତ୍ରଙ୍କୁ ପୁରସ୍କାର ଓ ବୃତ୍ତି ରାଶି ପ୍ରଦାନ କରାଯାଇଥିଲା। ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ସୌରଭ ଦାଶ ଓ ଶୁଭଶ୍ରୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁଭଶ୍ରୀ ଯଶସ୍ୱିନୀ ବେଦମନ୍ତ୍ର ପାଠ କରିଥିଲେ।

## ଘରେ ପଶି ବୃଦ୍ଧାଙ୍କୁ ବଳାତ୍କାର

କଟକ ଅଫିସ,୧୬।୧୨

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବକ୍ସିବଜାର ପେନ୍‌ସନ୍ ଲେନ୍ ଅଞ୍ଚଳର ଜଣେ ୬୦ ବର୍ଷିୟା ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ନେଇ ସ୍ଥାନୀୟ କର୍ପୋରେଟର ଏ. ଶ୍ରୀଦେବୀ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ୧୨ ତାରିଖ ସନ୍ଧ୍ୟାରେ ବୃଦ୍ଧା ଜଣକ ଘରେ ଏକୁଟିଆ ଥିବାବେଳେ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଖସି ପଳାଇ ଯାଇଥିଲେ। ଏ ସମ୍ପର୍କରେ ସେ ସ୍ଥାନୀୟ କର୍ପୋରେଟରଙ୍କୁ ଜଣାଇଥିଲେ। କର୍ପୋରେଟର ବୃଦ୍ଧାଙ୍କ ପାଇଁ ନିଜ ତରଫରୁ ମହିଳା ଥାନାର ଦ୍ୱାରସ୍ଥ ହୋଇ ତଦନ୍ତ ସହ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ପାଇଁ ନିବେଦନ କରିଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ ଅଫିସ, ୧୬।୧୨

ଯୋବ୍ରା କେନାଲ ରୋଡ଼ସ୍ଥିତ ଦୟାସାଗର ବିଦ୍ୟାମନ୍ଦିର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ରେଲୱେ ଖେଳପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜିଂ କମିଟି ସଭାପତି ପ୍ରତିଭା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଲୱେ ସେଟଲ୍‌ମେଣ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ସାହୁ, ପୂର୍ବତନ କର୍ପୋରେଟର ଜୟଦେବ ଜେନା, ସଚିବ ଡ. ବିପିନ ବିହାରୀ ଶତପଥୀ, ସଭ୍ୟା ଶିଳା କାନୁନ୍‌ଗୋ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସତ୍ୟପ୍ରିୟା ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲ। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଆଶାଲତା ବେହେରା, ସ୍ମୃତିରେଖା ଶତପଥୀ, ରୀତା ମିଶ୍ର, କେ. ଲାବଣ୍ୟା, ଭବାନୀ ସାମନ୍ତ, ରଶ୍ମି ଶୁକ୍ଳା, ଜ୍ୟୋତିର୍ମୟୀ ରାୟ ପ୍ରତିଯୋଗିତା ପରିଚାଳନାରେ ସହାୟତା କରିଥିଲେ।

## ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ କ୍ରୀଡ଼ା ସଚିବ

କଟକ ଅଫିସ,୧୬।୧୨

### ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତି

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୧୧ରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ଅନେକ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟର ଅଗ୍ରଗତି ସହ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଶୁକ୍ରବାର ଅପରାହ୍ନରେ କ୍ରୀଡା ସଚିବ ଆର୍. ଭିନିଲ୍ କ୍ରିଷ୍ଣା କଟକରେ ପହଞ୍ଚିଥିଲେ। ସେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ସୁରୁଖୁରୁରେ ଉକ୍ତ ଉତ୍ସବ ପାଳନ ସମ୍ପର୍କରେ କହିଥିଲେ। ପରେ ବାରବାଟୀ ଷ୍ଟାଡିୟମରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଏଥିସହ ଷ୍ଟାଡିୟମର ଏସି ବକ୍ସ ଓ ଗ୍ୟାଲେରିକୁ ଯାଇ ଦର୍ଶକଙ୍କ ବସିବା ବ୍ୟବସ୍ଥା ସମ୍ପର୍କରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବାରବାଟୀ ଷ୍ଟାଡିୟମ କ୍ଲବ୍ ହାଉସ୍ ସମ୍ମୁଖ ରାସ୍ତା ଦେଇ ବାହାରର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ଦାୟିତ୍ୱରେ ଥିବା ପରିଚାଳକ ଏକ ବ୍ଲୁପ୍ରିଣ୍ଟ ଜରିଆରେ ସମସ୍ତ କାର୍ଯ୍ୟକ୍ରମ ଓ ଭିଆଇପିମାନଙ୍କର ସୁରକ୍ଷିତ ଯାତାୟାତ ସମ୍ବନ୍ଧରେ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ତାଙ୍କ ସହ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପଓ୍ୱନ କଲ୍ୟାଣ ଓ କଟକ ଡିସିପି ପିନାକ ମିଶ୍ର ଉପସ୍ଥିତ ଥିଲେ ।


କ୍ରୀଡା ସଚିବ ଆର୍. ଭିନିଲ୍ କ୍ରିଷ୍ଣା ବାରବାଟୀ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

## ଜିଲା ରେକର୍ଡ ରୁମ୍‌ରେ ଅବ୍ୟବସ୍ଥା

# ପ୍ରମାଣିତ ନକଲ ପ୍ରଦାନରେ ଟାଳଟୁଳ ନୀତି

କଟକ ସଦର,୧୬।୧୨(ଡି.ଏନ.ଏ.)

ଗୁରୁତ୍ୱପୂର୍ଣ୍ଣ ନଥିର ପ୍ରମାଣିତ ନକଲ ପାଇବା ପାଇଁ କଟକ ଜିଲାର ଜନସାଧାରଣ ସବୁବେଳେ ଜିଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ ରୁମ୍ ଉପରେ ନିର୍ଭରଶୀଳ। ହେଲେ ଏବେ ଉକ୍ତ କାର୍ଯ୍ୟାଳୟରୁ ପ୍ରମାଣିତ ନକଲ ପାଇବାରେ ଅବ୍ୟବସ୍ଥା ଦେଖାଦେଇଛି। କର୍ମଚାରୀମାନଙ୍କ ଟାଳଟୁଳ ନୀତି ଯୋଗୁ ଆବେଦନ କରିବା ତାରିଖରୁ ୨/୩ ମାସ ପରେ ମଧ୍ୟ ନକଲ ମିଳି ପାରୁନାହିଁ। ବିଶେଷକରି ୧୯୩୦ ମସିହାର ଜମିପଟ୍ଟା ଏବଂ ୧୯୭୪ ପରର ବନ୍ଦୋବସ୍ତ ରେକର୍ଡ ଓ ପଟ୍ଟା ପାଇବା କଷ୍ଟକର ହୋଇପଡ଼ିଛି ବୋଲି କଟକ ସଦର ବ୍ଲକ ଅଧୀନ ବାରଦା ଗ୍ରାମରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଅରୁପ ଦତ୍ତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ରେକର୍ଡ ରୁମ୍ ନିକଟରେ ବୁଲୁଥିବା କେତେଜଣ ମଧ୍ୟସ୍ଥ ଗୋଟିଏ ଜମିପଟ୍ଟା ପାଇଁ ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ହତଗୁଞ୍ଜା ନେଇ ୩/୪ ଦିନରେ ନକଲ ଯୋଗାଡ କରିପାରୁଛନ୍ତି। ଅଥଚ ଜଣେ ସାଧାରଣ ବ୍ୟକ୍ତି ଜରୁରୀ ନକଲ ପାଇଁ ଫି’ ଦେଇ ଆବେଦନ କଲେ ମଧ୍ୟ କେହି ଶୁଣୁନାହାନ୍ତି। ନକଲ ପିଛା ସରକାରୀ ଦରଠାରୁ ୩ଗୁଣା ଅଧିକ ଟଙ୍କା ଦେବା ପରେ ପଟ୍ଟା କପି ମିଳିବା ସମ୍ଭବ ହେଉଛି। ତେଣୁ ଏହାର ତଦନ୍ତ କରାଗଲେ ସତ ଲୋକଲୋଚନକୁ ଆସିପାରିବ ବୋଲି ବୋଲି ଦତ୍ତ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଏହା ଉପରେ ତଦନ୍ତ କରିବେ ବୋଲି କହିଥିଲେ। ଏହାଛଡା ପୁରୁଣା ରେକର୍ଡକୁ ଡିଜିଟାଲ କରାଯାଉଥିବାରୁ ସମସ୍ୟା ଦେଖାଦେଇଛି ବୋଲି ସେ ସୂଚନା ଦେଇଛନ୍ତି।

# ‘ରାଜକିଶୋରଙ୍କ ଐତିହାସିକ ରାୟର ଗୁରୁତ୍ୱ ରହିଛି’

### ଜଷ୍ଟିସ ରାଜକିଶୋର ଦାସଙ୍କ ସ୍ମୃତିସଭା


କାର୍ଯ୍ୟକ୍ରମରେ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଉଛି।

**କଟକ ଅଫିସ, ୧୬।୧୨:** ଜଷ୍ଟିସ ରାଜକିଶୋର ଦାସଙ୍କ ସ୍ମୃତିସଭା କଟକ ଶତାବ୍ଦୀ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମକୁ ସଫଳ କରିବାରେ ରାଜକିଶୋର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଚାରପତି ଭାବେ ସେ ଯେଉଁ ଐତିହାସିକ ରାୟ ଦେଇଥିଲେ ତା’ର ଗୁରୁତ୍ୱ ଆଜି ବି ରହିଛି। ଏଣୁ ଦାସଙ୍କ ଭଳି ଜଣେ ବିଚକ୍ଷଣ ଆଇନଜ୍ଞ ତଥା ବ୍ୟକ୍ତିତ୍ୱଙ୍କ ସମ୍ମାନାର୍ଥେ ଓଡ଼ିଶା ହାଇକୋର୍ଟରେ ଏକ ଚେୟାର ପ୍ରତିଷ୍ଠା କରିବାକୁ ବିଚାରପତି ରଥ କହିଥିଲେ। ସେହିପରି ଡ. ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ମୂଲ୍ୟବୋଧର ଅବକ୍ଷୟକୁ ସୁଧାରିବା ପାଇଁ ଜଷ୍ଟିସ ଦାସଙ୍କ ଭଳି ବ୍ୟକ୍ତିଙ୍କର ବର୍ତ୍ତମାନ ବିଶେଷ ଆବଶ୍ୟକତା ରହିଛି। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ମହାନ୍ତିଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସାମାଜିକ କର୍ମୀ ଅନ୍ନପୂର୍ଣ୍ଣା ପତି, ଆଇନଜୀବୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ନାଟ୍ୟକାର ଇଂ. ଧନୁର୍ଦ୍ଧର ମିଶ୍ର, ଲେଖିକା ରୁମ୍‌ଝୁମ୍ ନାୟକ, ଖବରଦାତା ଲକ୍ଷ୍ମୀଧର ବେହେରାଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. ସୁଲୋଚନା ଦାସ ସ୍ୱାଗତ ଭାଷଣ, ସମ୍ପାଦକ ଡ. ସତ୍ୟ ରାୟ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ ଶଶିଭୂଷଣ ଦାସ ଧନ୍ୟବାଦ ଦେଇଥିଲେ।

# କଟକ ସାଂସ୍କୃତିକ ବୈଭବର ସମ୍ଭାର

କଟକ ଅଫିସ,୧୬।୧୨


ସାତସାହି କଟକ ନୃତ୍ୟୋତ୍ସବରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

### ସାତସାହି କଟକ ନୃତ୍ୟୋତ୍ସବ

ପ୍ରାଚୀନ କାଳରୁ ସଚେତନତା ମାଧ୍ୟମରେ ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧ ବିଶ୍ୱାସକୁ ଦୂର କରିବା ସହିତ ଶାନ୍ତି ସ୍ଥାପନା କରାଯାଉଛି। ସାଂସ୍କୃତିକ ଜାଗରଣ ମାଧ୍ୟମରେ ସଙ୍ଗଠିତ ପ୍ରଗତୀକୁ ଲୋକାଭିମୁଖୀ କରାଯାଇ ପାରିବ। କଟକ ସାଂସ୍କୃତିକ ବୈଭବର ସମ୍ଭାର ବୋଲି ଉପର ବାଲିଯାତ୍ରା ପଡିଆରେ ଚାଲିଥିବା ସାତସାହି କଟକ ନୃତ୍ୟୋତ୍ସବର ଶୁକ୍ରବାର ସପ୍ତମ ସନ୍ଧ୍ୟାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, କର୍ପୋରେଟର ପ୍ରଦୀପ ସାହୁ, ବିଜେଡି ନେତା ଧର୍ମେଶ ନାୟକ, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ କୁମାର ଜେନା ଯୋଗଦେଇଥିଲେ। ଉତ୍ସବରେ ଅନନ୍ୟା ଡ୍ୟାନ୍ସ ଏକାଡେମୀର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ଡା. ପ୍ରଦୀପ କୁମାର ମହାନ୍ତି, ଡା. ନିରୁପମା ଚୟନୀଙ୍କୁ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଇଂ. ସୋମନାଥ ପରିଡ଼ା, ଇଂ. ସଞ୍ଜୀବ କୁମାର ବେହେରାଙ୍କୁ ନିର୍ମାଣ ରତ୍ନ ସମ୍ମାନ,ଉଦ୍ୟୋଗୀ ଦୁଷ୍ମନ୍ତ କୁମାର ରଣା, ବିଜୟ କୁମାର ବେହେରାଙ୍କୁ ଶିଳ୍ପ ରତ୍ନ ସମ୍ମାନ, ଅମିତାଭ ମହାପାତ୍ରଙ୍କୁ ଆରକ୍ଷୀ ରତ୍ନ ସମ୍ମାନ ଓ ଅଭିନେତ୍ରୀ ପୁନମ ମିଶ୍ରଙ୍କୁ ସିନେ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଞ୍ଚରେ ବିଭିନ୍ନ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଦୀପେଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସ୍ନେହାଶିଷ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ: ପୁରୀରୁ ଯୁବକ ଗିରଫ

**ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.):** ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶୁକ୍ରବାର ଜଣେ ଯୁବକଙ୍କୁ ପୁରୀରୁ ଗିରଫ କରିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ପୋଡ଼ାମରି ଗ୍ରାମର ଲିପୁ ଜେନା(୨୫)। ତେବେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି। ସୂଚନା ମୁତାବକ, ବାଣପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୯ତାରିଖରେ ଅଭିଯୁକ୍ତ ଲିପୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭୦/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ଭଗବତୀଙ୍କୁ ଲାଗିହେଲା ଧନୁମୁଆଁ

**ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.):** ପବିତ୍ର ଧନୁସଂକ୍ରାନ୍ତି ଅବସରରେ ଶୁକ୍ରବାର ବାଣପୁରସ୍ଥିତ ମା' ଭଗବତୀଙ୍କୁ ଧନୁମୁଆଁ ଲାଗି ହୋଇଛି। ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବଲ୍ଲଭ ସାଥିରେ ଚାରୋଟି ଧନୁମୁଆଁ ନେଇ ପାଳିଆ ମାଳି ସେବକମାନେ ପରିଚ୍ଛା ସାମନ୍ତଙ୍କୁ ବଢ଼େଇବା ପରେ ମା'ଙ୍କ ଧୂପ ଓ ଆଳତି ନୀତି ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ ଓ ଭୋଗ ଲାଗିହୋଇ ଖେଚୁଡ଼ି ଡାଲି ଧୂପ ପରେ ଅନ୍ନ, ଡାଲି, ମହୁର, ଖିରି, ଏଣ୍ଡୁରି ଭୋଗ ହୋଇ ଦିବା ପହୁଡ଼ ପଡ଼ିଥିଲା। ଧନୁ ସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଏଣ୍ଡାଓମେଣ୍ଟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

### ମନ୍ଥର ଗତିରେ ରାସ୍ତା ନିର୍ମାଣ: ପ୍ରଦୂଷଣରେ ଲୋକେ ଅତିଷ୍ଠ

**ବୋଲଗଡ଼,୧୬।୧୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇଠାରୁ ସାଗରଗୁଆଁ ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାସ୍ତା ଉପରେ ପଡ଼ିଥିବା ପଥରଗୁଣ୍ଡ (ଡଷ୍ଟ) ଉଡ଼ି ପରିବେଶ ପ୍ରଦୂଷିତ ହେଉଛି। ଡଷ୍ଟ ଉପରେ ପାଣି ସିଞ୍ଚନ ନ ହେବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାର ନିର୍ମାଣକାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏଥିସହିତ ରାସ୍ତାଟି ପିଚୁ ହେବା ପର୍ଯ୍ୟନ୍ତ ପ୍ରତିଦିନ ପାଣି ସିଞ୍ଚନ କରାଯିବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।

### ଚକ୍ଷୁ ପରୀକ୍ଷା ଶିବିର

**କୃଷ୍ଣପ୍ରସାଦ,୧୬।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁନେତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ଏହି ଚକ୍ଷୁ ପରୀକ୍ଷା ଶିବିରରେ ୩୨ଟି ସ୍କୁଲର ୧୮୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଡା. ସନ୍ନ୍ୟାସୀ ନାୟକ, ଶୁଭ୍ରକାଳୀ ପରମ୍‌ଗୁରୁ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ବିଆର୍‌ସିସି ସତ୍ୟବ୍ରତ ସାହୁ, ସାନସୀମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ତରେଇ, ଶଙ୍କର୍ଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଇଓ, ଏବିଇଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସୁପାରିସ

**ଖୋର୍ଦ୍ଧା ଅଫିସ,୧୬।୧୨**

ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ସନ୍ଧ୍ୟାରାଣୀ ରାଉତ ଏବଂ ସହାୟକ ବ୍ଲକ ଶିକ୍ଷାଧିକାରୀ(ଏବିଇଓ) ଭରତ ଚନ୍ଦ୍ର ପ୍ରଧାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ଜିଲା ଶିକ୍ଷାଧିକାରୀ(ଡିଇଓ) ବିଶ୍ୱନାଥ ତରାଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ସୁପାରିସ୍ କରିଛନ୍ତି।

କନିଷ୍ଠ କିରାଣି ହିମାଂଶୁ ମୋହନ ପରିଡ଼ା ବିଇଓଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡିଇଓ ତରାଇ ଏହି ଅଭିଯୋଗର ତଦନ୍ତ କରି ଜିଲାପାଳଙ୍କୁ ଏକ ରିପୋର୍ଟ ଦାଖଲ କରିଥିଲେ। ହିମାଂଶୁଙ୍କ ବିରୋଧରେ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବିଇଓ ଏବଂ ଏବିଇଓଙ୍କ ବିରୋଧରେ ଚିଠି ନଂ.୨୧୦୪, ତା୨୦.୧୧.୨୨ରିଖରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ ସହ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ଅନ୍ୟପଟେ

**କନିଷ୍ଠ କିରାଣିଙ୍କୁ ମାସକରେ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ**

ବିଇଓ ଦେଇଥିବା ରିପୋର୍ଟ ଏବଂ ତଦନ୍ତ ରିପୋର୍ଟ ଅନୁସାରେ ନଭେମ୍ବର ୨୦ରେ କନିଷ୍ଠ କିରାଣି ହିମାଂଶୁଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ୩୦ ଦିନ ମଧ୍ୟରେ ନିଜ ଉପରେ ଥିବା ଅଭିଯୋଗର ସ୍ପଷ୍ଟୀକରଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଡିଇଓ ତରାଇ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଛନ୍ତି ଯେ, ହିମାଂଶୁ ବିଇଓ ରାଉତଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡିଇଓ ସେପ୍ଟେମ୍ବର ୧୫ରେ ଏହାର ତଦନ୍ତ କରିଥିଲେ। ଡିଇଓଙ୍କ ତଦନ୍ତ ରିପୋର୍ଟ ଅନୁସାରେ ହିମାଂଶୁ ବିଇଓଙ୍କ ବିନା ଅନୁମୋଦନରେ ମେଡିକାଲ ଗ୍ରାଉଣ୍ଡ ଦେଖାଇ ଜୁଲାଇ ୫ରୁ ୩୧ ପର୍ଯ୍ୟନ୍ତ ଛୁଟି ପାଇଁ ଆବେଦନ କରିଥିଲେ। ବିଧାନସଭା ଚାଲିଥିବାରୁ ବିଇଓ ଛୁଟି ମଞ୍ଜୁର କରି ନ ଥିଲେ। ଏହାସତ୍ତ୍ୱେ ହିମାଂଶୁ ଛୁଟିରେ ରହିଥିଲେ। ଆହୁରି ମଧ୍ୟ ଜିଲା ଚିକିତ୍ସାଳୟର ଏକ ଓପିଡି ପ୍ରେସ୍‌କ୍ରିପ୍‌ସନ ମାଧ୍ୟମରେ ଅଗଷ୍ଟ ୧ରୁ ୩୧ ପର୍ଯ୍ୟନ୍ତ ଛୁଟି ସମ୍ପ୍ରସାରଣ ପାଇଁ ବିଇଓଙ୍କ ମୋବାଇଲ ହ୍ୱାଟ୍‌ସଆପ୍‌ରେ ଆବେଦନ କରିଥିଲେ। ସରକାରୀ କାର୍ଯ୍ୟ ଲାଗି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ, ନଥିପତ୍ର ହସ୍ତାନ୍ତର ପାଇଁ ବିଇଓଙ୍କୁ ବାରମ୍ବାର ଚିଠି ସତ୍ତ୍ୱେ ସେ ନଥିପତ୍ର ହସ୍ତାନ୍ତର କରି ନ ଥିଲେ। ଦ୍ୱିତୀୟତଃ ହିମାଂଶୁ ସେବା ପୁସ୍ତିକା ଖୋଲିବା ଉଦ୍ଦେଶ୍ୟରେ ୧୫ ଜଣ ନୂତନ ନିୟମିତ ଶିକ୍ଷକଙ୍କଠାରୁ ୬ ହଜାର ଟଙ୍କା ସଂଗ୍ରହ କରିଥିଲେ। ଏବିଇଓ ପ୍ରଧାନ ୩ ହଜାର ଟଙ୍କା ମିଶାଇ କାର୍ଯ୍ୟାଳୟ ପାଇଁ ହଣ୍ଡା, ହାଣ୍ଡି ଆଦି ରନ୍ଧନ ସାମଗ୍ରୀ କିଣାଯାଇଥିବା ଏବଂ ଏସବୁ ବିଇଓଙ୍କ ଅଗୋଚରରେ କରାଯାଇଥିବା ତଦନ୍ତ ବେଳେ ଏବିଇଓ ସ୍ୱୀକାର କରିଥିଲେ।

ସୂଚନାଥାଉ କି, ଖୋର୍ଦ୍ଧା ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକ ବଦଳି, ଡେପୁଟେଶନ, ପେନ୍‌ସନ ବାବଦ କାଗଜପତ୍ର କରାଇବା ପାଇଁ ଟଙ୍କା ଲାଞ୍ଚ ମଗାଯାଉଥିବା ନେଇ ନଭେମ୍ବର ୧୮ରେ 'ଧରିତ୍ରୀ'ରେ କର୍ମଚାରୀ ଲାଞ୍ଚ ମାଗୁଥିବା ଅଭିଯୋଗ ପ୍ରକାଶ ପାଇଥିଲା। ଅଭିଯୋଗ ଅନୁଯାୟୀ, ପାନବରଜସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ବକେୟା ଅର୍ଥ ପାଇବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଦିଆଯିବା ପରେ କାର୍ଯ୍ୟକାରୀ କରାଯାଇଥିଲା। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ପ୍ରଦୀପ ନଭେମ୍ବର ୧୧ରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅନେକ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପେନ୍‌ସନ ବାବଦ କାଗଜପତ୍ର ସମୟରେ ନାହିଁ ନ ଥିବା ହଇରାଣ କରାଯାଉଛି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ବହୁ ଗୁମର ପଦାକୁ ଆସିବ ବୋଲି ପ୍ରଦୀପ କହିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

**ଜଟଣୀ,୧୬।୧୨(ଡି.ଏନ୍.ଏ.)**

ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ଜଟଣୀ ପୌରାଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବାପୁଜୀ ସିଏଲପି କଲୋନୀ, ଧାରାବତୀ ସିଏଲପି କଲୋନୀ ସହିତ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଛରା ଗ୍ରାମ ସୁଶୀଳାଦେବୀ ପ୍ରଗତି ବିଦ୍ୟାପୀଠରେ ଚାଲିଥିବା ୫-ଟି କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ୱାର୍ଡ ନମ୍ବର ୯ସ୍ଥିତ ବିଡିଏ ନୂଆ ବସଷ୍ଟାଣ୍ଡ, ଷଣ୍ଢପୁରସ୍ଥିତ ଗୋଶାଳା ଆଦି ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି, ବିଡିଓ ସରୋଜ ରାଉତ, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଖୋର୍ଦ୍ଧା: ହାବେଳି ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ମହୋତ୍ସବର ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ତୃଣମୂଳସ୍ତର ଭୋଟରଙ୍କ ନିକଟରେ ପହଞ୍ଚିବ ଏଏପି

**ବୋଲଗଡ଼,୧୬।୧୨(ଡି.ଏନ୍.ଏ.)**

ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଓଡ଼ିଶାର ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କିଶୋର ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ପିଚୁକୁଳି ପଞ୍ଚାୟତ ଭୂଇଁଆଣୀ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ବହୁ କର୍ମୀ ଯୋଗଦେଇ ଜୋନ୍‌ସ୍ତରରେ କମିଟି ଗଠନ କରି ପ୍ରତି ୱାର୍ଡସ୍ତର ପର୍ଯ୍ୟନ୍ତ ପହଞ୍ଚିବାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ଅତ୍ୟଧିକ ବିଜୁଳି ଦର ସମ୍ପର୍କରେ ଏଏପି କର୍ମୀମାନେ ଭୋଟରଙ୍କ ନିକଟରେ ପହଞ୍ଚିବେ ବୋଲି ଏଏପିର ଜିଲା ସଙ୍ଗଠନ ସମ୍ପାଦକ ସୁନୀଲ ଷଡ଼ଙ୍ଗୀ, ମିଡିଆ ମ୍ୟାନେଜର ପ୍ରମୋଦ ନନ୍ଦ, ବିଧାନସଭା କ୍ଷେତ୍ର ସଭାପତି କଳ୍ପତରୁ ପଣ୍ଡା, ବୋଲଗଡ଼ ବ୍ଲକ୍ ସଭାପତି ଅକ୍ଷୟ ବଳିୟାରସିଂହ ପ୍ରମୁଖ କହିଛନ୍ତି। ଏହି ଅବସରରେ ଖଙ୍ଗୁରିଆ ପଞ୍ଚାୟତର ଭାଜପା ନେତା ସମ୍ବିତ୍ ଭୂଷଣ ରାଉତରାୟ, ସିକୋ ପଞ୍ଚାୟତର କଂଗ୍ରେସ କର୍ମୀ ଦୁର୍ଯ୍ୟୋଧନ ଛୁଆଳସିଂ ଓ ପିଚୁକୁଳି ଅଞ୍ଚଳର ଅଶୋକ କୁମାର ସାହୁ ଏଏପିରେ ଯୋଗଦେଇଥିଲେ।

# ଭୂଇଁଆଣୀ ପୀଠରେ ଧନୁଯାତ୍ରା



ମା'ଭୂଇଁଆଣୀଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।

**ବୋଲଗଡ଼,୧୬।୧୨(ଡି.ଏନ୍.ଏ.)**

ବୋଲଗଡ଼ର ମା' ଭୂଇଁଆଣୀଙ୍କ ପୀଠରେ ପାଳିତ ହୋଇଛି ଧନୁ ଯାତ୍ରା ଉତ୍ସବ। ଏହି ଉତ୍ସବ ଅବସରରେ ପୀଠରେ ଶୁଭାଧିବାସ ଓ ହୋମ ହୋଇଥିଲା। ପୂର୍ବାହ୍ନରେ ମା'ଙ୍କ ବିଜେ ପ୍ରତିମା ଏକ ଆଟୋପ ପଟୁଆରରେ ମନ୍ଦିରରୁ ବିମାନରେ ବିଜେ କରି ଗଡ଼ସାହିସ୍ଥିତ ମା'କାଳେସୀଙ୍କ କୋଠିକୁ ଯାଇଥିଲେ। ସେଠାରେ ପୂଜା ନୀତି ପରେ ପଟୁଆର ସହ ବୋଲଗଡ଼ ଗ୍ରାମ ପରିକ୍ରମା କରି ଅପରାହ୍ନରେ ସ୍ୱ ମନ୍ଦିରକୁ ବିଜେ କରିଥିଲେ। ଏହି ଉତ୍ସବ ପାଇଁ ସ୍ଥାନୀୟ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଥିଲା। ବିଭିନ୍ନ ଉଠା ଦୋକାନ ପଡ଼ିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ରାଧାକୃଷ୍ଣଙ୍କ ଭକ୍ତିଭାବରେ ଝୁମିଲେ ଦର୍ଶକ

**ଖୋର୍ଦ୍ଧା ଅଫିସ,୧୬।୧୨**

ଖୋର୍ଦ୍ଧା ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଶୀତୁଆ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଶ୍ରୀକ୍ଷେତ୍ରର ସାଂସ୍କୃତିକ ଅନୁଷ୍ଠାନ ଅନନ୍ୟା କଳାମନ୍ଦିରର ନୃତ୍ୟଶିଳ୍ପୀ ସନ୍ତୋଷ ପ୍ରଧାନ ଓ ସାଥି କଳାକାରମାନେ ପରିବେଷଣ କରିଥିଲେ ଓଡ଼ିଶୀ। ମଙ୍ଗଳଚାରଣ, ଶୀତ କମଳା, ରାଧାକୃଷ୍ଣଙ୍କ ଯମୁନା ରାସରେ ଭକ୍ତି ରସାତ୍ମକର ଭରା ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ରାଧାକୃଷ୍ଣଙ୍କ ଯୁଗଳବନ୍ଦୀ ଦର୍ଶନରେ ବିଭୋର ହୋଇଉଠିଥିଲେ ଦର୍ଶକ। ପରେ ଖୋର୍ଦ୍ଧାର ନୃତ୍ୟଶ୍ରୀ ଅନୁଷ୍ଠାନର

**ଖୋର୍ଦ୍ଧା ମହୋତ୍ସବର ତୃତୀୟ ସନ୍ଧ୍ୟା**

କଳାକାରମାନେ ଭଜନ ନୃତ୍ୟ, ଖୋର୍ଦ୍ଧାର ଫ୍ଲେକ୍ସ କଳାକାରମାନେ ସମ୍ବଲପୁରୀ, ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କଳାକାରମାନେ ଭଜନ ନୃତ୍ୟରେ ସଖୀଙ୍କ ଗହଣରେ ରାଧାକୃଷ୍ଣଙ୍କ ଅପୂର୍ବ ମିଳନର ଏକ ଭକ୍ତିଭାବ ଭରା ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଲରେନ ଡ୍ୟାନ୍ସ ଗ୍ରୁପ୍ ଓ ମହାବୀର ଡ୍ୟାନ୍ସ ଗ୍ରୁପ ଗୁରୁଜଙ୍ଗ ପକ୍ଷରୁ ପୃଥକ ଭାବେ ସମ୍ବଲପୁରୀ ପ୍ରସିଦ୍ଧ ଲୋକ କଳା ଡାଲଖାଇ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ତେବେ ମୁଖ୍ୟ ଆକର୍ଷଣ ରହିଥିଲା ମେଲୋଡି। କଣ୍ଠଶିଳ୍ପୀମାନେ ଗୋଟିଏ ପରେ ଗୋଟିଏ ଓଡ଼ିଆ ଓ ହିନ୍ଦୀ ଗୀତଗାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ଅନ୍ୟପଟେ ରାମଦୋଳି, ବିଭିନ୍ନ ଦୋକାନରେ ଦର୍ଶକଙ୍କ ଭିଡ ଲାଗିଥିଲା। ମହୋତ୍ସବ କମିଟି ସଭାପତି ଦିଲୀପ ଶ୍ରୀଚନ୍ଦନ, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ସଞ୍ଜୟ ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ଲଳିତ ମୋହନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଦୁର୍ଗାପ୍ରସାଦ ବାରିକ, ଆଶିଷ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବୁଢ଼ୀ ଠାକୁରାଣୀଙ୍କ ଜାଗା ଜବରଦଖଲ ପାଇଁ ମସୁଧା



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.)**

**ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର**

ବାଣପୁର ଏନ୍‌ଏସି ଅଧୀନ ୨ନମ୍ବର ୱାର୍ଡ ଦାଶରଥିପୁର ଗ୍ରାମର ବୁଢ଼ୀ ଠାକୁରାଣୀଙ୍କ ଜାଗାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିବା ପାଇଁ ମସୁଧା ଚଳାଉଥିବା ନେଇ ଅଭିଯୋଗ ହେଉଛି। ଏନେଇ ଶୁକ୍ରବାର ଗ୍ରାମବାସୀ ବାଣପୁର ତହସିଲଦାର ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଦାସରଥିପୁର ଗ୍ରାମର ବୁଢ଼ୀ ଠାକୁରାଣୀ କେଉଁ ଆବହମାନ କାଳରୁ ପୂଜା ପାଉଛନ୍ତି। ଉକ୍ତ ଜାଗା ଠାକୁରାଣୀ ଓ ଗ୍ରାମର ମାରଫତଦାରଙ୍କ ନାମରେ ରହିଛି। ତେବେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଠାକୁରାଣୀଙ୍କ ଜାଗାକୁ ଅନଧିକାର କବଜା କରିବା ପାଇଁ ମସୁଧା ଚଳାଇଛନ୍ତି। ବିରୋଧ କଲେ ସମ୍ପୃକ୍ତ ବ୍ୟକ୍ତିମାନେ ବିଭିନ୍ନ ଧମକ ଦେଉଛନ୍ତି। ଅପରାହ୍ନରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଏକତ୍ର ହୋଇ ଠାକୁରାଣୀଙ୍କ ଜାଗାର ସ୍ଥିତାବସ୍ଥା ବଜାୟ ରଖିବାକୁ ବାଣପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଘଟଣାକୁ ନେଇ ଗୁରୁବାର ବାଣପୁର ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ ଗ୍ରାମବାସୀ। ତେବେ ଶନିବାର ରାଜସ୍ୱ ଅଧିକାରୀ ଉକ୍ତ ଜାଗାକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି ତହସିଲଦାର କୁଞ୍ଜବିହାରୀ ବଡ଼ଜେନା କହିଛନ୍ତି।

# କିସ୍ତି ନ ଶୁଝି ଟ୍ରକ୍ କାଟି ବିକିବାକୁ ଯୋଜନା: ୪ ଗିରଫ

**ଜଟଣୀ,୧୬।୧୨(ଡି.ଏନ୍.ଏ.)**

କିସ୍ତି ଟଙ୍କା ଶୁଝି ନ ପାରି ଟ୍ରକ୍ କାଟି ବିକ୍ରି କରିବାକୁ ଯୋଜନା କରିଥିବା ଅଭିଯୋଗରେ ଶୁକ୍ରବାର ଜଟଣୀ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ତରାବୋଇ ମଣିପୁର ଗ୍ରାମର ମୁସ୍‌ଲିମ ମହମ୍ମଦ, ବେଣାପଞ୍ଜାରୀ ଟାଙ୍ଗୀସାହିର ବବ୍‌ଲୁ ଓରଫ ସୟଦ ଅବ୍‌ଦୁଲ ସମସୁଦ୍ଦିନ, ଖୋର୍ଦ୍ଧା ସଦର ଥାନା ଅଧୀନ ଶାଳିଆପାଟଣାର ପିଣ୍ଟୁ ଓରଫ ନୀଳମାଧବ ସୁନ୍ଦରାୟ ଏବଂ ଅଣ୍ଡା ହରିପୁର ଗ୍ରାମର ଅନ୍‌ୱାର ଖାନ୍।



ଏମାନଙ୍କ ନିକଟରୁ ଖଣ୍ଡବିଖଣ୍ଡିତ ଟ୍ରକ୍ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪୫/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଅସିତ୍ କୁମାର ସାହୁ ଏକ ଘରୋଇ ଫାଇନାନ୍ସ ଡିଭିଜନର ଲିଗାଲ ଆଡ୍‌ଭାଇଜର ଭାବେ କାମ କରୁଥିବା ବେଳେ ଅଭିଯୁକ୍ତ ନୀଳମାଧବ ଉକ୍ତ ଫାଇନାନ୍ସ କମ୍ପାନୀରୁ ଲୋନ୍‌ରେ ୧୦,୩୦,୬୪୫ ଟଙ୍କାରେ ଏକ ଟ୍ରକ ନେଇଥିଲେ। ମାସକୁ ଲୋନ୍ ବାବଦ କିସ୍ତି ୨୩,୫୮୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ କିସ୍ତି ଦେବା ପରେ ନୀଳମାଧବ ଆଉ କିସ୍ତି ଦେଇ ନ ଥିଲେ। ଟ୍ରକ୍‌ଟିକୁ କାଟି ବିକ୍ରି କରିବା ପାଇଁ ୩ ଜଣ କବାଡ଼ିଆଙ୍କ ସହ ସମ୍ପର୍କ କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଅସିତ୍ ଜାଣିବା ପରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ ନୀଳମାଧବଙ୍କ ନାଁରେ ବିଭିନ୍ନ ଥାନାରେ ୬ଟି ମାମଲା ରହିଥିବା ପୋଲିସ କହିଛି।

# ସର୍ବଭାରତୀୟ ମହାବୀର ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା), ୧୬।୧୨ (ଡି.ଏନ୍.ଏ.)**

କୁହୁଡି ମହାବୀର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସର୍ବ ଭାରତୀୟ ମହାବୀର ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଜନତା ଷ୍ଟାଡିୟମରେ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ୍ ୟୁନାଇଟେଡ଼ ସ୍ପୋଟର୍ସ କ୍ଲବ କୋଲକାତା ଓ ଲୁକା ସ୍ପୋର୍ଟସ କ୍ଲବ କେରଳ ମଧ୍ୟରେ ହୋଇଥିଲା। ତେବେ ମ୍ୟାଚ୍ ମୀମାଂସିତ ରହିବାରୁ ଉଭୟ ଟିମକୁ ସମାନ ପଏଣ୍ଟ ପାଇଛନ୍ତି। ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଚିଲିକା ବିଧାୟକ ବିଭୁତି ଭୂଷଣ ହରିଚନ୍ଦନ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଶ୍ମା ମାନ୍ଧାତା, ଲଲାଟ କେଶରୀ ମଙ୍ଗରାଜ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଲିଲି ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ଲିଗ୍ କମ୍ ନକ ଆଉଟ୍ ଭିତ୍ତିରେ ଖେଳାଯାଉଥିବାରୁ ସ୍ଥାନୀୟ କ୍ରୀଡାପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଶିବ ଶଙ୍କର ପଣ୍ଡା, ଶେଖାବତ ଖାଁ, ଶଶିକାନ୍ତ ଦାସିଆ, ସୁଜିତ କୁମାର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅପର୍ତ୍ତି ବେହେରା।

# ଶୃଙ୍ଖଳିତ, ବ୍ୟବସ୍ଥିତ ଆୟୋଜନକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୬।୧୨**

ଖୋର୍ଦ୍ଧା ଉପକଣ୍ଠ ବାଘମାରୀ ଅତ୍ରିସ୍ଥିତ ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱର ପୀଠରେ ଆସନ୍ତା ଜାନୁୟାରୀ ୧୪ରେ ମକର ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ମକର ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଓ ତଥା ତହସିଲ ଦାୟିତ୍ୱରେ ରହିଥିବା ଲକ୍ଷ୍ମୀଧର ସାହୁ, ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ, ବାଘମାରୀ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ଭରା କର, ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ଶିକ୍ଷାବିତ୍ ଭଗବାନ ପଣ୍ଡା, ଦିଲୀପ ମହାପାତ୍ର, ସୁଧାକର ସେଠୀ ଏବଂ ମନ୍ଦିର କମିଟି ପକ୍ଷରୁ ଦିଲୀପ ପଣ୍ଡା, ରଞ୍ଜନ ମହାପାତ୍ର, ଗୋପୀନାଥ

**ଅତ୍ରି ମକର ମହୋତ୍ସବ ପ୍ରସ୍ତୁତି ବୈଠକ**



ବୈଠକରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବାରପଲ୍ଲୀ କମିଟି, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ସପ୍ତାହବ୍ୟାପୀ ମହୋତ୍ସବ ଆୟୋଜନ କରାଯିବା ନେଇ ସ୍ଥିର ହୋଇଛି। ଶୃଙ୍ଖଳିତ ଓ ବ୍ୟବସ୍ଥିତ ମହୋତ୍ସବ ଆୟୋଜନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ବିଶୁଦ୍ଧ ପାନୀୟଜଳ, ଆଲୋକୀକରଣ, ରାସ୍ତାଘାଟ ମରାମତି, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା। କୋଭିଡ୍ କଟକଣା ଯୋଗୁ ମକର ମହୋତ୍ସବ ଦୁଇବର୍ଷ ହୋଇ ବନ୍ଦ ରହିଥିଲା। ଚଳିତ ବର୍ଷ ଶତାଧିକ ଲୋକଙ୍କ ସମାଗମ ହେବା ସମ୍ଭାବନା ରହିଛି। ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ତହସିଲଦାର ସାହୁ କହିଥିଲେ। ବରିଷ୍ଠ ସେବାୟତ ଦିଲୀପ ପଣ୍ଡା କୁହନ୍ତି, ମକର ସଂକ୍ରାନ୍ତିରେ ମହାଦେବ ହଟ୍ଟକେଶ୍ୱରଙ୍କ ନିକଟରେ ପୂର୍ବଦିନ ସଙ୍କଳ୍ପପୂର୍ବକ ଅତ୍ରିରେ ଦହନ କୁଣ୍ଡରେ ସ୍ନାନପୂର୍ବକ ମିଳିଥିବା ଗୁଆ ଭକ୍ଷଣ କଲେ ଅପୁତ୍ରିକ ନାରୀ ମାତୃତ୍ୱ ଲାଭ କରିବା ସହ ଏହି ଦିନ ଉତ୍ତପ୍ତ କୁଣ୍ଡରେ ସ୍ନାନ କରି ହଟ୍ଟନାଥ ଦର୍ଶନ କଲେ ଚର୍ମରୋଗ ଦୂର ହୋଇଥାଏ। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବିଧାୟକ ସାହୁ କହିଥିଲେ, ମକର ସଂକ୍ରାନ୍ତିଠାରୁ ୫ଦିନ ବ୍ୟାପୀ ମକର ମହୋତ୍ସବ ଆୟୋଜନ ହୋଇଥାଏ। ଏହି ଉତ୍ସବ ଏଠାରେ ଏକ ଗଣପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ। ହଟ୍ଟକେଶ୍ୱରଙ୍କ ମହିମା, ଅପରା କରୁଣା ଭକ୍ତଙ୍କ ଉପରେ ରହିଛି।

## ସଂକ୍ଷେପରେ

### କିସ୍ତି ନ ଶୁଝି ଟ୍ରକ୍ କାଟି ବିକିବାକୁ ଯୋଜନା: ୪ ଗିରଫ



**ଜଟଣୀ,୧୬।୧୨(ଡି.ଏନ୍.ଏ.):** କିସ୍ତି ଟଙ୍କା ଶୁଝି ନ ପାରି ଟ୍ରକ୍ କାଟି ବିକ୍ରି କରିବାକୁ ଯୋଜନା କରିଥିବା ଅଭିଯୋଗରେ ଶୁକ୍ରବାର ଜଟଣୀ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ତରାବୋଇ ମଣିପୁର ଗ୍ରାମର ମୁସ୍‌ଲିମ ମହମ୍ମଦ, ବେଣାପଞ୍ଜରୀ ଟାଙ୍ଗୀସାହିର ବବ୍‌ଲୁ ଓରଫ ସୟଦ ଅବ୍‌ଦୁଲ ସମସୁଦିନ, ଖୋର୍ଦ୍ଧା ସଦର ଥାନା ଅଧୀନ ଶାଳିଆପାଟଣାର ପିଣ୍ଟୁ ଓରଫ ନୀଳମାଧବ ସୁନ୍ଦରାୟ ଏବଂ ଅଣ୍ଡା ହରିପୁର ଗ୍ରାମର ଅନ୍‌ୱାର ଖାନ୍। ଏମାନଙ୍କ ନିକଟରୁ ଖଣ୍ଡବିଖଣ୍ଡିତ ଟ୍ରକ୍ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪୫/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଅସିତ୍ କୁମାର ସାହୁ ଏକ ଘରୋଇ ଫାଇନାନ୍ସ ଡିଭିଜନର ଲିଗାଲ ଆଡ୍‌ଭାଇଜର ଭାବେ କାମ କରୁଥିବା ବେଳେ ଅଭିଯୁକ୍ତ ନୀଳମାଧବ ଉକ୍ତ ଫାଇନାନ୍ସ କମ୍ପାନୀରୁ ଲୋନ୍‌ରେ ୧୦,୩୦,୬୪୫ ଟଙ୍କାରେ ଏକ ଟ୍ରକ ନେଇଥିଲେ। ମାସକୁ ଲୋନ୍ ବାବଦ କିସ୍ତି ୨୩,୫୮୦ ଟଙ୍କା ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ କିସ୍ତି ଦେବା ପରେ ନୀଳମାଧବ ଆଉ କିସ୍ତି ଦେଇ ନ ଥିଲେ। ଟ୍ରକ୍‌ଟିକୁ କାଟି ବିକ୍ରି କରିବା ପାଇଁ ୩ ଜଣ କବାଡ଼ିଆଙ୍କ ସହ ସମ୍ପର୍କ କରିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଅସିତ୍ ଜାଣିବା ପରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ ନୀଳମାଧବଙ୍କ ନାଁରେ ବିଭିନ୍ନ ଥାନାରେ ୬ଟି ମାମଲା ରହିଥିବା ପୋଲିସ କହିଛି।

### ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ ଉଦ୍‌ଯାପିତ

**କଟକ ଅଫିସ,୧୬।୧୨:** ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଦୁଇଦିନିଆ ସର୍ବଭାରତୀୟ ମହିଳା ପାଠଚକ୍ର ସମ୍ମିଳନୀ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। 'ୱିମେନ ଦ' ଇଣ୍ଟିଗ୍ରାଲ ଏଜୁକେଟର' ଶୀର୍ଷକ ଆଲୋଚନାଚକ୍ରରେ ସୋମା ରାୟ ଚୌଧୁରୀ ଯୋଗଦେଇ କହିଥିଲେ, ଭାରତରେ ଏବେ ଯେଉଁସବୁ ସମସ୍ୟା ଦେଖାଦେଇଛି ସେଥିରେ ସ୍ୱାଧୀନ ଚିନ୍ତାଧାରାର ଅଭାବ ବହୁ ଭାବେ ପରିଲକ୍ଷିତ ହେଉଛି। ଶ୍ରୀମାଙ୍କ ବାଣୀ ଅନୁଯାୟୀ ଅତି ମାନବୀୟ ଶକ୍ତିର ପରିପ୍ରକାଶ ପାଇଁ ମଣିଷର କ୍ରମାଗତ ପରିବର୍ତ୍ତନ ହୋଇଚାଲିଛି। ସମାଜକୁ ବଳିଷ୍ଠ କରିବାରେ ନାରୀଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅତିମାନବୀୟ ସତ୍ତାର ଉପସ୍ଥିତି ସବୁଠି ବିଦ୍ୟମାନ ରହିଛି। ତାହାକୁ ନିଜ ଭିତରେ ଆବିଷ୍କାର କରିବା ଦିଗରେ ମଣିଷ ଚେଷ୍ଟିତ ହେବା ଜରୁରି ବୋଲି ସେ କହିଥିଲେ। ସେହିପରି ଡ. ବିରଞ୍ଚି ନାରାୟଣ ମହାପାତ୍ର କହିଥିଲେ, ଜୀବ ଜଗତରେ ମାଆ ହିଁ ଶିକ୍ଷାଦାତା। ଶୈଳଜା କୁମାରୀ ଦେଓ ଏବଂ ଅଞ୍ଜଳି ତ୍ରିପାଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ଗୀତାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ। ଅର୍ଗାନାଇଜିଂ ଚେୟାରପର୍ସନ ଡା. ଶ୍ୟାମା କାନୁନ୍‌ଗୋ, ସମ୍ପାଦିକା ବିଜୟିନୀ ମହାପାତ୍ର, ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀମନ୍ଦିର ପ୍ରଶାସନର କଟକଣା ସଫଳ ହେବା ନେଇ ଆଶଙ୍କା

**ପୁରୀ ଅଫିସ, ୧୬।୧୨**

ଅଧିକାଂଶ ସମୟରେ ଶ୍ରୀମନ୍ଦିର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବାବେଳେ ଶେଷରେ ଶ୍ରୀମନ୍ଦିର ପ୍ରଶାସନର ଚେତା ପଶିଛି। ଆସନ୍ତା ଜାନୁୟାରୀ ୧ରୁ ଶ୍ରୀମନ୍ଦିରରେ ମୋବାଇଲ ଫୋନ ନିଷିଦ୍ଧ କରାଯାଇଛି। ତେବେ ଏହି ପଦକ୍ଷେପ କ'ଣ ଯଥେଷ୍ଟ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ କେତେଦୂର ଫଳପ୍ରଦ ହେବ ସେନେଇ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସରକାର କଡ଼ା ନିୟମ ପ୍ରଣୟନ କରିବାକୁ ସାଧାରଣରେ ଦାବି ହୋଇଆସୁଛି। ମାତ୍ର ଏଥିପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଚଳିତ ମାସରେ ପଶ୍ଚିମବଙ୍ଗ ନର୍ଥ ଚବିଶ ପ୍ରଗଣା ଅଧୀନ ଗୁମା ଆମଡଙ୍ଗା ଅଞ୍ଚଳ ବାସିନ୍ଦା ଅନିମେଶ ଚକ୍ରବର୍ତ୍ତୀ ତାଙ୍କ ୟୁଟ୍ୟୁବ୍ ଚାନେଲରେ ଶ୍ରୀମନ୍ଦିରର ଡ୍ରୋନ ଭିଡିଓ ଭାଇରାଲ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ଦାବି ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିପରି ଗତ ନଭେମ୍ବରରେ ବାଂଲାଦେଶର ଆକାଶ ଚୌଧୁରୀ ଗର୍ଭଗୃହ ଓ ରତ୍ନସିଂହାସନରଢ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପଲୋଡ କରିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଶ୍ରୀମନ୍ଦିରର ହୁଗୁଳା ସୁରକ୍ଷା ବ୍ୟବସ୍ଥା ଯୋଗୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ସାଧାରଣରେ ମତ ପ୍ରକାଶ ପାଇଛି। ସବୁ ନିୟମକୁ ଫୁ କରିଦିଆଯାଉଛି। ଏପରିକି ଅନେକ ଭକ୍ତ ମୋବାଇଲ ନେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ଗତ ଜୁଲାଇ ୮ରେ ଗୁଣ୍ଡିଚା ମନ୍ଦିର ଭିତରବେଢ଼ା ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିଲା। ପୋଲିସ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ତଲାସି ନେଇ ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ଦେଉଥିବାବେଳେ କିଭଳି ଏବଂ କିଏ ମୋବାଇଲ ଫୋନ ନେଇ ମନ୍ଦିର ଭିତରକୁ ଚାଲିଯାଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୨୨ ଫେବୃୟାରୀ ୯ରେ ଶ୍ରୀମନ୍ଦିର ଭିତର ବେଢ଼ା ମେଘନାଦ ପାଚେରୀରେ କେତେଜଣ ଦୁର୍ବୃତ୍ତ ପରିସ୍ରା କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ମାତ୍ର ପୋଲିସ ଏହି ଘଟଣାକୁ ହାଲ୍‌କା ଭାବେ ନେଇଥିଲା। ସେହିପରି ୨୦୨୧ ରଥଯାତ୍ରା ସମୟରେ କଟକଣା ବେଳେ ରଥ ଉପରେ ବସି ଦୁଇଜଣ ଯୁବକ ଫଟୋ ଉଠାଇ ଶେୟାର କରିଥିଲେ। ୨୦୨୧ରେ ଦୁଇଜଣ ଯୁବକ ନିଜକୁ ମୁକ୍ତିମଣ୍ଡପର ବ୍ରାହ୍ମଣ ଦର୍ଶାଇ ବିମଳା ମନ୍ଦିରରେ ଭିଡିଓ କଲ କରୁଥିବା ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ସେତେବେଳେ ବିମଳା ମନ୍ଦିର ପୂଜକ ଥାନରେ ଏତଲା ଦେଇଥିଲେ। ୨୦୧୯ରେ ଜଣେ ଅଭିନେତ୍ରୀ ଆନନ୍ଦବଜାରରେ ବସି ମହାପ୍ରସାଦ ସେବନ କରିବାର ଫଟୋ ଫେସବୁକ୍‌ରେ ଭାଇରାଲ ହୋଇଥିଲା। ସେହିପରି ଖୋର୍ଦ୍ଧା ନିରକାରପୁର ଅଞ୍ଚଳର ଜଣେ ଯୁବତୀ ଟିକ୍‌ଟକ୍ ଆକାଉଣ୍ଟରେ ଭିତରବେଢ଼ା ଫଟୋ ଭାଇରାଲ କରିଥିଲେ। ମାତ୍ର ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ଅନେକ ସମୟରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ସମ୍ପ୍ରତି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେବା ପରେ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରାଯାଇଛି। ସେବାୟତ କିମ୍ବା କର୍ମଚାରୀ ଜାନୁୟାରୀ ୧ରୁ ଶ୍ରୀମନ୍ଦିରକୁ ମୋବାଇଲ ନେଇ ଧରା ପଡ଼ିଲେ ତାଙ୍କୁ ଜରିମାନା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଏହି ନିଷ୍ପତ୍ତି ତଥା କଟକଣା କେତେ ଫଳପ୍ରଦ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

## ଶିଶୁ ସୁରକ୍ଷା ପାଇଁ ସମସ୍ତେ ଯତ୍ନବାନ୍ ହେବା ଜରୁରୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ନିମାପଡ଼ା,୧୬।୧୨(ଡି.ଏନ୍.ଏ.)**

ଶିଶୁ ସୁରକ୍ଷା ଅଭିଯାନ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଅତ୍ୟନ୍ତ ଜରୁରୀ ବୋଲି ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି। କଟକର ସଂଯୋଗ ଅନୁଷ୍ଠାନ ପକ୍ଷରୁ ନିମାପଡ଼ା ପଞ୍ଚାୟତ ସମିତି ଓ ଜିଲା ଶିଶୁ ସୁରକ୍ଷା ଶାଖା ସହାୟତାରେ ଏକ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ପ୍ରଶିକ୍ଷଣ ଶିବିର ଓ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ନିମାପଡ଼ା ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ କଟକସ୍ଥିତ ସଂଯୋଗ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟା ସିଂ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ବିଡିଓ ବସନ୍ତ ମଲ୍ଲିକ, ସିଡିପିଓ କୁମୁଦିନୀ ମିଶ୍ର, ଏବିଇଓ ସୌଦାମିନୀ ଦାଶ, ବେଣୁଧର ସେନାପତି, ବିଏସ୍‌ଏସ୍‌ଓ ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିଶୁଙ୍କ ସୁରକ୍ଷା ଦିଗରେ ସମସ୍ତେ କାର୍ଯ୍ୟ କରିବା ଦିଗରେ ସମୂହ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର, ସ୍ୱେଚ୍ଛାସେବୀ, ବ୍ଲକ ଶିଶୁ ସୁରକ୍ଷା ସ୍ତରୀୟ ମହିଳା ମହାସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।



ପୁରୀ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ମଧୁବନ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୧୬।୧୨**

ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ଟାଉନ ହଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ 'ମୋ ଓଡ଼ିଶା'ର ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁଶୀଲ କୁମାର ଧଳ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ପୂର୍ବ ସମ୍ଭାଗର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ସୁନୀଲ ଚକ୍ରବର୍ତ୍ତୀ, ସମ୍ପାଦକ ପୁରୁଷୋତ୍ତମ ନାୟକ ଏବଂ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ପାଣିଙ୍କ ଦ୍ୱାରା ଅତିଥି ପରିଚୟ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକଙ୍କ ସ୍ୱାଗତ ଭାଷଣ ପରେ ପ୍ରଧାନ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଚାଳନା କମିଟି ସଭ୍ୟା ଅଞ୍ଜଳି ରଥ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି, ଓଡ଼ିଶା ପୂର୍ବ ସମ୍ଭାଗ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଡ. ସୁନୀଲ ଚକ୍ରବର୍ତ୍ତୀ, ବିଦ୍ୟାଳୟ ସମ୍ପାଦକ ପୁରୁଷୋତ୍ତମ ନାୟକ ଏବଂ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଯୋଗଦେଇଥିଲେ। ଅତିଥିଙ୍କ ଅଭିଭାଷଣ ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟିର ସହସମ୍ପାଦିକା ଦୀପ୍ତି ମିଶ୍ର ଧନ୍ୟବାଦ ଦେଇଥିଲେ। ପିଲାମାନେ ନୃତ୍ୟ, ସଙ୍ଗୀତ, ନାଟକ ଓ ଯୋଗ ପରିବେଷଣ କରିଥିଲେ।

## ଯୁବତୀଙ୍କୁ ବଳାତ୍କାର, ଶ୍ରମିକ ଗିରଫ

**କଟକ ସଦର,୧୬।୧୨(ଡି.ଏନ.ଏ.)**

୪୨ ମୌଜା ଥାନା ଅଞ୍ଚଳର ଏକ ଇଟା ଭାଟି ପରିସରରେ ଥିବା କୁଡ଼ିଆରେ ଜଣେ ଜନଜାତି ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଜନଜାତିର ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଇଟାଭାଟିର ଶ୍ରମିକ ରସ ସିଂ (୨୭)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୧୧ ତାରିଖରେ ସମ୍ପୃକ୍ତ ଯୁବତୀଙ୍କୁ ଯୁବକ ଜଣକ ବଳାତ୍କାର କରିଥିଲେ। ଏ ନେଇ ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୮୪/୨୨) ରୁଜୁ କରିଥିଲା। ଏଥିସହ କଟକ ବଡ ଡାକ୍ତରଖାନାରେ ସମ୍ପୃକ୍ତ ଯୁବତୀ ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଇଥିଲା।

# ବୃଦ୍ଧାଙ୍କ ଜୀବନ ନେଲା ଝାଡ଼ାବାନ୍ତି

**ପୁରୀ ଅଫିସ, ୧୬।୧୨**

**ଔଷଧ ବଣ୍ଟନ, ଚିକିତ୍ସା ସତ୍ତ୍ୱେ ପରିସ୍ଥିତି ସମ୍ପୂର୍ଣ୍ଣ ସୁଧୁରିନି**

ପୁରୀ ସହରରେ ଝାଡ଼ାବାନ୍ତି ଥମିବାର ନାଁ ନେଉନାହିଁ। ବାସେଳି ସାହି ଓ ମାର୍କଣ୍ଡେଶ୍ୱର ସାହି ସମେତ କିଛି ଅଞ୍ଚଳରେ ଝାଡ଼ାବାନ୍ତିର ପ୍ରକୋପ ଲାଗି ରହିଛି। ଏବେ ବି ଅନେକ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତା ବୃଦ୍ଧା ହେଲେ ବିମାନବଡୁ ସାହି ବାସିନ୍ଦା ୭୦ ବର୍ଷୀୟା ବାସନ୍ତୀ ଦାଶ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅତି ଦୂଷିତ ପାନୀୟଜଳ ଯୋଗାଇ ଦିଆଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରିକି ପାଇପ୍‌ରେ ମଇଳା ପାଣି ଆସୁଥିବା ମଧ୍ୟ ଅଭିଯୋଗ ହୋଇଥିଲା। ବାସେଳି ସାହିରେ ପାଇପ୍ ଫାଟି ଯାଇଥିବାରୁ ଏଥିରେ ଡ୍ରେନ ପାଣି ମିଶୁଥିଲା। ଏହି ଦୂଷିତ ପାଣି ବ୍ୟବହାର କରିବା ଫଳରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଏହି ଖବର ପାଇ ଦୁଇଦିନ ତଳେ ଜିଲାପାଳ ସମର୍ଥ ବର୍ମା ସ୍ଥାନୀୟ ଅଞ୍ଚଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ହେଲେ ପରିସ୍ଥିତିରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଝାଡ଼ାବାନ୍ତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ଆତଙ୍କ ଖେଳିଯାଇଛି। ଏବେ ବି ଶତାଧିକ ଲୋକ ଆକ୍ରାନ୍ତ ଥିବାରୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ଦାବି ହୋଇଛି। ସେହିପରି ପାଇପରେ ଦୂଷିତ ଜଳ ଆସୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

## ୧୭ ବର୍ଷ ପରେ ସ୍ତ୍ରୀଙ୍କୁ ମିଳିଲା ସରକାରୀ ସହାୟତା



ସଞ୍ଜୁକ୍ତା ମହାନ୍ତିଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ପୁରୀ ଅଫିସ, ୧୬।୧୨**

**ସଡ଼କ ଦୁର୍ଘଟଣାରେ ଯାଇଥିଲା କନଷ୍ଟେବଲଙ୍କ ଜୀବନ**

ଅବକାରୀ ବିଭାଗର କନଷ୍ଟେବଲ ପର୍ଶୁରାମ ମହାନ୍ତିଙ୍କର ୨୦୦୪ରେ ଏକ ସଡ଼କ ଦୁର୍ଘଟଣାରେ ଜୀବନ ଯାଇଥିଲା। ତାଙ୍କ ସ୍ତ୍ରୀ ସଞ୍ଜୁକ୍ତା ମହାନ୍ତିଙ୍କୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏହି ସହାୟତା ଅର୍ଥ ସଞ୍ଜୁକ୍ତାଙ୍କୁ ତାଙ୍କ ପୁତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏକ ଆମ୍ବୁଲାନ୍ସ ଦୁର୍ଘଟଣାରେ ପର୍ଶୁରାମଙ୍କର ୨୦୦୪ ଏପ୍ରିଲ ୧୧ରେ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ପାଇଁ ସ୍ତ୍ରୀ ସଞ୍ଜୁକ୍ତା ପ୍ରଥମେ ପ୍ରଶାସନ ଓ ପରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏ ସମ୍ପର୍କିତ ମାମଲାର ବିଚାର କରି ୨୦୧୨ ଜୁଲାଇ ୨୦ରେ କ୍ଷତିଗ୍ରସ୍ତଙ୍କ ନିକଟ ସମ୍ପର୍କୀୟଙ୍କୁ ୯ ଲକ୍ଷ ୭୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏ ସମ୍ପର୍କରେ ଆଇନଗତ ପ୍ରକ୍ରିୟା ଚାଲିବା ପରେ କୋର୍ଟଙ୍କ ଚୂଡ଼ାନ୍ତ ବିଚାର ଆଧାରରେ ପୂର୍ବ କ୍ଷତିପୂରଣ ଉପରେ ଶତକଡ଼ା ୭ ହାର ସୁଧରେ ମୋଟ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ସଞ୍ଜୁକ୍ତାଙ୍କୁ ପ୍ରଦାନ କରାଯାଇଛି। ଏହା ୧୭ ବର୍ଷ ତଳର ପୁରୁଣା ମାମଲା ଥିଲା। ଜିଲାପାଳ ବର୍ମା ବ୍ୟକ୍ତିଗତ ଭାବେ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଏହାର କ୍ଷତିପୂରଣ ରାଶି ଯେପରି ଶିଘ୍ର ପ୍ରଦାନ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେଇଥିଲେ। ଜିଲାପାଳଙ୍କ ଉଦ୍ୟମ ଓ ପ୍ରଶାସନ ସହଯୋଗରେ ଏହି ଅର୍ଥ ପାଇଥିବାରୁ ସଞ୍ଜୁକ୍ତା ଖୁସି ବ୍ୟକ୍ତ କରିବା ସହ ଜିଲାପାଳ ଓ ପ୍ରଶାସନ ସମେତ କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

**ଗୋପ,୧୬।୧୨(ଡି.ଏନ୍.ଏ.)**

ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ଖେଳକୁଦ ନିହାତି ଜରୁରୀ ଥିବାବେଳେ ପାଠପଢ଼ା ସହିତ ଖେଳକୁଦର ମଧ୍ୟ ଆବଶ୍ୟକତା ରହିଛି। ଜଣେ ପାଠ ପଢ଼ି ଡାକ୍ତର, ଇଞ୍ଜିନିୟର ହେଉଥିବା ବେଳେ ଖେଳକୁଦରେ ମଧ୍ୟ ଛାତ୍ରୀଛାତ୍ର ରୁଚି ରଖି ଆଗକୁ ବଢ଼ିପାରିବେ ବୋଲି ଶୁକ୍ରବାର ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍ ଯୋଗଦେଇ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, ସରପଞ୍ଚ ପ୍ରଭାତ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଗଗନ ନାୟକ, ବିଭୁଦତ୍ତ ନାୟକ, ପ୍ରହଲ୍ଲାଦ ସ୍ୱାଇଁ, ଦେବବ୍ରତ ସାହୁ, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳ କ୍ରୀଡ଼ାର ବିକାଶ କିପରି କରାଯିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୪ଟି ସବ୍‌ଜୋନ୍‌ର ୪୫ରୁ ଊର୍ଦ୍ଧ୍ୱ ସ୍କୁଲର ପ୍ରାୟ ୨୦୦ରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ ବୋଲି କ୍ରୀଡ଼ା ଶିକ୍ଷକ ଶ୍ରୀକାନ୍ତ ନାୟକ କହିଛନ୍ତି।

# ଜାନୁୟାରୀ ୧ ରେ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପାଳନ

**ପୁରୀ ଅଫିସ, ୧୬।୧୨**



ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ।

ଶାମ୍ବ ଦଶମୀ ତିଥିରେ ସ୍ୱାଧୀନତା ସଂଗ୍ରାମୀ ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଆସନ୍ତା ଜାନୁୟାରୀ ୧ରେ ଶାମ୍ବଦଶମୀ ପଡୁଛି। ଉକ୍ତଦିନ ଚାଖି ଖୁଣ୍ଟିଆଙ୍କ ୨୦୧ତମ ଜୟନ୍ତୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ମିଳିତ ସହଯୋଗରେ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ ତାରିଖ ସକାଳ ୮ଟା୩୦ରେ ପିକେଡିଏ ଅଫିସ ନିକଟସ୍ଥ ଚାଖି ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ କ୍ୟାଡେଟଙ୍କୁ ସାମିଲ କରାଯିବ। ଅପରାହ୍ନ ୧୧ଟାରେ ସଂସ୍କୃତି ଭବନରେ ସ୍ମୃତି ସଭା ଅନୁଷ୍ଠିତ ହେବ। ପୂର୍ବରୁ ଜିଲା ଶିକ୍ଷା ଅଧିକାରୀଙ୍କ ସହଯୋଗରେ ଅନୁଷ୍ଠିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବେ। ପରେ ଦେଶପ୍ରେମ ଓ ଆଧ୍ୟାତ୍ମିକ ସମ୍ବଳିତ କବିତା ପାଠୋତ୍ସବ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ବିଭିନ୍ନ ବିଭାଗ ଜୟନ୍ତୀ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହାଡୁ ସେଠୀ, ସ୍ମୃତି ସମିତି ସଦସ୍ୟ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ମାୟାଧର ମହାରଣା, ଧ୍ରୁବ ଚରଣ କର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଅନାମ ଚନ୍ଦ୍ର ସାହୁ ଏବଂ ସୁକାନ୍ତ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**କବିତା ପାଠୋତ୍ସବ, ବିଭିନ୍ନ ପ୍ରତିଯୋଗିତା ହେବ**

# 'ସାମନ୍ତ ଚନ୍ଦ୍ରଶେଖର ଥିଲେ ବହୁମୁଖୀ ପ୍ରତିଭାଧାରୀ'

**ପୁରୀ ଅଫିସ, ୧୬।୧୨**




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କ ୧୮୭ତମ ଜୟନ୍ତୀ ଶୁକ୍ରବାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ସଭାପତିତ୍ୱ କରି ସାମନ୍ତ ଚନ୍ଦ୍ରଶେଖରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ମଣିଷ କିପରି ନିଜ ଲକ୍ଷ୍ୟ ହାସଲ କରିପାରେ ତାହା ସାମନ୍ତ ଚନ୍ଦ୍ରଶେଖରଙ୍କ ବ୍ୟକ୍ତିତ୍ୱରୁ ଶିକ୍ଷା କରିବା ଉଚିତ୍ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନ ଓ ସୃଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ଇଂଲିଶ ବିଭାଗ ମୁଖ୍ୟ ଅଧ୍ୟାପିକା ସସ୍ମିତା ପରମାଣିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କ୍ଷମତା ଦେବୀ ଓ କମ୍ବୁପାଣି ମଲ୍ଲିକ୍ ସହଯୋଗ କରିଥିଲେ।

ସେହିପରି ଉତ୍କଳ ବ୍ରାହ୍ମଣ ସମିତିର ଚନ୍ଦ୍ରଶେଖର ପାଠାଗାର ଆନୁକୂଲ୍ୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ ପାଳନ କରାଯାଇଛି। ପ୍ରତ୍ୟୁଷରେ ସାମନ୍ତ ଚନ୍ଦ୍ରଶେଖର, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ପଣ୍ଡିତ ସଦାଶିବ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଯୋଗଦେଇ ସାମନ୍ତଙ୍କ ଅମ୍ଳାନ କୃତି ଓ ସିଦ୍ଧାନ୍ତ ଦର୍ପଣ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟ ସମୂହ ମଧ୍ୟରୁ ୨୦୨୨-୨୩ ଶିକ୍ଷାବର୍ଷରେ ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡ ଦ୍ୱାରା ପରିଚାଳିତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ଏବଂ ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଚିନ୍ତାମଣି ଖଟୁଆ ଓ ଆୟୁଷ ରାଉତଙ୍କୁ ଚନ୍ଦ୍ରଶେଖର ସ୍ମୃତି ପୁରସ୍କାର ଓ ଭୁବନେଶ୍ୱର ସ୍ମୃତି ପୁରସ୍କାର ବାବଦରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପାଠାଗାରରେ ରହୁଥିବା ୩ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ସଭ୍ୟ ଦେବାନନ୍ଦ ମିଶ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମଶା ଦାଉରେ କଲବଲ ରାଜଧାନୀବାସୀ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ମଶା ଦାଉରେ କଲବଲ ରାଜଧାନୀବାସୀ। ରାତି ହେଉ କି ଦିନ ଘରେ, ବାହାରେ ସାଲୁବାଲୁ ହେଉଛନ୍ତି ମଶା। ବସ୍ତିରୁ ଆପାର୍ଟମେଣ୍ଟ, ସ୍କୁଲରୁ ଅଫିସ ସବୁଠି ମଶାଙ୍କ ଦାଉରେ ଅତିଷ୍ଠ ହେଉଛନ୍ତି ଲୋକେ। ମଶା ଯୋଗୁ ସହରରେ ଅସମ୍ଭାଳ ପରିସ୍ଥିତି। ସହରରେ ମଶାର ସାନ୍ଦ୍ରତା ୧୦୦ ଟପିଛି। ଅର୍ଥାତ୍ ଘଣ୍ଟାଏ ମଧ୍ୟରେ ଜଣେ ଲୋକକୁ ୧୦ଟି ମଶା କାମୁଡିବାକୁ ଜଗିଛନ୍ତି। ମଶାଙ୍କ ଦାଉରୁ ବର୍ତ୍ତିବାକୁ ଘରେ ବ୍ୟବହାର ହେଉଥିବା ମଶାଧୂପ, ଲିକ୍ୱିଡ୍, ଝୁଣା ଧୂଆଁ କିଛି କାମ କରୁନି। ଏମିତି ମଶା ମାରିବାକୁ ବ୍ୟବହାର ହେଉଥିବା ବ୍ୟାଟ୍ ବି ଆଉ କାମ ଦେଉନି। ସ୍ଥିତି ଏପରି ହେଲାଣି ଯେ, ପିଲାମାନେ ମଶାରୀ ଭିତରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷେ ସହରବାସୀ ମଶାଙ୍କୁ ନେଇ ଅତିଷ୍ଠ ହେବା ପରେ ଏବେ ବିଏମ୍‌ସିର ଚେତା ପଶିଛି। ଡ୍ରୋନ ସାହାଯ୍ୟରେ ମଶାଙ୍କୁ ଦମନ କରାଯିବ ବୋଲି ମେୟର, କମିଶନର କହିଛନ୍ତି। ଏଥିସହ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ମଶାଙ୍କ ବଂଶବୃଦ୍ଧିର କାରଣ, ନିରାକରଣ ଉପରେ ଦୃଷ୍ଟି ଦିଆଯିବ ବୋଲି ମଧ୍ୟ



ଭାଜପା କର୍ମୀମାନେ ମଶାରି ଟାଣି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କୁହାଯାଇଛି। ବିଶେଷକରି ବର୍ଷା ଋତୁ ପରେ ବିଏମ୍‌ସି ଜଳ ଉତ୍ସଗୁଡିକରେ ମଶାତେଲ ନ ପକାଇ ନିଦରେ ଶୋଇ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ସେହିପରି ହକି ପାଇଁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟସ୍ତ ଥିବା ବିଏମ୍‌ସି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ଅସମର୍ଥ ହୋଇଛି। ସ୍ଥିତିର ଗମ୍ଭୀରତାକୁ ଦେଖି ବିଏମ୍‌ସି ଏବେ ତତ୍ପରତା ଦେଖାଉଥିଲେ ବି ମଶାଙ୍କ ଉତ୍ପାତ ବଢି ଚାଲିଛି। ତେଣୁ ଏହାକୁ ଦମନ କରିବାପାଇଁ ବିଏମ୍‌ସି କେତେଦୂର ସମର୍ଥ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଆଗକୁ ହକି ବିଶ୍ୱକପ୍ ଥିବାରୁ ବାହାରୁ ଆସିବାକୁ ଥିବା ଖେଳାଳୀ, ପ୍ରଶଂସକ ଯେପରି ରାଜଧାନୀରୁ ମଶା କାମୁଡ଼ା ଅଭିଜ୍ଞତା ନେଇ ନ ଫେରନ୍ତି ତାହା ଦେଖିବାକୁ ପଡିବ। ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ମଶା ଦମନ ପାଇଁ ଆମେ ପଦକ୍ଷେପ ନେଉଛୁ। ପୂର୍ବରୁ ସହରରେ ୧୦ଟି ଫଗିଂ ଟିମ୍ ଥିଲେ ଏବଂ ଏବେ ଆଉ ୪ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଏମାନେ ନିୟମିତ ଭାବେ ସହରରେ ମଶାଧୂଆଁ ଛାଡିବେ। ସେହିପରି ରବିବାର ଠାରୁ ଡ୍ରୋନ୍ ସାହାଯ୍ୟରେ ମଶା ମରାଯିବ। ଏହାବାଦ୍ ମଶାତେଲ ସିଞ୍ଚନ ଏବଂ ଅନାବନା ଗଛ କଟା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ମଶାଙ୍କ ପ୍ରାର୍ଦୁଭାବ କମିବ ବୋଲି କମିଶନର କହିଛନ୍ତି।

## ବିଏମ୍‌ସି କାର୍ଯ୍ୟାଳୟ ଆଗରେ ମଶାରି ଟାଣି ବିକ୍ଷୋଭ

ସହରରେ ମଶାଙ୍କ ଦୌରାତ୍ମ୍ୟକୁ ନେଇ ଆରମ୍ଭ ହୋଇ ଯାଇଛି ରାଜନୀତି। ବିଏମ୍‌ସିର ଅବହେଳାରୁ ସହରରେ ଏବେ ଲୋକଙ୍କୁ ମଶା ଟେକି ନେବା ଭଳି ସ୍ଥିତି ଉପୁଜିଛି ବୋଲି ଅଭିଯୋଗ କରିଛି ଭୁବନେଶ୍ୱର ଜିଲା ଭାଜପା। ଏନେଇ ଶୁକ୍ରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବିଏମ୍‌ସି ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଧାରଣାରେ ମଶାରୀ ଭିତରେ ମେୟର ଏବଂ କମିଶନରଙ୍କ ମୁଖା ଲଗାଇ ବସିବା ସହ ଧୂଆଁ ଦେଇ କର୍ମୀମାନେ ପ୍ରତିବାଦ କରିଥିଲେ। ବିକ୍ଷୋଭକାରୀ ବିଏମ୍‌ସି କାର୍ଯ୍ୟାଳୟରେ ଧସେଇ ପଶିବାକୁ ଚେଷ୍ଟା କରିବାବେଳେ ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଭାଜପା କର୍ମୀ ଓ ପୋଲିସ ଭିତରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୁବନେଶ୍ୱରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍‌ସି ମେୟର ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି। ମାତ୍ର ବିଏମ୍‌ସି ସେବା କାର୍ଯ୍ୟ ଛାଡି ଟେଣ୍ଡର, ଗାଡି ପାର୍କିଂରେ କିଭଳି ଟଙ୍କା ରୋଜଗାର ସେ ନେଇ କାର୍ଯ୍ୟ କରୁଛନ୍ତି ବୋଲି ବାବୁ ଅଭିଯୋଗ କରିଛନ୍ତି। ସହରର ଲୋକଙ୍କୁ କିପରି ଭାବରେ ମଶା ଦାଉରୁ ରକ୍ଷା କରାଯାଇପାରିବ ସେଥିପାଇଁ ବିଏମ୍‌ସି କୌଣସି ସଫଳ ଆଭିମୁଖ୍ୟ ଗ୍ରହଣ କରୁନାହିଁ। ଫଳରେ ଅନେକ ଲୋକ ରୋଗରେ ପଡୁଛନ୍ତି ଓ ପ୍ରାଣ ହରାଉଛନ୍ତି। ଏପରେ ମେୟର ଏବଂ କମିଶନର ଖାଲି ମିଛ ବାହାସ୍ଫଟ ମାରୁଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ବିଏମ୍‌ସିର ନିୟମିତ କାର୍ଯ୍ୟ। ମାତ୍ର ତାହା ନ କରି ହକି ବିଶ୍ୱକପ୍ ପାଇଁ ବ୍ୟସ୍ତ ରହୁଥିବା ଦର୍ଶାଉଛି। ଯାହାକି ବିଡିଏ ଏବଂ ପୂର୍ତ୍ତ ବିଭାଗ ଦାୟିତ୍ୱ। ସେହିପରି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି, ନାଳ, ନର୍ଦ୍ଦମା ଏବଂ ପରିପାର୍ଶ୍ୱ ଅପରିଷ୍କାର ହୋଇ ସୃଷ୍ଟି ହେଉଥିବା ଦୁର୍ଗନ୍ଧମୟ ବାତାବରଣ ପାଇଁ ମଶା ବୃଦ୍ଧି ପାଉଛନ୍ତି। ବିକ୍ଷୋଭରେ ଜିଲା ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା, ଜିଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଦାମୋଦର ବେହେରା, ବିଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଉତ୍କଳମଣି ଆନ୍ତଃ ଜିଲା ସାମ୍ବାଦିକ ସଂଘ ଗଠିତ

**ଖୋର୍ଦ୍ଧା ଅଫିସ,୧୬।୧୨:** ଖୋର୍ଦ୍ଧା ଉପକଣ୍ଠ ବାଘମାରୀ ଅଚ୍ଛିସ୍ଥିତ ହଜକେଶ୍ୱର ମନ୍ଦିର ପରିସରରେ ବେଗୁନିଆ ପ୍ରେସ କ୍ଲବର ସହଯୋଗରେ ନୂତନ ଭାବେ ଉତ୍କଳମଣି ଆନ୍ତଃ ଜିଲା ସାମ୍ବାଦିକ ସଂଘ ଗଠନ କରାଯାଇଛି। ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲାର ୩୦ରୁ ଊର୍ଦ୍ଧ୍ୱ ସାମ୍ବାଦିକମାନେ ଯୋଗଦେଇ ସାମ୍ବାଦିକତା ଜୀବନରେ ବୃତ୍ତିଗତ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତିକ୍ରମେ ନୂତନ ସଂଘର ସଭାପତି ଭାବେ ଶରତ ଚନ୍ଦ୍ର ବାରିକ ଓ ଶୁଭେନ୍ଦୁ ମହାପାତ୍ର ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ଗଙ୍ଗାଧର ଦାଶ କୋଷାଧକ୍ଷ, ସଙ୍ଗଠନ ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ପଣ୍ଡା ଓ ବିଶ୍ୱଜିତ ମହାପାତ୍ର, ଗୀତିକାନ୍ତ ପଣ୍ଡା ଉପସଭାପତି, ମିହିର ରଞ୍ଜନ ମହାପାତ୍ର ସହ ସମ୍ପାଦକ, ସମୀର ସୁନ୍ଦରାୟ ମିଡିଆ ସେଲ ଅଧକ୍ଷ, ନଳିନୀ କାନ୍ତ ପଣ୍ଡା, ଶତ୍ରୁଘ୍ନ ପ୍ରଧାନ, ପାଣ୍ଡବ ସାହୁ, ସଂଗ୍ରାମ କେଶରୀ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ, ଭକ୍ତିଭୂଷଣ ମହାପାତ୍ର ପ୍ରମୁଖ ଉପଦେଷ୍ଟା ଏବଂ ସଦସ୍ୟ ଭାବେ ନିରଞ୍ଜନ ନାୟକ, ଦେବବ୍ରତ ହୋତା, ଅଜୟ କୁମାର ସେଠୀ, ଜାଗେଶ୍ୱର ପ୍ରଧାନ, ପ୍ରଶାନ୍ତ କର ପ୍ରମୁଖ ମନୋନୀତ ହୋଇଛନ୍ତି।

### ଭାଜପା ନଗର ମଣ୍ଡଳ ପକ୍ଷରୁ ପ୍ରସ୍ତୁତି ବୈଠକ

**ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.):** ଆସନ୍ତା ୨୦ ତାରିଖରେ ଭାଜପା ବାଣପୁର ନଗର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବାଣପୁର ଭାଜପା ନଗର ମଣ୍ଡଳ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ରଙ୍ଗନାଥ ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଧକ୍ଷତା କରିଥିଲେ। ଭାଜପା ଏକ ରାଜନୈତିକ ଦଳ ନୁହେଁ, ଏହା ଏକ ବିଶାଳ ପରିବାର। ଉକ୍ତ ପରିବାରର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଦେଶମାତୃକାର ସେବା ଉପଲକ୍ଷେ ଉତ୍ସର୍ଗୀକୃତ। ଆଗାମୀ ସାଧାରଣ ନିର୍ବାଚନରେ ଭାଜପା କିପରି ଚିଲିକାରେ ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବ ସେନେଇ ସମସ୍ତ କାର୍ଯ୍ୟକର୍ତ୍ତା ସଙ୍ଗଠନ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ନିର୍ବାଚିତ କାଉନ୍‌ସିଲରଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୧୬।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ବଡ଼ଝାଡ଼ କମଳେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଦୟନାଥ ପ୍ରତିଷ୍ଠାନର ସଭାପତି ବ୍ରଜକିଶୋର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବଡ଼ଝାଡ଼ ସରପଞ୍ଚ ସୁମିତ୍ରା ପାହାଣ, ମୁଖ୍ୟ ବକ୍ତା ଭାବେ ଯୋଗେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ କ୍ରୀଡ଼ା ଜୋନ୍ ସମ୍ପାଦକ ପଦ୍ମଚରଣ ଜେନା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ୨୭ ହାଇସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରକାଶ ସିଂହ, ପ୍ରମୋଦ ସାହୁ, ଅଶୋକ ସାମଲ, ଦାମୋଦର ତରେଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଅଶୋକ ଜେନା, ପଞ୍ଚାନନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶବର କପ୍ ଫୁଟ୍‌ବଲ: ଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ

**ଯାଁଳା,୧୬।୧୨(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଏବଂ ଫ୍ରେଣ୍ଡ୍‌ସ ପାରାଡାଇଜ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକର ସହାୟତା ନିଆଯାଇଥିଲା। କଳିଙ୍ଗ ସ୍ପୋର୍ଟିଂ ୫-୪ ଗୋଲରେ ଫ୍ରେଣ୍ଡ୍‌ସ ପାରାଡାଇଜକୁ ପରାଜିତ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ସ୍ପୋର୍ଟିଂର ସୁନୀଲ, ତୋଫାନ, ବିକାଶ, ଦୀପକ ଓ ଚନ୍ଦନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଫ୍ରେଣ୍ଡସ୍ ପାରାଡାଇଜ୍‌ର ଗଗନ ସିଂ, ବିଭୁ ରଞ୍ଜନ, ଆସପାକ ଓ ଲୁଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜୁ ମହାନ୍ତି, ବିଦେଶୀ ନାଏକ, ତନ୍ମୟ ସତ୍ୟସ୍ୱରୂପ ଓ ଉପେନ୍ଦ୍ର ନାଏକ ମ୍ୟାଚ୍ ପରିଚାଳନା କରିଥିଲେ।

## ଶାରୀରିକ, ମାନସିକ ଦକ୍ଷତାକୁ ବିକାଶ କରେ କ୍ରୀଡ଼ା

ବେଗୁନିଆ,୧୬।୧୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ସ୍ଥାନୀୟ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ପ୍ରଭାତ କୁମାର ନିଶଙ୍କ, ଶାନ୍ତନୁ ପାଇକରାୟ, ବିଆରସିସି ସୁରେଶ ଚନ୍ଦ୍ର ସେଠୀ, ଏବିଇଓ ଦାଶରଥି ପ୍ରଧାନ ଓ ନଳିନୀ ପ୍ରଭା ଦେବୀ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟରେ ପାଠପଢ଼ା ସହିତ ବିଭିନ୍ନ ପ୍ରତିଯୋଗିତାର ଆବଶ୍ୟକ ରହିଛି। ତନ୍ମଧ୍ୟରୁ କ୍ରୀଡ଼ା ହେଉଛି ଅନ୍ୟତମ। ଖେଳିବା ଦ୍ୱାରା ପିଲାମାନଙ୍କ ଶାରୀରିକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଓ ମାନସିକ ଦକ୍ଷତା ବିକାଶ ହୋଇଥାଏ ବୋଲି ଅତିଥି ଲେଙ୍କା କହିଥିଲେ। ତେବେ ପ୍ରଥମ ଦିବସରେ ୨୦୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଶାନ୍ତନୁ ପାଇକରାୟଙ୍କ ପରିଚାଳନରେ ଖେଳ ଶିକ୍ଷକମାନେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ଓ ସରୋଜ ବେହେରା ସଂଯୋଜକ ଭାବେ ଯୋଗଦେଇଥିଲେ।

## ନିଷିଦ୍ଧାଞ୍ଚଳ ଦେବୀ ମାଉଥିରୁ ଟ୍ରଲର ଜବତ

### ଜବତ ୩୦୦ କେଜିର ମାଛ ନିଲାମ

ଅସ୍ତରଙ୍ଗ,୧୬।୧୨(ଡି.ଏନ୍.ଏ.)

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଙ୍ଗମ ଓ ଅଣ୍ଡାଦାନ ପ୍ରକ୍ରିୟା ବା ପ୍ରଜନନ ଋତୁ ଆରମ୍ଭ ହେବାକୁ ଥିବାରୁ ସକ୍ରିୟ ହୋଇଉଠିଛି ବନ ବିଭାଗ। ତେବେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ମତ୍ସ୍ୟଜୀବୀଙ୍କ ପାଇଁ ନିଷିଦ୍ଧାଞ୍ଚଳ କରାଯାଇଛି। ଏ ନେଇ ଅସ୍ତରଙ୍ଗ ବନ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଶୁକ୍ରବାର ଗୋଟିଏ ଟ୍ରଲରକୁ ନିଷିଦ୍ଧାଞ୍ଚଳ ଦେବୀ ମାଉଥିରୁ ଜବତ କରିବାରେ ସକ୍ଷମ ହୋଇଛି। ଟ୍ରଲରର ନାମ ମା' ପାର୍ବତୀ। ଏହାର ନମ୍ବର, ଆଇ ଏନ୍‌ଡି ଓ ଆର୍ ୦୫ ଏମ୍ ଏମ୍ ୬୪। ଏଥିରେ ଥିବା ୭ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇ ଟ୍ରଲରର ସମସ୍ତ କାଗଜପତ୍ର ଜବତ କରାଯାଇଛି। ଏଥିସହ ସେଥିରେ ଥିବା ବି କ୍ଲାସ୍ ମାଛ ୨ଶହ କେଜିକୁ ୪ ହଜାର ଟଙ୍କା ଓ ସି କ୍ଲାସ୍ ମାଛ ୧୦୦ କେଜିକୁ ୧ହଜାର ଟଙ୍କାରେ ନିଲାମ ଦିଆଯାଇଥିବା ଅସ୍ତରଙ୍ଗର ଉପ ମତ୍ସ୍ୟ ଅଧିକାରୀ ନିପ୍ରବାର ରାଉତ ପ୍ରକାଶ କରିଛନ୍ତି। ଏହି ପାଟ୍ରୋଲିଂ ଟିମ୍‌ରେ ବ୍ରହ୍ମଗିରି ଫରେଷ୍ଟର ମାନସ ରଞ୍ଜନ ବେହେରା, ଫରେଷ୍ଟ ଗାର୍ଡ ଅବିନାଶ ଖୁଣ୍ଟିଆ, ଏପିଆର ଫୋର୍ସଙ୍କ ସମେତ ପ୍ରୋଟେକ୍ସନ ଗାର୍ଡ ପ୍ରମୁଖ ସାମିଲ ଥିଲେ। ଜବତ ଟ୍ରଲରକୁ ନୂଆଗଡ଼ ମାଛଧରା ବନ୍ଦରକୁ ଅଣାଯାଇ କୁଜଙ୍ଗସ୍ଥିତ ଡେପୁଟି ଡାଇରେକ୍ଟର ଫିସେରି ବସନ୍ତ କୁମାର ଦାସଙ୍କୁ ହସ୍ତାନ୍ତର କରାଯାଇଛି।

## ଇ-ଶ୍ରମିକଙ୍କ ତାଲିମ ଶିବିର

ବୋଲଗଡ଼,୧୬।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତର ଠଣାପଲୀଠାରେ ଇ-ଶ୍ରମ କାର୍ଡଧାରୀ ଶ୍ରମିକଙ୍କୁ ତାଲିମ ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ ଭୁବନେଶ୍ୱରଙ୍କ ସହାୟତାରେ କ୍ଲବ ରେଡ୍ ରୋଜ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ସରକାର ଶ୍ରମିକଙ୍କ ଇ ପଞ୍ଜୀକରଣ କରିବା ସହ ଦକ୍ଷତା ବିକାଶ ନିମିତ୍ତ ତାଲିମ ପ୍ରଦାନ କରୁଛନ୍ତି । ଏଥିସହ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜକ କ୍ଲବ ରେଡ୍ ରୋଜ୍‌ର ସମ୍ପାଦକ ପ୍ରକାଶ ସାହୁଙ୍କ ଆବାହକତ୍ୱରେ ହୋଇଥିବା ବେଳେ ବସନ୍ତ କୁମାର ପାତ୍ର, ରାଜକିଶୋର ପାଣିଗ୍ରାହୀ, ପ୍ରକାଶ ମିଶ୍ର, ସୁଧାକର ଦେବତା, ସୁରେଶ ପ୍ରଧାନ ପ୍ରମୁଖ ଯୋଗଦେଇଥଲେ। ଭାଗୀରଥି ଦାସ ଧନ୍ୟବାଦ ଦେଇଥିଲେ।




ତାଲିମ ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ନରେଶ କ୍ଲବ ଫାଇନାଲରେ

ବୋଲଗଡ଼,୧୬।୧୨(ଡି.ଏନ୍.ଏ.)

ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଜାନକୀ ବଲ୍ଲଭ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଶାନ୍ କ୍ଲବ ଏବଂ ଭଞ୍ଜନଗରର ନରେଶ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ନରେଶ କ୍ଲବ ୫-୪ ଗୋଲରେ ଶାନ୍ କ୍ଲବକୁ ପରାଜିତ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସଞ୍ଜୟ ଫତେସିଂ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମୀଧର ଚୌଧୁରୀ ଓ ସଞ୍ଜୀବ ପାଟ୍ଟଶାଣୀ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ସୌମ୍ୟରଞ୍ଜନ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ଲୁସି ମହାପାତ୍ର, ଶିଳ୍ପପତି ଭାଗ୍ୟଧର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଫ୍ରେଣ୍ଡ୍‌ସ କ୍ଲବ ସମ୍ପାଦକ ଭଞ୍ଜକିଶୋର ଯତି, ମୀନକେତନ ପାଟଶାଣୀ, ଜିତେନ୍ଦ୍ର ମାର୍ଥା, ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ନରେଶ କ୍ଲବ ଏବଂ ଅହମ୍ମଦୀୟା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ଖଣ୍ଡପଡ଼ା କ୍ଲବ ଫାଇନାଲରେ

### ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ(ଖୋର୍ଦ୍ଧା), ୧୬।୧୨ (ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ବଡ଼ପାରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଖଣ୍ଡପଡ଼ା କ୍ଲବ ଏବଂ କୁଶୁପଲା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୁଶୁପଲା କ୍ଲବର ମିଟୁ ନାୟକ ଗୋଟିଏ ଗୋଲ ଦେବାର ଦୁଇ ମିନିଟ୍ ମଧ୍ୟରେ ଖଣ୍ଡପଡ଼ା କ୍ଲବର ଆନିସ ବେହେରା ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖଣ୍ଡପଡ଼ା କ୍ଲବର ପ୍ରକାଶ ନାୟକ ଅନ୍ୟ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା କୁଶୁପଲା କ୍ଲବ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ଖଣ୍ଡପଡ଼ା କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ, ପପୁ ନାୟକ ଓ ବିପିନ ବିହାରୀ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଖବରଦାତା ରଘୁନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗଦାଧର ସାମନ୍ତରାୟ, ସାମାଜିକ କର୍ମୀ ଅଶୋକ ସୁନ୍ଦରାୟ, ଶିକ୍ଷକ ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଆନିସ ବେହେରାଙ୍କୁ ଶ୍ରୀରାମ ଟ୍ରେଡର୍ସ ଚାନ୍ଦପୁର ପକ୍ଷରୁ ପୁରସ୍କୃତ କରାଯାଇଥିଲା। ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ନନ୍ଦକିଶୋର ସ୍ୱାଇଁ କହିଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

ବୋଲଗଡ଼,୧୬।୧୨(ଡି.ଏନ୍.ଏ.)

ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଚାଷୀଙ୍କ ପାଇଁ ଆସିଥିବା ବାତ୍ୟା ଜୱାଦ ଜନିତ କ୍ଷତିପୂରଣ ପ୍ରଦାନରେ ବିଳମ୍ବ ଓ ଅନ୍ୟାନ୍ୟ ଦାବି ନେଇ ଗତ ବୁଧବାର ବୋଲଗଡ ତହସିଲଦାରଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ତେବେ ତହସିଲଦାର ଅନୁପସ୍ଥିତ ଥିବାରୁ ଜିଲାପାଳଙ୍କୁ ଭେଟିବାକୁ କେତେଜଣ କର୍ମକର୍ତ୍ତା ପହଞ୍ଚିଥିଲେ। ଜିଲାପାଳ ଅନ୍ୟତ୍ର ବ୍ୟସ୍ତ ଥିବାରୁ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ଅପେକ୍ଷା କରିବା ପରେ ତାଙ୍କ ଚାମ୍ବରକୁ ପଶିବା ସହ ଦାବିପୂରଣ ପାଇଁ ସହଯୋଗ କାମନା କରିଥିଲେ। ତେବେ ସମ୍ପୃକ୍ତ ଅଧିକାରୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପୋଲିସ ଡକାଇ ଥାନାକୁ ପଠାଇ ଦେଇଥିଲେ ବୋଲି ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ କହିଛନ୍ତି। ଖୋର୍ଦ୍ଧା ଆଦର୍ଶ ଥାନାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଟକ ରଖାଯାଇଥିବା ବେଳେ ଉଭୟ ଏତଲା ଦେଇଥିଲେ। ପ୍ରଶାସନ ବିରୋଧରେ ଚାଷୀ ସଙ୍ଗଠନ ଦେଇଥିବା ଏତଲା ରୁଜୁ ହୋଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ବୋଲଗଡ଼ ବ୍ଲକ ଅଧୀନ ମାଗୁରା ଗ୍ରାମ ତ୍ରିନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲା ସଂଯୋଜକ ମାନସିଂହଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଏଡିଏମ୍‌ଙ୍କ ବିରୋଧରେ ଦିଆଯାଇଥିବା ଏତଲାକୁ ପୋଲିସ ରୁଜୁ ନ କରିବା ନେଇ ପ୍ରତିବାଦ କରାଯାଇଥିଲା। ତେବେ ସଙ୍ଗଠନର ନେତୃବନ୍ଦଙ୍କ ବିରୋଧରେ ବି କୌଣସି ଦଫା କାର୍ଯ୍ୟକାରୀ ନ କରାଯାଉ ବୋଲି ମାନସିଂହ କହିଥିଲେ। ଏଥିରେ କୌଣସି ତ୍ରୁଟି କରାଯାଏ ଆଗାମୀ ଦିନରେ ଚାଷୀମାନେ ଠିମ୍ ସମୟରେ ଉଚିତ୍ ଜବାବ ଦେବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାରେ ଭିକାରୀ ବଳିୟାରସିଂ, ଗୋବିନ୍ଦ କହଲସିଂ, ସୁରେଶ ଚନ୍ଦ୍ର ବେହେରା, ବ୍ରଜକିଶୋର ନାୟକଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ।

## ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ହୋହଲ୍ଲା

ଗୋପ,୧୬।୧୨(ଡି.ଏନ୍.ଏ.)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ରୋଗୀଙ୍କ ଲାଗି ଆମ୍ବୁଲାନ୍ସ ସେବା ଯୋଗାଇ ଦେଇଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଶୁକ୍ରବାର ଗୋପ ବ୍ଲକ ଅଧୀନ ତରକୋର ପଞ୍ଚାୟତର ମଲିଆତୁଠ ଗ୍ରାମର ଗର୍ଭବତୀ ଅହଲ୍ୟା ପରିଡ଼ା ପ୍ରାୟ ୧ ଘଣ୍ଟା ଧରି ଯନ୍ତ୍ରଣାରେ ଥିବାବେଳେ ବିଳମ୍ବରେ ୧୦୨ ଆମ୍ବୁଲାନ୍ସ ପହଞ୍ଚିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା ହୋଇଥିଲା। ପ୍ରକାଶ ଯେ, ଏହି ଗର୍ଭବତୀ ଜଣଙ୍କ ଗୁରୁବାର ବିଳମ୍ବିତ ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ହେଲେ ପରଦିନ ଅଧିକ ଚିକିତ୍ସା ପାଇଁ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ପୁରୀ




ଗର୍ଭବତୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଉଛି।

ସଦର ହସ୍ପିଟାଲକୁ ରେଫର କରିଥିଲେ। ତେବେ ଅହଲ୍ୟାଙ୍କ ସାଙ୍ଗରେ ଆସିଥିବା ହୀରାମଣି ବେହେରା ୧୦୨ ଆମ୍ବୁଲାନ୍ସକୁ ଅପରାହ୍ନ ୧ଟା ୧୩ରେ ଫୋନ୍ କରି ବୁକିଂ କରିଥିଲେ। ପରେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୁନର୍ବାର ୧ଟା ୩୦ରେ ଫୋନ୍ କରିବାରୁ ଭୁବନେଶ୍ୱର କେୟାର ପକ୍ଷରୁ ୧୦ ମିନିଟ୍‌ରେ ଆମ୍ବୁଲାନ୍ସ ପହଞ୍ଚିବ ବୋଲି ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଆମ୍ବୁଲାନ୍ସ (ନଂ. ଓଡି ୩୩ ଏକ୍ସ- ୪୨୨୯) ଦୀର୍ଘ ୪୭ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୨ଟାରେ ଆସିଥିଲା। ଆମ୍ବୁଲାନ୍ସ ସେବାକୁ ନେଇ ବିଭିନ୍ନ ସମୟରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ଶୁକ୍ରବାର ଯନ୍ତ୍ରଣାରେ ଥିବା ଗର୍ଭବତୀଙ୍କ କ୍ଷେତ୍ରରେ ପୁନର୍ବାର ଏହି ବିଳମ୍ବ ଦେଖାଯିବାରେ କିଛି ସମୟ ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା ଦେଖିବାକୁ ମିଳିଥିଲା। ଏଠାରେ ପ୍ରଶ୍ନ ଉଠେ, ସରକାର ଗ୍ରାମାଞ୍ଚଳରୁ କିପରି ରୋଗୀମାନେ ଡାକ୍ତରଖାନାକୁ ଆସିପାରିବେ ସେନେଇ ଏହି ସେବା ଆରମ୍ଭ କରିଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖି ଯୋଗୁ ଏପରି ରୋଗୀ ହଇରାଣ ହେଉଛନ୍ତି। ତେଣୁ ଅବହେଳା କରୁଥିବା ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ନେଇ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ଲଲାଟ ପ୍ରଧାନଙ୍କୁ ପଚାରିବାରେ ବିଳମ୍ବ ହୋଇଥିବା ନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ୧୦୨ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ତାଗିଦ୍ କରାଯାଇଛି। ଭବିଷ୍ୟତରେ ଆଉ ଏପରି ହେବନାହିଁ ବୋଲି କହିଥିଲେ।

**ଦୂରଦୃଷ୍ଟିର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ**

ଭୁବନେଶ୍ୱର,(ବ୍ୟୁରୋ)-ସାପ୍ତାହିକ ଖବରକାଗଜ ଦୂରଦୃଷ୍ଟିର ୬ଷ୍ଠ ସ୍ୱନକ୍ଷତ୍ର ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଓ ଆଇଓସିଏଲ୍‌ର ନିର୍ଦ୍ଦେଶକ ସୁଦୀପ୍ତ କୁମାର ରାୟ ଯୋଗଦେଇଥିଲେ। ସମ୍ପାଦକ ଭକ୍ତଶେଖର ରାୟ ସମ୍ପାଦକୀୟ ପାଠ କରିବା ସମୟରେ ୬ ବର୍ଷର ସଂଘର୍ଷ ବିଷୟରେ କହିବା ସହ ତାଙ୍କ ଗଣମାଧମ ସ୍ୱଚ୍ଛ ସମାଜ ଗଠନ ପାଇଁ କିପରି ପ୍ରୟାସ କରୁଛି ତାହା ଅବଗତ କରାଇଥିଲେ। 'ଦୂରଦୃଷ୍ଟି'ର ସାମ୍ବାଦିକ ନରେନ୍ ପାଉଲି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରାମର୍ଶଦାତା ପୀୟୁଷ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ମଶା ଦାଉରେ କଲବଲ ରାଜଧାନୀବାସୀ



ମଶା ସମସ୍ୟା ନେଇ ଶୁକ୍ରବାର ଭାଜପା ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଆଗରେ ମଶାରି ଟାଣି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ମଶା ଦାଉରେ କଲବଲ ରାଜଧାନୀବାସୀ। ରାତି ହେଉ କି ଦିନ ଘରେ, ବାହାରେ ସାଲୁବାଲୁ ହେଉଛନ୍ତି ମଶା। ବସ୍ତିରୁ ଆପାର୍ଟମେଣ୍ଟ, ସ୍କୁଲରୁ ଅଫିସ ସବୁଠି ମଶା ଲାଗି ଅତିଷ୍ଠ ହେଉଛନ୍ତି ଲୋକେ। ମଶା ଯୋଗୁ ସହରରେ ଅସମ୍ଭାଳ ପରିସ୍ଥିତି। ସହରରେ ମଶାର ସାନ୍ଦ୍ରତା ୧୦୦ ଟପିଛି। ଅର୍ଥାତ୍ ଘଣ୍ଟାଏ ମଧ୍ୟରେ ଜଣେ ଲୋକଙ୍କୁ ୧୦ଟି ମଶା କାମୁଡ଼ିବାକୁ ଜଗିଛନ୍ତି। ମଶାଙ୍କ ଦାଉରୁ ବର୍ତ୍ତିବାକୁ ଘରେ ବ୍ୟବହାର ହେଉଥିବା ମଶାଧୂପ, ଲିକ୍ୱିଡ୍, ଝୁଣା ଧୂଆଁ କିଛି କାମ କରୁନି। ଏମିତି ମଶା ମାରିବାକୁ ବ୍ୟବହାର ହେଉଥିବା ବ୍ୟାଟ୍ ବି ଆଉ କାମ ଦେଉନି। ସ୍ଥିତି ଏପରି ହେଲାଣି ଯେ, ପିଲାମାନେ ମଶାରି ଭିତରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷେ ସହରବାସୀ ମଶାଙ୍କୁ ନେଇ ଅତିଷ୍ଠ ହେବା ପରେ ଏବେ ବିଏମ୍‌ସିର ଚେତା ପଶିଛି। ଡ୍ରୋନ ସାହାଯ୍ୟରେ ମଶାଙ୍କୁ ଦମନ କରାଯିବ ବୋଲି ମେୟର, କମିଶନର କହିଛନ୍ତି। ଏଥିସହ ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ମଶାଙ୍କ ବଂଶବୃଦ୍ଧିର କାରଣ, ନିରାକରଣ ଉପରେ ଦୃଷ୍ଟି ଦିଆଯିବ ବୋଲି ମଧ୍ୟ କୁହାଯାଇଛି। ବିଶେଷକରି ବର୍ଷା ଋତୁ ପରେ ବିଏମ୍‌ସି ଜଳ ଉତ୍ସଗୁଡ଼ିକରେ ମଶାତେଲ ନ ପକାଇ ନିଦରେ ଶୋଇଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ସେହିପରି ହକି ପାଇଁ ସହରର ସୌନ୍ଦର୍ଯ୍ୟକରଣ ନେଇ ବ୍ୟସ୍ତ ଥିବା ବିଏମ୍‌ସି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବାରେ ଅସମର୍ଥ ହୋଇଛି। ସ୍ଥିତିର ଗମ୍ଭୀରତାକୁ ଦେଖି ବିଏମ୍‌ସି ଏବେ ତତ୍ପରତା ଦେଖାଉଥିଲେ ବି ମଶାଙ୍କ ଉତ୍ପାତ ବଢ଼ିଚାଲିଛି। ତେଣୁ ଏହାକୁ ଦମନ କରିବା ପାଇଁ ବିଏମ୍‌ସି କେତେଦୂର ସମର୍ଥ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଆଗକୁ ହକି ବିଶ୍ୱକପ୍ ଥିବାରୁ ବାହାରୁ ଆସିବାକୁ ଥିବା ଖେଳାଳି, ପ୍ରଶଂସକ ଯେପରି ରାଜଧାନୀରୁ ମଶା କାମୁଡ଼ା ଅଭିଜ୍ଞତା ନେଇ ନ ଫେରନ୍ତି ତାହା ଦେଖିବାକୁ ପଡ଼ିବ। ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ମଶା ଦମନ ପାଇଁ ଆମେ ପଦକ୍ଷେପ ନେଉଛୁ। ପୂର୍ବରୁ ସହରରେ ୧୦ଟି ଫଗିଂ ଟିମ୍ ଥିଲେ ଏବଂ ଏବେ ଆଉ ୪ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଏମାନେ ନିୟମିତ ସହରରେ ମଶାଧୂଆଁ ଛାଡ଼ିବେ। ସେହିପରି ରବିବାରଠାରୁ ଡ୍ରୋନ୍ ସାହାଯ୍ୟରେ ମଶା ମରାଯିବ। ଏହାବାଦ୍ ମଶାତେଲ ସିଞ୍ଚନ ଏବଂ ଅନାବନା ଗଛ କଟା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର ମଶାଙ୍କ ପ୍ରାଦୁର୍ଭାବ କମିବ ବୋଲି କମିଶନର କହିଛନ୍ତି।

## ବିଏମ୍‌ସି କାର୍ଯ୍ୟାଳୟ ଆଗରେ ମଶାରି ଟାଣି ବିକ୍ଷୋଭ

ସହରରେ ମଶାଙ୍କ ଦୌରାତ୍ମ୍ୟକୁ ନେଇ ଆରମ୍ଭ ହୋଇଯାଇଛି ରାଜନୀତି। ବିଏମ୍‌ସିର ଅପାରଗତା କାରଣରୁ ସହରରେ ଏବେ ଲୋକଙ୍କୁ ମଶା ଟେକି ନେବା ଭଳି ସ୍ଥିତି ଉପୁଜିଛି ବୋଲି ଅଭିଯୋଗ କରିଛି ଭୁବନେଶ୍ୱର ଜିଲା ଭାଜପା। ଏହାକୁ ନେଇ ଶୁକ୍ରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବିଏମ୍‌ସି ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଅଭିନବ ଭାବେ ଧାରଣାରେ ମଶାରି ଭିତରେ ମେୟର ଏବଂ କମିଶନରଙ୍କ ମୁଖା ଲଗାଇ ବସିବା ସହ ଧୂଆଁ ଦେଇ କର୍ମୀମାନେ ପ୍ରତିବାଦ କରିଥିଲେ। ବିକ୍ଷୋଭକାରୀମାନେ ବିଏମ୍‌ସି କାର୍ଯ୍ୟାଳୟରେ ଧସେଇ ପଶିବାକୁ ଚେଷ୍ଟା କରିବାବେଳେ ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଭାଜପା କର୍ମୀ ଓ ପୋଲିସ ଭିତରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଭୁବନେଶ୍ୱରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବିଏମ୍‌ସି ମେୟର ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି। ମାତ୍ର ବିଏମ୍‌ସି ସେବା କାର୍ଯ୍ୟ ଛାଡି ଟେଣ୍ଡର, ଗାଡ଼ି ପାର୍କିଂରେ କିଭଳି ଟଙ୍କା ରୋଜଗାର ସେ ନେଇ କାର୍ଯ୍ୟ କରୁଛନ୍ତି ବୋଲି ବାବୁ ଅଭିଯୋଗ କରିଛନ୍ତି। ସହରର ଲୋକଙ୍କୁ କିପରି ଭାବେ ମଶା ଦାଉରୁ ରକ୍ଷା କରାଯାଇପାରିବ

### ଲୋକଙ୍କୁ ଭୂଆଁ ବୁଲାଉଛି ବିଏମ୍‌ସିଃ ଭାଜପା

ସେଥିପାଇଁ ବିଏମ୍‌ସି କୌଣସି ସଫଳ ଆଭିମୁଖ୍ୟ ଗ୍ରହଣ କରୁନାହିଁ। ଫଳରେ ଅନେକ ଲୋକ ରୋଗରେ ପଡୁଛନ୍ତି ଓ ପ୍ରାଣ ହରାଉଛନ୍ତି। ଏପରେ ମେୟର ଏବଂ କମିଶନର ଖାଲି ମିଛ ବାହାସ୍ଫଟ ମାରୁଛନ୍ତି। ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ବିଏମ୍‌ସିର ନିୟମିତ କାର୍ଯ୍ୟ। ମାତ୍ର ତାହା ନ କରି ହକି ବିଶ୍ୱକପ୍ ପାଇଁ ବ୍ୟସ୍ତ ରହୁଥିବା ଦର୍ଶାଉଛି। ଯାହାକି ବିଡିଏ ଏବଂ ପୂର୍ତ୍ତ ବିଭାଗର ଦାୟିତ୍ୱ। ସେହିପରି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି, ନାଳ, ନର୍ଦ୍ଦମା ଏବଂ ପରିପାର୍ଶ୍ୱ ଅପରିଷ୍କାର ହୋଇ ସୃଷ୍ଟି ହେଉଥିବା ଦୁର୍ଗନ୍ଧମୟ ବାତାବରଣ ପାଇଁ ମଶା ବୃଦ୍ଧି ପାଉଛନ୍ତି। ଏହା ଉପରେ କାମ ନ କରି କାନ୍ଥ ବାଡ଼ରେ ଚିତ୍ର ଆଙ୍କି ରାସ୍ତାକଡ଼ରେ ଗଛ ଲଗାଇ ଦେଇ ସହରକୁ ଉପରୁ ଚିକ୍କଣ କରାଯାଉଛି। ୨୩ ବର୍ଷ ଶାସନ କାଳରେ ରାଜ୍ୟ ସରକାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ପାରୁ ନାହାନ୍ତି ବୋଲି କହିଥିଲେ। ବିକ୍ଷୋଭରେ ଜିଲା ସାଧାରଣ ସମ୍ପାଦକ ଦିଲୀପ ବେହେରା, ଜିଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ଦାମୋଦର ବେହେରା, ବିଜୟ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଉଠାଦୋକାନ ଉଚ୍ଛେଦକୁ ବିରୋଧ
### ରାଜରାସ୍ତାକୁ ଓହ୍ଲାଇବ ଓଡ଼ିଶା ଉଠାଦୋକାନୀ ମହାସଂଘ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)- ଜାନୁୟାରୀରେ ଭୁବନେଶ୍ୱର ଏବଂ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜନ ହେବ। ଏହାକୁ ଦେଖିବା ପାଇଁ ସମଗ୍ର ବିଶ୍ୱରୁ ଖେଳାଳି, ପ୍ରଶଂସକ ଏବଂ ବ୍ୟକ୍ତିବିଶେଷ ଆସିବେ। ଏଥିପାଇଁ ସଜେଇ ହେଉଛି ଭୁବନେଶ୍ୱର। ମାତ୍ର ସହରକୁ ସୌନ୍ଦର୍ଯ୍ୟକରଣ କରିବା ଆଳରେ ବିଏମ୍‌ସି, ବିଡିଏ, ଜିଏ, ଜାତୀୟ ରାଜପଥ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ ବସ୍ତିବାସିନ୍ଦା ଏବଂ ଉଠା ଦୋକାନୀଙ୍କୁ ଉଚ୍ଛେଦ କରିଚାଲିଛନ୍ତି। ସୌନ୍ଦର୍ଯ୍ୟକରଣ ନାମରେ ପ୍ରତିଦିନ ସେମାନଙ୍କ ଉପରେ ଜୁଲୁମ କରାଯାଉଛି। ସେମାନଙ୍କ ମୁହଁରୁ ଖାଇବା ଛଡାଇ ନିଆଯାଉଛି। ଝିଣ୍ଟିକା ମାରି ବଣି ପୋଷିବା ନ୍ୟାୟରେ ଖେଳାଳିମାନଙ୍କ ସ୍ୱାର୍ଥ ପାଇଁ ଗରିବ ଉଠାଦୋକାନୀ ଓ ବସ୍ତିବାସିନ୍ଦାଙ୍କ ଦାନା ପାଣି ମାରିବା ଏହି ଉଚ୍ଛେଦର ମୂଳ ଲକ୍ଷ୍ୟ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ କ୍ଷୋଭର ସହ କହିଛନ୍ତି। ଉଚ୍ଛେଦ ଫଳରେ ଏବେ ଶତାଧିକ ପରିବାର ସେମାନଙ୍କ ରୋଜଗାର ହରାଇ ଭୋକ ଉପାସରେ ଦିନ କାଟୁଛନ୍ତି। ଆଗକୁ ଏହା ଜାରିରହିଲେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପରିବାର ଉପାସରେ ରହିବେ। ତେଣୁ ରାଜ୍ୟ ସରକାର ଉଠାଦୋକାନୀମାନଙ୍କୁ ଆଇନ ଅନୁଯାୟୀ ଥଇଥାନ ନ କରି ଉଚ୍ଛେଦ ଜାରି ରଖିଲେ ବାଧହୋଇ ଓଡ଼ିଶା ଉଠାଦୋକାନୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସେହିପରି ନବୀନ ନିବାସ ଆଗରେ ଧାରଣା ଦେବା ସହ କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲା ଷ୍ଟାଡିୟମ ସମ୍ମୁଖରେ ହଜାର ହଜାର ଉଠାଦୋକାନୀ ଓ ବସ୍ତିବାସିନ୍ଦା ଧାରଣାରେ ବସିବେ ବୋଲି ଚେତାବନୀ ଦେବା ସହ ଖେଳ ନୁହେଁ, ଆମେ ବଞ୍ଚିବା ପାଇଁ ଦୁଇମୁଠା ଭାତ ଚାହୁଁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ସମ୍ବିଧାନର ଧାରା ୧୯(୧) (ଛ) ଆଇନ ଅନୁଯାୟୀ ନାଗରିକଙ୍କ ବେପାର ବୃତ୍ତି କରିବା ପାଇଁ ମୌଳିକ ଅଧିକାର ରହିଛି। ସେଥିରୁ କାହାକୁ ନିବୃତ୍ତ କରାଯାଇପାରିବ ନାହିଁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

### ସାମ୍ବାଦିକ ବୈଷ୍ଣବ ଜେନାଙ୍କ ନାମରେ ସ୍ମାରକୀ ପୁରସ୍କାର ପ୍ରଚଳନ ହେଉ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)-ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସ୍ୱର୍ଗତ ବୈଷ୍ଣବ ଚରଣ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ୟୁନିଟ୍-୩ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଜେନାଙ୍କ ସ୍ମୃତିରକ୍ଷା ପାଇଁ ସ୍ମାରକୀ ପୁରସ୍କାର ବ୍ୟବସ୍ଥା ପ୍ରଚଳନ କରାଯିବା ସହ ବରି ଖବରଦାତାମାନଙ୍କ ଦେହାନ୍ତରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରିବା ଏବଂ ସାମ୍ବାଦିକଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ନିମନ୍ତେ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ତରଫରୁ ପୂର୍ବ ଘୋଷଣା ଅନୁସାରେ ସ୍ୱର୍ଗତ ଜେନାଙ୍କ ସହଧର୍ମିଣୀ ବାସନ୍ତୀ ଜେନାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ନବକିଶୋର ଦାସ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଧାକାନ୍ତ ସେଠୀ, ଭାଜପା ନେତା ସଜ୍ଜନ ଶର୍ମା ଏବଂ ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଶୁକ୍ରବାର ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ଉପସ୍ଥିତ ଅତିଥିମାନେ ।

## ନାଟ୍ୟ ରଚନା କ୍ଷେତ୍ରରେ ଭଞ୍ଜକିଶୋର ଥିଲେ ଅନ୍ୟତମ ସାରଥି

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଶୁକ୍ରବାର ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସ୍ମାରକୀ-ବକ୍ତୃତା ସମାରୋହ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ନାଟ୍ୟକାର ଭଞ୍ଜକିଶୋରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ବିଜୟ କୁମାର ଶତପଥୀ କହିଲେ, ଓଡ଼ିଶାର ନାଟ୍ୟ ରଚନା କ୍ଷେତ୍ରରେ ଭଞ୍ଜକିଶୋର ପଟ୍ଟନାୟକ ଥିଲେ ଅନ୍ୟତମ ମହାରଥୀ। ତାଙ୍କ ରଚିତ ନାଟକଗୁଡ଼ିକ ଓଡ଼ିଶାର ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ ଥିବାରୁ ତାହା ଅତ୍ୟନ୍ତ ବାସ୍ତବଧର୍ମୀ ଏବଂ ହୃଦୟସ୍ପର୍ଶୀ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କହିଲେ, ଭଞ୍ଜକିଶୋରଙ୍କ ନାଟକ ଓ ଅନ୍ୟାନ୍ୟ କୃତିରେ ଅବହେଳିତ ମଣିଷର ସ୍ୱର ପ୍ରଖର ହୋଇପାରିଛି। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଏକାଡେମୀ ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିଲେ।

## ଜମି ବିବାଦରୁ ପଡ଼ୋଶୀଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ) :

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ମାଡ ମାରିବା ସହ ଘର ଜିନିଷ ଭଙ୍ଗାରୁଜା କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୨ଭାଇଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଜାମୁକୋଲି ଉପର ସାହିର ନୀଳକଣ୍ଠ ଦାସ(୩୦) ଓ ଲିଙ୍ଗରାଜ ଓରଫ କୁନା ଦାସ (୨୮)। ସୂଚନାନୁସାରେ ଅଭିଯୁକ୍ତ ୨ଭାଇ ଓ ଅଭିଯୋଗକାରୀଣୀ ପଡ଼ୋଶୀ ମହିଳାଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ହେବ ଝଗଡ଼ା ଲାଗିରହୁଥିଲା। ତେବେ ୧୪ ରିଖରେ ୨ଭାଇ ନିଶାସକ୍ତ ଅବସ୍ଥାରେ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ସହ ଏକ କୁରାଢ଼ିରେ ଆକ୍ରମଣ କରିବାକୁ ଗୋଡାଇ ବେଳେ ସ୍ତ୍ରୀ ବଞ୍ଚାଇଥିଲେ । ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା ।

## ଆନ୍ଦୋଳନରୁ ଉଠିଲେ କର୍ପୋରେଟର: ଜବରଦଖଲ ସ୍ଥାନରେ ନିର୍ମାଣ ହେବ ୱାର୍ଡ ଅଫିସ୍

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

୮ଦିନ ଧରି ଧାରଣା ଦେବା ପରେ ମିଳିଲା ସଫଳତା। ବିଲ୍ଡର ଜବରଦଖଲରେ ଥିବା ସରକାରୀ ଜମି ବିଏମ୍‌ସିକୁ ଆଲଟ୍‌ମେଣ୍ଟ ହୋଇଛି। ୱାର୍ଡ ନଂ. ୩୭ରେ ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ସ୍ଥାନକୁ ବିଭବ ଆପାର୍ଟମେଣ୍ଟ ପକ୍ଷରୁ ପୁନଃ ଜବରଦଖଲ କରି ପାର୍କିଂ ଭାବେ ବ୍ୟବହାର କରାଯାଉଥିଲା। ଏହା ବିରୋଧରେ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ ୯ ତାରିଖରେ ଆପାର୍ଟମେଣ୍ଟ ଆଗରେ ଧାରଣାରେ ବସିଥିଲେ। ଶୁକ୍ରବାର ମେୟର ସୁଲୋଚନା ଦାସ ଘଟଣାସ୍ଥଳକୁ ଆସି ସାଧାରଣ ପ୍ରଶାସନ ବିଭାଗ ଆପାର୍ଟମେଣ୍ଟ ସାମ୍ନା ଜାଗାକୁ ବ୍ୟକ୍ତିଗତ ପାର୍କିଂ ନୁହେଁ, ବରଂ ସର୍ବସାଧାରଣଙ୍କ ସ୍ୱାର୍ଥ ପାଇଁ ବିଏମ୍‌ସିକୁ ଜାଗା ଆଲଟ୍‌ମେଣ୍ଟ କରିଥିବା ଅର୍ଡର ଦେଇଥିଲେ। ୱାର୍ଡର ସ୍ୱାର୍ଥ ପାଇଁ ସେଠାରେ ୱାର୍ଡ ଅଫିସ କରାଯିବ ଏବଂ ଏଥିପାଇଁ ବିଏମ୍‌ସି ପକ୍ଷରୁ ଟେଣ୍ଡର ଡକାଯାଇଛି, ଖୁବ୍‌ଶୀଘ୍ର କାର୍ଯ୍ୟ ହେବ ବୋଲି ମେୟର କହିଥିଲେ। ଏହାପରେ ସାଧାରଣ ପ୍ରଶାସନ ବିଭାଗ ଓ ବିଡିଏ ଉକ୍ତ ସ୍ଥାନରେ ସର୍ଭେ କରିଥିଲେ। ସିଟି ଇଞ୍ଜିନିୟର ଅରୁଣ ନାୟକ, ଉପକାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ମହାପାତ୍ର, ୱାର୍କସ କମିଟି ଚେୟାରମ୍ୟାନ ଅମରେଶ ଜେନା, ୱାର୍ଡ ନଂ. ୪୪ କର୍ପୋରେଟର ଅଜିତ ବେହେରା ଧାରଣା ସ୍ଥଳକୁ ଆସିଥିଲେ। କର୍ପୋରେଟର ବନ୍ଦିତା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ୨ ମାସ ହେବ ମା'ପୁଅଙ୍କ ପତ୍ତା ମିଳୁନି

- ସନ୍ଦେହ ଘେରରେ ଜଣେ ଯୁବତୀ
- ଅଭିଯୋଗକୁ ଗୁରୁତ୍ୱ ଦେଉନି ପୋଲିସ

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ଭୁବନେଶ୍ୱରର ଲିଙ୍ଗରାଜ ଥାନା ଅନ୍ତର୍ଗତ ବଡ଼େଇବାଙ୍କ ଅଞ୍ଚଳରେ ରହୁଥିବା ମା' ପ୍ରିୟା ନାୟକ (୨୭) ଓ ତାଙ୍କ ୫ବର୍ଷର ପୁଅ ନିଖୋଜ ହେବା ଘଟଣାକୁ ୨ ମାସରୁ ଊର୍ଦ୍ଧ୍ୱ ବିତିଲାଣି। ହେଲେ ଏଯାଏ ତାଙ୍କର କୌଣସି ଖୋଜ ଖବର ମିଳୁନି। ପୋଲିସ ମାମଲା (ନଂ.୨୧/୨୦୨୨) ରୁଜୁ କରି ଚୁପ୍ ବସିଥିବାବେଳେ ସ୍ୱାମୀ ପ୍ରଭାତ ନାୟକ ଚାରିଆଡେ ଖୋଜାଖୋଜି କରି ଭାଙ୍ଗି ପଡିଛନ୍ତି। କାର୍ଗିଲ ବସ୍ତିରେ ରହୁଥିବା ଗୌରୀ ନାମ୍ନୀ ଯୁବତୀ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ କେଉଁଆଡେ ନେଇଯାଇଥିବା ପ୍ରଭାତ ସନ୍ଦେହ କରୁଛନ୍ତି। ଏନେଇ ମଧ୍ୟ ପୋଲିସ ସେ ଜଣାଇଛନ୍ତି। ହେଲେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ କମିଶନରେଟ ପୋଲିସ ସେତେଟା ଗୁରୁତ୍ୱ ନ ଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପ୍ରଭାତଙ୍କ ଘର ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜୀଲୀବା ଗ୍ରାମରେ। ସେ ହାଇଦ୍ରାବାଦରେ ରହି କାମ କରୁଥିବାବେଳେ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ବଡ଼େଇବାଙ୍କରେ ରହି କାମ କରୁଥିଲେ। ପ୍ରଭାତ ଅକ୍ଟୋବରରେ ହାଇଦ୍ରାବାଦରୁ ଭୁବନେଶ୍ୱରସ୍ଥିତ ଘରକୁ ଆସିଥିଲେ। ଅକ୍ଟୋବର ୧୨ ସକାଳ ୮ଟା ୩୦ରେ ସେ ବାଥ୍‌ରୁମରେ ଗାଧୋଇ ବାହାରିବା ପରେ ସ୍ତ୍ରୀ ଓ ପୁଅଙ୍କୁ ଘରେ ନ ଥିବା ଦେଖିବାକୁ ପାଇଥିଲେ। ଉଭୟଙ୍କୁ ବହୁ ଖୋଜାଖୋଜି କରିବା ପରେ ଶେଷରେ ନିରୁପାୟ ହୋଇ ଅକ୍ଟୋବର ୧୭ରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗୁରୁତ୍ୱ ଦେଇ ଖୋଜାଖୋଜି କରିଥିଲେ ନିଶ୍ଚିତ ତାଙ୍କ ସ୍ତ୍ରୀ ଓ ପୁଅ ମିଳିଯାଇଥାନ୍ତେ ବୋଲି ପ୍ରଭାତ କ୍ଷୋଭର ସହ କହିଛନ୍ତି। ଏଥିସହ ସମ୍ପୃକ୍ତ ଯୁବତୀଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରି ନିଖୋଜ ସ୍ତ୍ରୀ ଓ ପୁଅଙ୍କୁ ଉଦ୍ଧାର କରିବାକୁ ସେ ପୋଲିସ କମିଶନରଙ୍କୁ ନିବେଦନ କରିଛନ୍ତି।



ପ୍ରିୟା ନାୟକ ଓ ତାଙ୍କ ୫ବର୍ଷର ପୁଅ ।

# ମାଟିରେ ମିଶିଲା ୩୦୦ ଦୋକାନ

### ୫୦ ହଜାର ଜରିମାନା ଆଦାୟ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ହକି ବିଶ୍ୱକପ ପାଖେଇ ଆସୁଥିବାବେଳେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାତାର ସହରରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଶୁକ୍ରବାର ୩୦୦ରୁ ଊର୍ଦ୍ଧ୍ୱ ଦୋକାନ ମାଟିରେ ମିଶାଇ ଦିଆଯାଇଛି। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ସହରର ଡ୍ରେନ ଓ ରାସ୍ତା ଉପରେ ଲାଗିଥିବା ହୋର୍ଡିଂ ହଟାଇଥିବା ବେଳେ ଦୋକାନୀମାନଙ୍କଠୁ ୫୦ହଜାର ଟଙ୍କା ଫାଇନ ଆଦାୟ କରିଛି। ଷ୍ଟୁଆର୍ଟ ସ୍କୁଲରୁ ଡେଲଟା ଓ ସିଆରପି ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ କରାଯାଇଛି। ଏଥିରେ ୨୧୭ଟି ବେଆଇନ ନିର୍ମାଣ ଭଙ୍ଗାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ମୁତୟନ ହୋଇଥିବା ବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ। ସାମିଲ ଥିଲେ ସେହିପରି ହାଉସିଂ ବୋର୍ଡ ଛକରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଉଚ୍ଛେଦ ହୋଇଛି। ପଟିଆ ଛକରୁ ଡମଣା ଛକ ପର୍ଯ୍ୟନ୍ତ ଉଚ୍ଛେଦ ହୋଇଥିଲା ବେଳେ ସ୍ମାର୍ଟ ଜନପଥରୁ ମଧ୍ୟ କେତୋଟି ଅସ୍ଥାୟୀ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି।



ଜେସିବି ଦ୍ୱାରା ଉଚ୍ଛେଦ ହେଉଥିବା ଦୋକାନ।

# ବସ୍ତି ସୁରକ୍ଷା ମଞ୍ଚର ପ୍ରତିବାଦ ଯାତ୍ରା

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଆଇନକୁ ସଂକଳ୍ପ ଭାବେ କାର୍ଯ୍ୟକାରୀ କରିବା, ଖାଦ୍ୟ ନିରାପତ୍ତା ପ୍ରଦାନ, ସାମାଜିକ ନିରାପତ୍ତା ପ୍ରଦାନ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଭଳି ପ୍ରମୁଖ ଦାବି ନେଇ ଶୁକ୍ରବାର ଲୋୟର ପିଏମ୍‌ଜିରେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳ, ପରିମଳ ସେବା ଯୋଗାଣ ସହ ମାନବୀୟ ମର୍ଯ୍ୟାଦା ସହ ବଞ୍ଚିବାର ଅଧିକାର ପାଇଁ ହଜାର ହଜାର ସଂଖ୍ୟାରେ ବସ୍ତିବାସିନ୍ଦା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୧୨ ଦଫା ଦାବି ନେଇ ଦୁଇଥର ବିଶାଳ ଜନାସମାବେଶ କରାଯିବା ପରେ ସୁଫଳ ନ ମିଳିବାରୁ ବିଧାନସଭା ଘେରାଉ କରିବାକୁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରେ ନବୀନ ନିବାସ ଘେରାଉ କରିବା ପାଇଁ ମଞ୍ଚ ଉଦ୍ୟତ ହେଉଥିବା ବେଳେ ଅତିରିକ୍ତ ଶାସନ ସଚିବଙ୍କ ସମେତ ରାଜ୍ୟ ସରକାରଙ୍କ ୭ଜଣିଆ ପ୍ରତିନିଧି ଦଳ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତେବେ ନିଷ୍ପତ୍ତି ନେବା ପାଇଁ ପ୍ରତିନିଧି ଦଳ ୭ ଦିନ ସମୟ ମାଗିଥିବା ଜଣାପଡ଼ିଛି। ସାଧାରଣ ସମ୍ପାଦିକା ପ୍ରମିଳାଙ୍କ କହିବାନୁସାରେ ନିର୍ବାଚନ ସମୟରେ ରାଜ୍ୟ ସରକାର ସବୁବେଳେ ବସ୍ତିବାସିନ୍ଦାଙ୍କ ଦ୍ୱାରସ୍ଥ ହୁଅନ୍ତି। ନିର୍ବାଚନ ସରିଲେ ଉଚ୍ଛେଦ ଆରମ୍ଭ ହୋଇଯାଇଥାଏ। ତେଣୁ ଗରିବଙ୍କ ଅଧିକାର ପାଇଁ ଏହି ବିକ୍ଷୋଭ କରାଯାଉଥିବା ସେ କହିଛନ୍ତି। ମଞ୍ଚର ଅଭିଯୋଗ ଅନୁଯାୟୀ ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ସମ୍ପତ୍ତି ଅଧିକାର ପ୍ରଦାନ ଆଳରେ ୨୦୦୩ରେ ପୌର ନିଗମର ଆଇନଗତ ବ୍ୟବସ୍ଥାକୁ ୨୦୧୭ରେ ସଂଶୋଧନ କରାଯାଇଥିଲା। ସେହିପରି ୨୦୧୭ରେ ମହାନଗର ନିଗମ ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର କରାଯାଇଥିଲା। ଏଥିସହ ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଓ ନାଗରିକ ସୁବିଧା ସୁଯୋଗର ଅଧିକାର ପାଇଁ ବିଧାନସଭାରେ ସ୍ୱୀକୃତି ଦିଆଯାଇଛି।




ଲୋୟର ପିଏମ୍‌ଜିରେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

### ୭ ଦିନ ମାଗିଲେ ସରକାର

ଏହା ସତ୍ତ୍ୱେ ଓଡ଼ିଶା ମହାନଗର ନିଗମ ଆଇନ ଓ ବସ୍ତି ନୀତି ଉଲ୍ଲଙ୍ଘନ କରି ସରକାର ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, କଟକ, ସମ୍ବଲପୁର ଭଳି ବିଭିନ୍ନ ସହରରେ ବସ୍ତି ଉଚ୍ଛେଦ କରିବାକୁ ପ୍ରୟାସ କରୁଛନ୍ତି। ଜାଗା ମିଶନର ଶୁଭାରମ୍ଭ ପରେ ଅନେକ ବସ୍ତିକୁ ଉଚ୍ଛେଦ କରାଯାଉଛି ବୋଲି ମଞ୍ଚର ଉପଦେଷ୍ଟା ବିଶ୍ୱପ୍ରିୟ କାନୁନଗୋ, ରାମଚନ୍ଦ୍ର ସାହୁ, ସରୋଜ ଦାସ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପଟେ କର୍ମସ୍ଥଳୀ ନିକଟରେ ବାସସ୍ଥାନ ଅଧିକାର ପାଇଁ ୧୭ ତାରିଖରେ ୧୫୦ଜଣ ପ୍ରତିନିଧିଙ୍କୁ ନେଇ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମଞ୍ଚର ସଭାନେତ୍ରୀ ହେନା ସୂଚନା ଦେଇଛନ୍ତି। ସେହିପରି ୧୮ ତାରିଖରେ ବସ୍ତିବାସିନ୍ଦାଙ୍କ ସମସ୍ୟା ଓ ବାସଗୃହ ଅଧିକାର ସମ୍ପର୍କରେ ଲୋହିଆ ଏକାଡେମୀରେ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## ମଦ ଜବତ, ୩ ଗିରଫ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୦ ବୋତଲରୁ ଊର୍ଦ୍ଧ୍ୱ ଚୋରା ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ରାତିରେ ସାଲେପୁର ଥାନା ଭାତପଡ଼ା ଗ୍ରାମର ସଞ୍ଜୟ ସାମଲ ନିଜ ଘରେ ରଖି ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ତା' ଚଢ଼ାଉ କରି ୧୭ ବୋତଲ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିପରି ଭୀମଦାସପୁର ଗ୍ରାମର ବିଚିତ୍ର ମଲ୍ଲିକଙ୍କଠାରୁ ୩ଲିଟର, ରାଘବପୁର ଗ୍ରାମର ସୁକାନ୍ତ କୁମାର ବାଈଙ୍କ ଘରୁ ୨୦ବୋତଲ ଜବତ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଛି।

## ଆଜି କ'ଣ କେଉଁଠି

**କଟକ**

- ସ୍ୱାଧୀନତା ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ୬୦ତମ ଶ୍ରାଦ୍ଧୋତ୍ସବରେ ଆଲୋଚନାଚକ୍ର, ଗୁଣନିଧି ଭବନ, ଥୋରିଆ ସାହି, ପୂର୍ବାହ୍ନ ୧୦ଟା।
- କେମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, କ୍ୟାଣ୍ଟନମେଣ୍ଟ ରୋଡ୍, ଅପରାହ୍ନ ୪ଟା ୩୦।
- ସାହିତ୍ୟ ସଂସଦ ପକ୍ଷରୁ ୬୩ତମ ଶିଶିର ଉତ୍ସବ ଉଦ୍‌ଯାପନୀ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା।

**ନିଆଳି**

- ସୋସିଆଲ ଡେଭଲପମେଣ୍ଟ କାଉନସିଲ ପକ୍ଷରୁ ପ୍ରଥମ ବିଳାଶୁଣୀ ମହୋତ୍ସବ-୨୦୨୨, ବିଳାଶୁଣୀ, ପୂର୍ବାହ୍ନ ୧୦ଟା।

# ଗବେଷଣାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ରେଭେନ୍‌ଶା

**କଟକ ଅଫିସ,୧୬।୧୨**

**୫ ବର୍ଷରେ ୪୮୦ ଜଣଙ୍କୁ ପିଏଚ୍.ଡି. ଉପାଧି**



ରାଜ୍ୟର ବିଶ୍ୱବିଦ୍ୟାଳୟ ସ୍ତରୀୟ ଗବେଷଣାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ପିଏଚ୍.ଡି. କରିବା ପାଇଁ ଗବେଷକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ଚଳିତ ଶିକ୍ଷାବର୍ଷରେ ପିଏଚ୍.ଡି. ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ନିର୍ଦ୍ଧାରିତ ଆସନଠାରୁ ୧୦ଗୁଣ ଅଧିକ ଆବେଦନପତ୍ର ଆସିଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୧୦ ଜଣ ଛାତ୍ରୀଛାତ୍ରଙ୍କ ନାମଲେଖା ଶେଷ ହୋଇଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କର ଜାତୀୟ ମେଧାବୃତ୍ତିଭିତ୍ତିକ ଯୋଗ୍ୟତା ରହିଛି। ଜେଆର୍‌ଏଫ୍, ରାଜୀବ ଗାନ୍ଧୀ ଜାତୀୟ ବୃତ୍ତି ତଥା ଅନ୍ୟାନ୍ୟ ମେଧାବୃତ୍ତିରେ ସଫଳ ହୋଇଥିବା ଛାତ୍ରୀଛାତ୍ର ଗବେଷଣା ପାଇଁ ରେଭେନ୍‌ଶାକୁ ପସନ୍ଦ କରୁଛନ୍ତି। ଏଠାରେ ନାମ ଲେଖାଇଥିବା ପିଏଚ୍.ଡି. ଅଧ୍ୟାୟୀଙ୍କୁ ଆବାସିକ ସୁବିଧା ମଧ୍ୟ ଦିଆଯାଇଛି। ଗବେଷକମାନେ ରେଭେନ୍‌ଶା ପରିସରରେ ରହିଲେ ଗବେଷଣା ପାଇଁ ଅଧିକ ସମୟ ଦେଇପାରିବେ।

ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ରେଭେନ୍‌ଶାରୁ ପ୍ରାୟ ୪୮୦ ଜଣ ପିଏଚ୍.ଡି. ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ପ୍ରାୟ ୧୧୫ ଜଣ ଜାତୀୟ ବା ରାଜ୍ୟ ମେଧାବୃତ୍ତିଧାରୀ ପିଏଚ୍.ଡି. କରୁଥିବାବେଳେ ୫୦ ଜଣ ମେଧାବୀ ଛାତ୍ରୀଛାତ୍ର ଗବେଷଣା ସହାୟକ ଭାବେ କାମ କରୁଛନ୍ତି। ଗବେଷଣାଲବ୍ଧ ଜ୍ଞାନ ବିଭିନ୍ନ ଗବେଷଣାତ୍ମକ ପତ୍ରିକାରେ ପ୍ରବନ୍ଧ ଆକାରରେ ପ୍ରକାଶିତ ହୁଏ। ସୀମିତ ଶିକ୍ଷକ, ସମ୍ବଳ ସତ୍ତ୍ୱେ ଗତ ୫ ବର୍ଷ ମଧ୍ୟରେ ରେଭେନ୍‌ଶାର ଶିକ୍ଷକ ଓ ଗବେଷକମାନେ ୧୪୦୦ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶନ କରିଛନ୍ତି। ବର୍ତ୍ତମାନ ବିଭିନ୍ନ ବିଭାଗରେ ପ୍ରାୟ ୨୩ଟି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଉଛି। ସମ୍ପ୍ରତି ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ବିଭିନ୍ନ ଗବେଷଣାତ୍ମକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଦୃଷ୍ଟିବାଧିତ ଗବେଷକ ଓ ଅଧ୍ୟାୟୀମାନଙ୍କ ପାଇଁ ୪୦୦ରୁ ଅଧିକ ବ୍ରେଲି ପୁସ୍ତକ ସହିତ ସ୍ୱତନ୍ତ୍ର କମ୍ପ୍ୟୁଟର୍ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ବ୍ୟବସ୍ଥା ରହିଛି। ଫଳରେ ସେମାନେ ବ୍ରେଲି ଅକ୍ଷରରେ ବିଭିନ୍ନ ପ୍ରସଙ୍ଗ ପଢ଼ିବାର ସୁଯୋଗ ପାଇ ଗବେଷଣାରେ ସକ୍ରିୟ ହୋଇପାରୁଛନ୍ତି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ମଧ୍ୟ ଗବେଷଣାଭିତ୍ତିକ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥାଏ। ସେହିଭଳି ଗତ ୩ ବର୍ଷ ମଧ୍ୟରେ ରେଭେନ୍‌ଶା ୧୮ଟି ପାଟେଣ୍ଟ ରେଜିଷ୍ଟ୍ରେଶନ କରାଇଛି।

# ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ



ହାତୀ ଚାଷ ଜମିରେ ପଶି ଚାଷୀଙ୍କ ଫସଲ ନଷ୍ଟ କରିଦେଇଛନ୍ତି।

**ବାଙ୍କୀ,୧୬।୧୨(ସ୍ୱ.ପ୍ର)**

ଆଠଗଡ଼ ସୁକାସନ ଜଙ୍ଗଲରୁ ୧୬ଟିକିଆ ହାତୀପଲ ମହାନଦୀ ପାର୍ ହୋଇ ଚନ୍ଦକା-ଡମପଡ଼ା ଅଭୟାରଣ୍ୟକୁ ଫେରୁଥିବା ବେଳେ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକର ଭଗିପୁର, କଇଁମୁଣ୍ଡି ଅଞ୍ଚଳରେ ଗୁରୁବାର ରାତିରେ ବ୍ୟାପକ ପନିପରିବା ଫସଲ ନଷ୍ଟ କରିଦେଇଛନ୍ତି। ଚାଷୀମାନେ ଭଗିପୁର ବନବିଭାଗକୁ ଖବର ଦେଇଥିଲେ ମଧ୍ୟ କୌଣସି କର୍ମଚାରୀ ଆସିନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀ ବେଣୁଧର ସାହୁ, ମହେଶ୍ୱର ସାହୁ ଓ କିଶୋର ଜେନା ପ୍ରମୁଖ ଦାବି କରିଛନ୍ତି। ଡମପଡ଼ା ରେଞ୍ଜର ବିରଜା କୁମାର ଦାସ କହିଛନ୍ତି ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତ ଚାଷୀମାନେ କିପରି ସହାୟତା ପାଇବେ ଉପରିସ୍ଥ ଅଧିକାରୀଙ୍କୁ ସୁପାରିଶ କରାଯାଇ ପଦକ୍ଷେପ ନିଆଯିବ।

## ଚୋରି ଘଟଣା, ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୧୬।୧୨(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ କୋଉର ଗ୍ରାମର ଲୋପାମୁଦ୍ରା ବିଶ୍ୱାଳଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋଉର ଗ୍ରାମର କୁନିଆ ଦେହୁରୀ। କୁନିଆ ଗତ ଅକ୍ଟୋବର ୨୧ ତାରିଖ ରାତିରେ ଲୋପାମୁଦ୍ରାଙ୍କ ଘରେ ପଶି ଏକ ସିସିଟିଭି କ୍ୟାମେରା, ୪ ଖଣ୍ଡ ବଡ଼ ଲୁହା ଆଙ୍ଗଲ ଏବଂ କେତେକ ଲୁହା ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୫୩/୨୨) ରୁଜୁ କରିଥିଲା। ଗୁରୁବାର ରାତିରେ କୁନିଆ ଘରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।



ଆଠଗଡ଼ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ସାଥୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ହ୍ୟୁମ୍ୟାନ୍ ସାଗରଙ୍କ ଗୀତରେ ଝୁମିଲେ ଦର୍ଶକ

**ଆଠଗଡ,୧୬।୧୨(ସ୍ୱ.ପ୍ର.)**

**ଆଠଗଡ ମହୋତ୍ସବ ୨୦୨୨ ଦ୍ୱିତୀୟ ଦିବସ**

ଆଠଗଡ଼ର ଶେଷ ରାଜା ରାଧାନାଥ ବେବର୍ତ୍ତା ପଟ୍ଟନାୟକ ୧୯୪୭ ଡିସେମ୍ବର ୧୫ରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଓଡ଼ିଶାର ପ୍ରଥମ ଗଡ଼ଜାତ ରାଜ୍ୟ ଭାବେ ନିଃସର୍ତ୍ତ ଦାନ କରିଥିଲେ। ପଟେଲଙ୍କୁ ରାଜ୍ୟ ଦେବା ଅବସରରେ ବ୍ୟକ୍ତି ନୁହେଁ, ଏକ ନିର୍ଦ୍ଦିଷ୍ଟ ବିଚାରଧାରା କିମ୍ବା ଦେଶ, ସମାଜ ପାଇଁ ଉତ୍ସର୍ଗୀକୃତ ହେବା ଲାଗି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିପାରିଥିଲେ। ଏ ନେଇ ଆଠଗଡ଼ ମହୋତ୍ସବ-୨୦୨୨ର ୨ୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ରାଜବଂଶ ଦ୍ୱାରା ଆରମ୍ଭ ହୋଇଥିବା ଆଠଗଡ଼ ଏହି ପରମ୍ପରାକୁ ଯୁବପିଢ଼ି ଅନୁଶୀଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମ୍ୟାନ ସାଗର ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ସାଗରଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ପରିଚାଳନା କମିଟି ଅଧକ୍ଷ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ପାଦିକା ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷା ତଥା ଆଠଗଡ଼ ବ୍ଲକ ଅଧକ୍ଷା ମିନତି ଆଚାର୍ଯ୍ୟ, ତିଗିରିଆ ୧୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତଙ୍କ ସମେତ ମହୋତ୍ସବ ଆବାହକ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପାର୍ଥସାରଥି ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ମଞ୍ଚ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଂଯୋଜକ ତହସିଲଦାର ପ୍ରିୟବ୍ରତ ଦାସ ସଂଯୋଜନା କରିଥିଲେ। ଆଠଗଡ଼ ଓକିଲ ସଂଘ ସଭାପତି ସତ୍ୟେନ୍ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ସମ୍ଭେଶ୍ୱର କ୍ଲବ

**ଖୁଣ୍ଟୁଣୀ,୧୬।୧୨(ଡି.ଏନ.ଏ.):** ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତ ଅନ୍ତର୍ଗତ କପୁରସିଂହ ଖେଳ ପଡିଆରେ ଶ୍ରୀଜଗନ୍ନାଥ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍। ଏଥିରେ କଖଡ଼ି ପ୍ରିନ୍ସ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଓରନ୍ଦା ସମ୍ଭେଶ୍ୱର କ୍ଲବ ଫାଇନାଲରେ ପ୍ରବେଶ କରିଛି। ରେଫରୀ ଅରୁଣ କୁମାର ନାୟକ ଓ ସଞ୍ଜୀବ ଦାଶ କ୍ରୀଡା ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ କୃଷ୍ଣଚନ୍ଦ୍ର ସାମଲ, ଅଭୟ ରାଉତ, ବିଜୟ କୁମାର ପ୍ରଧାନ ଓ କବୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ଆସନ୍ତା ୧୮ ତାରିଖରେ ସମ୍ଭେଶ୍ୱର କ୍ଲବ ଓ ମୁଷୁଲିଆ ବିର୍ସା ମୁଣ୍ଡା ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି।

# ସ୍ଥାନାନ୍ତର ହେବନାହିଁ ଇଏସ୍‌ଆଇ ହସ୍ପିଟାଲ

**ଇଏସ୍‌ଆଇ ହସ୍ପିଟାଲରେ ସମୀକ୍ଷା ବୈଠକ**

**ଚୌଦ୍ୱାର,୧୬।୧୨(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟ(ଇଏସ୍‌ଆଇ) ହସ୍ପିଟାଲ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଏସ୍‌ଆଇ କମିଟି ଚେୟାରମ୍ୟାନ୍ ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କେନ୍ଦ୍ରୀୟ ଶ୍ରମ ବିଭାଗ ଅଧିକାରୀ, ରାଜ୍ୟ ସରକାରଙ୍କ ଶ୍ରମ ଓ ଇଏସ୍‌ଆଇ ବିଭାଗ ନିର୍ଦ୍ଦେଶକ, ଅତିରିକ୍ତ ଶାସନ ସଚିବ, ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ, ଇଏସ୍‌ଆଇ କର୍ପୋରେଶନ୍‌ର ରିଜିଓନାଲ ଡାଇରେକ୍ଟର, ଇଏସ୍‌ଆଇ ରାଜ୍ୟ ଡାଇରେକ୍ଟର ପ୍ରମୁଖ ଯୋଗଦେଇ ଉକ୍ତ ହସ୍ପିଟାଲର ବିଭିନ୍ନ ସମସ୍ୟା ଓ ଏହାର ସ୍ଥାନାନ୍ତର ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ବିଜେଡି ଜିଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନ୍‌ସିଲର ବିଜୟ କୁମାର ମଲ୍ଲିକ, ବିଜୟ କୁମାର ସାହୁ, ଚାର୍‌ବାଟିଆ ବଜାର କମିଟି ସଭାପତି ପ୍ରଶାନ୍ତ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ହସ୍ପିଟାଲର ବିଭିନ୍ନ ସମସ୍ୟା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ଏହି ଅଞ୍ଚଳର ୨୦ଟି ବୃହତ୍ ଶିଳ୍ପ, ୩୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଶ୍ରମିକ ଓ କର୍ମଚାରୀମାନେ ଉକ୍ତ ହସ୍ପିଟାଲ ଉପରେ ନିର୍ଭରଶୀଳ। ତେଣୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ କମିଟି ଅଧକ୍ଷ ମହତାବଙ୍କୁ ସାମଲ ଅନୁରୋଧ କରି ଏ ସମ୍ପର୍କିତ ଏକ ସ୍ମାରକପତ୍ର ଦେଇଥିଲେ। ସମସ୍ତ ସ୍ଥିତି ଅନୁଧ୍ୟାନ କରିବା ପରେ ଉକ୍ତ ହସ୍ପିଟାଲ ସ୍ଥାନାନ୍ତର କରାଯିବ ନାହିଁ ବୋଲି ମହତାବ କହିଥିଲେ। ଦରକାର ପଡିଲେ ଅନ୍ୟ ଉପଯୋଗୀ ସ୍ଥାନରେ ନୂତନ ହସ୍ପିଟାଲ ଖୋଲାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ସଂଯୁକ୍ତା ଲେଙ୍କା କମିଟି ସଦସ୍ୟମାନଙ୍କୁ ହସ୍ପିଟାଲ ବୁଲାଇ ଦେଖାଇଥିଲେ।

# ବଡ଼ମ୍ବାରେ ବଢୁଛି ଗୋରୁଙ୍କ ଲମ୍ପି ରୋଗ

**ବଡ଼ମ୍ବା,୧୬।୧୨(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକର ବିଭିନ୍ନ ଗ୍ରାମରେ ଲମ୍ପି ରୋଗରେ ଶତାଧିକ ଗୋରୁ ଅସୁସ୍ଥ ହୋଇ ପଡ଼ିଛନ୍ତି। ଅନେକ ଗୋରୁଙ୍କ ମୃତ୍ୟୁ ହୋଇଗଲାଣି। ଏହାକୁ ନେଇ ଗୋପାଳନ କରି ଜୀବିବା ନିର୍ବାହ କରୁଥିବା ଗୋପାଳକଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଏହି ରୋଗର ପ୍ରଭାବରେ ଗୋରୁଙ୍କ ଶରୀର ଫୁଲି ଚର୍ମରେ ଆବୁ ସୃଷ୍ଟି ହେଉଛି। କ୍ରମଶଃ ଆବୁରୁ ଛାଲ ଛାଡ଼ି ଘା' ହୋଇଯାଉଛି। ଏପରି କି ଏହାର ପ୍ରଭାବରେ ଗୋରୁଙ୍କ ପାଟି, ଖୁରା ଓ ମଳଦ୍ୱାରରେ ଘା' ସୃଷ୍ଟିହୋଇ ରକ୍ତସ୍ରାବ ହେଉଛି। ପ୍ରଥମକରି ଲମ୍ପି ରୋଗ ଶଙ୍ଖାମେରୀ, କନ୍ତପଡ଼ା, ଗୋପୀନାଥପୁର, ଝାଜିଆ, ବଡ଼ମ୍ବା, ମୁଗଗହୀର, ମଙ୍ଗରାଜପୁର ଅଞ୍ଚଳରେ ଦେଖାଯାଇଥିଲା। କ୍ରମଶଃ ଏହା ଅନ୍ୟ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ବଡ଼ମ୍ବା ପ୍ରାଣୀ ଚିକିତ୍ସାଧିକାରୀ ଦୀପକ କୁମାର ମହାନ୍ତଙ୍କୁ ପଚାରିବାରେ ଏହା ଲମ୍ପି ରୋଗ। ଏହାର ପ୍ରତିକାର ପାଇଁ ଗୋପାଳକମାନେ ଔଷଧ କିଣି ଗୋରୁଙ୍କୁ ଦେଇଥିଲେ। ଶୁକ୍ରବାର ସରକାରଙ୍କ ପକ୍ଷରୁ ଟିକା ଆସିଛି। ଏହାକୁ ଜରୁରିକାଳୀନ ଭିତ୍ତିରେ ଶନିବାରଠାରୁ ଗାଁକୁ ଗାଁ ବୁଲି କର୍ମଚାରୀମାନେ ମାଗଣାରେ ଦେବେ ବୋଲି ସେ କହିଥିଲେ।

# ସାହିତ୍ୟ,ସଂସ୍କୃତିର ଅଗାଧ ପାଣ୍ଡିତ୍ୟର ଅଧିକାରୀ ଥିଲେ ସେକ୍ ମତଲୁବ ଅଲ୍ଲୀ



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ମାହାଙ୍ଗା,୧୬।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଖନ୍ଦୋଳଠାରେ ହନୁମାନ ଜୀଉ ସାଂସ୍କୃତିକ ସଂସଦ ଓ ସେକ୍ ମତଲୁବ ଅଲ୍ଲୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ୮୧ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀ କେନ୍ଦ୍ର ସାହିତ୍ୟ ଏକାଡେମୀର ଆବାହକ ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ ମାହାଙ୍ଗାର ବରିଷ୍ଠ ରାଜନୀତିଜ୍ଞ, ଜନନାୟକ ତଥା ସୁସାହିତ୍ୟିକ ସ୍ୱର୍ଗତ ଅଲ୍ଲୀଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଓ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବେ ଡ. କାର୍ତ୍ତିକେଶ୍ୱର ସାହୁ, ଡ.କାର୍ତ୍ତିକ ଚନ୍ଦ୍ର ବରାଳ, ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଦାନନ୍ଦ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂସଦର ସମ୍ପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା, ପଣ୍ଡିତ ପ୍ରଭାତ କର ଅତିଥି ପରିଚୟ, ସଂଗ୍ରାମ ସାମଲ ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅତିଥିମାନେ ଅର୍ନ୍ତଜାତୀୟ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାବ୍ଦୀ ପତ୍ରିକାର ସମ୍ପାଦକ ସେକ୍ ମସୁଦ ଅଲ୍ଲୀ, ଯୁବନେତା ସୌକତ ଅଲ୍ଲୀ, ସୁକାନ୍ତ ନନ୍ଦ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ପକ୍ଷରୁ ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବାଙ୍କୀ,୧୬।୧୨ (ସ୍ୱ.ପ୍ର):** ବାଙ୍କୀର ପୁରାତନ ସାଂସ୍କୃତିକ ଅନୁଷ୍ଠାନ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ୭୦ତମ ଜୟନ୍ତୀ ଡିସେମ୍ବର ୨୫ରେ ପରିଷଦ ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଉକ୍ତ ବୈଠକରେ ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ କୁମାର ମହାପାତ୍ର, ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦିକ୍ଷୀତ, ଏନ୍‌ଏସି କାଉନସିଲର ସନାତନ ବେହେରା, ସହ ସମ୍ପାଦକ ଶ୍ରୀନିବାସ ବେହେରା, ବୀରବର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଦେବୋତ୍ତର କମିଶନରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ,୧୬।୧୨**

**ଦିଗପହଣ୍ଡି ରାଧାମୋହନ, ରାଧାଦାମୋଦରଙ୍କ ଜମି ବିକ୍ରି ମାମଲା**

ଗଞ୍ଜାମ ଜିଲା ଦିଗପହଣ୍ଡିର ଶ୍ରୀରାଧାମୋହନ ମହାପ୍ରଭୁ ଓ ଶ୍ରୀରାଧାଦାମୋଦର ମହାପ୍ରଭୁ ବିଜେଙ୍କ ୫.୯ ଏକର ଜମିକୁ ବେଆଇନ ଭାବେ ବିକ୍ରି କରାଯାଇଥିବା ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ କମିଶନରଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ପରବର୍ତ୍ତୀ ଶୁଣାଣିର ଏକ ସପ୍ତାହ ପୂର୍ବରୁ କୋର୍ଟରେ ସତ୍ୟପାଠ ଦାଖଲ ନିମନ୍ତେ ନିର୍ଦ୍ଦେଶ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, ଠାକୁରଙ୍କ ଜମି ଜାତୀୟ ରାଜପଥ ଓ ଦିଗପହଣ୍ଡି ସହର ପାର୍ଶ୍ୱରେ ଅବସ୍ଥିତ। ଯାହାର ବଜାର ମୂଲ୍ୟ ଏକର ପ୍ରତି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାବେଳେ ଦେବୋତ୍ତର କମିଶନର ଏକର ପ୍ରତି ୧୪ ଲକ୍ଷ ଟଙ୍କା ସ୍ଥିର କରିଥିଲେ। ହେଲେ ଉକ୍ତ ଜମିକୁ ୩ ଲକ୍ଷ ୮୪ ହଜାର ଟଙ୍କାରେ ବିକ୍ରି କରାଯାଇଛି। ଉକ୍ତ ଜମିକୁ ଜଣେ ବ୍ୟକ୍ତି ଖରିଦ୍‌ଦାର ହେଇଥିବାବେଳେ ସରକାରଙ୍କୁ ଇନ୍‌କମ୍ ଟାକ୍ସ ଠକିବା ପାଇଁ ୬୪ଟି ସେଲ୍ ଡିଡ୍ କରି ବିକ୍ରୟ କରାଯାଇଛି। ତେଣୁ ଠାକୁରଙ୍କ ସମ୍ପତ୍ତି ରକ୍ଷା କରିବା ପାଇଁ ସମସ୍ତ ବିକ୍ରି କବଲା ଓ ନିଲାମକୁ ରଦ୍ଦ କରିବାକୁ ପିଟିଶନରେ ଉଲ୍ଲେଖ କରାଯାଇଛି। ଉକ୍ତ ମାମଲାରେ ଭୁବନେଶର ଦେବୋତ୍ତର କମିଶନର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଗଞ୍ଜାମ ଜିଲାପାଳ, ମନ୍ଦିର ଟ୍ରଷ୍ଟ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇ ନୋଟିସ ଜାରି କରାଯାଇଛି। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

## ବି.କେ. ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାଙ୍କୀ,୧୬।୧୨(ସ୍ୱ.ପ୍ର):** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ କୃତିବାସ ପଣ୍ଡା ଉଦ୍‌ଘାଟନ କରିଥିଲେ। ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ପୀଠରୁ ଜ୍ୟୋତି (କ୍ରୀଡ଼ା ମଶାଲ) ଅଣାଯାଇ ଖେଳ ପଡ଼ିଆରେ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ବରିଷ୍ଠ ବିଭାଗରେ ୨୦୪ଜଣ, କନିଷ୍ଠ ବିଭାଗରେ ୧୦୨ଜଣ, ସର୍ବକନିଷ୍ଠ ବିଭାଗରେ ୩୨ଜଣ ଛାତ୍ର ପ୍ରତିଯୋଗିତାରେ ଯୋଗଦେଇ ଶପଥ ପାଠ କରିଥିଲେ। ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ଅଜୟ କୁମାର ଦିକ୍ଷୀତ, ସୁବ୍ରତ କୁମାର ଖଟୁଆ, ବିଦ୍ୟାଧର ଖଟୁଆ, ଶିକ୍ଷୟିତ୍ରୀ ନିବେଦିତା ଜେନା, ଜ୍ୟୋତିର୍ମୟୀ ପଣ୍ଡା, ମମତା ସାହୁ, ମିନୁଶ୍ରୀ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ

**ସାଲେପୁର,୧୬।୧୨(ଡି.ଏନ୍.ଏ.)**

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ପିକୋଲ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ବଣହରା ସରକାରୀ ଉଚ୍ଚ ବିଦ୍ୟାଳୟର ୫-ଟି ଯୋଜନାରେ ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ କରିବା ସହ ପଞ୍ଚାୟତ କଲ୍ୟାଣ ମଣ୍ଡପ ରୋଷେଘର ଓ ବିଜୁ ପଟ୍ଟନାୟକ ଦୋକାନ ଗୃହ ଉଦ୍‌ଘାଟନ କରିଥିଲେ। ପୂର୍ବ ବଣହରା କେନାଲବନ୍ଧ ରାସ୍ତାର ଶିଳାନ୍ୟାସ ଏବଂ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ସଭାଗୃହ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌କ୍ରସ୍‌ର ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, କଟକ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ କର, ସରପଞ୍ଚ ମାଣିକ ବେହେରା, ସମିତି ସଭ୍ୟା ସୁଲୋଚନା ସାହୁ, ହରିହର ସାହୁ, ସଂଖ୍ୟାଲଘୁ ସେଲ୍‌ର ସଭାପତି ସେକ୍ ସମିମ୍ ଅକ୍ତର, ଶିକ୍ଷାବିତ୍ ପ୍ରସନ୍ନ ଜେନା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରମଣୀ ଦେବୀଙ୍କ ପ୍ରମୁଖ ଯୋଗଦେଇଥିଲେ।



ବିଧାୟକ ପ୍ରଶାନ୍ତ ବେହେରା ପିକୋଲ ପଞ୍ଚାୟତକୁ ଶୋଭାଯାତ୍ରାରେ ଯାଉଛନ୍ତି।

# ମହାନଦୀରେ ଛଡାଗଲା ୮.୫ ଲକ୍ଷ ମାଛ ଯାଆଁଳ

**କଟକ ଅଫିସ/ଆଠଗଡ,୧୬।୧୨(ସ୍ୱ.ପ୍ର.)**

- ବୃଦ୍ଧି ପାଇବ ମତ୍ସ୍ୟ ଉତ୍ପାଦନ
- ୪ ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ସରକାରୀ ରିହାତି ରାଶି ପ୍ରଦାନ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମହାନଦୀରେ ମାଛ ଯାଆଁଳ ଛାଡୁଛନ୍ତି।

ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ମହାନଦୀର ମୁଣ୍ଡଳୀସ୍ଥିତ କଟକିଆସାହି ପଞ୍ଚାୟତ ନିକଟରେ ଶୁକ୍ରବାର ମତ୍ସ୍ୟ ଯାଆଁଳ ଛଡାଯାଇଛି। ମତ୍ସ୍ୟ ସମ୍ପଦ ବିକାଶ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ସମୁଦାୟ ୮ ଲକ୍ଷ ୫୦ ହଜାର ଉନ୍ନତମାନର ରୋହି, ଭାକୁର ଏବଂ ମିରିକାଳୀର ଅଙ୍ଗୁଳିଆ ଯାଆଁଳ ମହାନଦୀରେ ଛଡ଼ାଯାଇଥିଲା। ଏ ନେଇ ଉକ୍ତ ସ୍ଥାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ଶଶିକାନ୍ତ ଆଚାର୍ଯ୍ୟ ଯୋଗଦେଇ ଉନ୍ନତ ମାଛ ଯାଆଁଳ ଛାଡିବାର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ କହିଥିଲେ। ଏହି ଅବସରରେ କଟକିଆସାହି ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ୪ ଜଣ ସଭ୍ୟାଙ୍କୁ ପଞ୍ଚାୟତ ପୋଖରୀରେ ମାଛଚାଷ କରିଥିବାରୁ ସରକାରୀ ରିହାତି ରାଶି ମନ୍ତ୍ରୀ ସ୍ୱାଇଁ ପ୍ରଦାନ କରିଥିଲେ। ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକିଆସାହି ସରପଞ୍ଚ ମାନସୀ ରାଉତ, ସମିତି ସଭ୍ୟା ପ୍ରତିମା ପ୍ରଧାନ, ଉପମତ୍ସ୍ୟ ନିର୍ଦ୍ଦେଶକ କଟକ ଜୋନ୍ ସୀମାଞ୍ଚଳ ବେହେରା, ଓଡ଼ିଶା ମତ୍ସ୍ୟ ସମବାୟ ବିକାଶ ନିଗମର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ରହି ନଦୀରେ ମତ୍ସ୍ୟ ସମ୍ପଦ ବିକାଶ ଓ ବୃଦ୍ଧି ସମ୍ବନ୍ଧୀୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ ଧନ୍ୟବାଦ ଦେଇଥିଲେ। ନାରାୟଣ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମା' ମଙ୍ଗଳା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ବଘେରା, ଦାସପୁର ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, କଟକିଆସାହି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀମାନେ ଏଥିରେ ଉପସ୍ଥିତ ଥିଲେ।




୧୬।୧୨।୨୦୨୨

| | |
|---|---|
| ୫,୨୧,୨୩୪ ଟଙ୍କା | |
| ସୁନା | ୭.୬୫୦ ଗ୍ରାମ |
| ରୁପା | ୧୦ ଗ୍ରାମ |

# ଘଣ୍ଟାଏ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବାରୁ ହୋହଲ୍ଲା

ଗୋପ,୧୬।୧୨(ଡି.ଏନ୍.ଏ.)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ରୋଗୀଙ୍କ ଲାଗି ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଶୁକ୍ରବାର ଗୋପ ବ୍ଲକ ଅଧୀନ ତରକୋର ପଞ୍ଚାୟତର ମଲିଆତୁଠ ଗ୍ରାମର ଗର୍ଭବତୀ ଅହଲ୍ୟା ପରିଡ଼ା ପ୍ରାୟ ୧ ଘଣ୍ଟା ଧରି ଯନ୍ତ୍ରଣାରେ ଥିବାବେଳେ ବିଳମ୍ବରେ ୧୦୨ ଆମ୍ବୁଲାନ୍ସ ପହଞ୍ଚିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା ହୋଇଥିଲା। ପ୍ରକାଶ ଯେ, ଏହି ଗର୍ଭବତୀ ଜଣଙ୍କ ଗୁରୁବାର ବିଳମ୍ବିତ ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ହେଲେ ପରଦିନ ଅଧିକ ଚିକିତ୍ସା ପାଇଁ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ରେଫର କରିଥିଲେ।




ଆମ୍ବୁଲାନ୍ସରେ ଗର୍ଭବତୀ ଅହଲ୍ୟା ପରିଡ଼ାଙ୍କୁ ଡାକ୍ତରଖାନା ନିଆଯାଉଛି।

ତେବେ ଅହଲ୍ୟାଙ୍କ ସାଙ୍ଗରେ ଆସିଥିବା ହୀରାମଣି ବେହେରା ୧୦୨ ଆମ୍ବୁଲାନ୍ସକୁ ଅପରାହ୍ନ ୧ଟା ୧୩ରେ ଫୋନ୍ କରି ବୁକିଂ କରିଥିଲେ। ପରେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୁନର୍ବାର ୧ଟା ୩୦ରେ ଫୋନ୍ କରିବାରୁ ଭୁବନେଶ୍ୱର କେୟାର ପକ୍ଷରୁ ୧୦ ମିନିଟ୍‌ରେ ଆମ୍ବୁଲାନ୍ସ ପହଞ୍ଚିବ ବୋଲି ନିର୍ଦ୍ଦେଶ ଆସିଥିଲା। କିନ୍ତୁ ଆମ୍ବୁଲାନ୍ସ (ନଂ. ଓଡି ୩୩ ଏକ୍ସ-୪୨୨୯) ଦୀର୍ଘ ୪୭ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୨ଟାରେ ଆସିଥିଲା।

ଆମ୍ବୁଲାନ୍ସ ସେବାକୁ ନେଇ ବିଭିନ୍ନ ସମୟରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାବେଳେ ଶୁକ୍ରବାର ଯନ୍ତ୍ରଣାରେ ଥିବା ଗର୍ଭବତୀଙ୍କ କ୍ଷେତ୍ରରେ ପୁନର୍ବାର ଏହି ବିଳମ୍ବ ଦେଖାଯିବାରେ କିଛି

### ଯନ୍ତ୍ରଣାରେ ଛଟପଟ ହେଲେ ଗର୍ଭବତୀ

ସମୟ ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା ଦେଖିବାକୁ ମିଳିଥିଲା। ଏଠାରେ ପ୍ରଶ୍ନ ଉଠେ, ସରକାର ଗ୍ରାମାଞ୍ଚଳରୁ କିପରି ରୋଗୀମାନେ ଡାକ୍ତରଖାନାକୁ ଆସିପାରିବେ ସେନେଇ ଏହି ସେବା ଆରମ୍ଭ କରିଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖି ଯୋଗୁ ଏପରି ରୋଗୀ ହଇରାଣ ହେଉଛନ୍ତି। ତେଣୁ ଅବହେଳା କରୁଥିବା ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ନେଇ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ଲଲାଟ ପ୍ରଧାନଙ୍କୁ ପଚାରିବାରେ ବିଳମ୍ବ ହୋଇଥିବା ନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ୧୦୨ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ତାଗିଦ୍ କରାଯାଇଛି। ଭବିଷ୍ୟତରେ ଆଉ ଏପରି ହେବନାହିଁ ବୋଲି କହିଥିଲେ।

# ସାକ୍ଷୀଗୋପାଳଙ୍କ ପହିଲିଭୋଗ ଆରମ୍ଭ

ସାକ୍ଷୀଗୋପାଳ, ୧୬।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ପରମ୍ପରାକ୍ରମେ ଧନୁସଂକ୍ରାନ୍ତିଠାରୁ ମାସେ ବ୍ୟାପୀ ସାକ୍ଷୀଗୋପାଳ ଠାକୁରଙ୍କ ପହିଲିଭୋଗ ନୀତି ଶୁକ୍ରବାର ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ନୀତିନିର୍ଘଣ୍ଟକ୍ରମେ ଭୋର୍ ୪ଟାରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ଓ ଘୋଡ଼ଲାଗି ବେଶ ସକାଳ ୬ଟାରେ ଶେଷ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ପହିଲିଭୋଗ ସହିତ ସକାଳ ସାଢ଼େ ୭ଟାରେ ସକାଳଧୂପ, ମଦନମୋହନଙ୍କ ଭୋଗ ସମାପନ ହୋଇଥିଲା। ବୀରକେଶରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ସରିବା ସହ ଅପରାହ୍ନ ୧ ଘଣ୍ଟା ସମୟରେ ଠାକୁରଙ୍କ ପହୁଡ଼ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରେ ଦ୍ୱାର ଉନ୍ମୋଚନ ହୋଇ ସନ୍ଧ୍ୟା ଆଳତି, ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟା ଧୂପ ଓ ବଡ଼ସିଂହାର ପରେ ରାତି ୯ଟାରେ ରାତ୍ର ପହୁଡ଼ ହୋଇଥିଲା। ଏକ ମାସ ବ୍ୟାପୀ ଏହି ସମୟରେ ଠାକୁରଙ୍କ ଦୈନନ୍ଦିନ ଦେବନୀତି କରାଯିବା ସହ ପହିଲିଭୋଗରେ ପୁରି, ପିଠା, କଦଳୀ, ଖୁରୁମା, ଗଇଁଠା, ଖଇକୋରା, ମୁଆଁ ଓ ଚୁଡ଼ାଭଜା ସହ ଖୁରୁଡ଼ ନଡ଼ିଆ ପାତି ଭୋଗ ସ୍ୱତନ୍ତ୍ର ଲାଗି କରାଯାଇଛି। ଅନୁରୂପ ଭାବେ ବିଭିନ୍ନ ଗ୍ରାମର ଦେବଦେବୀ ମନ୍ଦିର ଓ ମଠ ଆଦିରେ ପହିଲିଭୋଗ ଲାଗି କରାଯାଇଛି। ଧନୁସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରରେ ଠାକୁରଙ୍କୁ ଧନୁମୁଆଁ ଭୋଗ ଲାଗି କରିଥିବା ଦେଖାଯାଇଛି।



ସାକ୍ଷୀଗୋପାଳ ମନ୍ଦିର।

## ସଂକ୍ଷେପରେ

### ଚୋରି ବାଇକ୍, କଟୁରି ଜବତ: ୨ ଗିରଫ

ନିମାପଡ଼ା,୧୬।୧୨(ଡି.ଏନ୍.ଏ.): ବାଇକ୍ ଚୋରି ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାକଟପୁର ଥାନା ଅନ୍ତର୍ଗତ ନାଚିକେଶ୍ୱର ଗ୍ରାମର ଦୀପୁନା ମଲ୍ଲିକ ଓ ଗୋପ ଥାନା ଅନ୍ତର୍ଗତ ନୂଆପୋଖରୀ ଗ୍ରାମର ପବିତ୍ର କାଣ୍ଡି। ଅଭିଯୁକ୍ତଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କଠାରୁ ଚୋରି ବାଇକ୍(ନଂ. ଓଡି ୧୩ଏଫ୍ ୬୭୨୩) ଓ ଏକ କଟୁରି ଜବତ କରିଛି। ଏ ନେଇ ଚୋରି ହୋଇଥିବା ବାଇକ୍ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୦୩/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଗୁହାଳପଡ଼ା ଗ୍ରାମର ସୁଜିତ କୁମାର ମହାନ୍ତି ନିଜ ବାଇକ୍ ଘର ନିକଟସ୍ଥ ସ୍ୱାଧୀନ କଲେଜ ସମ୍ମୁଖରେ ରଖି ଘରକୁ ଯାଇଥିଲେ। ହେଲେ କିଛି ସମୟ ପରେ ବାଇକ୍ ନିକଟକୁ ଯିବାବେଳେ ତାହା ଚୋରି ହୋଇଯାଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ କଲେଜରେ ଲାଗିଥିବା ସିସିଟିଭି ଫୁଟେଜ ଦେଖି ଗୁରୁବାର ଉକ୍ତ ୨ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ସେ ଦୁହିଁଙ୍କୁ ପଚରାଉଚରା କରି ଚୋରି ବାଇକ୍ ଜବତ କରିବା ସହ ଗିରଫ କରିଥିଲେ।

### ଭଗବତୀଙ୍କୁ ଲାଗିହେଲା ଧନୁମୁଆଁ

ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.): ପବିତ୍ର ଧନୁସଂକ୍ରାନ୍ତି ଅବସରରେ ଶୁକ୍ରବାର ବାଣପୁରସ୍ଥିତ ମା' ଭଗବତୀଙ୍କୁ ଧନୁମୁଆଁ ଲାଗି ହୋଇଛି। ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବଲ୍ଲଭ ସାଥିରେ ଚାରୋଟି ଧନୁମୁଆଁ ନେଇ ପାଳିଆ ମାଳି ସେବକମାନେ ପରିଛା ସାମନ୍ତଙ୍କୁ ବଢ଼େଇବା ପରେ ମା'ଙ୍କ ଧୂପ ଓ ଆଳତି ନୀତି ହୋଇଥିଲା। ପରେ ସର୍ବସାଧାରଣ ଦର୍ଶନ ଓ ଭୋଗ ଲାଗିହୋଇ ଖେଚୁଡ଼ି ଡାଲି ଧୂପ ପରେ ଅନ୍ନ, ଡାଲି, ମହୁର, ଖିରି, ଏଣ୍ଡୁରି ଭୋଗ ହୋଇ ଦିବା ପହୁଡ଼ ପଡ଼ିଥିଲା। ଧନୁ ସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଏଣ୍ଡାଓମେଣ୍ଟ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ବଡ଼ଦାଣ୍ଡ ସ୍ୱଚ୍ଛ ରଖିବାକୁ ଶପଥ ନେଲେ ବ୍ୟବସାୟୀ




ଦୀପଦାନ ଓ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବଡ଼ଦାଣ୍ଡର ବ୍ୟବସାୟୀମାନେ।

ପୁରୀ ଅଫିସ, ୧୬।୧୨

ଧନୁସଂକ୍ରାନ୍ତି ଅବସରରେ ଶୁକ୍ରବାର ବଡ଼ଦାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ ଓ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ କରାଯାଇଛି। 'ସ୍ୱଚ୍ଛତାରେ ଜଗନ୍ନାଥ ଧାମ ପୁରୀକୁ ଏକ ନମ୍ବର କରିବା' ସ୍ଲୋଗାନ ଦେଇ ବ୍ୟବସାୟୀମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରିଛନ୍ତି। ଅଳିଆ ନ ପକାଇ ଡଷ୍ଟବିନ ବ୍ୟବହାର କରିବାକୁ ସମସ୍ତେ ଶପଥ ନେଇଛନ୍ତି। ସାଲବେଗ ପୀଠ ସମ୍ମୁଖରେ ମା'ଙ୍କୁ ସମ୍ମାନ କାର୍ଯ୍ୟକ୍ରମ ଜରିଆରେ ବର୍ଷ ବର୍ଷ ହେଲା ବଡ଼ଦାଣ୍ଡରେ ସେବା ଦେଇ ଆସୁଥିବା

### ୪ ମହିଳା ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ

ସଫେଇ କର୍ମଚାରୀ ରଜନୀ ନାୟକ, ସୁଜାତା ନାୟକ, ପ୍ରଭାତୀ ସାହୁ, ସରୋଜିନୀ ନାୟକଙ୍କୁ ସମ୍ମାନିତ କରାଯାଇଛି। ବଡ଼ଦାଣ୍ଡରେ ଅଳିଆ ନ ପକାଇଲେ ମା'ମାନେ ଏହାକୁ ଗୋଟାଇବାକୁ ମୁଣ୍ଡ ତଳକୁ କରିବେନି କି ଯନ୍ତ୍ରଣା ସହି ରାସ୍ତାରୁ ଅଳିଆ ଗୋଟାଇବେନି। ତେଣୁ ବ୍ୟବସାୟୀମାନେ ଯାତ୍ରୀ ତଥା ପର୍ଯ୍ୟଟକଙ୍କୁ ବଡ଼ଦାଣ୍ଡ ମଇଳା ନ କରିବାକୁ ଅନୁରୋଧ କରିଛନ୍ତି। ସ୍ୱଚ୍ଛତା କ୍ଷେତ୍ରରେ ଆଗରେ ଥିବା ବଡ଼ବଜାର ଉଠାଦୋକାନୀ ସଂଘ ସଭାପତି ଯଶୋବନ୍ତ ପାତ୍ର, ସମ୍ପାଦକ ଜିତେନ୍ଦ୍ର ରାଉତ, ଭେଣ୍ଡର ଲିଡର କୃଷ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁଙ୍କୁ ଆୟୋଜକଙ୍କ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବପ୍ରସାଦ ପଣ୍ଡା, ବାଳକୃଷ୍ଣ ମହାପାତ୍ର, ବିନୋଦିନୀ ରାୟସିଂ, ସଚ୍ଚିକାନ୍ତ ଷଡ଼ଙ୍ଗୀ, ଜାପାନୀ ବାରିକ, ଜଗନ୍ନାଥ ଦୋରା, ପପୁ ମଲ୍ଲିକ, ଚାନ୍ଦିନୀ ଦତ୍ତ, ମଞ୍ଜୁଲତା ସାହୁ, ସୁନିଲ ମହାପାତ୍ର ଏବଂ ମନୋଜ ସାହୁ ପ୍ରମୁଖ ସାମିଲ ଥିଲେ।

# ନିରାଶ୍ରୟଙ୍କୁ ଶୀତବସ୍ତ୍ର ବାଣ୍ଟିଲା ମଧୁ ବୈଶ୍ୟ ସଂଘ

ପୁରୀ ଅଫିସ, ୧୬।୧୨

ମଧୁ ବୈଶ୍ୟ ସଂଘ ପକ୍ଷରୁ ଶୁକ୍ରବାର ଧନୁ ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଲୋକନାଥ ରୋଡ୍ ଛପନ ଛକସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନେ ଯୋଗଦେଇ ଧନୁ ସଂକ୍ରାନ୍ତିର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦିବସଠାରୁ ଶୀତର ପ୍ରକୋପ ବଢ଼ିଥାଏ ଓ ମହାଲକ୍ଷ୍ମୀ ଏକ ମାସ ପାଇଁ ବାପଘରକୁ ଯିବା ପରେ ମହାପ୍ରଭୁଙ୍କୁ ମା' ଯଶୋଦାଙ୍କ ହାତରନ୍ଧା ପହିଲି ଭୋଗ ଲଗାଯାଇଥାଏ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଧନୁ ସଂକ୍ରାନ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ୧୦୦ ପୁରୁଷ ଓ ୫୦ ନିରାଶ୍ରୟ ମହିଳାଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏହିପରି ପ୍ରତ୍ୟେକ ସଂକ୍ରାନ୍ତିରେ ସେବାକାର୍ଯ୍ୟ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିମଳ ପ୍ରସାଦ ସାହୁ, ନବକିଶୋର ସାହୁ, ଶ୍ରଦ୍ଧାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ନିଷିଦ୍ଧାଞ୍ଚଳ ଦେବୀ ମାଉଥରୁ ଟ୍ରଲର ଜବତ

ଅସ୍ତରଙ୍ଗ,୧୬।୧୨(ଡି.ଏନ୍.ଏ.)

ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଙ୍ଗମ ଓ ଅଣ୍ଡାଦାନ ପ୍ରକ୍ରିୟା ବା ପ୍ରଜନନ ଋତୁ ଆରମ୍ଭ ହେବାକୁ ଥିବାରୁ ସକ୍ରିୟ ହୋଇଉଠିଛି ବନ ବିଭାଗ। ତେବେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ମତ୍ସ୍ୟଜୀବୀଙ୍କ ପାଇଁ ନିଷିଦ୍ଧାଞ୍ଚଳ କରାଯାଇଛି। ଏ ନେଇ ଅସ୍ତରଙ୍ଗ ବନ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଶୁକ୍ରବାର ଗୋଟିଏ ଟ୍ରଲରକୁ ନିଷିଦ୍ଧାଞ୍ଚଳ ଦେବୀ ମାଉଥରୁ ଜବତ କରିବାରେ ସକ୍ଷମ ହୋଇଛି। ଟ୍ରଲରର ନାମ ମା' ପାର୍ବତୀ। ଏହାର ନମ୍ବର, ଆଇ ଏନ୍‌ଡି ଓ ଆର୍ ୦୫ ଏମ୍ ଏମ୍ ୬୪। ଏଥିରେ ଥିବା ୭ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇ ଟ୍ରଲରର

### ଜବତ ୩୦୦ କେଜିର ମାଛ ନିଲାମ

ସମସ୍ତ କାଗଜପତ୍ର ଜବତ କରାଯାଇଛି। ଏଥିସହ ସେଥିରେ ଥିବା ବି କ୍ଲାସ୍ ମାଛ ୨ଶହ କେଜିକୁ ୪ ହଜାର ଟଙ୍କା ଓ ସି କ୍ଲାସ୍ ମାଛ ୧୦୦ କେଜିକୁ ୧ହଜାର ଟଙ୍କାରେ ନିଲାମ ଦିଆଯାଇଥିବା ଅସ୍ତରଙ୍ଗର ଉପ ମତ୍ସ୍ୟ ଅଧିକାରୀ ନିପ୍ରବାର ରାଉତ ପ୍ରକାଶ କରିଛନ୍ତି। ଏହି ପାଟ୍ରୋଲିଂ ଟିମ୍‌ରେ ବ୍ରହ୍ମଗିରି ଫରେଷ୍ଟର ମାନସ ରଞ୍ଜନ ବେହେରା, ଫରେଷ୍ଟ ଗାର୍ଡ ଅବିନାଶ ଖୁଣ୍ଟିଆ, ଏପିଆର ଫୋର୍ସଙ୍କ ସମେତ ପ୍ରୋଟେକ୍ସନ ଗାର୍ଡ ପ୍ରମୁଖ ସାମିଲ ଥିଲେ। ଜବତ ଟ୍ରଲରକୁ ନୂଆଗଡ଼ ମାଛଧରା ବନ୍ଦରକୁ ଅଣାଯାଇ କୁଜଙ୍ଗସ୍ଥିତ ଡେପୁଟି ଡାଇରେକ୍ଟର ଫିସେରି ବସନ୍ତ କୁମାର ଦାସଙ୍କୁ ହସ୍ତାନ୍ତର କରାଯାଇଛି।

# ଜିଏସ୍‌ଟି ଚଢ଼ାଉ ନେଇ ଛନକା

ଗୋପ,୧୬।୧୨(୧ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଗୋପ ବଜାରର ଗୋଟିଏ ଦୁଇଟି ସ୍ଥାନରେ ଜିଏସ୍‌ଟି ଟିକସ ଫାଙ୍କିବା ନେଇ ଅଭିଯୋଗ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଜିଏସ୍‌ଟି ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ମାତ୍ର ଏହି ଚଢ଼ାଉ ସମୟରେ ଧରାପଡ଼ିବା ଭୟରେ ବଜାରରେ ଥିବା କେତେକ ବଡ଼ ବଡ଼ ଲୁଗା ଦୋକାନ, ଗ୍ରୋସରି ଦୋକାନ ସହିତ ଆଉ କେତେକ ଦୋକାନରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଜିଏସ୍‌ଟି କମିଶନର ଏନ୍‌ଫୋର୍ସମେଣ୍ଟ ଭୁବନେଶ୍ୱର ଉମେଶ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୁରୀ ସିଟି ଜିଏସ୍‌ଟି ଡେପୁଟି କମିଶନର ଦାମୋଦର ପାତ୍ର, ସିଟିଓ ବାଣୀପ୍ରସାଦ ପ୍ରଧାନ, ଅତିରିକ୍ତ ସିଟିଓ ରିତ୍ ସ୍ୱାଇଁଙ୍କ

### ଅଧିକାଂଶ ଦୋକାନରେ ତାଲା

ନେତୃତ୍ୱରେ ଏକ ଟିମ୍ ଗୋପ ବଜାରରେ ଥିବା ଗୋଟିଏ ଫର୍ନିଚର ଦୋକାନ ଉପରେ ଚଢ଼ାଉ କରିଥିଲା। ଦୋକାନରେ ଥିବା ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲା। ଏହି ସମୟରେ ଆଖପାଖରେ ଥିବା ଅନ୍ୟ ବ୍ୟବସାୟୀମାନେ ତରବରରେ ଦୋକାନ ବନ୍ଦ କରିଦେଇଥିଲେ। ଫଳରେ ବିଭିନ୍ନ ସ୍ଥାନକୁ ଆସିଥିବା ଗ୍ରାହକ ଦୋକାନରେ ତାଲା ପଡ଼ିଥିବା ଦେଖି ଫେରିଥିବା ଭଳି ଅଭିଯୋଗ ରହିଛି। କିଛିଦିନ ଧରି ଗୋପ ବଜାରରେ ଥିବା ବଡ଼ ଲୁଗା ଦୋକାନ, ସିମେଣ୍ଟ ଦୋକାନ, ଗ୍ରୋସରି ଦୋକାନ ଆଦି ଜିଏସ୍‌ଟି ଫାଙ୍କିବା ଅଭିଯୋଗ ରହିଥିବାରୁ ଏହି ଚଢ଼ାଉ ହୋଇଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ନାବାଳିକା ଅପହରଣ: ପୁରୀରୁ ଯୁବକ ଗିରଫ

ଗମ୍ଭାରୀମୁଣ୍ଡା,୧୬।୧୨(ଡି.ଏନ୍.ଏ.)

ନାବାଳିକା ଅପହରଣ ଅଭିଯୋଗରେ ଶୁକ୍ରବାର ଜଣେ ଯୁବକଙ୍କୁ ପୁରୀରୁ ଗିରଫ କରିଛି ଖୋର୍ଦ୍ଧା ଜିଲା ବାଣପୁର ଥାନା ପୋଲିସ। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ପୋଡ଼ାମରି ଗ୍ରାମର ଲିପୁ ଜେନା(୨୫)। ତେବେ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।

ସୂଚନା ମୁତାବକ, ବାଣପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୯ ତାରିଖରେ ଅଭିଯୁକ୍ତ ଲିପୁ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୭୦/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

# ଶିଶୁଙ୍କୁ ଉତ୍ତମ ନାଗରିକ କରିବାରେ ମାତାପିତାଙ୍କ ଗୁରୁଦାୟିତ୍ୱ

ଡେଲାଙ୍ଗ/ଗୋପ, ୧୬।୧୨ (ଡି.ଏନ୍.ଏ.)

ଶିଶୁଟିକୁ ଭବିଷ୍ୟତରେ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାକୁ ହେଲେ ଉତ୍ତମ ପରିବେଶ ଆବଶ୍ୟକ। ଏହାସହ ପ୍ରାଥମିକ ଶିକ୍ଷା ଦିଗରେ ଶିଶୁର ମାତାପିତା ସମ୍ପୂର୍ଣ୍ଣ ଭାବେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ କହିଛନ୍ତି। ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାହୁ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସିଡିପିଓ ଜାପାନୀ କୁମାରୀ ମିତ୍ରଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଡାକ୍ତର ଅମ୍ଳାନ ଜଗଦ୍ଦେବ, ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଟିର ଠିକ୍ ଯତ୍ନ ନେବା ଓ ପୁଷ୍ଟିକର ଖାଦ୍ୟ ଦିଗରେ ମଧ୍ୟ ପରିବାର ଲୋକେ ଗୁରୁତ୍ୱ ଦେବା, ଦଳିତ, ନିଷ୍ପେଷିତ, ଅବହେଳିତଙ୍କୁ ଶିଶୁ ଆଇନ, ଶିଶୁ ଯତ୍ନ ଦିଗରେ ଶିକ୍ଷିତ ଯୁବପିଢ଼ି ସଚେତନ କରାଇବା ପାଇଁ ସିଡିପିଓ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ମାର୍କଣ୍ଡ ମଙ୍ଗରାଜ, ମୀନାକ୍ଷୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରତିମା ପାତ୍ର, ପ୍ରମିଳା ସେନାପତି, ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍, ରେଡ୍‌କ୍ରସ ପରାମର୍ଶଦାତା ତଥା ଅଧ୍ୟାପକ ତ୍ରିନାଥ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ସେହିପରି ଗୋପ ବ୍ଲକ ବୈଠକ ଗୃହରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ହୋଇଛି। ଏଥିରେ ବିଡିଓ ଦୀପ୍ତିରାଣୀ ଦାସ ଯୋଗଦେଇ କହିଥିଲେ, ଶିଶୁ ସକଳ ଶକ୍ତିର ଆଧାର। ସେମାନଙ୍କ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। ବିଭିନ୍ନ ସମୟରେ ଶିଶୁମାନେ ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ହେଲେ ଶିଶୁଟିଏ ଆଗାମୀ ଦିନରେ ଉତ୍ତମ ନାଗରିକ ହୋଇପାରିବ ବୋଲି ବିଡିଓ ଦାସ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ଗୋପ ଥାନାଧିକାରୀ ସୁନୀଲ ପ୍ରଧାନ, ସିଡିପିଓ ତନୁପ୍ରଭା ବେଉରା ଯୋଗଦେଇ ମୌଳିକ ଅଧିକାରରୁ ବଞ୍ଚିତ ଶିଶୁଙ୍କୁ ଚିହ୍ନଟ କରି ଥଇଥାନ କରିବା ଲାଗି ସୂଚନା ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହଲପଡ଼ା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ବଉଳାଙ୍ଗ ସରପଞ୍ଚ ନରହରି ଦଳେଇ, ଶିମିଳି ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁଙ୍କ ସମେତ ୩୧ ପଞ୍ଚାୟତର ଜନପ୍ରତିନିଧି, ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।




ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ନିମାପଡ଼ା କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘର ଆନ୍ଦୋଳନ

ନିମାପଡ଼ା,୧୬।୧୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଦେବେନ୍ଦ୍ର କୁମାର ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ପ୍ରଶାସନର ଅବହେଳାକୁ ଦାୟୀ ପ୍ରତିବାଦ କରି ଶୁକ୍ରବାର ୨୦ଜଣ ପିଇଓ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଅବସରରେ ନିମାପଡ଼ା ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସମସ୍ତ ପିଇଓ ଗଣଧାରଣା କରିଛନ୍ତି।

ଏହି ଆକ୍ରମଣ ଘଟଣାରେ ସମସ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କାର୍ଯ୍ୟରତ ପିଇଓମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବା ଦାବିରେ ଏହି ଆନ୍ଦୋଳନ ହୋଇଛି। ପୁରୀ ଜିଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘର ଉପସଭାପତି ତଥା ନିମାପଡ଼ା ବ୍ଲକ ସଂଘର ସଭାପତି ଶୁଭକାନ୍ତ ମହାନ୍ତି, ସମ୍ପାଦକ ଜିତେନ୍ଦ୍ର କୁମାର ମାଝି, ଉପଦେଷ୍ଟା ହେମନ୍ତ କୁମାର ଜେନା, ଗୁଣନିଧି ମିଶ୍ର ପୁଷ୍ପକାନ୍ତ ଦାଶ, ସୁରଥ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନ ସମ୍ପର୍କରେ ପୂର୍ବରୁ ପୁରୀ ଜିଲା ପରିଷଦର ମୁଖ୍ୟନିର୍ବାହୀ ଅଧିକାରୀ, ଉପଜିଲାପାଳ, ବିଡିଓ, ତହସିଲଦାର, ଜିଲା ପଞ୍ଚାୟତ ଅଧିକାରୀ, ଏସ୍‌ଡିପିଓ, ନିମାପଡ଼ା ଆଇଆଇସିଙ୍କୁ ଅବଗତ କରାଯାଇଥିବାରୁ ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ଖବରପାଇ ବିଡିଓ ବସନ୍ତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ପିଇଓମାନଙ୍କ ସହ ଆଲୋଚନା କରିଥିଲେ। ଆକ୍ରମଣକାରୀମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟ ପରିସରରେ ପିଇଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

### ପିଇଓଙ୍କୁ ଆକ୍ରମଣ: ଜଣେ ଗିରଫ

ନିମାପଡ଼ା,୧୬।୧୨(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତର ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଦେବେନ୍ଦ୍ର କୁମାର ସ୍ୱାଇଁଙ୍କୁ ୬ଜଣ ଯୁବକ ଆକ୍ରମଣ କରିବା ଘଟଣାରେ ଚାରିଛକ ଫାଣ୍ଡି ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଳାପାଞ୍ଚଣ ଗ୍ରାମର ମିର୍ଜା ଇମ୍ ଦାଦ୍‌ବେଗ। କୋର୍ଟ ତାଙ୍କ ଆବେଦନକୁ ନାମଞ୍ଜୁର କରି ହାଜତକୁ ପଠାଇ ଦେଇଛନ୍ତି। ଏହି ଘଟଣା ସମ୍ପର୍କରେ ପିଇଓ ସ୍ୱାଇଁ ଗତ ୬ତାରିଖରେ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କୁ ଓ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩୯୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୬ତାରିଖରେ କଳାପାଞ୍ଚଣ ପଞ୍ଚାୟତରେ ଗ୍ରାମସଭା ଚାଲିଥିବା ବେଳେ କୌଣସି କାରଣକୁ ନେଇ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୬ଜଣ ସମର୍ଥକ ଉତ୍ତେଜିତ ହୋଇ ପିଇଓ ସ୍ୱାଇଁଙ୍କୁ ମାଡ଼ ମାରିବା ସହ ପଞ୍ଚାୟତ ଅଫିସ ଗୃହରେ ତାଲା ପକାଇ ଅଟକ ରଖିଥିଲେ। ଖବରପାଇ ପୋଲିସ ପହଞ୍ଚି ପିଇଓଙ୍କୁ ଉଦ୍ଧାର କରିଥିଲା। ଏହି ଆକ୍ରମଣ ଘଟଣାକୁ ନିମାପଡ଼ା ବ୍ଲକ ଓ ପୁରୀ ଜିଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଲାଗିହେଲା ପହିଲି ଭୋଗ

ପ୍ରଥମ ଦିନରେ ନୀତି ବିଳମ୍ବ



ପୁରୀ ଅଫିସ, ୧୬।୧୨: ଧନୁ ସଂକ୍ରାନ୍ତି ଅବସରରେ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ନୀତି ୧ ମାସ ଅର୍ଥାତ୍ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ପରମ୍ପରା ଅନୁଯାୟୀ, ଗୋପାଳ ବଲ୍ଲଭ ଭୋଗ ସମୟରେ ପହିଲି ଭୋଗ ଲାଗି କରାଯାଇଛି। ତେବେ ପ୍ରଥମ ଦିନରେ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଛି। ନିର୍ଦ୍ଧାରିତ ସମୟ ରାତି ୨ଟା ପରିବର୍ତ୍ତେ ୩ଟା ୫ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ବିଭିନ୍ନ ନୀତିକାନ୍ତି ପରେ ପହିଲି ଭୋଗ ହୋଇଥିଲା। ଏଥିରେ ବଡ଼ ଝିଲି, ସାନ ବଡ଼ା, ବଡ଼ ବଡ଼ା, କାକରା, ଅମାଲୁ, ଏଣ୍ଡୁରି, ମୁଗେଇ, ଚଢ଼େଇ ନଦା, ଲଡୁ, ଗଇଁଠା, ମଣ୍ଡା ଓ ଖଇରଚୁଳ ପ୍ରଭୃତି ୨୮ ପ୍ରକାର ଭୋଗ ଲାଗିହୋଇଥିଲା। ସେହିପରି ମହାପ୍ରଭୁଙ୍କ ନିକଟରେ ଧନୁମୁଆଁ ଭୋଗ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଓ ବିଭିନ୍ନ ନିଯୋଗ ପକ୍ଷରୁ ମୁଆଁ ଭୋଗ ଲାଗିକରାଯାଇଥିଲା।

ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ସନ୍ଧ୍ୟାରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ଲୋକକଥା ଅନୁଯାୟୀ, ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ମହାଲକ୍ଷ୍ମୀ ତାଙ୍କ ବାପଘରକୁ ଯାଇଥାନ୍ତି। ତେଣୁ ମା' ଯଶୋଦା ନିଜ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଶ୍ରୀବିଗ୍ରହମାନଙ୍କୁ ଖୁଆଇଥାନ୍ତି। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହନ୍ତି, ଧନୁ ସଂକ୍ରାନ୍ତିରେ ସୂର୍ଯ୍ୟଦେବ ବିଛା ରାଶିରୁ ଧନୁ ରାଶିକୁ ଗମନ କରିଥାନ୍ତି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ମହାପ୍ରଭୁଙ୍କର ବିଶେଷ ନୀତି ହେବା ସହ ପହିଲି ଭୋଗ ଲାଗି କରାଯାଇଥାଏ।

### ବ୍ୟାଙ୍କ ମିତ୍ରଙ୍କୁ କର୍ମଚାରୀ ମାନ୍ୟତା ଦାବି

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)- ଅଲ୍ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ (ସିଆଇଟୁ୍ୟ) ୧୨ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବ୍ୟାଙ୍କ ମିତ୍ରଙ୍କୁ ବ୍ୟାଙ୍କ କର୍ମଚାରୀ ମାନ୍ୟତା ପ୍ରଦାନ ସହ ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ ଏବଂ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ସବୈତନିକ ମାତୃତ୍ୱକାଳୀନ ଛୁଟି ୬ମାସ ପ୍ରଦାନ, ଇପିଏଫ୍, ଇଏସ୍ଆଇ ଯୋଜନାରେ ଅର୍ନ୍ତଭୁକ୍ତ କରିବା, ଗସ୍ତ ଖର୍ଚ୍ଚ ୨ ହଜାର ଟଙ୍କା ଓ ମୋବାଇଲ୍ ଖର୍ଚ୍ଚ ୫୦୦ଟଙ୍କା ବୃଦ୍ଧି କରିବା ପାଇଁ ନିବେଦନ କରାଯାଇଛି। ଜିପିଏଲଏଫ୍ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସହ ବ୍ୟାଙ୍କ ମିତ୍ରଙ୍କ ବକେୟା ଭତ୍ତା ତୁରନ୍ତ ପ୍ରଦାନ କରାଯାଉ ବୋଲି ସଂଘର ସମ୍ପାଦିକା ପ୍ରଜ୍ଞାପାରମିତା ଥାଟୋଇ କହିଛନ୍ତି। ସେହିପରି ବ୍ୟାଙ୍କ ମିତ୍ରମାନଙ୍କୁ ଲ୍ୟାପଟପ୍ ପ୍ରଦାନ ସହ ସମସ୍ତ ଅଞ୍ଚଳରେ ସମାନ ଦରମା ଓ ଅତିରିକ୍ତ କାର୍ଯ୍ୟ ପାଇଁ ଅତିରିକ୍ତ ଦରମା ପ୍ରଦାନ ଦାବି ଉପସ୍ଥାପନ କରାଯାଇଛି। ସଭାପତି ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ ବ୍ୟାଙ୍କମିତ୍ରମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଇଡି ହାତରେ ଅର୍ଚ୍ଚନାଙ୍କ ଦୁଇ ଡାଏରୀ

ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

**ହନିଟ୍ରାପ୍‌ରୁ ବେଆଇନ ଅର୍ଥ କାରବାର ମାମଲା**

- ଫୋରେନ୍‌ସିକ୍ ଲାବ୍‌ରୁ ଖାଲି ହାତରେ ଫେରିଲା ଇଡି
- ମୁହଁ ଖୋଲୁନାହାନ୍ତି ନାଗ-ଚାନ୍ଦ ଦମ୍ପତି



ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ରିମାଣ୍ଡରେ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁହାଁମୁହିଁ ଜେରା କରୁଛି। ପ୍ରଥମ ପର୍ଯ୍ୟାୟରେ ୭ ଦିନିଆ ରିମାଣ୍ଡ ଅବଧି ସମୟରେ ଅର୍ଚ୍ଚନା ଇଡି ଆଗରେ ତାଙ୍କ କଳା ସାମ୍ରାଜ୍ୟର ବଡ଼ ଗୁମର ସମ୍ପର୍କରେ କିଛି ବି ମୁହଁ ଖୋଲି ନ ଥିଲେ। ଏବେ ନାଗ-ଚାନ୍ଦ ଦମ୍ପତିଙ୍କୁ ମୁହାଁମୁହିଁ ଜେରା ସମୟରେ ବି ଉଭୟ ଚୁପ୍ ରହୁଛନ୍ତି। ଏପରି ସ୍ଥିତିରେ ଇଡି ଅଧିକାରୀମାନେ ଶୁକ୍ରବାର ଖଣ୍ଡଗିରି ଥାନାକୁ ଯାଇ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ୨ଟି ଡାଏରୀ ଜବତ କରିଥିବା ସୂଚନା ମିଳିଛି। ଏସବୁରେ ହନିଟ୍ରାପ୍, ବ୍ଲାକ୍‌ମେଲ୍ ଓ ବେଆଇନ ଆର୍ଥିକ କାରବାରର ଗୁମର ରହିଥିବା ଇଡି ଆଶା କରୁଛି। ଏପରିକି ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ଉକ୍ତ ୨ ଡାଏରୀରେ ଅନେକ ତଥ୍ୟ ଥିବା କୁହାଯାଉଛି। ତେବେ ଆଗାମୀ ଦିନରେ ଏଥିରୁ ଇଡି କି ପ୍ରମାଣ ପାଉଛି ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅପରପକ୍ଷରେ ଗିରଫବେଳେ ଅର୍ଚ୍ଚନାଙ୍କ ଘରୁ ୪ ମୋବାଇଲ ଫୋନ୍, ୨ ଟାବ୍‌ଲେଟ୍ ଓ ଗୋଟିଏ ପେନ୍‌ଡ୍ରାଇଭ୍ ଜବତ କରିଥିଲା କମିଶନରେଟ ପୋଲିସ। ପରବର୍ତ୍ତୀ ସମୟରେ ପୋଲିସ ସେସବୁରୁ ପ୍ରମାଣ ପାଇବାକୁ ରାଜ୍ୟ ଫୋରେନ୍‌ସିକ୍ ଲାବ୍‌କୁ ପଠାଇଥିଲା। ଉକ୍ତ ଡିଜିଟାଲ ଦସ୍ତାବିଜ୍‌ଗୁଡ଼ିକୁ ଦେବାକୁ ଫୋରେନ୍‌ସିକ୍ ଲାବକୁ ୨ଥର ଚିଠି ଲେଖିଲାଣି ଇଡି। ଏପରି କି ଉକ୍ତ ପ୍ରମାଣ ଇଡିକୁ ଦେବାକୁ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ଫୋରେନସିକ୍ ଲାବ ପକ୍ଷରୁ ଉକ୍ତ ଡିଜିଟାଲ ପ୍ରମାଣପତ୍ର ଇଡିକୁ ଦିଆଯାଉନାହିଁ। ତେଣୁ ଶୁକ୍ରବାର ଇଡିର ଅଧିକାରୀମାନେ ରସୁଲଗଡ଼ ଛକସ୍ଥିତ ଉକ୍ତ ଲାବକୁ ଯାଇ ଏହା ବିଷୟରେ ପଚାରି ବୁଝିଥିଲେ। ହେଲେ ଏଥର ବି ଇଡି ଖାଲି ହାତରେ ଫେରିଛି। ଉକ୍ତ ଡିଜିଟାଲ ପ୍ରମାଣପତ୍ରରେ ଆର୍ଥିକ କାରବାର ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା କୁହାଯାଉଥିଲା। ତେବେ ବାରମ୍ବାର ଚିଠି ଓ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇଡିକୁ ଉକ୍ତ ପ୍ରମାଣପତ୍ର ନ ମିଳିବା ଘଟଣାକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ଫୋରେନ୍‌ସିକ୍ ଲାବ୍‌ର ଏପରି ଅସହଯୋଗକୁ ନେଇ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାମଲାରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବାରୁ ରାଜ୍ୟ ପୋଲିସ ପକ୍ଷରୁ ଏହି ତଥ୍ୟ ଦେବା ପାଇଁ ବିଳମ୍ବ କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏପରି ସ୍ଥିତିରେ ଅର୍ଚ୍ଚନାଙ୍କ ଆର୍ଥିକ ସାମ୍ରାଜ୍ୟକୁ କିପରି ଭେଦିବ ତାହା ବର୍ତ୍ତମାନ ଇଡି ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ଉଲ୍ଲେଖଯୋଗ୍ୟ, ଇଡି ମଙ୍ଗଳବାରଠାରୁ ଅର୍ଚ୍ଚନାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୬ ଦିନ ଓ ଜଗବନ୍ଧୁଙ୍କୁ ପ୍ରଥମ ପର୍ଯ୍ୟାୟରେ ବୁଧବାରଠାରୁ ୯ଦିନ ପାଇଁ ରିମାଣ୍ଡରେ ଆଣିଛି। ହେଲେ ଦିନ ସରୁଥିଲେ ମଧ୍ୟ ଇଡି ରାଜ୍ୟର ଏହି ବଡ଼ ବ୍ୟାକ୍‌ମେଲିଂ ମାମଲାର ରହସ୍ୟ ଉନ୍ମୋଚନ କରିବାରେ ବିଫଳ ହୋଇପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ପ୍ରଥମେ କମିଶନରେଟ ପୋଲିସ, ଏବେ ରାଜ୍ୟ ପୋଲିସ ଅଧୀନରେ ଥିବା ଫୋରେନ୍‌ସିକ୍ ଲାବ୍‌ର ଅସହଯୋଗ ଏପରି ଆଶଙ୍କାକୁ ଆହୁରି ଦୃଢ଼ୀଭୂତ କରୁଛି।



ମୟୂରଭଞ୍ଜ ଛଉନୃତ୍ୟକୁ ନେଇ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ଜାତୀୟ ମହୋତ୍ସବ 'ନାଟ୍‌କୀ'ରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ)

## ଜାତୀୟ ଛଉ ମହୋତ୍ସବ 'ନାଟ୍‌କୀ' ଆରମ୍ଭ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

- ଛଉ କଳାକାରଙ୍କୁ ପ୍ରୋତ୍ସାହନ ଦିଆଯାଉ : ମୟୂରଭଞ୍ଜ ରାଣୀ
- ଗୁରୁ ବିଦେଶୀ ବଇଥାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ
- ୭ ଅନୁଷ୍ଠାନ, ୪ ଗୁରୁଙ୍କୁ ସମ୍ବର୍ଦ୍ଧନା

ମୟୂରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟକୁ ନେଇ ପ୍ରଥମ ଜାତୀୟ ଛଉ ମହୋତ୍ସବ 'ନାଟ୍‌କୀ' ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ପ୍ରୋଜେକ୍ଟ ଛାଉଣି ପକ୍ଷରୁ ଏହି ମହୋତ୍ସବ ୨ଦିନ ଧରି ଚାଲିବ। ପ୍ରଥମ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଉତ୍କର୍ଷ କଳାର ଦେଶ ଉତ୍କଳ। ବିଭିନ୍ନ କଳା, ସଂସ୍କୃତି ଓଡ଼ିଶାର ଗରିମା ବୃଦ୍ଧି କରୁଛି। ଛଉନୃତ୍ୟର ବହୁଳ ପ୍ରଚାର ପ୍ରସାର ଆବଶ୍ୟକତା ରହିଛି। ଏ ନେଇ ସରକାରୀ ସ୍ତରରେ ମଧ୍ୟ ଧ୍ୟାନ ଦିଆଯିବ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜର ରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଛଉ ନୃତ୍ୟ ଉପରେ ନିର୍ଭର କରୁଥିବା କଳାକାରଙ୍କ ବିଷୟରେ ଆଲୋଚନା କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦେଲେ ସେମାନେ ଆଗକୁ ବଢ଼ିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ପୋମା ଟୁଡୁ କହିଲେ, ଯୁବପିଢ଼ି ଏଥିରେ ଅଧିକ ସାମିଲ ହେବା ଦରକାର। ପ୍ରୋଜେକ୍ଟ ଛାଉଣିର ପ୍ରତିଷ୍ଠାତା ଆଇଏଏସ୍ ରାଜେଶ ପାଟିଲ କହିଥିଲେ, ପ୍ରଥମଥର ପାଇଁ ଏହା ଅନୁଷ୍ଠିତ ହେଲା। ପ୍ରୋତ୍ସାହନ ଅଭାବରୁ ଛଉ ଗୁରୁଙ୍କ ଆନ୍ତରିକତା କମି ଆସିଲାଣି। ସେମାନଙ୍କ ଅର୍ଥନୈତିକ ଉନ୍ନତି କରି ପାରିଲେ ହିଁ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇହେବ। ଏଥିପାଇଁ ସବୁସ୍ତରରୁ ଉଦ୍ୟମ ରହିବା ଆବଶ୍ୟକ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ 'ପ୍ରତିବିମ୍ବ' ମହାରାଷ୍ଟ୍ରରୁ ଆସିଥିବା ଗୁରୁ ଶ୍ୟାମା ଭାଟେଙ୍କ ନିର୍ଦ୍ଦେଶିତ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ପରେ କଲମ୍ବିଆର ନୃତ୍ୟାଙ୍ଗନା କ୍ୟାରୋଲିନ ପ୍ରାଦାଙ୍କ ଦ୍ୱାରା 'ନଟରାଜ', ନିଡୁଆପଦା ଉତ୍ତରସାହି ପକ୍ଷରୁ 'କେଉଟ କେଉଟୁଣୀ' ଏବଂ ବାମନଘାଟି, ପଞ୍ଚପୀଢ଼ ଓ ସଦର ସବ୍‌ଡିଭିଜନ ପକ୍ଷରୁ 'କରମ' ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବାରିପଦା, ମୟୂରଭଞ୍ଜ ସହ ରାଜଧାନୀର ଦର୍ଶକମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ଅବସରରେ ଛଉ ନୃତ୍ୟରେ ଜୀବନ ବ୍ୟାପୀ ସାଧନା ପାଇଁ ଗୁରୁ ବିଦେଶୀ ବଇଥାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ମୟୂରଭଞ୍ଜ ଜିଲାର ୭ଟି ଅନୁଷ୍ଠାନ, ଗୁରୁ ପାଗୁଲୁ ଜେନା, ଗୁରୁ ତ୍ରିଲୋଚନ ଜେନା, ଦୁର୍ଗା ପ୍ରସାଦ ମହାନ୍ତି ଓ ବିଭୁଦତ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହାନଦୀ ପଠାରେ ବିଦେଶୀ ପକ୍ଷୀ ମଡ଼କ

ବାରଙ୍ଗ,୧୬।୧୨(ଡି.ଏନ୍.ଏ.)



ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳୀ ବ୍ୟାରେଜ ମହାନଦୀ ପଠାରେ ଶୁକ୍ରବାର କେତେକ ବିଦେଶୀ ପକ୍ଷୀ ମରିପଡ଼ିଥିବାର ଦେଖିବାକୁ ମିଳିଛି।ଏହି ପକ୍ଷୀମାନେ କିପରି ମଲେ ଓ କାହିଁକି ମଲେ ତାହା ଜଣାପଡ଼ିନାହିଁ। ସ୍ଥାନୀୟ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ ନିଜ କାର୍ଯ୍ୟ ସାରି ଫେରୁଥିବା ବେଳେ ଏକକାଳୀନ ୧୪ଟି ହଳଦିଆ ପାଦ ସବୁଜ କପୋତ ମରିପଡିଥିବାର ଦେଖିଥିଲେ। ଖବରପାଇ ଡମପଡ଼ା ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଆସି ପହଞ୍ଚିଥିଲେ। ଏହି ପକ୍ଷୀ ମୃତ୍ୟୁର କାରଣ ଜାଣିବା ପାଇଁ ପକ୍ଷୀଙ୍କର ମୃତଦେହକୁ ଓୟୁଏଟିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମହାନଦୀର ମୁଣ୍ଡଳୀ ବ୍ୟାରେଜ ଅଞ୍ଚଳକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଉପରେ ନଜର ରଖଯାଇଛି।

## ଲିଖିତ ପ୍ରତିଶ୍ରୁତି ପାଇବା ଜିଦ୍‌ରେ ଶିକ୍ଷକ ସଂଘ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଦୁଇ ଦଫା ଦାବି ନେଇ ୫ ଦିନ ଧରି ଲୋୟର ପିଏମ୍‌ଜିରେ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଜାରିରହିଛି। ଏହି ଆନ୍ଦୋଳନ ଯେତେ ଦିନ ବିତିଛୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସରକାରଙ୍କ ଉପରେ ବିଶ୍ୱାସ ତୁଟୁଛି ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଯଦିଓ ସରକାର ଆଲୋଚନା ପାଇଁ ଡାକୁଛନ୍ତି କିନ୍ତୁ ଦାବି ପୂରଣ କରିବାରେ ଆନ୍ତରିକତାର ଅଭାବ ରଖୁଥିବା କହିଛନ୍ତ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ। ଦାବି ପୂରଣ ପାଇଁ ସରକାର ଆଶ୍ୱାସନା ଦେଉଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ଦେବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ମହାସଚିବ ବିଶ୍ୱଜିତ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ସରକାର ଡିସେମ୍ବର ୨୨ସୁଦ୍ଧା ଦାବି ପୂରଣ ନ କଲେ ୨୩ରେ ମହାଆନ୍ଦୋଳନ ହେବ ବୋଲି ଆବାହକ ନିରୋଦ ରଥ ସୂଚନା ଦେଇଛନ୍ତି।

## ହକି ବିଶ୍ୱକପ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକିଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବାକୁ ଥିବାବେଳେ ଏହି ୨ ସହରରେ ରାଜ୍ୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଗଲାଣି। ଭୁବନେଶ୍ୱରରେ କମିଶନରେଟ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂକୁ ବ୍ୟାପକ କରାଯାଉଛି। ଏପରି ସ୍ଥିତିରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ ଡିଜି ସୁନୀଲ ବଂଶଲ ଶୁକ୍ରବାର ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି। ଡିଜିଙ୍କ କହିବା ଅନୁଯାୟୀ, ହକି ବିଶ୍ୱକପ ପାଇଁ ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆତଙ୍କବାଦୀ ଏବଂ ଅନ୍ୟ ଆକ୍ରମଣର ଭୟ ରହିଥିବାରୁ ଗୁଇନ୍ଦା ବିଭାଗକୁ ମଧ୍ୟ ଅଧିକ ସଜାଗ କରାଯାଇଛି। ଏଥିପାଇଁ କେନ୍ଦ୍ର ଗୁଇନ୍ଦା ବିଭାଗ ଏବଂ ରାଜ୍ୟ ଗୁଇନ୍ଦା ବିଭାଗ କାର୍ଯ୍ୟ କରୁଛି। ଗୁଇନ୍ଦା ସୂଚନା ଏବଂ ସ୍ୱତନ୍ତ୍ର ଏସ୍‌ଓପି ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଞ୍ଜଳି



@ ରଚନା



@ ରୋଜାଲିନ



@ ଯୁବରାଜ



@ ଶୁଭସୁନ୍ଦର

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟ ସଂଗ୍ରହାଳୟରେ ଖୋଲିବ 'ମୌଖିକ ଓ ଜନଜାତି ସାହିତ୍ୟ କେନ୍ଦ୍ର'

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ରାଜ୍ୟ ସଂଗ୍ରହାଳୟ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଏକ 'ମୌଖିକ ଓ ଜନଜାତି ସାହିତ୍ୟ କେନ୍ଦ୍ର' ସର୍ବସାଧାରଣଙ୍କ ନିମନ୍ତେ ପ୍ରତିଷ୍ଠା ହେବ। ଗତ ସେପ୍ଟେମ୍ବର ୮ରେ ଏନେଇ ହୋଇଥିବା ନିଷ୍ପତ୍ତି ଅନୁସାରେ ଶୁକ୍ରବାର ରାଜ୍ୟ ସଂଗ୍ରହାଳୟ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି କେନ୍ଦ୍ର ମାଧ୍ୟମରେ ପୂର୍ବାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳରେ ଜନଜାତି ସାହିତ୍ୟର ପ୍ରଚାର, ପ୍ରସାର ତଥା ଗବେଷଣା ପାଇଁ ସୁଯୋଗ ସୃଷ୍ଟି ହେବ। ଆଗ୍ରହୀ ସାହିତ୍ୟିକ ଓ ଗବେଷକମାନେ ଏହି କେନ୍ଦ୍ରର ସଦୁପଯୋଗ କରିବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସ ରାଓ ଓ ଏକାଡେମୀର ଓଡ଼ିଆ ଭାଷା ପରାମର୍ଶଦାତା କମିଟି ଆବାହକ ଡ. ବିଜୟାନନ୍ଦ ସିଂହ ଉପସ୍ଥିତ ଥିଲେ।




ମାସିକ ଦରମା ୨୬ହଜାର ଟଙ୍କା, ସ୍ଥାୟୀ ନିଯୁକ୍ତି ସମେତ ୧୨ଦଫା ଦାବି ନେଇ ଅଲ୍ ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




୬ ମାସ ନୁହେଁ, ୧୨ ମାସ ନିଯୁକ୍ତି ଦାବିରେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।



ରାଜ୍ୟ ସଂଗ୍ରହାଳୟ ପରିସରରେ ମୌଖିକ ଓ ଜନଜାତି ସାହିତ୍ୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଶୁକ୍ରବାର ସଂଗ୍ରହାଳୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ମଧ୍ୟରେ ଚୁକ୍ତିସ୍ୱାକ୍ଷର କରାଯାଉଛି।

**ପହିଲାରୁ ଦର ବଢ଼ାଇବ ହୋଣ୍ଡା**

ନୂଆଦିଲ୍ଲୀ: ଆସନ୍ତା ଜାନୁଆରୀରୁ ହୋଣ୍ଡା ତାର ପ୍ରତ୍ୟେକ ମଡ଼େଲ ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ଶୁକ୍ରବାର 'ହୋଣ୍ଡା କମ୍ପାନୀ' ପକ୍ଷରୁ ଘୋଷଣା କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା କାର୍ ଇଣ୍ଡିଆ ଉପାଧ୍ୟକ୍ଷ(ବିକ୍ରୟ ଏବଂ ମାର୍କେଟିଂ) କୁନାଲ ବେହେଲ କହିଛନ୍ତି, ଗାଡ଼ି ନିର୍ମାଣରେ ବ୍ୟବହାର ହେଉଥିବା ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। କଞ୍ଚାମାଲର ଇନ୍‌ପୁଟ ମୂଲ୍ୟ ଏବଂ ଆଗାମୀ ନିୟମାକ ଆବଶ୍ୟକତା ଗୁଡ଼ିକର କ୍ରମାଗତ ବୃଦ୍ଧି ଆକଳନ କରିବା ପରେ ଜାନୁଆରୀ ୨୩ରୁ ଉତ୍ପାଦ ମୂଲ୍ୟରେ ସଂଶୋଧନ କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବଢ଼ୁଛି ବୈଦେଶିକ ମୁଦ୍ରାଭଣ୍ଡାର

- କ୍ରମାଗତ ୫ମ ସପ୍ତାହ ପାଇଁ ବୃଦ୍ଧି
- ୨.୯ ବିଲିୟନ ବଢ଼ି ଏଫ୍‌ଆର ୫୬୪.୦୭ ବିଲିୟନ ଡଲାରରେ ପହଞ୍ଚିଛି

ନୂଆଦିଲ୍ଲୀ,୧୬।୧୨

ଗତ କିଛିଦିନ ହେବ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନେକ ସମସ୍ୟା ଲାଗି ରହିଛି। ଏଭଳି ସ୍ଥିତିରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର (ଏଫ୍‌ଆର୍)ରେ ବୃଦ୍ଧି ଘଟିଥିବା ଜଣାପଡିଛି। ଏପରିକି ୨୦୨୨ ଡିସେମ୍ବର ୯ରେ ଶେଷ ହୋଇଥିବା ବଜାର କାରବାର ଏବଂ ପରିବ୍ୟବସ୍ଥା ଗତ ସପ୍ତାହ (ଚଳିତ ସପ୍ତାହର ଶୁକ୍ରବାର ଶେଷ ସୁଦ୍ଧା) ମଧ୍ୟରେ ୨.୯ ବିଲିୟନ ଡଲାର ବଢ଼ି ୫୬୪.୦୭ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏ ନେଇ ମଧ୍ୟ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ଆର୍‌ବିଆଇର ସୂଚନା ଅନୁସାରେ ବୈଦେଶିକ ମୁଦ୍ରାଭଣ୍ଡାର ଲଗାତର ୫ମ ସପ୍ତାହ ଲାଗି ବୃଦ୍ଧି ପାଇଛି। ଏପରିକି ପୂର୍ବ ସପ୍ତାହ (୨ ଡିସେମ୍ବର ଶେଷ ସୁଦ୍ଧା) ରେ ମଧ୍ୟ ବୈଦେଶିକ ମୁଦ୍ରାଭଣ୍ଡାର ରେ୧୧.୦୨ ବିଲିୟନ ଡଲାର ବୃଦ୍ଧି ଘଟି ୫୬୧.୧୬ ବିଲିୟନ ଡଲାରରେ ପହଞ୍ଚିଥିଲା। ସେହିପରି କେନ୍ଦ୍ରୀୟ ବ୍ୟାଙ୍କର ସାପ୍ତାହିକ ତଥ୍ୟ ଅନୁସାରେ ମୁଦ୍ରାଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମନେକରାଯାଉଥିବା ବୈଦେଶିକ ପରିସମ୍ପତ୍ତି (ଆସେଟ୍) ଚଳିତ ବର୍ଷ ଡିସେମ୍ବର ୯ ତାରିଖରେ ଶେଷ ହୋଇଥିବା ସପ୍ତାହର କାରବାର ମଧ୍ୟରେ ୩.୧ (୩.୧୪୧) ବିଲିୟନ ଡଲାର ବୃଦ୍ଧି ଘଟି ୫୦୦.୧୩ (୫୦୦.୧୨୫)



ବିଲିୟନ ଡଲାରରେ ପହଞ୍ଚିଛି। ଉକ୍ତ ସପ୍ତାହରେ ଭାରତର ସ୍ୱର୍ଣ୍ଣଭଣ୍ଡାରର ମୂଲ୍ୟ ୨୯୬ ମିଲିୟନ ଡଲାର ହ୍ରାସ ଘଟି ୪୦.୭୩ (୪୦.୭୯୨) ବିଲିୟନ ଡଲାର ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ଅକ୍ଟୋବରରେ ବୈଦେଶିକ ମୁଦ୍ରାଭଣ୍ଡାର ପ୍ରାୟ ୬୪୫ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚସ୍ତରକୁ ଛୁଇଁଥିଲା। ଏପରିକି ବୈଶ୍ୱିକ ଘଟଣାକ୍ରମରେ ଏହାର ପରିମାଣ ହ୍ରାସ ପାଇଥିଲା। ଫଳରେ କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ମୁଦ୍ରା (ଟଙ୍କା)ର ବିନିମୟ ମୂଲ୍ୟ ହ୍ରାସର ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲା। ବିଶେଷକରି ବୈଦେଶିକ ମୁଦ୍ରାଭଣ୍ଡାରର ବ୍ୟବହାର କରିବା ଯୋଗୁ ଏଥିରେ ହ୍ରାସ ଦେଖାଯାଇଥିଲା। ଅପରପକ୍ଷରେ ଆର୍‌ବିଆଇର ତଥ୍ୟ ଅନୁସାରେ ବିଶେଷ ଆହରଣ ଅଧିକାର (ଏସ୍‌ଡିଆର୍) ୬.୧ ମିଲିୟନ ଡଲାର ବଢ଼ି ୪୦.୭୨୯ ବିଲିୟନ ଡଲାର ହୋଇଯାଇଛି। ଏପରିକି ସମୀକ୍ଷାଧୀନ ସପ୍ତାହ ମଧ୍ୟରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ମଧ୍ୟ ସଂରକ୍ଷିତ ଦେଶର ମୁଦ୍ରାଭଣ୍ଡାର ୨୦ ଲକ୍ଷ ଡଲାର ବଢ଼ି ୫.୧୧ ବିଲିୟନରେ ପହଞ୍ଚିଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୬।୧୨

କ୍ରମାଗତ ୨ ଦିନ ଲାଗି ଷ୍ଟକ୍ ବଜାରର କାରବାର ହ୍ରାସ ପାଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ(ଷ୍ଟକ୍ ବଜାର)ର ଫଳାଫଳ ଯୋଗୁ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍‌ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୬୧ (୪୬୧.୨୨) ପଏଣ୍ଟ ଖସି ୬୧,୩୩୮ (୬୧,୩୩୭.୮୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୬ (୧୪୫.୯୦) ପଏଣ୍ଟ ହ୍ରାସ ଘଟି ୧୮,୨୬୯ (୧୮,୨୬୯.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ନିଷ୍ପତ୍ତି କାରଣରୁ ଭାରତୀୟ ଶେୟାର ବଜାରର କାରବାର ପ୍ରଭାବିତ ହେଉଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ସିଜିୟୁରେ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ସ୍ଥାପିତ



ଭୁବନେଶ୍ୱର,୧୬।୧୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ) ଏବଂ ଜାପାନର ମିତ୍‌ସୁବିଶି ଇଲେକ୍ଟ୍ରିକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ହୋଇଥିବା ଜଣାପଡ଼ିଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଯୋଗରେ ସିଜିୟୁରେ ଫ୍ୟାକ୍ଟ୍ରି ଅଟୋମେଶନ ଉପରେ ଏକ ଅତ୍ୟାଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ମିତ୍‌ସୁବିଶି ଇଲେକ୍ଟ୍ରିକ୍‌ର ଜେନୋରଲ ମ୍ୟାନେଜର ବିକ୍ରମ ମାଟୁ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଏହି ଉପକରଣଗୁଡ଼ିକ ସମଗ୍ର ବିଶ୍ୱରେ ଅଗ୍ରଣୀ ସ୍ୱୟଂଚାଳିତ ଉପକରଣ ଉତ୍ପାଦକାରୀଙ୍କ ଦ୍ୱାରା ବ୍ୟବହୃତ ହୁଏ ଏବଂ ଛାତ୍ରୀଛାତ୍ରମାନେ ଏଥିରୁ ଇଣ୍ଟର୍ନଶିପ୍ ଓ ଅନ୍ୟ ସମସ୍ତ ଏକାଡେମିକ୍ ସୁବିଧା ପାଇପାରିବେ। ସେହିଭଳି ସିଜିୟୁର ସଭାପତି ସଞ୍ଜୀବ କୁମାର ରାଉତ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଇଣ୍ଡଷ୍ଟ୍ରିର ସହଯୋଗ ଦ୍ୱାରା ସମସ୍ତ ଟ୍ରେନିଂ ଓ ଇଣ୍ଟର୍ନଶିପ୍ ପ୍ରୋଗ୍ରାମକୁ ବିଶ୍ୱବିଦ୍ୟାଳୟର ଏକାଡେମିକ କ୍ରେଡିଟ୍ ପ୍ରୋଗ୍ରାମ ସହ ଯୋଡ଼ାଯିବ। ସେହିପରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଶୁଦ୍ଧିନ୍ଦ୍ରନାଥ ପଣ୍ଡା କହିଥିଲେ, ଆଗାମୀ ବର୍ଷ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ଜାପାନୀ, ଜର୍ମାନୀ ପ୍ରଭୃତି ଭାଷାର ପ୍ରଶିକ୍ଷଣର ସୁବିଧା ଦିଆଯିବ। ପରିଶେଷରେ ପ୍ରଫେସର ଡ. ପି. କାନୁନ୍‌ଗୋ, ଡିନ୍, ଇଞ୍ଜିନିୟରିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଅଟୋମେଶନ ସେଣ୍ଟର ଅଫ୍ ଏକ୍ସଲେନ୍ସର ନିର୍ଦ୍ଦେଶକ ପ୍ରଫେସର ଡ. ଏନ୍.ଏସ୍. ଦାସ ସମସ୍ତଙ୍କୁ ସ୍ୱାଗତ କରିବା ବେଳେ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଇଫୋନ୍‌ରେ ଜିଓ ୫ଜି ସେବା

ନୂଆଦିଲ୍ଲୀ,୧୬।୧୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଆଇଫୋନ୍ ୧୨ ଓ ପରବର୍ତ୍ତୀ ଆଇଫୋନ୍ ମଡେଲଗୁଡ଼ିକ ପାଇଁ ଆଇଫୋନ ମଡେଲରେ ଜିଓ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ୨୦୨୨ ଡିସେମ୍ବର ୧୫ରୁ ଆଇଫୋନ୍ ୧୨ ଓ ପରବର୍ତ୍ତୀ ଆଇଫୋନ୍ ମଡେଲଗୁଡ଼ିକରେ ଅସୀମିତ ଡାଟା ସହ ଜିଓ ଟ୍ରୁ-୫ଜି ସେବା ଉପଲବ୍ଧ ହେଉଛି। ବିଶେଷକରି ଏହାର ବ୍ୟବହାରକାରୀମାନଙ୍କୁ ଆଇଫୋନ୍‌ର ସଦ୍ୟତମ ଆଇଓଏସ୍ ଏବଂ କ୍ୟାରିୟର ସେଟିଂକୁ ଅପ୍‌ଡେଟ୍ କରିବାକୁ ପଡ଼ିବ। ସେହିଭଳି ଜିଓ ଟ୍ରୁ-୫ଜି ସେବା ଆରମ୍ଭ ହୋଇସାରିଥିବା ସହରଗୁଡ଼ିକରେ ଅସୀମିତ ୫ଜି ବ୍ୟବହାର ପାଇଁ ଆଇଫୋନ୍ ଗ୍ରାହକମାନଙ୍କୁ ସକ୍ଷମ କରିବା ଲାଗି କମ୍ପାନୀ ପକ୍ଷରୁ ସେମାନଙ୍କ ନମ୍ବରରେ ଜିଓ ୱେଲ୍‌କମ୍ ଅଫର ମଧ୍ୟ ପ୍ରଦାନ କରାଯାଇଛି।




ଅଲ ଇଣ୍ଡିଆ ନାବାର୍ଡ ଅଫିସର୍ସ ଆସୋସିଏସନ(ଏଆଇଏନ୍‌ବିଓଏ-ସେଣ୍ଟ୍ରାଲ ୟୁନିଟ୍)ର ନାବାର୍ଡ ବ୍ୟାଙ୍କ ଅଫିସର୍ସ ଆସୋସିଏସନ (ଏନ୍‌ବିଓଏ) ପକ୍ଷରୁ ଶୁକ୍ରବାର ସ୍ଥାନୀୟ ନୟାପଲ୍ଲୀସ୍ଥିତ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଓଡ଼ିଶା ସମ୍ମୁଖରେ ବେତନ ବୃଦ୍ଧି ସାଙ୍ଗକୁ ଅନ୍ୟାନ୍ୟା କାରଣଗୁଡ଼ିକ ବିରୋଧରେ ଏକ ଦିନିକିଆ ସର୍ବଭାରତୀୟ ଧର୍ମଘଟର ଡାକରା ଦିଆଯାଇଥିଲା। ଉକ୍ତ ଧର୍ମଘଟରେ ଏନ୍‌ବିଓଏର ଅଧିକାରୀମାନେ ଅଂଶଗ୍ରହଣ କରି ପ୍ରତିବାଦ କରୁଛନ୍ତି।

## 'ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ମେରିଟ୍ ସ୍କଲାରଶିପ'

ନୂଆଦିଲ୍ଲୀ,୧୬।୧୨

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆର୍‌ଭି ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ନାମଲେଖା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବିଶ୍ୱବିଦ୍ୟାଳୟର ୬ଟି ପ୍ରମୁଖ ସ୍କୁଲର ସମସ୍ତ ସ୍ନାତକ ଏବଂ ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ପ୍ରବେଶ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବେଦନପତ୍ର ମଧ୍ୟ ଗ୍ରହଣ କରାଯାଉଛି। ଅପରପକ୍ଷରେ ଆର୍‌ଭି ସ୍କୋଲାଷ୍ଟିକ ଆଡ୍‌ମିସନ ଟେଷ୍ଟ ଏବଂ ଆର୍‌ଭି ବିଶ୍ୱବିଦ୍ୟାଳୟର ଚୟନ ପ୍ରକ୍ରିୟାରେ ଆବେଦନକାରୀଙ୍କ ପ୍ରଦର୍ଶନ ଉପରେ ଚୟନ ମାନଦଣ୍ଡ ଆଧାରିତ ହେବ। ଆର୍‌ଭି ବିଶ୍ୱବିଦ୍ୟାଳୟରେ ସମସ୍ତ ୟୁଜି ଏବଂ ପିଜି କାର୍ଯ୍ୟକ୍ରମ ପାଇଁ ଆର୍‌ଭିଏସ୍‌ଏଟି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା। ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ମେରିଟ୍ ସ୍କଲାରଶିପ ମଧ୍ୟ ପ୍ରଦାନ କରୁଛି। ଏ ସମ୍ପର୍କରେ ଆର୍‌ଭି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ପ୍ରଫେସର ୱାଇ.ଏସ୍.ଆର୍. ମୂର୍ତ୍ତି କହିଛନ୍ତି, ଏଠାରେ ବିଶ୍ୱବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ଏବଂ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ ଛାତ୍ରୀଛାତ୍ରୀମାନଙ୍କୁ ନୂତନ ଜ୍ଞାନ ଆହରଣ କରିବାକୁ ଆମେ ଉତ୍ସାହିତ କରିଥାଉ। ସେହିଭଳି ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସେଲର ଡ. (ଏଚ୍.ସି) ଏ.ଭି.ଏସ୍.ମୂର୍ତ୍ତି କହିଥିଲେ, ଭାରତରେ ବର୍ତ୍ତମାନ ପିଢ଼ିର ଛାତ୍ରମାନଙ୍କ ବଢୁଥିବା ଆକାଂକ୍ଷାକୁ ପୂରଣ କରିପାରିବା ଭଳି ଉଚ୍ଚମାନର ଉଚ୍ଚଶିକ୍ଷା ପ୍ରତିଷ୍ଠାନର ବାସ୍ତବିକ ଅଭାବ ରହିଛି।

## 'ସାମାଜିକ ସୁରକ୍ଷା, ମୌଳିକ ସେବା ପ୍ରଥମ ଲକ୍ଷ୍ୟ'

କଟକ,୧୬।୧୨

ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେଶନର ୫ମ ପ୍ରତିଷ୍ଠା ଦିବସ ଶୁକ୍ରବାର ସ୍ଥାନୀୟ ଚୌଧୁରୀବଜାରସ୍ଥିତ ସହିଦ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ମେୟର ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ୍, ବିଧାୟକ ସୌଭିକ ବିଶ୍ୱାଳ, ଅନ୍ତଃରାଷ୍ଟ୍ରୀୟ ମାନବିକ ଅଧିକାରର ରାଜ୍ୟ ସଭାପତି ଇଂ. ପ୍ରଦୀପ ବେହେରା, ଡିୟର ଲାଇଫ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରମୋଦ ରାଉତ, ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଶ୍ରୀତମ ଦାସ ପ୍ରମୁଖ ଯୋଗଦେଇଥିଲେ। ଏପରିକି ସ୍ୱପ୍ନ ଫାଉଣ୍ଡେଶନର ସଭାପତି ସୁଧାଂଶୁ ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ବିଧିବଦ୍ଧ ଭାବେ ଆଗକୁ ବଢ଼ିଥିଲା। ଏହି ପରିପ୍ରେକ୍ଷୀରେ ଉଦୀୟମାନ ଯୁବକ ମାନଙ୍କ ଦ୍ୱାରା ଏଭଳି ସମାଜସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସ୍ୱପ୍ନ ଦେଖିବା ଓ ତାକୁ ବାସ୍ତବରେ ପରିଣତ କରିବା ହିଁ ନିଷ୍ଠା ଓ ଧୈର୍ଯ୍ୟଶୀଳ ବ୍ୟକ୍ତିର ପରିଚୟ ବୋଲି ମହତାବ କହିଥିଲେ। ସଭା ପ୍ରାରମ୍ଭରେ ଫାଉଣ୍ଡେଶନର ସଭାପତି ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଓ ଫାଉଣ୍ଡେଶନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଅପରପକ୍ଷରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଶିଳ୍ପପତି,ବ୍ୟବସାୟବିତ୍, ସାମାଜିକ କର୍ମୀ, ସାମ୍ବାଦିକ ଓ ସାମାଜିକ ଅନୁଷ୍ଠାନର ବ୍ୟକ୍ତିବିଶେଷଙ୍କୁ ଫାଉଣ୍ଡେଶନ ପକ୍ଷରୁ ଉତ୍ତରୀୟ ଓ ଟ୍ରଫି ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେଥିମଧ୍ୟରେ ଭାରତର ଘରେ ଘରେ ପରିଚିତ ତଥା ୧ ନମ୍ବର ଖାଇବାତେଲ ଫ୍ରିଡମ୍ ଅଏଲର ଓଡ଼ିଶା ହେଡ୍ ଅମିୟ କୁମାର ଧଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଧଳ କହିଥିଲେ, ବ୍ୟବସାୟ କରିବା ସହ ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଓ ମୌଳକ ସେବା ଯୋଗାଇଦେବାରେ ଆମେ କେବେବି ପଛଘୁଞ୍ଚା ଦେବୁ ନାହିଁ। ଭାରତବର୍ଷର ପ୍ରତ୍ୟେକ କୋଣ ଅନୁକୋଣରେ ଆମେ ଏହି ସେବା ଯୋଗାଇବା ପାଇଁ ବଦ୍ଧପରିକର ଅଛୁ ବୋଲି ଧଳ ତାଙ୍କ ପ୍ରତିକ୍ରିୟାରେ କହିଥିଲେ।



## ରଶ୍ମି ସାହୁଙ୍କୁ ଗ୍ଲୋବାଲ ଆଇକନ୍ ବିଜ୍‌ନେସ୍ ଆୱାର୍ଡ



ଭୁବନେଶ୍ୱର,୧୬।୧୨

ରୁଚି ଫୁଡ୍‌ଲାଇନ୍‌ର ନିର୍ଦ୍ଦେଶିକା ତଥା ଯୁବ ମହିଳା ଶିଳ୍ପୋଦ୍ୟୋଗୀ ରଶ୍ମି ସାହୁଙ୍କୁ ନିକଟରେ 'ଗ୍ଲୋବାଲ ଆଇକନ୍ ବିଜ୍‌ନେସ୍ ଆୱାର୍ଡ୍ସ-୨୦୨୨' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ନୂଆଦିଲ୍ଲୀସ୍ଥିତ ଲେମାରିଡେଏନ୍ ହୋଟେଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାହୁଙ୍କୁ ଏହି ସମ୍ମାନ ଦିଆଯାଇଛି। ବିଶେଷକରି ଜାତୀୟ ଗଣମାଧ୍ୟମ ସଂସ୍ଥା ଏନ୍‌ଏନ୍‌ଏସ୍ ମିଡିଆ ଦ୍ୱାରା ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭାରତ ସରକାରଙ୍କର ସଞ୍ଚାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଦେବୁ ସିଂହ ଚୌହ୍ୱାନଙ୍କଠାରୁ ରଶ୍ମିଙ୍କ ସମେତ ଭାରତର ୧୧ଜଣ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜେଶ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ବିଧିବଦ୍ଧ ଭାବେ ପରିଚାଳିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ରଶ୍ମି ବର୍ତ୍ତମାନ ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଥିବା ବେଳେ ଓଡ଼ିଶାର ପ୍ରଥମ ଫ୍ରୋଜନ ଫୁଡ୍ସ କମ୍ପାନୀ ଫ୍ରୋଜିଟ୍‌ର ପ୍ରତିଷ୍ଠାତ୍ରୀ ତଥା ନିର୍ଦ୍ଦେଶିକା ଅଛନ୍ତି। ଏତଦ୍‌ବ୍ୟତୀତ ସେ ବିଶ୍ୱେଶ୍ୱର ଫୁଡ୍ସର ମଧ୍ୟ ପ୍ରତିଷ୍ଠାତ୍ରୀ ଓ ନିର୍ଦ୍ଦେଶିକା । ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଆସାମ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ନୂଆଦିଲ୍ଲୀ ଆଦି ରାଜ୍ୟରେ ରୁଚି, ଫ୍ରୋଜିଟ୍ ଓ ଫାର୍ମ ବିର ବ୍ୟବସାୟୀ ସାମ୍ରାଜ୍ୟ ବିସ୍ତାର କରିପାରିଥିବା ବେଳେ ସୁଦୂର ଦୁବାଇ ଓ ଆବୁଧାବିରେ ମଧ୍ୟ ବ୍ୟବସାୟ ଆରମ୍ଭ କରିପାରିଛନ୍ତି। ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଭାରତର ଜଣେ ପ୍ରମୁଖ ମହିଳା ଶିଳ୍ପୋଦୋଗୀର ପରିଚୟ ତିଆରି କରିଥିବା ରଶ୍ମି ବିଶିଷ୍ଟ ଶିଳ୍ପପତି ଡ. ଶରତ କୁମାର ସାହୁଙ୍କ ଝିଅ । ଡ. ସାହୁଙ୍କ ମାର୍ଗଦର୍ଶନରେ ସେ ଫ୍ରୋଜନ୍ ଫୁଡ୍ସ, ରେଡି ଟୁ ଇଟ୍, ରେଡି ଟୁ କୁକ୍, ମୃଦ୍ୟୁପାନୀୟ, ବେକରି, ସ୍ୱାସ୍ଥ୍ୟଯୋଗୀ ଖାଦ୍ୟପଦାର୍ଥ ତଥା ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ଉଦାହରଣ ସୃଷ୍ଟି କରିପାରିଛନ୍ତି।

## ରୁଙ୍ଗ୍‌ଟା ମାଇନ୍ସର ଓ୍ୱାର ରଡ୍ ମିଲ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ,୧୬।୧୨

ଦେଶର ପ୍ରମୁଖ ମାଇନିଂ କମ୍ପାନୀ 'ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍' ପକ୍ଷରୁ ନିକଟରେ ଏକ ବଡ଼ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଝାଡ଼ଖଣ୍ଡସ୍ଥିତ ଚାଲିୟାମା ଷ୍ଟିଲ୍ ପ୍ଲାଣ୍ଟରେ ରୁଙ୍ଗ୍‌ଟା ଷ୍ଟିଲ୍ ଓ୍ୱାର ରଡସ୍ ମିଲ୍‌ର କାର୍ଯ୍ୟକ୍ଷମ କରାଯାଇଥିବା ଜଣାପଡ଼ିଛି। ବିଶେଷକରି କମ୍ପାନୀର ଓ୍ୱାର ରଡ୍ ମିଲ୍‌କୁ କାର୍ଯ୍ୟକ୍ଷମ କରାଯାଇଥିବାରୁ ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବା ଏବଂ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ସମାଧାନ ପ୍ରଦାନ କରିବାରେ ଏହା ରୁଙ୍ଗ୍‌ଟା ମାଇନ୍ସ ପାଇଁ ବେଶ୍ ସହାୟକ ହେବ। ସେହିଭଳି ରୁଙ୍ଗ୍‌ଟା ମାଇନ୍ସ ଲିମିଟେଡ୍‌ର ଓ୍ୱାର ରଡ୍ ସର୍ବଭାରତୀୟସ୍ତରରେ ଉପଲବ୍ଧ ହେବ। କେବଳ ଓ୍ୱାର ରଡ୍ ବିକ୍ରେତା ନୁହେଁ ବରଂ ଚୂଡ଼ାନ୍ତ ବ୍ୟବହାରକାରୀମାନଙ୍କ ଲାଗି ମଧ୍ୟ ଓ୍ୱାର ରଡ୍ ବିକ୍ରି ସୁବିଧା ଉପଲବ୍ଧ ହେବ। ସେହିପରି ରୁଙ୍ଗ୍‌ଟା ଓ୍ୱାର ରଡ୍ ବେଶ୍ ଉଜ୍ଜ୍ୱଳ ଏବଂ ଏକ କଏଲ୍ ବଣ୍ଡଲ ପ୍ୟାକେଜିଂରେ ତାହା ଆସୁଛି। ଏହା ସହିତ ଏହି ରଡ୍‌ଗୁଡ଼ିକର ଏକ ହଟ୍ ଚାର୍ଜିଂ ପ୍ଲାଣ୍ଟ ସହ ଏଲ୍‌ଆର୍‌ଏଫ୍ ଏବଂ ଇଣ୍ଡକ୍ସନ୍ ଫର୍ନାସ୍ ପାଇଁ ମଧ୍ୟ ବିକଳ୍ପ ରୁଟ୍ ରହିଛି। ରୁଙ୍ଗ୍‌ଟା ଷ୍ଟିଲ୍ ଓ୍ୱାର ରଡ୍ ପକ୍ଷରୁ ଏଚ୍‌ବି ଓ୍ୱାର ଶିଳ୍ପ, କେବୁଲ ଶିଳ୍ପ, ଇଲେକ୍ଟ୍ରୋଡ୍ ନିର୍ମାତା, ସ୍ୱତନ୍ତ୍ର ମାନର ଚୂଡ଼ାନ୍ତ ବ୍ୟବହାରକାରୀଙ୍କୁ ଓ୍ୱାର ରଡ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ରଡ୍‌ଗୁଡ଼ିକୁ ଫାଷ୍ଟେନର ଶିଳ୍ପ ଏବଂ ଓ୍ୱାର ଡ୍ରଇଂ, ବାଇଣ୍ଡିଂ ଓ୍ୱାର, ବାର୍ବେଡ୍ ଓ୍ୱାର ଆଦି ପାଇଁ ବ୍ୟବହାର କରାଯାଇପାରିବ।

## ରାଜ୍ୟରେ ପ୍ରଥମ ଭିନୋଟ୍ସ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୬।୧୨



ଓଡ଼ିଶାର ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଲାପରୋସ୍କୋପି ସର୍ଜନ ଓ ରାଜ୍ୟର ପ୍ରଥମ ଦା'ଭିନ୍‌ସି ଗାଇନାକ୍ ରୋବୋଟିକ୍ ସର୍ଜରୀ କରିଥିବା ଡା.ଜିଏସ୍‌ଏସ୍ ମହାପାତ୍ର ଗତ ୧୩ ତାରିଖ ଆପୋଲୋ ହସ୍ପିଟାଲ ଭୁବନେଶ୍ୱର ଠାରେ ରାଜ୍ୟର ପ୍ରଥମ ଭିନୋଟ୍ସ (ଭାଜିନାଲ୍ ନାଚୁରାଲ ଅରିଫାଇସ୍ ଟ୍ରାନ୍ସଲୁମିନାଲ ଏଣ୍ଡୋସ୍କୋପିକ୍ ସର୍ଜରୀ) ସର୍ଜରୀ ଜରିଆରେ ଗର୍ଭାଶୟ ଅପସାରଣ ଅସ୍ତ୍ରୋପଚାର ସଫଳତା ପୂର୍ବକ ସମ୍ପୂର୍ଣ୍ଣ କରିଛନ୍ତି। ରାଜ୍ୟର ପ୍ରଥମ ଡାକ୍ତର ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ଭିନୋଟ୍ସ ପଦ୍ଧତି ଅସ୍ତ୍ରୋପଚାର ମୁଖତଃ ଜରାୟୁ ଓ ଗ୍ୟାସ୍ଟ୍ରୋଏନ୍‌ଟୋଲୋଜି ଅସ୍ତ୍ରୋପଚାର କ୍ଷେତ୍ରରେ ଆଉ ଏକ ପରିବର୍ତ୍ତନ ଆଣିବାକୁ ଯାଉଛି। ଭିନୋଟ୍ସ , ସର୍ଜରୀ କୌଶଳ ପାରମ୍ପରିକ ଏବଂ ଲାପାରୋସ୍କୋପିକ୍ ସର୍ଜରୀ ପାଇଁ ଏକ ବାସ୍ତବ ବିକଳ୍ପରେ ପରିଣତ ହୋଇଛି। ମୁଖ୍ୟତଃ ସ୍ତ୍ରୀ ରୋଗ ଏବଂ ଗ୍ୟାଷ୍ଟ୍ରୋ-ଏଣ୍ଟ୍ରୋଲୋଜି ସର୍ଜରୀ ଏବଂ ଫାଇବ୍ରଏଡ୍, ଗର୍ଭାଶୟରେ ଅସ୍ୱାଭାବିକ ରକ୍ତସ୍ରାବ, ପଲିପ୍ସ, ଓଭାରିନ୍ ସିଷ୍ଟ ଇତ୍ୟାଦି ଅସ୍ତ୍ରୋପଚାର ନିମନ୍ତେ ଲାପାରୋସ୍କୋପି ସର୍ବାଧିକ ଆଦୃତ ଅସ୍ତ୍ରୋପଚାର ପଦ୍ଧତି ଭାବେ ଗ୍ରହଣୀୟ ହୋଇଛି। ଉକ୍ତ ପଦ୍ଧତିରେ ମିଳୁଥିବା ସୁବିଧା ଗୁଡିକ ସମ୍ପର୍କରେ ସଚେତନ ହେଲେ ଆଗାମୀ ଦିନରେ ମହିଳାମାନେ ନିଶ୍ଚିତ ଭାବରେ ଏହି ଅସ୍ତ୍ରୋପଚାରକୁ ଭଲ ଭାବରେ ଗ୍ରହଣ କରିବେ ବୋଲି ଡାକ୍ତର ମହାପାତ୍ର ମତପ୍ରକାଶ କରିଛନ୍ତି। ଦୀର୍ଘ ୨୦ବର୍ଷ ଧରି ଏ କ୍ଷେତ୍ରରେ କାର୍ଯ୍ୟ କରିଥିବା ଏବଂ ୧୫ହଜାରରୁ ଉର୍ଦ୍ଧ୍ୱ ଲାପରୋସ୍କୋପିକ ଅସ୍ତ୍ରୋପଚାର କରିଥିବା ଜଣେ ଅଭିଜ୍ଞ ଡାକ୍ତର ଭାବେ ମହାପାତ୍ର ଓଡ଼ିଶାରେ ଚଳିତ ବର୍ଷ ଜୁନ୍ ମାସରେ ଦା ଭିନ୍‌ସି ପ୍ଲାଟଫର୍ମରେ ରାଜ୍ୟର ପ୍ରଥମ ରୋବୋଟିକ ସର୍ଜରୀ କରିଥିଲେ।

## ସିଆଇଆଇ ପକ୍ଷରୁ ସିଏସ୍‌ଆର୍ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,୧୬।୧୨

### ସିଏସ୍‌ଆର୍‌ରେ ଏକତ୍ର କାର୍ଯ୍ୟ କରିବାକୁ କର୍ପୋରେଟ୍ ଜଗତଙ୍କୁ ସରକାରଙ୍କ ଆହ୍ୱାନ




ଏକତ୍ର ହୋଇ ସାମାଜିକ କଲ୍ୟାଣମୂଳକ କ୍ଷେତ୍ରରେ କାମ କରିବା ଲାଗି ଆଗେଇ ଆସିବାକୁ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା କହିଛନ୍ତି। ଏପରିକି ମାତୃତ୍ୱ ସ୍ୱାସ୍ଥ୍ୟ ଏବଂ କିଶୋର ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟବସ୍ତୁକୁ ନେଇ ସିଆଇଆଇ ଓଡ଼ିଶା ଚାପ୍ଟର ପକ୍ଷରୁ ଆୟୋଜନ କରାଯାଇଥିବା ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶର୍ମା କହିଛନ୍ତି, ଯଦି କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଉଭୟ ସରକାର ଓ କର୍ପୋରେଟ୍ ଜଗତ ମିଳିତ ଭାବେ କାର୍ଯ୍ୟ କରିବେ ତେବେ ସମ୍ବଳ ଉପଯୁକ୍ତ ମାର୍ଗରେ ଖର୍ଚ୍ଚ ହୋଇପାରିବ ଏବଂ କୌଣସି କାର୍ଯ୍ୟକୁ ଏକାଧିକ ଥର କରିବାକୁ ପଡ଼ିବ ନାହିଁ। ଏହି ପରିପ୍ରେକ୍ଷୀରେ ସିଆଇଆଇ ଓଡ଼ିଶା ଚାପ୍ଟରର ଅଧକ୍ଷ ଶ୍ରୀଧର ପାତ୍ର କହିଛନ୍ତି, ମୋ ପାଇଁ ସିଏସ୍‌ଆର୍‌ର ଅର୍ଥ ହେଉଛି ଆଗେଇ ଆସ, ଦେଖ ଏବଂ ଲୋକମାନଙ୍କ ଜୀବନ ବଦଳାଅ ପ୍ରତି ବ୍ୟବସାୟ ସମାଜର ସମ୍ବଳକୁ ବ୍ୟବହାର କରୁଛନ୍ତି। ସେହିଭଳି ଓଡ଼ିଶା କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି, ସାମାଜିକ କଲ୍ୟାଣମୂଳକ କାର୍ଯ୍ୟ ବିଷୟରେ ପିଲାମାନଙ୍କୁ ପିତାମାତାମାନେ ବୁଝାଇବା ଦରକାର। ଛାତ୍ରୀଛାତ୍ର ଏବଂ ଯୁବପିଢ଼ି ମଧ୍ୟ ଏ ବିଷୟରେ ସଚେତନ ହେବା ଉଚିତ। ସିଆଇଆଇ ଓଡ଼ିଶା ଚାପ୍ଟରର ସିଏସ୍‌ଆର୍ ପ୍ୟାନେଲ ସଂଯୋଜକ ପ୍ରଶାନ୍ତ ହୋତା କହିଛନ୍ତି, କୌଟିଲ୍ୟଙ୍କ ରଚିତ ଅର୍ଥଶାସ୍ତ୍ରରେ ଏକ ବ୍ୟବସାୟ କିଭଳି ପରିଚାଳିତ ହେବା ଦରକାର ତାହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଲୋକମାନଙ୍କ ବନ୍ଧୁ ହୋଇ ବ୍ୟବସାୟ ଆଗକୁ ଚାଲିବା ଦରକାର ବୋଲି କୌଟିଲ୍ୟ ଲେଖିଛନ୍ତି। ତେଣୁ ଲାଭ କରୁଥିବା ସଂସ୍ଥାଗୁଡ଼ିକ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ଏବଂ ସଙ୍କଟ ସମୟରେ ଠିଆ ହେବା ଉଚିତ। ଅପରପକ୍ଷରେ ଆଜିର ଏହି ସମ୍ମିଳନୀରେ ୨ଟି ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା।

## କଂଗ୍ରେସ ଗଠନ କଲା ଅନୁଧ୍ୟାନ କମିଟି

ଭୁବନେଶ୍ୱର(ବ୍ୟୁରୋ): ଭଦ୍ରକ ଜିଲାର ଧାମନଗର ବିଧାନସଭା ଓ ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ଉପନିର୍ବାଚନ ଫଳାଫଳ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ୨ ପୃଥକ୍ କମିଟି ଗଠନ କରିଛନ୍ତି। ଧାମନଗର ଲାଗି ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ନେତା ବିଭୂତି ଭୂଷଣ ମିଶ୍ର, ସାଧାରଣ ସମ୍ପାଦକ କିଶୋର ଜେନା ରହିଥିବା ବେଳେ ପଦ୍ମପୁର ପାଇଁ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପିସିସି ସମ୍ପାଦକ ଦୁର୍ଗା ପାଢ଼ୀ ରହିଛନ୍ତି।


### ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ


ମିଷ୍ଟି
ପରିବାରବର୍ଗ


ପ୍ରିସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଓଡ଼ିଶାରେ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇଲେ ଅପରାଜିତା

ଭୁବନେଶ୍ୱର,୧୬।୧୨(ବ୍ୟୁରୋ): କୋଭିଡ୍ ସମୟରେ ଓଡ଼ିଶାରେ ଖଣି ଦୁର୍ନୀତି ହୋଇଛି। ଉଚ୍ଚମାନର ଖଣିଜକୁ ନିମ୍ନମାନର ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ଶୁକ୍ରବାର ଲୋକ ସଭାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ପ୍ରସଙ୍ଗ ଉଠାଇଛନ୍ତି। ଅପରାଜିତା କହିଛନ୍ତି, ଓଡ଼ିଶାର ଅନେକ ଖଣି ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାର ନିଲାମ କରିଥିଲେ। ନୂଆ ନିଲାମଧାରୀ ଅନେକ ଖଣିଜକୁ ହଠାତ୍ ନିମ୍ନମାନର ଦର୍ଶାଇଥିଲେ। ଏହା ଦ୍ୱାରା ରାଜକୋଷକୁ କ୍ଷତି ହେଲା। ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ମଧ୍ୟ କମିଲା। ଏହାଦ୍ୱାରା ଜନକଲ୍ୟାଣକାରୀ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହାର ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ମାଇନ୍ସ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। କିନ୍ତୁ ରାଜ୍ୟ ସରକାର ତଦନ୍ତ କଲେନାହିଁ କି ରିପୋର୍ଟ ଦେଇନାହାନ୍ତି। ତୁରନ୍ତ ରାଜ୍ୟ ସରକାରଙ୍କୁ ଏ ପ୍ରସଙ୍ଗରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅପରାଜିତା ସଂସଦରେ ଦାବି କରିଛନ୍ତି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା

# ଜୋର୍ ଧରିଲା ରାଜନୀତି


ଖବରଦାତା ସମ୍ମିଳନୀରେ ଭାଜପା ଏମ୍‌ପି।

- ମୁଖ୍ୟମନ୍ତ୍ରୀଙ୍କୁ ଦୋଷଦେଲା ଭାଜପା
- କେନ୍ଦ୍ର ସରକାରଙ୍କ ଯୋଗୁ ହୋଇପାରି ନ ଥିବା କହିଲା ବିଜେଡି
- ରାଜ୍ୟ ସରକାର ଚାହୁଁନାହାନ୍ତି ହାଇକୋର୍ଟ ସ୍ଥାୟୀ ବେଞ୍ଚ: କଂଗ୍ରେସ

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

ସମ୍ବଲପୁରରେ ଓକିଲ ଆନ୍ଦୋଳନ ବେଳେ ଘଟିଥିବା ହିଂସା ଘଟଣାକୁ ନେଇ ବହୁ ଓକିଲଙ୍କୁ ବନ୍ଦୀଯାଇଛି। ଅନେକ ଓକିଲଙ୍କ ଲାଇସେନ୍ସ ମଧ୍ୟ ବାତିଲ ହୋଇଛି। ଏଭଳି ସ୍ଥିତିରେ ସମ୍ବଲପୁର କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ଗରିବ ଲୋକମାନେ ହଇରାଣ ହେଉଛନ୍ତି। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ତକ୍ଷେପ କରନ୍ତୁ ବୋଲି ଭାଜପା ଏମ୍‌ପିମାନେ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହିଁ। ଏହି ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ରାଜନୀତି ଜୋର୍ ଧରିଥିବା ବେଳେ କଂଗ୍ରେସ ବି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି।

ଭାଜପା ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ସମ୍ବଲପୁରରେ ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ। ଠିକ୍ ସମୟରେ ପଦକ୍ଷେପ ନିଆଯାଇଥିଲେ ଏହାକୁ ଏଡ଼ାଇ ହୋଇଥାନ୍ତା। ମୁଖ୍ୟମନ୍ତ୍ରୀ ଏହି ବାବଦରେ ରାଜ୍ୟପାଳ କିମ୍ବା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ କୌଣସି ପ୍ରକାର ଆଲୋଚନା କଲେନାହିଁ। ଏନେଇ ପୂର୍ଣ୍ଣାଙ୍ଗ ପ୍ରସ୍ତାବ କେନ୍ଦ୍ରକୁ ମଧ୍ୟ ପଠାଇଲେ ନାହିଁ। ଫଳରେ ଏପରି ହିଂସାତ୍ମକ ଘଟଣା ଘଟିଗଲା। ଏହି ମାମଲାରେ ଏବେବି ପୋଲିସ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାରୁ ଏହାକୁ ନେଇ ସମ୍ବଲପୁର ସହରରେ ଉତ୍ତେଜନା ଲାଗି ରହିଛି। ରାଜ୍ୟ ଗୃହ ବିଭାଗର ମୁଖ୍ୟ ହିସାବରେ ତୁରନ୍ତ ଓକିଲଙ୍କ ଗିରଫଦାରି ବନ୍ଦ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ଏମ୍‌ପିମାନେ ଏକ ସ୍ମାରକପତ୍ର ଦେଇଛନ୍ତି। ପୂଜାରୀ ଆହୁରି କହିଛନ୍ତି, ପୂର୍ବରୁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ଓ ଆଇନମନ୍ତ୍ରୀ ବାରମ୍ବାର ଦେଇଥିବା ପତ୍ରର ଉତ୍ତର ମୁଖ୍ୟମନ୍ତ୍ରୀ ଦେଇନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମସ୍ତଙ୍କ ପକ୍ଷେ ଗ୍ରହଣଯୋଗ୍ୟ, ହେଲେ ଏବେ ରାଜ୍ୟ ସରକାର ସ୍ଥିତିକୁ ସମ୍ଭାଳି ପୂର୍ବାବସ୍ଥା ଫେରାଇ ଆଣିବାକୁ ତତ୍ପର ହେବା ପରିବର୍ତ୍ତେ ଚୁପ୍‌ଚାପ୍ ବସିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।


ନରସିଂହ ମିଶ୍ର


ସସ୍ମିତ ପାତ୍ର

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ତଥା ଆର୍ଥିକ ସମ୍ବଳ ସମେତ ସମସ୍ତ ପ୍ରକାର ସହାୟତା ଯୋଗାଇବା ଲାଗି କେନ୍ଦ୍ରକୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ସମସ୍ତ କାର୍ଯ୍ୟ ପାଇଁ 'ବ୍ଲାଙ୍କ୍ ଚେକ୍' ଦେବା ସତ୍ତ୍ୱେ କେନ୍ଦ୍ର କାହିଁକି ଓଡ଼ିଶା ହାଇକୋର୍ଟଙ୍କ ପରାମର୍ଶକ୍ରମେ ଏଥିପାଇଁ ସ୍ଥାନ ଚିହ୍ନଟ ଲାଗି ଆଗଭର ହେଉନାହିଁ ତାହା ଆଶ୍ଚର୍ଯ୍ୟଜନକ। ଭାରତୀୟ ସମ୍ବିଧାନର କେନ୍ଦ୍ର ତାଲିକାର ଏଣ୍ଟ୍ରି-୭୮ ଅଧୀନରେ ନିଜର କ୍ଷମତାକୁ ବ୍ୟବହାରକରି କେନ୍ଦ୍ର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିପାରିବ। ଯେତେବେଳେ ବି ନିର୍ବାଚନ ଆସେ ସେତେବେଳେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ସ୍ଥାପନକୁ ନେଇ ଭାଜପା କୁମ୍ଭୀର କାନ୍ଦଣା କାନ୍ଦେ। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଭାଜପା କାହିଁକି ବିଭ୍ରାନ୍ତିକର ଏବଂ ମିଛ ପ୍ରଚାର କରୁଛି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି।

ସେହିଭଳି କଂଗ୍ରେସ ମଧ୍ୟ ସମ୍ବଲପୁରରେ ସୃଷ୍ଟି ହୋଇଥିବା ସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ହେବ ନା ନାହିଁ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ରାଜ୍ୟ ସରକାର ନିଷ୍ପତ୍ତି ନେଇ କେନ୍ଦ୍ରକୁ ସୁପାରିସ କରିବେ। ଏହାପରେ କେନ୍ଦ୍ର ସରକାର ଆଇନ ଆଣିବେ। ପାର୍ଲାମେଣ୍ଟରେ ବିଲ୍ ପାସ୍ ନ ହେବା ଯାଏ ସୁପ୍ରିମକୋର୍ଟଙ୍କ କୌଣସି କ୍ଷମତା ନାହିଁ। ସମ୍ବଲପୁରରେ ସୃଷ୍ଟି ହୋଇଥିବା ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ। ରାଜ୍ୟ ସରକାର ଚାହୁଁନାହାନ୍ତି ହାଇକୋର୍ଟର ସ୍ଥାୟୀ ବେଞ୍ଚ ହେଉ। କିନ୍ତୁ ପ୍ରସ୍ତାବ ଦେଇଥିବା କହୁଛନ୍ତି। ହେଲେ କେଉଁଠି ହେବା ପାଇଁ ପ୍ରସ୍ତାବ ଦେଇଛନ୍ତି ତାହା ସ୍ପଷ୍ଟ କରୁନାହାନ୍ତି ବୋଲି ନରସିଂହ କହିଛନ୍ତି।


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



୰ବିରେନ୍ଦ୍ର କୁମାର ସାହୁ (ଖୋକନ)
ସ୍ଥାନ: ଜୟର ଶାସନ, ଫୁଲନଖରା
ଆବିର୍ଭାବ: ୧୬।୦୫।୧୯୭୫
ତିରୋଧାନ: ୦୬।୧୨।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ହେଲା ତୁମେ ଆମକୁ ଆକସ୍ମିକ ଭାବେ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା ଓ ତ୍ୟାଗ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଅଭି, ମିକି, ବଲୁ, ବରୁନ, ସିତୁନ, ଗୁଗୁଲୁ, ପ୍ରିୟ ଭଉଣୀମାନେ ଓ ପରିବାରବର୍ଗ।
ଧ-୨୨୪୭

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁରେନ୍ଦ୍ର କୁମାର ସ୍ୱାଇଁ
ଅଣତିରିଶ, କୁଶୁବେଣ୍ଟି, ବ୍ରହ୍ମଗିରି, ପୁରୀ
ଆବିର୍ଭାବ-୧୬।୦୨।୧୯୭୮
ମହାପ୍ରୟାଣ- ୦୬।୧୨।୨୦୨୨
"ପାର୍ଥିବ ଶରୀର ସିନା ହୋଇଗଲା ଲୀନ, ଯଶୋଦେହେ ସ୍ମୃତି ତବ ରହିବ ଅମ୍ଳାନ।"
ଧନରେ, ୧୨ଦିନ ପରେ ମା'ର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଥାନ୍ତା। କିନ୍ତୁ ଆଜି ଆମକୁ ତୋ'ର ବାରକର୍ମ କରିବାକୁ ପଡ଼ୁଛି। ବିଧିର କି ବିଡ଼ମ୍ବନା! ନିୟତିର କି ନିଷ୍ଠୁର ନିର୍ଦ୍ଦେଶ! ଅକାଳରେ ଅବେଳରେ ମହାକାଳ ତୋତେ ଆମ ଠାରୁ ଛଡ଼ାଇ ନେଇ ଆମ୍ଭମାନଙ୍କୁ ଦାରୁଣ ବିପର୍ଯ୍ୟୟ ଭିତରକୁ ଠେଲିଦେଲା। ଘର ପାଇଁ ତୋର ପରିଶ୍ରମ, ତ୍ୟାଗ, ତୋର ଶିଶୁସୁଲଭ ଆଚରଣ ଆମ ଆଖିରୁ ଲୁହ ଶୁଖିବାକୁ ଦେଉନାହିଁ। ତୁ ଯେଉଁଠି ଥାଆ ଭଲରେ ଥାଆ, ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ତୋର ଜ୍ୟେଷ୍ଠ ଭ୍ରାତା: ନରେନ୍ଦ୍ର କୁମାର ସ୍ୱାଇଁ, ଭାଉଜ: ସ୍ୱର୍ଣ୍ଣଲତା, ଧର୍ମପତ୍ନୀ: ଗୀତାଞ୍ଜଳି, ପୁତୁରା, କନ୍ୟା: ବୁବୁନ୍, ବେବି, ରୁବି, ଭଗିନୀମାନେ: ଟୁନା, ସୁନା, ଝିନି, ଭିଣୋଇମାନେ: ଶ୍ରୀପତି, ଅରୁ, ପ୍ରମୋଦ, ଭଣଜା, ଭାଣିଜୀମାନେ: ମଣ୍ଟୁନି, ରିଙ୍କିନା, ବର୍ଷା, ରତ୍ନ, ପାଇ, ହାପୁ।
ଧ-୨୨୬୧

### ନବମ ଶ୍ରାଦ୍ଧବାର୍ଷିକୀ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ ଅନୁପମା ସାହୁ
ସ୍ୱାମୀ - ୰ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ସୁଝି ଆରପାରିକୁ ଚାଲିଗଲ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୨୨୪୬

### CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

### LOAN

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

### ମୋବାଇଲ ଟାୱାର

ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949

automobile
SALE

Agragamee, At/PO.- Kashipur, Dist- Rayagada- 765015 wants to sale its Maruti Swift Silver Color 2010 model Car OR02BJ2663. Fuel consumption is an average of 18 km per liter. The car is driven 1,33,400 km. Minimum price Rs. 2 lakhs. Please Contact Mr. Mahendra Nath, 7894050320 within 15days of publication. D-2263

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-520D-2011 Volkswagan Passat-2012 for details contact: 9827516256. D-74161

REAL ESTATE
SALE

Land with building (Simplex) cost-3,1,25,000/-location Balianta, Bhubaneswar, hand over April- 30,2023, limited option. Hurryup!. Contact: 9437765989. D-74168

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-2265

Luxurious 4BHK Duplex near Balianta Bazar. Land-1400, Construction-2200-79Lakh. 9938219397, 9861022055. D-2223

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

**1 acre Land for Sale in front of Krupaluji University. 12km. from Trisulia Square. (Price-2.2 Cr.). Contact: 9583651717.** D-2262

3BHK Duplex Rera/ BMC approve at Hansapal. Low/ High Cost Plots -Sundarapada, Koradakanta, Near Pahal. 8847887273. D-2256

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2207

CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2264

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160

Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.** D-2230

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer@999/-, Nayapalli. 7846814019. D-73667

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612

FOR RENT

House in prime location in Adarsh Vihar lane 3 independent building with basement and first floor, second floor comprise of approximately 4000 carpet area, suitable for showroom, corporate office facing east located near Bigbazzar on side of main road. Contact: 9437021931, 9437061319. D-2238

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ଜନ୍ମଦିନର ଶୁଭେଚ୍ଛା



ସ୍ଥାନ: ସଂସାରଫଳ, ପଟ୍ଟାମୁଣ୍ଡାଇ
ଆମ ଘରର ନନ୍ଦିନୀ, ଅଲିଅଳି ରତ୍ନମଞ୍ଜରୀ "ବୈଷ୍ଣବୀ" (ମିଷ୍ଟି) ଆଜି ଛଅ ବର୍ଷରେ ପାଦ ଥାପିଲେ। ପରମ କାରୁଣିକ, କରୁଣାମୟ "ଶ୍ରୀସାଇରାମ" ମିଷ୍ଟିର ଚଲାପଥକୁ ଚିର କୁସୁମିତ କରିବା ସହିତ ଶୁଭ କଲ୍ୟାଣ ଅର୍ପଣ କରନ୍ତୁ, ଆଜିର ପବିତ୍ର ଜନ୍ମ ତିଥିରେ ଏତିକି ପ୍ରାର୍ଥନା। ଶୁଭକଲ୍ୟାଣ ସହ: ଠାକୁରଜେଜେ, ଠାକୁରଅଜା, ଠାକୁରମା', ଠାକୁରଆଈ, ବାପା, ବୋଉ, ମାମୁ, ମାଈଁ।
ଧ-୨୨୫୩

### ୧୧ତମ ଜନ୍ମଦିନ ଶୁଭେଚ୍ଛା



ଅନୁଷ୍କା ପ୍ରିୟଦର୍ଶିନୀ (ଗୁନୁ)
ଠିକଣା: କୋରାଙ୍ଗା, ତାରାବୋଇ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଏଗାରତମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। **ଶୁଭେଚ୍ଛା ସହ:** ବାବା: ସୁକାନ୍ତ, ମାମା: ରାଜଶ୍ରୀ, ମିମି, ବା, ମାମୁ, ମାଈଁ, ଜେଜେ, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ: ରିଷି, ବୀର, ଭଉଣୀ, ମଉସା, ମାଉସୀ, ପିଉସା, ପିଉସୀ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୨୨୫୧

### ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ପ୍ରିସା)
ଜିଜ୍ଞାସା ଭାଟି
ବାପା: ପଞ୍ଚାନନ ଭାଟି, ମାଆ: ପ୍ରମିଳା ଭାଟି
ଲୁହାଖାନ, ଦେଓଗାଁ (ରାମଚନ୍ଦ୍ରପୁର)
ତୋର ଦ୍ୱିତୀୟ ଜନ୍ମ ବାର୍ଷିକୀରେ ଆମେ ସମସ୍ତେ ତୋର ଶୁଭକାମନା କରୁଛୁ। ଈଶ୍ୱର ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେମାଁ: କିଆଫୁଲ, ବଡ଼ବାପା: ସଦାନନ୍ଦ, ବଡ଼ମାଁ: ପୁଷ୍ପାଞ୍ଜଳୀ ତଥା ଭାଟି ପରିବାରବର୍ଗ।
ଧ-୨୨୬୮

### ଆଗ୍ରୋନୋମିରେ ପିଏଚ୍. ଡି. ଲାଭ



କୁମାରୀ ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀରୁ ଆଗ୍ରୋନୋମି (ଫସଲ ବିଜ୍ଞାନ)ରେ ପିଏଚ୍.ଡି. ପ୍ରାପ୍ତ ହୋଇଛନ୍ତି। ତାଙ୍କୁ ବିଶ୍ୱବିଦ୍ୟାଳୟର ୧୦୨ ତମ ସମାବର୍ତ୍ତନ ଉତ୍ସବରେ ତା୧୧।୧୨।୨୦୨୨ରିଖରେ ଏହି ଡିଗ୍ରୀ ପ୍ରଦାନ କରାଯାଇଅଛି। ତାଙ୍କ ଲିଖିତ ସନ୍ଦର୍ଭ "Effect of verifying levels of fertility and Zinc on Growth, yield and quality of different wheat (Triticum and aestivum) varieties and residual effect on succeeding baby corn (Zea mays)" ବିଶ୍ୱ ବିଦ୍ୟାଳୟର Evaluation Team ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଡିନ୍ (ଆଗ୍ରୋନୋମି) ପ୍ରଫେସର ୟଶ୍ୱନ୍ତ ସିଂହ (Yaswant Sing) ଙ୍କ ତତ୍ତ୍ୱାବଧାନରେ ଓ ପ୍ରଫେସର ଜେ.ଏସ୍. ବୋହୋରା (Co-Guide)ଙ୍କ ସହତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ୨୦୨୨ ବର୍ଷ ପାଇଁ ଏହି ସମ୍ମାନ ପାଇଅଛନ୍ତି। ବର୍ତ୍ତମାନ କୁମାରୀ ପ୍ରଧାନ କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜ ନଗର, ଗଞ୍ଜାମରେ କୃଷି ପାଣିପାଗ ବିଶାରଦ (SMS) ପଦବୀରେ କାର୍ଯ୍ୟରତ ଅଛନ୍ତି। ସେ ଶ୍ରୀ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ, ବୟନ ତତ୍ତ୍ୱାବଧାରକ ତଥା ସଂପାଦକ, ସମ୍ବଲପୁରୀ ବସ୍ତ୍ରାଳୟ ତନ୍ତଶିଳ୍ପ ସସୀମ ସହଯୋଗ ସମିତି, ବରଗଡ଼ ଓ ଶ୍ରୀମତୀ ସାଗରିକା ପ୍ରଧାନ, ବରଗଡ଼ଙ୍କ ଜ୍ୟେଷ୍ଠ ପୁତ୍ରୀ ଅଟନ୍ତି।
ଧ-୨୨୫୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of this affidavit bearing No.-1/22 on dated 14.10.2022 sworn before Executive Magistrate, Puri. I have changed my name & sur name Buddhinath @ Gobinda Mallik to Budhinath Mallick. So I am known as Budhinath Mallick, S/o- Late Lokanath Mallick, At/PO.- Dahan, P.S.- Satyabadi, Dist.- Puri for all purpose. D-2260

By virtue of an affidavit sworn before the Notary Public, Bhubaneswar on 12th October 2022, I Jagabandhu Sethy, aged about 29 years, S/o- Ganeswar Sethy, resident of Nasadipur, Kendrapara, Dist- Kendrapara, Odisha at present Plot No. 176, near Chandrama Apartment, Unit-III, P.O.-GPO, P.S. -Kharavel Nagar, Bhubaneswar, Dist-Khordha, Odisha, have changed my name from JAGABANDHU SETHY to CHANDAN BEHERA. Henceforth, I shall be known as CHANDAN BEHERA for all the purposes. D-2267


# ୨୦୨୪ ପାଇଁ ରଣନୀତି

- ପ୍ରତିଷ୍ଠା ଦିବସରୁ ବିଜେଡିର ବର୍ଷବ୍ୟାପୀ କାର୍ଯ୍ୟକ୍ରମ
- ୨୦୨୪ ପୂର୍ବରୁ ସଙ୍ଗଠନ ସଜାଡ଼ିବା ଉପରେ ଗୁରୁତ୍ୱ ଦେବ ଭାଜପା
- ଆଜି ଆସୁଛନ୍ତି ସୁନୀଲ ବଂଶଲ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଶନିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଦୁଇଟି ପର୍ଯ୍ୟାୟରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ବୈଠକ କରିବେ। ଅନ୍ୟପଟେ ଆସନ୍ତା ୨୬ରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି।

ମିଳିଥିବା ସୂଚନା ଅନୁସାରେ, ବିଜେଡିକୁ ୨୫ ବର୍ଷ ପୂରିବାକୁ ଯାଉଥିବାବେଳେ ଏହାକୁ ସ୍ମରଣୀୟ କରିବାକୁ ବଡ଼ଧରଣର ଉତ୍ସବ ଆୟୋଜନ ଲାଗି ଦଳୀୟ ନେତା ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପ୍ରତିଷ୍ଠା ଦିବସରୁ ବର୍ଷବ୍ୟାପୀ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବ। ବରିଷ୍ଠ ବିଧାୟକ ତଥା ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ବାସଭବନରେ ଶୁକ୍ରବାର ଏନେଇ ପ୍ରସ୍ତୁତି ବୈଠକ ବସିଥିଲା। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଦଳୀୟ ନେତା ବୈଠକରେ ଯୋଗଦେଇଥିଲେ। ଏହାପରେ ଦେବୀ ମିଶ୍ର, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅରୁଣ ସାହୁ ଏବଂ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ନବୀନ ନିବାସ ଯାଇ ଦଳର ସଭାପତିଙ୍କ ସହ ଆଲୋଚନା କରିଛନ୍ତି। ଏଥର ମଧ୍ୟ ପ୍ରତିଷ୍ଠା ଦିବସକୁ ଦଳ ସବୁ ବ୍ଲକ୍ ଏବଂ ପୌରାଞ୍ଚଳରେ ଧୁମଧାମରେ ପାଳନ କରାଯିବ ବୋଲି ସୂଚନା ମିଳିଛି।

ଶନିବାରଠାରୁ ଭାଜପାର ୨ ଦିନିଆ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହେବ। ସକାଳୁ ଦଳର ଜିଲା ପ୍ରଭାରୀ, ବିଧାୟକ, ଏମ୍‌ପିଙ୍କୁ ନେଇ ଏକ ବୈଠକ ବସିବାକୁ ଥିବାବେଳେ ଅପରାହ୍ନରେ ଦଳର କୋର୍ କମିଟି ବୈଠକ ବସିବ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଏହି ସାଙ୍ଗଠନିକ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଓ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବୈଠକରେ ୨୦୨୪ ପାଇଁ ରଣନୀତି ପରିପ୍ରେକ୍ଷୀରେ ତୃଣମୂଳସ୍ତରରେ ଦଳର ସ୍ଥିତି ଅନୁଧ୍ୟାନ କରାଯିବ। ନିକଟରେ ଅନୁଷ୍ଠିତ ଧାମନଗର ଓ ପଦ୍ମପୁର ଉପନିର୍ବାଚନରେ ଭାଜପାକୁ କାହିଁକି ଗୋଟିଏରେ ସଫଳତା ମିଳିଲା ସେ ନେଇ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ।

## କଟକଣା ଉଠିବା ପରେ ବେଜିଂରେ ପ୍ରଥମ କୋଭିଡ୍ ମୃତ୍ୟୁ

ନୂଆଦିଲ୍ଲୀ ,୧୬।୧୨: ଚାଇନାରେ ଶୂନ କୋଭିଡ୍ ନୀତିକୁ ବିରୋଧ କରି ଆନ୍ଦୋଳନ ଜୋର୍ ଧରିବା ପରେ ସରକାର ଗତ ୭ ତାରିଖରେ କଟକଣା କୋହଳ କରିଥିଲେ। କଟକଣା ହଟିବା ପରେ ବେଜିଂରେ ୨ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିବା ଶୁକ୍ରବାର ଜଣାପଡ଼ିଛି। ୮ ଓ ୧୫ ତାରିଖରେ ଚାଇନାର ୨ ଜଣ ପୂର୍ବତନ ସରକାରୀ ଗଣମାଧ୍ୟମ ପ୍ରତିନିଧି ପ୍ରାଣ ହରାଇଥିବା ସିଙ୍ଗାପୁରର ଏକ ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଛି। ତେବେ ଚାଇନା ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କୋଭିଡ୍ ମୃତ୍ୟୁ ସମ୍ପର୍କିତ କୌଣସି ତଥ୍ୟ ପ୍ରକାଶ କରିନାହାନ୍ତି। ସିଚୁଆନ୍ ଏବଂ ଶାଣ୍ଡୋଙ୍ଗ୍ ପ୍ରଦେଶରେ ଗତ ୩ ତାରିଖରେ କୋଭିଡ୍ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା।

**ସଂକ୍ଷେପରେ**

## ଆଜି ପୂର୍ବାଞ୍ଚଳ ଜୋନାଲ୍ ପରିଷଦ ବୈଠକ
## ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ୨ ମନ୍ତ୍ରୀ, ଯିବେନାହିଁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଶନିବାର କୋଲକାତାଠାରେ ଅନୁଷ୍ଠିତ ହେବ ପୂର୍ବାଞ୍ଚଳ ଜୋନାଲ୍ ପରିଷଦ ବୈଠକ। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗଦେବେନାହିଁ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ବଦଳରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ସଚିବ ଦେଓରଞ୍ଜନ କୁମାର ସିଂ, ପୋଲିସ ଡିଜି ସୁନୀଲ କୁମାର ବଂଶଲ ମଧ ଯୋଗଦେବେ। ବୈଠକରେ ଓଡ଼ିଶା ପକ୍ଷରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି, କେନ୍ଦ୍ରୀୟ ଫୋର୍ସ ମୁତୟନ ବାବଦ ଅର୍ଥ ଛାଡ, ରାଜ୍ୟର ବିଭିନ୍ନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସୁଧାର, କ୍ଲିନ୍ ଏନର୍ଜି ସେସ୍, କୋଇଲା ରୟାଲିଟି ବୃଦ୍ଧି, ମୋବାଇଲ ଟାୱାର ନିର୍ମାଣ, ରେଳ ଭିତ୍ତିଭୂମି ଆଦି ପ୍ରସଙ୍ଗ ଉପସ୍ଥାପନ କରାଯିବାର ସମ୍ଭାବନା ରହିଛି। ବୈଠକରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥାଏ। ଏହି ବୈଠକ ନଭେମ୍ବର ୫ରେ ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ସ୍ଥଗିତ ରଖାଯାଇଥିଲା।

# ଝାଡୁ, ଚପଲରେ ମାଡ଼ ମାରୁଛନ୍ତି



ମାଟ୍ରନଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଛାତ୍ରୀମାନେ।

### ମାଟ୍ରନଙ୍କ ବିରୋଧରେ ଛାତ୍ରୀ ଆଣିଲେ ଅଭିଯୋଗ

ଦଶମନ୍ତପୁର,୧୬।୧୨ (ଡି.ଏନ୍. ଏ.)

ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଲାଗି ସରକାର ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ରୂପେ ଘୋଷଣା କରିଛନ୍ତି। ସେମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ କରି ସେଠାରେ ରଖି ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି। ମାତ୍ର କେତେକ କ୍ଷେତ୍ରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହାକୁ ମାନୁନାହାନ୍ତି। ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରନମାନେ ପିଲାଙ୍କୁ ନିର୍ଯାତନା ଦେଉଛନ୍ତି। ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି। ଏପରିକି ଟିକେ ଭୁଲ କଲେ ସେମାନଙ୍କୁ ଝାଡୁ ଓ ଚପଲରେ ପିଟୁଥିବା ଅଭିଯୋଗ ହେଉଛି। ଏପରି ଏକ ସଙ୍ଗିନ ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଘଟିଛି। ଖବରରୁ ଜଣାପଡିଛି, ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଓ ନବମ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସ ରହିଛି। ଛାତ୍ରୀମାନଙ୍କ କହିବାନୁସାରେ କିଛିଦିନ ତଳେ ସେମାନେ ତାଙ୍କ ସହ ପଢୁଥିବା ସାଙ୍ଗ ମାମାଲି ଜାନିଙ୍କ ଜନ୍ମଦିନ ହଷ୍ଟେଲରେ ପାଳନ କରୁଥିଲେ। ଏହି ସମୟରେ ମାଟ୍ରନ ଶୈଳବାଳା ସାହୁ ଆମମାନଙ୍କ ନିକଟରେ ପହଞ୍ଚି ଆମକୁ ବୁଝାଇବା ବଦଳରେ ଚପଲରେ ମାଡ଼ ମାରିଥିଲେ ବୋଲି ମାମାଲିଙ୍କ ସାନ ଭଉଣୀ ସନାଲି ଜାନି କାନ୍ଦି କାନ୍ଦି କହିଛନ୍ତି। ଏ ବିଷୟ ଆମେ ମାଟ୍ରନ ଦିଦିଙ୍କ ଭୟରେ କାହାକୁ ଜଣାଇନୁ ବୋଲି ମାଡ଼ ଖାଇଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। ସେହିପରି ଗୁରୁବାରଠାରୁ ଆମ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବରେ ଆମେ କେତେ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲୁ। ଶୁକ୍ରବାର ଆମର ସକାଳୁ ଉଠିବା ବିଳମ୍ବ ହେବାରୁ ମାଟ୍ରନ ଦିଦି ଆସି ଆମକୁ ଝାଡୁରେ ମାଡ଼ ମାରିଥିଲେ ବୋଲି ଛାତ୍ରୀ ରସନା ମାଣ୍ଡିଙ୍ଗା, କବିତା ଜାନି, କଇତା କୁଲିସିକା, ବଜନ୍ତୀ କନ୍ଧ, ବାସନ୍ତୀ ଜାନି, କଳା କୁଲିସିକା, ଲକ୍ଷ୍ମୀ ହିକକା, ଶାନ୍ତି ହିକକା, ସନାଲି ଜାନି ପ୍ରମୁଖ କହିଛନ୍ତି। ଛାତ୍ରୀମାନେ ପୁଣି କହିଛନ୍ତି ଯେ, ଆମେ ଶୌଚ ହେବାକୁ ଥିବା ଶୌଚାଳୟରେ ମାଟ୍ରନ ଦିଦି ତାଲା ପକାଇ ଦେଇଛନ୍ତି। ତାଙ୍କ ବ୍ୟକ୍ତିଗତ ପରିଧାନ ବସ୍ତ୍ରଗୁଡ଼ିକ ଆମ ଦ୍ୱାରା ସଫା କରାଉଛନ୍ତି ବୋଲି ଛାତ୍ରୀ ସୁନିତା ମାଝି, ନିକିତା ମୁଦୁଲି, ମିଷ୍ଟି ଖୋସଲା, ସସ୍ମିତା ମୁଦୁଲି, ୯ମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଶ୍ରାବଣୀ ମାଣ୍ଡିଙ୍ଗା, ଶଶୀ ମୁଦୁଲି, ସ୍ମିତାରାଣୀ ଖରା, ସଙ୍ଗୀତା କୁଲିସିକା, ରଙ୍ଗ ମୁଦୁଲି, ବୃନ୍ଦାବତୀ ଜାନି ପ୍ରମୁଖ ଅଭିଯୋଗ କରିଛନ୍ତି। ଏଠାରେ ମାଟ୍ରନ ଦିଦି ରହିଲେ ଆମେ ହଷ୍ଟେଲ ଛାଡିଦେବୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ମାଟ୍ରନ ସାହୁଙ୍କୁ ପଚାରିବାରୁ ସେ କହିଲେ, ଛାତ୍ରୀମାନେ ମୋ ନାଁରେ ମିଛ କହୁଛନ୍ତି। ଏନେଇ ସଂପୃକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଅତିରିକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବଶିଷ୍ଠ ନାୟକଙ୍କୁ ପଚାରିବାରୁ ସେ କହିଲେ, କୁନି କୁନି ଶିଶୁଙ୍କୁ ମାଡ଼ ମାରିବା ଆଇନ ଅନୁଯାୟୀ ଅପରାଧ। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଡିଡବ୍ଲୁଇଓ ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନି ବୋଲି କହିଥିଲେ।

## କିଶୋର ବୈଜ୍ଞାନିକ ସ୍ନେହାଦୀପ୍ ଆର୍‌ଏଏସ୍ ଅଫ୍ ଲଣ୍ଡନର ଫେଲୋ ମନୋନୀତ

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସ୍ନେହାଦୀପ୍ କୁମାର ସମ୍ମାନଜନକ ରୟାଲ ଆଷ୍ଟ୍ରୋନୋମିକାଲ୍ ସୋସାଇଟି(ଆର୍‌ଏଏସ୍) ଅଫ୍ ଲଣ୍ଡନର ଫେଲୋ ଭାବେ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ନେହାଦୀପଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ନେହାଦୀପଙ୍କ ବହୁମୁଖୀ ସଫଳତା ଭବିଷ୍ୟତରେ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଥିବା କିଟ୍‌ର ଶହ ଶହ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସାମନ୍ତ କହିଛନ୍ତି।

ସ୍ନେହାଦୀପ ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଥମ ବର୍ଷ ଛାତ୍ର। ଏହି ସମ୍ମାନଜନକ ସୋସାଇଟିର ଫେଲୋ ଭାବେ ରହିଆସିଥିବା ଚାର୍ଲସ୍ ବାବେଜ୍ ଏବଂ ୱିଲିୟମ ହର୍ଷେଲଙ୍କ ଭଳି ବିଶ୍ୱର ବିଶିଷ୍ଟ ବୈଜ୍ଞାନିକଙ୍କ ମଧ୍ୟରେ ସ୍ନେହାଦୀପ୍ ସର୍ବକନିଷ୍ଠ ଭାରତୀୟ ଭାବେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ସେ ରୟାଲ୍ ସୋସାଇଟି ଅଫ୍ କେମେଷ୍ଟ୍ରିର ସଭାପତି ଡ. ଟମ୍ ୱେଲଟମ୍‌ଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଏହା ବ୍ୟତୀତ ତାଙ୍କୁ ଆମେରିକା ସରକାରଙ୍କ ଦ୍ୱାରା କେଣ୍ଟୁକିର ସର୍ବୋଚ୍ଚ ଟାଇଟଲ୍ ସମ୍ମାନ 'କେଣ୍ଟୁକି କଲୋନେଲ' ପ୍ରଦାନ କରାଯାଇଛି। ଜଣେ କିଶୋର ବୈଜ୍ଞାନିକ ଭାବେ ଜଣାଶୁଣା ସ୍ନେହାଦୀପ୍ ୨୦୨୧ରେ ମେଧାବୀ ପିଲାଙ୍କ ନିଜସ୍ୱ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ନିମନ୍ତେ ଅରୋରା ଏକାଡେମିକ୍ ଜର୍ନାଲ୍ ନାମରେ ନିଜର ଏକ ଇଣ୍ଟର ଡିସିପ୍ଲିନାରି ଅନ୍‌ଲାଇନ୍ ପତ୍ରିକା ଆରମ୍ଭ କରିଥିଲେ। ଯେଉଁ ମେଧାବୀ ପିଲାମାନେ ନିଜସ୍ୱ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ନିମନ୍ତେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିଲେ ସେମାନଙ୍କ ପାଇଁ ସ୍ନେହାଦୀପ୍ ଜର୍ନାଲ୍ ପ୍ରକାଶ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏହି ଅନ୍‌ଲାଇନ୍ ପତ୍ରିକାରେ ବିଜ୍ଞାନ ସମେତ ଅନ୍ୟାନ୍ୟ ବିଷୟରେ ଗବେଷଣା ସନ୍ଦର୍ଭ ପ୍ରକାଶ ପାଇଥାଏ। ଏଥିସହ ସ୍ନେହାଦୀପ ମିଳିତ ଭାବେ ନେବୁଲା ମହାକାଶ ସଂସ୍ଥା ପ୍ରତିଷ୍ଠା କରିଛନ୍ତି। ଏହା ହେଉଛି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିଚାଳିତ ପ୍ରଥମ ମହାକାଶ ସଂସ୍ଥା। ସେହିଭଳି ୨୦୨୩-୨୪ ସୁଦ୍ଧା ବିଶ୍ୱର ସବୁଠାରୁ କ୍ଷୁଦ୍ର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ତିଆରି କରିବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି। ଗତ ମାର୍ଚ୍ଚରେ ତାଙ୍କ ଲେଖା ଅନ୍‌ଲାଇନ୍ ଖବରକାଗଜ 'ଗ୍ଲୋବାଲ୍ ଇଣ୍ଡିଆନ୍'ରେ ପ୍ରକାଶିତ ହେବା ପରେ ସେ 'ଟିନ୍ ସାଇଣ୍ଟିଷ୍ଟ'ର ପରିଚିତ ପାଇଲେ। ଭବିଷ୍ୟତରେ ପଦାର୍ଥ ବିଜ୍ଞାନରେ ଗବେଷଣା କରିବାକୁ ଲକ୍ଷ୍ୟ ରଖିଥିବା ସ୍ନେହାଦୀପ୍ କହିଛନ୍ତି।



ସ୍ନେହାଦୀପଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

# ପଇଡ଼ରେ ନିଶା ଦେଇ ଦୁଇ ଯାତ୍ରୀଙ୍କଠୁ ଲୁଟ

### ପୁରୀ-ଗୁଣପୁର ଟ୍ରେନରେ ଲୁଟେରା ସକ୍ରିୟ

ବ୍ରହ୍ମପୁର ଅଫିସ,୧୬।୧୨

ପୁରୀ- ଗୁଣପୁର ଟ୍ରେନ୍‌ରେ ଏବେ ଲୁଟେରା ସକ୍ରିୟ ହୋଇଛନ୍ତି। ପୁଣି ପଇଡ଼ରେ ନିଶା ଦେଇ ୨ଯାତ୍ରୀଙ୍କୁ ଲୁଟିଛନ୍ତି। ୧୫ଦିନ ମଧ୍ୟରେ ସମାନ ଢଙ୍ଗରେ ଦୁଇଟି ଲୁଟ୍ ଘଟଣା ସାମନାକୁ ଆସିଥିବାରୁ ଲୋକେ ଉକ୍ତ ଟ୍ରେନ୍‌ରେ ଯାତ୍ରା କରିବାକୁ ସୁରକ୍ଷିତ ମଣୁନାହାନ୍ତି। ସେପଟେ ଲୁଟେରାମାନେ ଏହି ଟ୍ରେନ୍‌କୁ ସୁରକ୍ଷିତ ଭାବି ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଓ ରେଳ ସୁରକ୍ଷା ବଳ (ଆର୍‌ପିଏଫ)କୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଗୁରୁବାର ରାତିରେ ବ୍ରହ୍ମପୁର ରେଳଷ୍ଟେଶନର ୪ନଂ ପ୍ଲାଟଫର୍ମରୁ ରେଳବାଇ ପୋଲିସ ଅଚେତ ଅବସ୍ଥାରେ ୨ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ସେମାନେ ହେଲେ ପୁରୀ, ତାଳବଣିଆ ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନୀର ଦୀପକ କୁମାର ସମାନ୍ତରା(୫୦) ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ନରସୀମାପେଟ୍ଟାର ଏସ. ଧର୍ମେଶ୍ୱର ରାଓ(୫୮)। କରାଟେ ମାଷ୍ଟର ଦୀପକ ଗୁରୁବାର ପୁରୀ- ଗୁଣପୁର ଟ୍ରେନ୍‌ରେ ବାଲୁଗାଁ ଯାଉଥିଲେ। ସାକ୍ଷୀଗୋପାଳ ନିକଟରେ ତାଙ୍କୁ କେହି ପଇଡ଼ ପିଇବାକୁ ଦେଇଥିଲେ। କିଛି ସମୟ ପରେ ସେ ଅଚେତ ହୋଇପଡ଼ିଥିଲେ। ଟ୍ରେନ ବାଲୁଗାଁ ଷ୍ଟେଶନ ଅତିକ୍ରମ କରି ବ୍ରହ୍ମପୁରରେ ପହଞ୍ଚିବାରେ ଦୀପକଙ୍କୁ ଅଚେତ ଅବସ୍ଥାରେ ଆର୍‌ପିଏଫ ଓହ୍ଲାଇଥିଲା। ସେହିପରି ଧର୍ମେଶ୍ୱରଙ୍କୁ ମଧ ଅଚେତ ଅବସ୍ଥାରେ ଆରପିଏଫ ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇଥିଲା। ଜିଆରପି ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଶୁକ୍ରବାର ସେମାନେ ସାମାନ୍ୟ ସୁସ୍ଥ ହୋଇଥିଲେ ମଧ ଚିକିତ୍ସାଧୀନ ରହିଛନ୍ତି। ଲୁଟେରା ଦୀପକଙ୍କ ବେକରୁ ସୁନା ଚେନ ଓ ତାଙ୍କ ଲାପଟପ ଏବଂ ଧର୍ମେଶ୍ୱରଙ୍କ ସୁନା ଚେନ, ମୋବାଇଲ ଫୋନ ଲୁଟି ନେଇଥିବା ପୋଲିସକୁ କହିଛନ୍ତି। ଲୁଟେରାଙ୍କୁ ଠାବ କରିବା ପାଇଁ ଦୁଇଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ପୋଲିସ ଟିମ୍ ଟ୍ରେନରୁ ଦୁଇଜଣ ଝାଡ଼ଖଣ୍ଡ ଯୁବକଙ୍କୁ କାବୁ କରି ସେମାନଙ୍କୁ ଜେରା କରୁଛି। ସେମାନଙ୍କ ବୟାନକୁ ଆଧାର କରି ଉକ୍ତ ଲୁଟେରା ଗ୍ୟାଙ୍ଗର ମୁଖିଆଙ୍କୁ ଧରିବା ପାଇଁ ବିଶାଖାପାଟଣାରେ ଅନ୍ୟ ଏକ ପୋଲିସ ଟିମ ଡେରା ପକାଇଛି।

**ଖେଳ ଖବର**

# ତମାଣ୍ଡୋ କପ୍ ଫୁଟବଲ ଉଦ୍‌ଘାଟିତ



ତମାଣ୍ଡୋ କପ୍ ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥି ଓ ଅଫିସିଆଲ୍ସଙ୍କ ସହ ଦୁଇ ଦଳର ଖେଳାଳି।

ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୋନ୍-୩ ଏସିପି ରଜତ ରାୟ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜଟଣୀର ଉତ୍କଳ ସ୍ପୋର୍ଟିଂ ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର କ୍ଲବ ୨-୦ ଗୋଲରେ ବିଜୟ ହାସଲ କରିଥିଲା। ମ୍ୟାଚର ୫ମ ଏବଂ ୪୫ତମ ମିନିଟରେ ବିଜୟୀ ଦଳର ପପୁ ମାଝି ୨ଟି ଗୋଲ ଦେଇଥିଲେ। ଫଳରେ ପପୁଙ୍କୁ ଶିବଶକ୍ତି କ୍ଲବ ସଭାପତି ଦୁଃଶାସନ ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଖୋର୍ଦ୍ଧାର ଡାଇମଣ୍ଡ କ୍ଲବ ଓ ଗଣ୍ଡରପୁରର ୟୁନାଇଟେଡ ୟୁଥ୍ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## କାତାରରେ ଫ୍ରାନ୍ସ ରାଷ୍ଟ୍ରପତି

ପ୍ୟାରିସ୍,୧୬।୧୨(ପି.ଟି.): ଫୁଟବଲ ବିଶ୍ୱକପ ଫାଇନାଲ ଦେଖିବା ପାଇଁ କାତାରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରାଁ। ବିଗତ ସପ୍ତାହରେ ଏହା ତାଙ୍କର ଦ୍ୱିତୀୟ କାତାର ଗସ୍ତ। ତାଙ୍କର ଏହି ଗସ୍ତକୁ ବିରୋଧ କରାଯାଉଥିଲେ ହେଁ ସେ ଫ୍ରାନ୍ସ ଫୁଟବଲ ଦଳକୁ ସମର୍ଥନ ଜଣାଇବାକୁ କାତାରରେ ପହଞ୍ଚିଛନ୍ତି। କାତାରରେ ମାନବାଧିକାର ଉଲ୍ଲଂଘନକୁ ନେଇ ସମଗ୍ର ବିଶ୍ୱରେ ବିବାଦ ଦେଖାଦେଇଥିବା ବେଳେ ମାକ୍ରାଁ ଏହାକୁ ଖାତିର କରିନାହାନ୍ତି। ବୁଧବାର ମରକ୍କୋ ବିପକ୍ଷ ସେମିଫାଇନାଲ ମ୍ୟାଚ ପୂର୍ବରୁ ମଧ ଫ୍ରାନ୍ସ ରାଷ୍ଟ୍ରପତି ମ୍ୟାଚ ଦେଖିବାକୁ କାତାର ଆସିଥିଲେ। ମ୍ୟାଚ ପରେ ସେ ଫ୍ରାନ୍ସ ଦଳର ଖେଳାଳିଙ୍କ ସହିତ ସମୟ ଅତିବାହିତ କରି ଫେରି ଯାଇଥିଲେ। ଏପରିକି ଫ୍ରାନ୍ସରୁ କାତାର ପାଇଁ ୬ ଘଣ୍ଟାର ବିମାନଯାତ୍ରା ପରିବେଶ ପ୍ରଦୂଷଣ ପାଇଁ ଦାୟୀ ବୋଲି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ତେବେ ଜାତୀୟ ଦଳର ପ୍ରଦର୍ଶନରେ ସେ ଗର୍ବିତ ଏବଂ ଦଳକୁ ସମର୍ଥନ କରିବା ପାଇଁ ସେ ଉପସ୍ଥିତ ରହିବେ ବୋଲି ମାକ୍ରାଁ କହିଛନ୍ତି। ମରକ୍କୋ ବିପକ୍ଷ ସେମିଫାଇନାଲକୁ ୨୦ ମିଲିୟନ ଦର୍ଶକ ଦେଖିଥିଲେ, ଯାହାକି ଏକ ବିଶ୍ୱ ରେକର୍ଡ ବୋଲି ସେ କହିଛନ୍ତି। ମାକ୍ରାଁ ୨୦୧୮ ବିଶ୍ୱକପ୍ ଫାଇନାଲ ମଧ ଦେଖିଥିଲେ।

# ମରକ୍କୋରେ ଫିଫା କ୍ଲବ ବିଶ୍ୱକପ୍

ଦୋହା,୧୬।୧୨(ପି.ଟି.)

ଚଳିତ କାତାର ଫୁଟବଲ ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ମରକ୍କୋକୁ ପୁରସ୍କୃତ କରିଛି ଫିଫା। ୨୦୨୫ରୁ ଏହି ବିଶ୍ୱକପ୍‌ରେ ଦଳ ସଂଖ୍ୟା ୩୨ ହେବା ନେଇ ମଧ ଫିଫା ପକ୍ଷରୁ ଘୋଷଣା କରଯାଇଛି। ବିଭିନ୍ନ ଲିଗ୍‌ର ଚାମ୍ପିୟନ ଦଳଗୁଡିକ ଏହି କ୍ଲବ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥାନ୍ତି। ୟୁରୋପିଆନ୍ ଚାମ୍ପିୟନ୍ ରିୟଲ ମାଡ୍ରିଡ୍, ଦକ୍ଷିଣ ଆମେରିକୀୟ ଚାମ୍ପିୟନ ଫ୍ଲାମେଙ୍ଗୋ, କନକାକାଫ ବିଜେତା ସିଆଟେଲ ସାଉଣ୍ଡର୍ସ ଏବଂ ଆମେରିକୀୟ ଲିଗ୍ ଚାମ୍ପିୟନ ଦଳମାନଙ୍କୁ ମିଶାଇ ସମୁଦାୟ ୭ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଫେବୃୟାରୀ ୧ରୁ ୧୧ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ। ଚଳିତ ବିଶ୍ୱକପ୍‌ରେ ମରକ୍କୋ ଚମତ୍କାର ପ୍ରଦର୍ଶନ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଥିଲା। ବିଶ୍ୱକପ୍ ସମାପ୍ତ ହେବାର ୬ ସପ୍ତାହ ମଧ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେବ। ୧୦ ଦିନିଆ ଟୁର୍ନାମେଣ୍ଟରେ ୬ କନ୍‌ଫେଡେରେଶନର ୬ ଚାମ୍ପିୟନ ଦଳ ଅଂଶଗ୍ରହଣ କରିବେ। ମରକ୍କୋ ଆୟୋଜକ ଥିବାରୁ ଆଫ୍ରିକା କନ୍‌ଫେଡେରେଶନରୁ ଦୁଇଟି ଦଳ ଅଂଶଗ୍ରହଣ କରିବେ। ଆଗାମୀ ଦିନରେ ଏହାକୁ ଫୁଟବଲ୍ ବିଶ୍ୱକପ୍ ପରି ଆକର୍ଷଣୀୟ କରିବା ପାଇଁ ଦଳ ସଂଖ୍ୟା ୩୨କୁ ବୃଦ୍ଧି କରାଯିବ ବୋଲି ଫିଫା ମୁଖ୍ୟ ଜିଆନି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ମରକ୍କୋ ୨୦୧୩-୧୪ରେ ମଧ ଏହି କ୍ଲବ୍ ବିଶ୍ୱକପ୍ ଆୟୋଜନ କରିଥିଲା। ଉଭୟ ସଂସ୍କରଣରେ ଯଥାକ୍ରମେ ବାୟର୍ନ ମ୍ୟୁନିକ୍ ଓ ରିୟଲ ମାଡ୍ରିଡ୍ ଚାମ୍ପିୟନ୍ ହୋଇଥିଲେ।

## ମରକ୍କୋ ପ୍ରଶଂସାରେ ଶତମୁଖ ଜାବେର୍

ଅଲ ଖୋର,୧୬।୧୨(ପି.ଟି.): ଟ୍ୟୁନିସିଆର ଟେନିସ୍ ଖେଳାଳି ଓନ୍ସ ଜାବେର୍ ମରକ୍କୋ ଫୁଟବଲ ଦଳର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର ଭାବରେ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା ମରକ୍କୋ। ମରକ୍କୋ ଏଭଳି ମାଇଲଖୁଣ୍ଟ ହାସଲ କରିବା ସହିତ ଅନ୍ୟ ଆଫ୍ରିକୀୟ ଏବଂ ଆରବ ରାଷ୍ଟ୍ର ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଏହା ସହିତ ମରକ୍କୋ ଦଳର ପ୍ରଦର୍ଶନ ପରେ କିଛି ବି ସମ୍ଭବ ବୋଲି ମାନିବାକୁ ଅନ୍ୟ ପଡୋଶୀ ରାଷ୍ଟ୍ରଙ୍କୁ ପ୍ରେରଣା ମିଳିବ ବୋଲି ଜାବେର ପ୍ରକାଶ କରିଛନ୍ତି। ଏକାଧିକ ବିଶ୍ୱ ଚାମ୍ପିୟନ ୟୁରୋପିଆନ ଦଳଙ୍କୁ ପରାଜିତ କରିବା ସହିତ ମରକ୍କୋ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଗ୍ରୁପ୍ ପର୍ଯ୍ୟାୟରେ ବେଲଜିୟମକୁ ପରାସ୍ତ କରିଥିବା ବେଳେ ରାଉଣ୍ଡ ଅଫ୍ ୧୬ରେ ସ୍ପେନ୍ ଓ କ୍ୱାର୍ଟରରେ ପର୍ତ୍ତୁଗାଲକୁ ହରାଇଥିଲା ମରକ୍କୋ। ତେବେ ବୁଧବାର ଫ୍ରାନ୍ସ ନିକଟରୁ ୨-୦ରେ ହାରିବା ସହିତ ମରକ୍କୋର ଯାତ୍ରା ଶେଷ ହୋଇଛି।

# ମେସିଙ୍କ ଜନ୍ମସ୍ଥାନରେ ଫୁଟ୍‌ବଲ ଫିଭର

ରୋସାରିଓ,୧୬।୧୨(ପି.ଟି.)

ବିଶ୍ୱକପ୍ ଫାଇନାଲ ପୂର୍ବରୁ ଆର୍ଜେଣ୍ଟିନା ଜାତୀୟ ଦଳ ଅଧିନାୟକ ଲିଓନେଲ ମେସିଙ୍କ ଜନ୍ମସ୍ଥାନରେ ଦେଖାଦେଇଛି ଉତ୍ସାହ। ମେସି ଆର୍ଜେଣ୍ଟିନାର ରୋସାରିଓରେ ଜନ୍ମଗ୍ରହଣ କରିଥିଲେ। ରବିବାର ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଖେଳାଯିବ ଫିଫା ୨୦୨୨ର ଫାଇନାଲ୍ ମ୍ୟାଚ। ମେସିଙ୍କ ବିଶ୍ୱକପ୍ କ୍ୟାରିୟରର ଏହା ଅନ୍ତିମ ମ୍ୟାଚ ହୋଇଥିବାରୁ ଏହାକୁ ନେଇ ଜନ୍ମସ୍ଥାନ ରୋସାରିଓ ହୋଇପଡିଛି ଚଳଚଞ୍ଚଳ। ଆର୍ଜେଣ୍ଟିନାର ତୃତୀୟ ବୃହତ୍ତମ ସହର ରୋସାରିଓ, ଯାହାର ଗଳିରେ ଫୁଟବଲ ଖେଳି ମେସି ବଡ ହୋଇଥିଲେ ସେହି ଗଳିଗୁଡିକ ଆଜି ଚଳଚଞ୍ଚଳ ହୋଇପଡିଛି। ମେସିଙ୍କ ପଡୋଶୀ ତଥା ମେସିଙ୍କ ସମବୟସ୍କ କ୍ୱିଓର୍ଗା ମେସିଙ୍କ ସହିତ ନିଜ ସମ୍ପର୍କ ବିଷୟରେ ଉଲ୍ଲେଖ କରିଛନ୍ତି। ମେସି ମୋ ଘର ସାମ୍ନାରେ ରହୁଥିବା ବେଳେ ବେଶ୍ ଚଳଚଞ୍ଚଳ ଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ କେବଳ ଫୁଟବଲ ନୁହେଁ ସେ ଯାହାବି ପାଇଲେ ତାକୁ ଫୁଟବଲ ଭଳି ବ୍ୟବହାର କରିଥାନ୍ତି ବୋଲି କ୍ୱିଓର୍ଗା କହିଛନ୍ତି। ରବିବାରର ଫାଇନାଲକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି। ମେସି ଏହି ମ୍ୟାଚ ଜିତିବା ସହିତ ବିଶ୍ୱକପ ଟ୍ରଫି ନିଜ ନାମରେ କରିବା ନେଇ ସ୍ଥାନୀୟ ଦର୍ଶକ ଆଶା କରିଛନ୍ତି। ଆର୍ଜେଣ୍ଟିନା ଦର୍ଶକଙ୍କ ମନରେ ନିଜ ପାଇଁ ସ୍ୱତନ୍ତ୍ର ଛାପ ଛାଡିଥିବା ମେସି ନିଜ ଦୃଷ୍ଟାନ୍ତମୂଳକ କ୍ୟାରିୟରରେ ଏକ ବିଶ୍ୱକପ୍ ଯୋଗ କରନ୍ତୁ ବୋଲି ଫ୍ୟାନମାନେ ଆଶା କରିଛନ୍ତି।

# ୨୦୨୬ ବିଶ୍ୱକପ୍‌ରୁ ୧୧ ବିଲିୟନ ଡଲାର ଆୟ ଲକ୍ଷ୍ୟ

ଦୋହା,୧୬।୧୨(ପି.ଟି.)

ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ ୨୦୨୬ ଫିଫା ବିଶ୍ୱକପ୍। ଏହି ବିଶ୍ୱକପ୍‌ରେ ଦଳ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରାଯାଉଥିବା ବେଳେ ୧୧ ବିଲିୟନ ଡଲାର ଆୟର ଲକ୍ଷ୍ୟ ରଖିଛି ଫିଫା। ଚଳିତ ସଂସ୍କରଣ ଆୟ ତୁଳନାରେ ୫୦% ଅଧିକ ଆୟ ହେବା ନେଇ ଫିଫା ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୧୧ ବିଲିୟନ ଡଲାରର ଅଧା ଅର୍ଥରାଶି ପ୍ରସାରଣ ରାଇଟ୍ସ ଓ ସ୍ପନସର ଡିଲ୍ସରୁ ହାସଲ କରିହେବ। ସେହିପରି ବଳକା ଅର୍ଥ ଟିକେଟିଂ ଓ ହସ୍ପିଟାଲିଟିରୁ ଆୟ ହେବ। ଏହାବ୍ୟତୀତ ସମସ୍ତ ମ୍ୟାଚଗୁଡିକରେ ଏନ୍‌ଏଫ୍‌ଏଲ୍ ଷ୍ଟାଡିୟମଗୁଡିକ ମଧ ବ୍ୟବହୃତ ହେବ। ଚଳିତ ବର୍ଷର ଟୁର୍ନାମେଣ୍ଟରେ ଫିଫାର ଆୟ ୭.୫ ବିଲିୟନ ଡଲାର ରହିଛି। ଚଳିତ ବିଶ୍ୱକପ୍‌ରେ ସମୁଦାୟ ୬୪ ମ୍ୟାଚ ଖେଳାଯାଇଥିବା ବେଳେ ଆଗାମୀ ବିଶ୍ୱକପରେ ସମୁଦାୟ ଦଳ ସଂଖ୍ୟା ୪୮ ହେବା ପରେ ମ୍ୟାଚ ସଂଖ୍ୟା କେତେ ରହିବ ତାହା ସ୍ପଷ୍ଟ ହୋଇନାହିଁ।

# ଓଡ଼ିଶା ଜୁନିୟର ଜୁଡୋ ଦଳ ଘୋଷିତ

ଭୁବନେଶ୍ୱର,୧୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଝାଡ଼ଖଣ୍ଡରେ ହେବାକୁ ଥିବା ଜାତୀୟ ଜୁନିୟର ଜୁଡୋ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବ ଓଡ଼ିଶା ପୁରୁଷ ଓ ମହିଳା ଦଳ। ଝାଡଖଣ୍ଡ ଜୁଡୋ ଆସୋସିଏସନ୍ ଓ ଜୁଡୋ ଫେଡେରେଶନ୍ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟଟି ରାଞ୍ଚିର ସ୍ପୋର୍ଟ୍ସ ମେଗା କମ୍ପ୍ଲେକ୍ସରେ ଡିସେମ୍ବର ୧୬-୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହିଳା ବିଭାଗରେ ଆଶାରହିଲ କିସପଟ୍ଟା(୪୪ କିଗ୍ରା), ରାଇମଣି ସୋରେନ୍(୪୮ କିଗ୍ରା), ଉର୍ମିଳା ସାହୁ(୫୨ କିଗ୍ରା), ଦୁଲି ମୁର୍ମୁ (୫୭ କିଗ୍ରା), ସୁଚିତ୍ରା ମୁଣ୍ଡା(୬୩ କିଗ୍ରା), ନୀଲମ ଦେହୁରୀ (୭୦ କିଗ୍ରା), ଦିବ୍ୟା କରିସ୍ମା ପୃଷ୍ଟି(୭୮ କିଗ୍ରା) ଓ ବନ୍ଦନା ମାଝୀ(୭୮+ କିଗ୍ରା) ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ସେହିପରି ପୁରୁଷ ବର୍ଗରେ ନିତ୍ୟା ମାଝୀ(୫୫ କିଗ୍ରା), ମହେଶ୍ୱର ମଣ୍ଡଳ(୬୦ କିଗ୍ରା), ଛବିଲାଲ ମାଝୀ(୬୬ କିଗ୍ରା),ସମ୍ବିତ ଦାସ(୭୩ କିଗ୍ରା), ଦେବାଶିଷ ମହାପାତ୍ର (୮୧ କିଗ୍ରା), ରାଜେଶ କୁମାର ନାୟକ(୯୦ କିଗ୍ରା), ରୁଦ୍ର ପ୍ରସାଦ ପଣ୍ଡା(୧୦୦ କିଗ୍ରା) ଅଂଶଗ୍ରହଣ କରିବେ। ତାରାକାନ୍ତ ପରିଡା କୋଚ୍ ଭାବରେ ଏବଂ ପ୍ରଭାସିନୀ ବରାଡ ମ୍ୟାନେଜର ଭାବରେ ଦଳ ସହ ଯାଇଥିବା ବେଳେ ଗୀତାଞ୍ଜଳି ପଣ୍ଡା ରେଫରୀ ଭାବରେ ଗସ୍ତ କରିଛନ୍ତି। ଏମ୍ପାୱାର୍ଟନସ ପରିଚାଳନା ନିର୍ଦ୍ଦେଶକ ଅସିତ ପ୍ରଧାନ, ଏନ୍‌ଆଇସିଡି ବୈଜ୍ଞାନିକ ନୀଳାଦ୍ରି ମହାନ୍ତି, ରାଜ୍ୟ ଜୁଡୋ ସଂଘ ସମ୍ପାଦକ ପିସି ମିଶ୍ର, ସିଇଓ ଗୀତାଞ୍ଜଳି ପଣ୍ଡା ଓ ବୈଷୟିକ ସମ୍ପାଦକ କନ୍ଦନ ମୁର୍ମୁ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।




ଜାତୀୟ ଜୁନିୟର ଜୁଡୋ ଚାମ୍ପିୟନଶିପ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

# ପ୍ରାୟଶ୍ଚିତ୍ତ

ଗଳ୍ପ

ରାଧାରାଣୀ ତ୍ରିପାଠୀ

କେଉଁ ଏକ ଉ.ପ୍ରା. ବିଦ୍ୟାଳୟ। ଚାଲିଛି ନାମଲେଖା ଅଭିଯାନ। ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଅଛି ପ୍ରଥମ ଶ୍ରେଣୀର ତଦାରଖ କାର୍ଯ୍ୟଭାର। ଫର୍ମ ଅନୁଯାୟୀ ପିଲା ଏବଂ ତା' ଅଭିଭାବକଙ୍କୁ ଡାକି ଟାଲି କରୁଥା'ନ୍ତି ସେ। ହଠାତ୍ ଗୋଟିଏ ଫର୍ମକୁ ଦେଖି ହାତ ତାଙ୍କର ଅଟକିଗଲା। ବଡ଼ ବିଚିତ୍ର ହିସାବରେ ଫର୍ମଟି ପୂରଣ କରାଯାଇଛି। ପିଲାଟିର ବୟସ ଏଗାର। ପୁଣି ବାପା ମାଆଙ୍କ ନାମ ତଥା ତା' ନିଜ ନାମ ବି ବିଚିତ୍ର। ସ୍ଥାୟୀ ଠିକଣା ଦେଖିଲେ ତ ମୁଣ୍ଡ ଗୋଳମାଳ ହୋଇଯାଉଛି। ସମ୍ପୃକ୍ତ ଅଭିଭାବକ ତଥା ଆବେଦନକାରୀ ଛାତ୍ରକୁ ପାଖକୁ ଡାକିଲେ ପ୍ରଧାନ ଶିକ୍ଷକ। ପିଲାଟିକୁ ପ୍ରଶ୍ନ କଲେ-'ତୁମ ନାମ?'

'ଦଙ୍ଗୌପୃତି।'

'ପିତାଙ୍କ ନାମ?'

'ହୃତ ଦଙ୍ଗାକାରୀ।' ପିଲାଟି ନିର୍ବିକାର ଭାବେ ଉତ୍ତର ଦେଉଥାଏ। ମାତାଙ୍କ ନାମ ପଚାରିବା ପୂର୍ବରୁ ପିଲାଟି କହିଉଠିଲା, ''ଏହି ଦୁଇ ନାଆଁରୁ ଆପଣ ବୁଝିପାରୁଥିବେ ନିଶ୍ଚୟ ମୋ' ମାଆ ନାମର ମର୍ମାର୍ଥ?''

ମାତ୍ର ଏଗାର ବର୍ଷର ପିଲା ମୁହଁରୁ ଏତେ ବଡ଼ ବଡ଼ କଥା ଶୁଣି ଚମକି ପଡ଼ିଲେ ପ୍ରଧାନ ଶିକ୍ଷକ। ପିଲାଟିର ଅଭିଭାବକ ତା' ଅଜାକୁ କହିଲେ, ''ଆପଣ କୁହନ୍ତୁ, ଆମ ସହ କ'ଣ ଆପଣ ଖେଳ ଖେଳୁଛନ୍ତି? କ'ଣ ଫାର୍ସ ଚାଲିଛି?''

''ଖେଳ ତ ମୋ' ନାତିର ଜୀବନ ସହିତ ଖେଳୁଛନ୍ତି ଆପଣଙ୍କ ସ୍କୁଲ ପରି ସ୍କୁଲମାନେ। ଗତ ପାଞ୍ଚବର୍ଷ ହେଲା ଦୌଡ଼ି ଦୌଡ଼ି ହାଲିଆ ହୋଇଗଲିଣି ମୁଁ। କୋଉଠି ହେଲେ ନାଁ ଲେଖା ହୋଇପାରୁନି। ଏଥର ବି ଧାଇଁ ଆସିଛି ବଡ଼ ଆଶା ନେଇ।''

ଏଥର ପିଲାଟି କହିଲା, ''ଆଜିକୁ ବାରବର୍ଷ ତଳେ ଏଇ ସହରରେ ଯେଉଁ ଦଙ୍ଗା ହୋଇଥିଲା ତା'ର ଦୁଷ୍ପରିଣତି ହୋଇଛି ମୁଁ। ଏଥିରେ ମୋର କି ମୋ' ମାଆର କିଛି ଦୋଷ ନାହିଁ। ତଥାପି ମୁଁ ଦଣ୍ଡ ପାଉଛି ସାର୍।''

''ଆପଣଙ୍କ ନାଁ କ'ଣ ମଉସା?'' ପଚାରିଲେ ପ୍ରଧାନ ଶିକ୍ଷକ। ତା'ପରେ ସେମାନଙ୍କୁ ଫେରିଯିବାକୁ କହିଲେ ସେ। ପୁଣି କହିଲେ, ''ଆସନ୍ତାକାଲି ମୋତେ ଦେଖାକର। ହେଲେ ଆଜି ମୋତେ କ୍ଷମାକର।'' ଚାଳିଶ ବର୍ଷ ବୟସ୍କ ପ୍ରଧାନ ଶିକ୍ଷକ ଦୋହଲି ଯାଇଥିଲେ ପିଲାଟିର ଦମ୍ଭୋକ୍ତିରେ, ବୁଢ଼ାଟିର ନାଁ ଶୁଣିବା ପରେ। ଛୁଟିନେଇ ଫେରିଯାଇଥିଲେ ଘରକୁ। ଘରୁ ପୁଣି ସ୍ଥାନୀୟ ପାର୍କକୁ। ପାର୍କର ଗୋଟିଏ ଗଛତଳେ ବସି ପଡ଼ିଲେ ସେ। ତାଙ୍କ ମନ ଭିତରେ ପ୍ରତିଧ୍ୱନିତ ହେଉଥାଏ ବୁଢ଼ାଟିର ନାଁ। ''ନଟ ଭୋଳ... ନଟ ଭୋଳ...।''

ବୁଢ଼ାଟିର ନାଁ ତାଙ୍କୁ ଫେରାଇ ନେଉଥିଲା ବାରବର୍ଷ ପଛକୁ। ସେତେବେଳକୁ ସେ ଗଜାଭେଣ୍ଡିଆ। ସତେଇଶ ବର୍ଷର ଉଦ୍ଦାମ ଯୁବକ। ସ୍ନାତକୋତ୍ତର ପାଠ ସାରି କିଛି ପିଲାଙ୍କୁ ଟିଉସନ ଦେଉଥିଲେ ନିଜ ଘରେ। ତାଙ୍କର ଗୋଟିଏ ଛାତ୍ରୀ ଥିଲା 'ସରସତା'।



ନବମ ଶ୍ରେଣୀରେ ପଢ଼େ। ଖୁବ୍ ସୁନ୍ଦରୀ। ଭଗବାନଙ୍କ ଏକ ସୁନ୍ଦର ସୃଷ୍ଟି। ବୋଧେ ତାକୁ ଫୁର୍‌ସତରେ ତିଆରି କରିଥିଲେ ଭଗବାନ। ଏଇ ନଟ ମଉସାଙ୍କ ଝିଅ।

ସହର ମୁଣ୍ଡରେ ନଟ ମଉସାଙ୍କ ଗୋଟେ ଭାତ ଆଉ ଜଳଖିଆ ହୋଟେଲ ଥିଲା। ହଁ, ହୋଟେଲ ହିଁ କୁହାଯିବ। ଚାଳ ପଲିଥିନ୍‌ଘେରା ହୋଟେଲ। ଶସ୍ତା ସୁନ୍ଦର, ସ୍ୱାସ୍ଥ୍ୟକର ଆଉ ପେଟପୂରା ଖାଇବାକୁ ମିଳୁଥିଲା ମାତ୍ର ତିରିଶ ଟଙ୍କାରେ, ଯାହାକି ଏବେକାର ରେଷ୍ଟୁରାଣ୍ଟରେ ନିଶ୍ଚୟ ହଜାରେ ଟଙ୍କା ଉପରେ ପଡ଼ିବ।

ସେଦିନ କୌଣସି ଗୋଟିଏ କାରଣରୁ ସହରସାରା ଦଙ୍ଗା ପରିସ୍ଥିତି ଉପୁଜି ଥିଲା। ଚାରିଜଣ ସାଙ୍ଗଙ୍କ ପ୍ରରୋଚନାରେ ପଡ଼ି ସେ ବି ବାହାରି ଯାଇଥିଲେ। ରାସ୍ତାଘାଟରେ ଟାୟାର ଜାଳିଥିଲେ। ଦୋକାନ ଜାର ବନ୍ଦ ରଖିବା ପାଇଁ ଧମକାଉଥିଲେ ଦୋକାନୀଙ୍କୁ। ତାଙ୍କୁ ଏସବୁ ମଜା ଲାଗୁଥାଏ। ଠେଲାବାଲାଙ୍କଠାରୁ ଚାଟ୍ ଗୁପ୍‌ଚୁପ୍ ଖାଉଥିଲେ ବିନା ପଇସାରେ। ଖାଇସାରି କହୁଥିଲେ, ''ଠେଲା ବନ୍ଦକର। ନ ହେଲେ ଅନ୍ୟ ଦଳ ଆସିଲେ ତୋ' ଠେଲା ଓଲଟାଇ ଦେବେ।'' ଧୀରେ ଧୀରେ ସାଙ୍ଗମାନଙ୍କ ସହ ମସ୍ତି କରୁ କରୁ ଗୋଟେ ମଦ ଦୋକାନରୁ ମଦ ବି ପିଇଲେ। ମନା କରୁଥିଲେ ସତ, କିନ୍ତୁ ସାଙ୍ଗମାନେ ମାଡ଼ିବସି ତାଙ୍କୁ ମଦ ପିଆଇଦେଲେ। ପୁଣି ତାଙ୍କୁ ଗାଳି ବି ଦେଉଥା'ନ୍ତି, ''ଶଳା ମାଇଚିଆ। ମଦ ପିଇବିନି କହୁଛି। ଆବେ ଯିଏ ମଦ ପିଏନି ସେ କି ମରଦ ପୁଅ ବେ?'' ଶେଷରେ ପାଳି ପଡ଼ିଲା ନଟ ହୋଟେଲର। ସମୟ ପାଖାପାଖି ଅଢ଼େଇଟା ହୋଇଥିବ। ସମସ୍ତେ ପାଟିତୁଣ୍ଡ କରି ପଶିଗଲେ ହୋଟେଲ ଭିତରକୁ। ନଟ ମଉସାଙ୍କୁ ତୁ ତା, ବେ ବା, ରେ ରା, ଗାଳିକରି ମାଗିଲେ ମାଉଁସ ଝୋଳ। ''ଆବେ ନଟ ଭୋଳ, ବେଗି ଆଣେ ମାଉଁସ ଝୋଳ।'' ପାଟି କରୁଥା'ନ୍ତି ସମସ୍ତେ। ସେତେବେଳେ ଗୋଟିଏ ପାଣିଡ୍ରମ୍ ପଛପଟେ ଲୁଚିଥାଏ ସରସତା। ଭୟରେ ତ୍ରସ୍ତା ହରିଣୀ ଭଳି କନକନ ହେଉଥାଏ।

ଜଣକର ନଜର ପଡ଼ିଗଲା ସରସତା ଉପରେ। ''ଆବେ ମାଉଁସ ଝୋଳ ଛାଡ଼। ଏଇ ନଟ ବୁଢ଼ାକୁ ବାନ୍ଧି ପକାଅ। ମୁଁ ତୁମକୁ କଞ୍ଚା କଅଁଳ ମାଉଁସ ଖୁଆଇବି ଏଇନେ।'' କିଛି ସମୟ ଭିତରେ ସରସତାର ଜୀବନରେ ବିରସତା ଭରିଦେଇ ସେଇଠୁ ବୀରଦର୍ପରେ ଚାଲିଯାଇଥିଲେ ସମସ୍ତେ। ସେ ନିଜେ ବି ଭୁଲି ଯାଇଥିଲେ ଗୁରୁ-ଶିଷ୍ୟର ସମ୍ପର୍କକୁ। ସେ ବି ସେଇ ପାଜିମାନଙ୍କ ସହ ସଇତାନ ପାଲଟି ଯାଇଥିଲେ ସେଦିନ। ପରଦିନ ଖବରକାଗଜ ଶିରୋନାମରେ ଥିଲା ଗୋଟିଏ ବିଚିତ୍ର ଖବର। ''ଦଙ୍ଗାର ଦୁଷ୍ପରିଣାମ, ନଟ ଭୋଳଙ୍କ ସ୍ତ୍ରୀଙ୍କ ହୃଦ୍‌ଘାତରେ ମୃତ୍ୟୁ।'' ଏତେ ବଡ଼ ଖବର କାଗଜରେ କେବଳ ଏଇ ଗୋଟିଏ ଖବର ତାଙ୍କ ଆଖିକୁ ଜଳ ଜଳ ଦିଶୁଥିଲା। ସେ ମର୍ମେମର୍ମେ ଅନୁଭବ କରୁଥିଲେ ଝିଅର ଦୁରବସ୍ଥା ଦେଖି ନିଶ୍ଚୟ ତାଙ୍କର ହୃଦ୍‌ଘାତ ହୋଇଥିବ। ସେଇଦିନ ପରଠାରୁ ସେ ସହର ଛାଡ଼ି ଚାଲିଯାଇଥିଲେ ଦିଲ୍ଲୀ। ପାଞ୍ଚବର୍ଷ ପରେ ଫେରିଲେ। ଅନେକ ଜାଗାରେ ଅନେକ ଚାକିରି କରିବା ପରେ ଏବେ ଏଇ ସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱ ବହନ କରିଛନ୍ତି।

ପୁଣି ଧୀରେ ଧୀରେ ବର୍ତ୍ତମାନକୁ ଫେରି ଆସୁଥିଲେ ପ୍ରଧାନ ଶିକ୍ଷକ। ଏବେ ତାଙ୍କ ଆଖି ଆଗରେ ଝୁଲି ଯାଉଥାଏ ସେଇ ଫର୍ମଟି। ''ଆବେଦନକାରୀଙ୍କ ନାମ: ଦଙ୍ଗୌପୃତି। ପିତାଙ୍କ ନାମ: ହୃତ ଦଙ୍ଗାକାରୀ। ମାତାଙ୍କ ନାମ: ମୃତ ଧର୍ଷିତା। ସ୍ଥାୟୀ ଠିକଣା: ଦଙ୍ଗାସ୍ଥଳୀ, ଦଙ୍ଗାଞ୍ଚଳ।'' ତାଙ୍କ ମୁଣ୍ଡ ଗୋଳମାଳ ହେବାକୁ ଲାଗିଲା। ସେ ମନେମନେ ଭାବୁଥାନ୍ତି ଏଇ ପିଲାଟି ଯେ ମୋର ଔରସର, ମୋରି ସନ୍ତାନ ହୋଇ ନ ଥିବ କିଏ କହିପାରେ? ଆରେ ସେ ଠିକ୍ ହିଁ ତ କହିଛି, 'ହୃତ ଦଙ୍ଗାକାରୀ'। ଗୋଟିଏ ଚଉଦ ବର୍ଷର ଝିଅର ଜୀବନକୁ ବିପନ୍ନ କରି ସମସ୍ତେ ସେଇ ଦଙ୍ଗାରେ ହଜି ହିଁ ତ ଯାଇଥିଲେ। ପିଲାଟିକୁ ଜନ୍ମଦେଇ ସରସତା ମୃତ୍ୟୁବରଣ କରିଥିବ ବୋଧହୁଏ। ସମାଜର କ୍ରୂରତା ପିଲାଟିକୁ ଆବଶ୍ୟକତାଠାରୁ ଯେ ଅଧିକ ବୟସ୍କ କରି ତୋଳିଛି ଆଉ ରକ୍ଷ କରିଦେଇଛି, ଏଥିରେ ସନ୍ଦେହ ନାହିଁ।

ପରଦିନ। ବିଦ୍ୟାଳୟ ପରିସରରେ ନଟ ଭୋଳ ନିଜ ନାତିକୁ ଧରି ଚାହିଁ ରହିଥା'ନ୍ତି ପ୍ରଧାନ ଶିକ୍ଷକଙ୍କ ଆସିବା ବାଟକୁ। କିଛି ସମୟ ଭିତରେ ନୂଆ ଫର୍ମଟିଏ ଧରି ପହଞ୍ଚିଲେ ପ୍ରଧାନ ଶିକ୍ଷକ। ଏଥର ନୂତନ ରୂପେ ଫର୍ମ ପୂରଣ କରିବାକୁ ହେବ। କହିଲେ ସେ- ''ଆଚ୍ଛା, ପିତାଙ୍କ ନାମରେ ମୋ' ନାମ ବସେଇବା। ଗୁରୁ ବି ପିତା ସମାନ। ତେବେ ପିତାଙ୍କ ନାମ ନରହରି ସାହୁ। ମାତାଙ୍କ ନାମ ଧର୍ଷିତା ନ କରି କରିବା ସର୍ସିତା। ଆବେଦନକାରୀଙ୍କ ନାମ ଗୋଟିଏ ବଢ଼ିଆ ନାମ ମୁଁ ଭାବିଛି। କ'ଣ ତୋ' ମନକୁ ପାଇବ?'' ପଚାରିଲେ ପିଲାଟିକୁ। ନଟ ଭୋଳ ପଚାରିଲେ, ''କି ନାମ ଆଜ୍ଞା?'' ସେ କହିଲେ- 'ଆତ୍ମଜ'। ଅଜା ନାତି ଖୁସି ହୋଇଗଲେ ନାଁଟି ଶୁଣି। ସମସ୍ତଙ୍କ ଅଜାଣରେ ପ୍ରଧାନ ଶିକ୍ଷକ ଦୀର୍ଘଶ୍ୱାସଟାଏ ମାରି ନିଜକୁ ଆଶ୍ୱସ୍ତ ମନେକରୁଥିଲେ। ଶେଷରେ ନଟକୁ କହିଲେ, ''ବୁଝିଲ ମଉସା, ତୁମେ କିଛି ଚିନ୍ତା କରିବନି। ତୁମ ନାତିର ପାଠପଢ଼ା ଖର୍ଚ୍ଚ ମୁଁ ବହନ କରିବି। ସେ ଯେତେ ପଢ଼ିବ ତାକୁ ସେତେ ପଢ଼େଇବି। ଆମ ପୁଅ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଆସନରେ ବସିବ। ସମସ୍ତ ଅନ୍ୟାୟୀଙ୍କୁ ଦଣ୍ଡ ଦେବ।'' ପରେ ପରେ ତାଙ୍କ ପାଟିରୁ ଅସ୍ପଷ୍ଟ ଭାବେ ଗୋଟିଏ ବାକ୍ୟ ଖସି ଆସିଲା ଆପେ ଆପେ- ''ଆଉ ମୋ' ପରି ଅନ୍ୟାୟୀର ବି ନ୍ୟାୟବିଧାନ କରିବ।''

ମୋ: ୮୨୪୯୮୦୭୨୬୭

## କବିତା

### ଅଜ୍ଞାନତା

ନିରାକାର ଦାସ

ଅଜ୍ଞାନତା ସବୁ ଦୁଃଖର କାରଣ ବୋଲି
ଜାଣିଲା ପରେ
ଜ୍ଞାନ ବାଣ୍ଟିବାକୁ ଏତେ କୁଣ୍ଠା କାହିଁକି
ହେ ମହାଜନ?
ଜ୍ଞାନର ସ୍ଥାଣୁତା, ଜ୍ଞାନୀଙ୍କ କ୍ଳୀବତା
ଦୁନିଆକୁ ଦେଇଥାଏ ବନ୍ଧ୍ୟାର ବନ୍ଧନ
ଏକଥା ଜାଣିଲା ପରେ
ତୁମେ ଚେଇଁ ଶୋଇଛ କେମିତି
ହେ ସାଧୁଜନ?

ତୁମ ନିଷ୍ପ୍ରଭ ନୈତିକତା,
ମୋହାନ୍ଧ ମାନବିକତା
ମର୍ଯ୍ୟାଦାହୀନ ମହନୀୟତା,
ଆଲୋକକୁ ଅଟକଉଥିବା ଜାଣି
ସୁଖ ନିଦ୍ରାରେ ଶୋଉଛ କେମିତି
ହେ ସନ୍ଥଜନ?
ତୁମ ଦର୍ଶନର ଏମିତି ଦୈନ୍ୟ
ଆଦର୍ଶର ଏତେ ସଙ୍କଟ
ଶୁଣିଲା ପରେ ଦେଖ
ସଂସାରର ସବୁ ସମ୍ରାଟ୍‌ମାନେ କେମିତି
ସତରଞ୍ଜି ଖେଳରେ କାଟୁଛନ୍ତି ଦିନ?

ବେପାରୀମାନେ ବ୍ୟବସାୟୀରୁ
ବିତ୍ତଶାଳୀ ହୋଇ
ବଢ଼ାଉଛନ୍ତି କେମିତି
ଶୋଷଣର ନିଖୁଣ ବିଜ୍ଞାନ?
ପଢ଼ାଉଛନ୍ତି କେମିତି
ଅସମାନତାର ଅସଂଖ୍ୟ ଭଜନ?
ତୁମେ ଯଦି ତୁମ କାମନାର
କୋଣାର୍କ ତୋଳିବା ପାଇଁ
ଧରମାମାନଙ୍କୁ ଧରେଇବ ମୃତ୍ୟୁବାସ
ଉଠେଇବ ନିତି ଅତ୍ୟାଚାରୀଙ୍କ ଆକାଶଦୀପ
ବସେଇବ ନିତି ଈଶ୍ୱର ଦୁଆରେ
ଅନ୍ଧବିଶ୍ୱାସର ଅଜ୍ଞାନ କଳସ
ବଢ଼େଇ ଚାଲିବ ବେପାରୀଙ୍କ ଅୟସ ବୟସ
ତେବେ ପାଦେ ମାଟିକୁ କାମୁଡ଼ି ପଡ଼ିଥିବା
ମଣିଷର ହେବ ହିଁ ହେବ ସର୍ବନାଶ।

ସବୁ ସ୍ୱପ୍ନକୁ ନିରାଶା ନିଆଁରେ
ଜାଳୁଥିବା ଜୀବନ
ଛାଡ଼ିବ ଖାଲି ତତଲା ନିଃଶ୍ୱାସ।
ହେ ସାଧୁଜନ!
ନେଡ଼ି ଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ
ଫେରେଇ ଆଣ ହରେଇଥିବା ବିଶ୍ୱାସ।
ଉଠେଇ ଆଣ ଶୋଇ ପଡ଼ିଥିବା
ସମ୍ଭାବନାର ବଂଶୀବାଦକ।
ଅଜ୍ଞାନର ଗଡ଼ିଆରେ ଭରିଦିଅ
ଜ୍ଞାନର ପୀୟୂଷ।

ମୋ: ୮୪୫୫୮୮୫୦୧୩

### ଶୋଷ ଥାଉ କି ନ ଥାଉ

ଅକ୍ଷୟ ପାତ୍ର

ଶୋଷ ଥାଉ କି ନ ଥାଉ
ଏଠି କାଳେ ବାରବାହାନାରେ
ଜିଇବାର ଶୋଷ ଭିଏଇବାକୁ ପଡ଼େ!

ନିଜ ସ୍ଥିତିର ଅସାରତା ହେଉ
ଅବା ସାରବତ୍ତା
ଢକ୍ ଢକ୍ ପିଇଯିବାକୁ ପଡ଼େ
ଜିଇଥିବାର ପ୍ରମାଣ ଦେବାକୁ!

ଏଠି ଜିଇରହିବା ମାନେ
ଶୋଷିଲା ରହିବା,
ସେଇ ଶୋଷକୁ ଭିଏଇବା
ଯାହା କେବେ ବି ମେଣ୍ଟେନି
ପୁଣି ଯାହା ନିଜ ସାରବତ୍ତା ବା
ଅସାରତାକୁ ଢକ୍ ଢକ୍ ପିଇଯିବା ବିନା
ତୁଷ୍ଟ ବି ହୁଏନି!

ଆହା!
ଜୀବିତ ଅଛ ମାନେ ତ
ଢୋକି ଚାଲିଛ
ତମର ସେଇ ଧରାବନ୍ଧା
ଭୋକକୁ
ଭେକକୁ
ପ୍ରେମକୁ
ବିରାଗକୁ
ଲୁହକୁ
ଲହୁକୁ
କଥିତ ଦମ୍ଭ ଓ ଅତଳାତଳ ଅସହାୟତାକୁ
ନୀଳକଣ୍ଠ ପରି
ଶୋଷ ଥାଉ କି ନ ଥାଉ!

ମୋ: ୮୮୯୫୮୮୪୯୬୦

### ସ୍ମୃତି ପାଉଁଶ

ବିଜୟ କୁମାର ପଣ୍ଡା

ଛାଇକୁ ନିଜର କରିବା
ଯେବେଠୁଁ ଶିଖିଲି
ପଛ କଥା ଭୁଲି
ନିଜ ଭିତରେ ନିଜେ ଯେବେଠୁଁ ଜିଇଲି
ତମେ ଈର୍ଷାରେ ଜଳିଲ
ମୋ ଦୁନିଆରେ ପୁଣିଥରେ
ପାଦ ଥାପିବାକୁ ଚାହିଁଲ,
ସ୍ମୃତିର ପାଉଁଶରେ ସ୍ୱପ୍ନ ଖୋଜିବାକୁ
ମୁଁ ଧୈର୍ଯ୍ୟ ଯୁଟାଇ ପାରିଲିନି
ତୁମେ ସମ୍ପର୍କର ସଉଦା କରୁଥିଲ
ହେଲେ, ସେ ହିସାବ ରଖିବାକୁ
ପୁଣିଥରେ ମୋ ହୃଦୟ
ବ୍ୟାକୁଳ ହେଲାନି।

ମୋ: ୯୭୩୯୫୯୧୮୧୬

## ପୁସ୍ତକ ପରିଚୟ

### ପ୍ରତିଫଳନ




**କବି:** ସଂଗ୍ରାମ ମିଶ୍ର
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଆଲୋଚ୍ୟ କବିତା ପୁସ୍ତକଟିରେ କବିତାଗୁଡ଼ିକର କୌଣସି ସ୍ୱତନ୍ତ୍ର ଶିରୋନାମ ନାହିଁ। ୧ରୁ ୪୧- ସଂଖ୍ୟା ଚିହ୍ନିତ କବିତାଗୁଡ଼ିକୁ ମନକଲେ ଗୋଟିଏ କବିତାର ବିସ୍ତୃତୀକରଣ ବୋଲି ପାଠକେ ଗ୍ରହଣ କରିପାରିବେ କିମ୍ବା ପ୍ରତ୍ୟେକଟିକୁ ଏକ ଏକ ଅଲଗା କବିତା ଭାବେ ମଧ୍ୟ ବିଚାର କରିପାରିବେ। କବିତାଗୁଡ଼ିକର ବିଷୟବସ୍ତୁ ତ୍ରିବିଧ: ୧. ପ୍ରେମ, ୨. ପ୍ରକୃତି ଓ ୩. ବିପ୍ଳବ। ତଳସ୍ତରରେ ବଞ୍ଚୁଥିବା ମଣିଷର ଦୁଃଖ ସହ କବି ବହୁ କବିତାରେ ଏକାତ୍ମ ହୋଇଛନ୍ତି, ଯେପରି ୬ ନମ୍ବର କବିତା ଗୋଟିଏ ନିରାଶ୍ରୟ ଭିକାରିକୁ ନେଇ। କବି କହନ୍ତି: ''ଏ ସହର ଏକ/ ବୁଭୁକ୍ଷୁଙ୍କ ସହର/ ଯାହାର ଫୁଟ୍‌ପାଥ୍‌ରେ/ ଶୋଇବାର ଜାଗାଟିଏ ପାଇଁ/ ଏଠି ଅସମ୍ଭବ ଭିଡ଼ ଜମେ।'' (ପୃ: ୧୦)। ବଦଳି ଯାଉଥିବା ସମୟର ଅପସୃୟମାଣ ପାଦଚିହ୍ନକୁ ନିରେଖି ହୁଏ କେତେକ କବିତାରେ: ଯେପରି ୧୦ ନମ୍ବର କବିତା। ଭାଙ୍ଗିଯାଉଥିବା ସ୍ୱପ୍ନର ପ୍ରତିଫଳନ ହୋଇଉଠେ ସଂଗ୍ରାମଙ୍କ କବିତା କେଉଁ କେଉଁଠି, ଯେପରି ୧୨ ନମ୍ବର କବିତା। କବିଙ୍କ କବିତାର ଯେଉଁ 'ତମେ', ସେ ଏକ ନୁହେଁ, ଅନେକ 'ତମେ'ର ଫେଣ୍ଟାଫେଣ୍ଟି ରୂପ। ୧୪ ନମ୍ବର କବିତା 'ତମକୁ ଦେଖିବାକୁ ଯାଇଥିଲି', ଯାହାର ପ୍ରଥମ ଧାଡ଼ି- ପଢ଼ିଲେ ଲାଗେ, ଚୈତ୍ର ଶେଷର ଗାଁ ସୀମାରେ ଥିବା ଓସ୍ତ ଗଛରୁ ଉଡ଼ିଯାଉଥିବା ପତ୍ର ପରି ଖାଁ ଖାଁ, ଅଥଚ ଲୋଭନୀୟ। କଟା ସରିଥିବା ଧାନବିଲରେ କି ଯାଉଛି ଦୋଳବିମାନଟିଏ ବିଞ୍ଚିବିଞ୍ଚି ଅବିର- ଲାଗେ ଏମିତି। ଏଠି ଜନ୍ମ ଓ ମୃତ୍ୟୁ ଏକାକାର। କବିଙ୍କ ବକ୍ତବ୍ୟର ଏକ ନିଜସ୍ୱ 'ଗହନ' ଥାଏ, ନିଛାଟିଆ ହେଉପଛେ ରାସ୍ତା, ଲମ୍ବିଥାଏ ଦିଗ୍‌ବଳୟକୁ। ବ୍ୟକ୍ତିଗତ ନିଃସଙ୍ଗତା ଉତ୍ତୀର୍ଣ୍ଣ ହୁଅନ୍ତି ସଂଗ୍ରାମଙ୍କ କବିତାରେ ଏକ ସମୂହ ନିଃସଙ୍ଗତାକୁ, ତେଣୁ ସ୍ୱାଦ୍ୟ। ୧୭ ନମ୍ବର କବିତାର ପ୍ରେମାନୁଭବ ଓ ୩୪ ନମ୍ବର କବିତାରେ ସାମାଜିକ ଅବକ୍ଷୟ ବିରୋଧରେ ପ୍ରତିବାଦ କବିଙ୍କ ସଂହତ କାବ୍ୟ ରୁଚିର ପରିଚୟ ଦିଏ।

### ଗୋଲ ପୃଥିବୀର ଗପ




**ଲେଖକ:** ପ୍ରତାପ ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୭୯/-

ଆଲୋଚ୍ୟ ଗଳ୍ପ ସଙ୍କଳନର ଆରମ୍ଭରେ ଗାଳ୍ପିକ ଲେଖିଛନ୍ତି: ''ଦୀର୍ଘଦିନର ସାମ୍ବାଦିକତା ବୃତ୍ତି ଭିତରେ ସମାଜର ସବୁ ବର୍ଗର, ସବୁ ପ୍ରକାରର ମଣିଷଙ୍କୁ ପରୀକ୍ଷାନିରୀକ୍ଷା କରିବାର ସୁଯୋଗ ପାଇଛି। x x 'ଗୋଲ ପୃଥିବୀର ଗପ'ରେ ମୁଁ ସମାଜର ପ୍ରାୟତଃ ସେଭଳି ଚରିତ୍ରକୁ ବଖାଣିଛି।'' ମୋଟ ୧୩ଟି ଗଳ୍ପ ବହିଟିରେ ସ୍ଥାନିତ, ଯହିଁରେ ମନେହୁଏ ଲେଖକଙ୍କ ଅଙ୍ଗେନିଭା ଓ ଆଖିଦେଖା ହେଇ ନ ଥିବା ଗୋଟିଏ ବି ଚରିତ୍ର ବା ଘଟଣା ସ୍ଥାନ ପାଇଛି। ବହିର ପ୍ରଥମ ଗଳ୍ପ 'ଗାନ୍ଧୀମୟ ପୃଥିବୀ'। ମନୋଜ(ଗଳ୍ପର ନାୟକ) ପାଗଳ ମଉସାକୁ ନୋଟ୍‌ଟିଏ ବଢ଼ାଇ ଦେଲାପରେ ତାଙ୍କୁ ଲାଗିଛି, ଯେପରି ପୁରୁଣା ନୋଟ୍‌ଟି ଭିତରେ ପରିତ୍ୟକ୍ତ ଗାନ୍ଧିଜୀ। ପାଗଳ ମଉସା କହୁଛି: ''ଦେଖୁଛୁ ଗାନ୍ଧୀଙ୍କୁ? ଜୀବନରେ ସହସ୍ରାଧିକବାର ପରାଜିତ ହେବା ପରେ ବି ନିଜ ପାଇଁ ଓ ଦେଶ ପାଇଁ ଯେଉଁ ବିଜୟ ଆଣିଲେ ତାଙ୍କୁ ହଜାର ହଜାର ବର୍ଷ ବଞ୍ଚିରହିବା ପାଇଁ ସହାୟତା ଦେଲା। ଆଉ ତୁ ଦୁଇ ଚାରିଟା ଘଟଣାରେ ହାରୁ ହାରୁ ଭାଙ୍ଗିପଡୁଛୁ କାହିଁକି?'' (ପୃ:୨୦)। ଗଳ୍ପଗୁଡ଼ିକରେ ଅସଜଡ଼ା ପୃଥିବୀକୁ, ମାନବ ସମାଜକୁ ଗଢ଼ିବାର ଯେଉଁ ସ୍ୱପ୍ନ ଅଛି ପ୍ରତାପଙ୍କର, ସେ ସ୍ୱପ୍ନ ଭାଷା ପରିଗ୍ରହଣ କରିଛି ନାନା ଗଳ୍ପରେ। 'ପରିକଳ୍ପନାର ପତାକା', 'ବଗୁଲି ଫେରିଛି', 'ସାତ ସଧବାଙ୍କ ସୁନାବାବା', 'ବାପାଙ୍କ ଆତ୍ମକାହାଣୀ', 'ଶାମା ସୁନାରି', 'କଟକୀ ବାବୁ' ଓ 'ଅଙ୍ଗନୱାଡ଼ି ଦିଦି' ଆଦି ଗଳ୍ପଗୁଡ଼ିକରେ ଖୁନ୍ଦି ହେଇ ରହିଛି ସକାରାତ୍ମକ ପ୍ରେରଣା, ଯାହା ଗୋଟେ ମଜଭୁତ ଗଳ୍ପର ପଞ୍ଜର ଓ ଆତ୍ମା ଗଢ଼ିଥାଏ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## ତିନିଟି ମିନି କଥା

ଶିବ ମିଶ୍ର

### ॥ ପୁରୁଣା ଡିବିରି ॥

ପୁଅ, ସକାଳୁ ସକାଳୁ ଘରୁ ବାହାରିଯାଇ ମରୀଚିକା ପରି ଆଗରେ ଚମକୁଥିବା ଚାକିରି ପଛରେ ଧାଉଁଥିଲା ଦିନ ତମାମ।

ଏଣେ ଘରେ ଛିଣ୍ଡାକନାର ବୁଜୁଳା ପରି ଗୋଟିଏ କୋଣରେ ପଡ଼ି ରହିଥିବା ମାଆ ତକେଇ ରହୁଥିଲା ପୁଅର ଫେରନ୍ତା ପାଦଶବ୍ଦକୁ।

ରାତି ଘଡ଼ିଏକୁ ପୁଅ ଫେରିବା ପରେ ମାଆର ଶୁଖିଲା ପ୍ରାଣ କଅଁଳି ଉଠୁଥିଲା ସତ, ହେଲେ ହତାଶିଆ ପୁଅ ତା'ର ଉଦାସିଆ ମୁହଁକୁ ଲୁଚାଇ ଉଚ୍ଛୁଳି ପଡୁଥିବା ଲୁହକୁ ଆଖିପତା ତଳେ ଜମାଟ କଲାବେଳେ ବେଳୁବେଳ ମିଞ୍ଜି ମିଞ୍ଜି ହୋଇଯାଇଥିଲା ସେ ଘରେ ଜଳୁଥିବା ପୁରୁଣା ଡିବିରି।

### ॥ ବନ୍ଧା ପଡ଼ିଥିବା ହାତ ॥

ଚାକିରିଆ ପୁଅକୁ ତା'ମାଆ କହିଲେ, ତୁ ଆଗରୁ ପ୍ରତି ମାସରେ କିଛି କିଛି ପଇସା ଦେଉଥିଲୁ। ଏବେ ନ ଦେଲୁ ନାହିଁ, ହେଲେ ବାପା ପାଉଥିବା ପେନ୍‌ସନ ପଇସା ନେଇଯାଉଛୁ କାହିଁକି? ଏମିତି କରିବାକୁ ତୋ' ମନ କହୁଛି କେମିତି? ତୋ' ହାତ ଯାଉଛି କେମିତି?

ପୁଅ କହିଲା, ଏମିତି କରିବାକୁ ମୋ' ମନ ମନାକରୁଛି; ହେଲେ ମୋ' ହାତ ମୋ' କଥା ମାନୁନି।

ମାଆ ପଚାରିଲେ, ତୋ' ହାତ ତୋ' କଥା ମାନୁନି କାହିଁକି?

ପୁଅ କହିଲା, ମୋ' ବାହାଘର ବେଳେ ତମେ ଦି'ଲକ୍ଷ ଟଙ୍କା ଯୌତୁକ ଆଣି ତମ ବୋହୂ ହାତରେ ମୋ'ର ହାତ-ଗଣ୍ଠି ନ ପକାଇ ବନ୍ଧାପକାଇ ଦେଇଛ। ବୋହୂ ପାଖରେ ବନ୍ଧା ପଡ଼ିଥିବା ହାତ, ପୁଅ କଥା ମାନିବ କେମିତି?

ଏବେ ମାଆ ଚାହୁଁଥିଲେ ସେ ପାଖରେ ବସିଥିବା ବାପାଙ୍କୁ। ବାପା ଚାହୁଁଥିଲେ ଆକାଶକୁ।

### ॥ ମୃତ ସକାଳର ଚିତ୍ର ॥

ସୂର୍ଯ୍ୟୋଦୟ ଦେଖିବା ପାଇଁ ଦୁଇବନ୍ଧୁ ରାତି ଥାଉଥାଉ ସମୁଦ୍ରକୂଳକୁ ଯାଇଥିଲେ। ତେବେ ସିନ୍ଦୂରା ଫାଟି ସକାଳ ହେଲା ବେଳକୁ ଜଣେ ବନ୍ଧୁ ପୂର୍ବକୁ ମୁହଁ କରିଥିବା ବେଳେ ଆଉ ଜଣେ ବନ୍ଧୁ ପଶ୍ଚିମକୁ ଚାହୁଁଥିଲେ।

ସମୁଦ୍ର ଆଡ଼କୁ ଦେଖୁଥିବା ବନ୍ଧୁ କହିଲେ, ଏପାଖରେ ସକାଳ ଜନ୍ମର ମନୋରମ ଦୃଶ୍ୟ, ତମେ ସେପାଖରେ କ'ଣ ଦେଖୁଛ?

ସାମ୍ନା ରାସ୍ତାକଡ଼ର ବିରାଟ ଅଳିଆଗଦାକୁ ରାମ୍ପି ବିଦାରି ଦାନା ସାଉଁଟୁଥିବା କୁଆ, କୁକୁରଙ୍କ ସହିତ କାନ୍ଧରେ ଜରିମୁଣି ଓହଳାଇଥବା କେତୋଟି ଅଧା ଲଙ୍ଗଳା ପିଲାଙ୍କୁ ଦେଖୁଥିବା ବନ୍ଧୁ କହିଲେ, ମୁଁ ଦେଖୁଛି ମୃତ ସକାଳର ଚିତ୍ର।

ମୋ: ୯୮୫୩୦୭୦୦୧୮

## କାଳକାଳକୁ



''ଜିଭର ହାଡ଼ ନାହିଁ, କିନ୍ତୁ ଏହା ହୃଦୟକୁ ଭାଙ୍ଗିଦେଇପାରେ।''
-ଅବଦୁଲ୍ ରହିମ୍

**ଅବଦୁଲ୍ ରହିମ୍**ଙ୍କ ଜନ୍ମ ୧୭ ଡିସେମ୍ବର ୧୫୫୬ରେ, ଦିଲ୍ଲୀରେ ଓ ପରଲୋକ ୧ ଅକ୍ଟୋବର ୧୬୨୭ରେ, ଆଗ୍ରାରେ। ତାଙ୍କର ପୂରା ନାମ ଖାନ୍‌ଜାଦା ମିର୍ଜା ଅବଦୁଲ୍ ରହିମ୍, କିନ୍ତୁ ଲୋକେ ତାଙ୍କୁ କେବଳ ରହିମ୍ ଭାବେ ହିଁ ଜାଣିଥିଲେ। ମୋଗଲ ସମ୍ରାଟ୍ ଆକବରଙ୍କ ରାଜଦରବାରରେ ସେ ନବରତ୍ନଙ୍କ ମଧ୍ୟରୁ ଥିଲେ ଜଣେ। 'ହିନ୍ଦୁସ୍ଥାନୀ ଦୋହା' ରଚନାରେ ମାହିର ଏହି କବିଙ୍କର ସଂସ୍କୃତ ଭାଷାରେ ଗଭୀର ପ୍ରବେଶ ଥିଲା। ବାବରଙ୍କ ଜୀବନୀ 'ବାବରନାମା'ର ସେ ପାର୍ଶୀ ଅନୁବାଦ କରିଥିଲେ। ତାଙ୍କର ଏକ ପ୍ରସିଦ୍ଧ ବହି ହେଉଛି 'ୟହ ରହିମ୍ ଦର୍‌ଦର୍ ଫିର୍‌ହିନ୍'। ସେ ଜ୍ୟୋତିଷବିଦ୍ୟାରେ ଖୁବ୍ ପାରଦର୍ଶୀ ଥିଲେ ଓ ଏ ବିଷୟରେ ଏକାଧିକ ପୁସ୍ତକ ରଚନା କରିଥିଲେ। ସେ କହୁଥିଲେ: ''ଲୋକଟିଏ ଯାହା ଦେଖାଯାଏ, ସେ ତାହା ନୁହେଁ; ସେ ତାହା, ଯାହା ଦିଶେ ନାହିଁ।'' ପୁଣି କହୁଥିଲେ: ''ଜଣେ ଜ୍ଞାନୀଲୋକ ସବୁକିଛି ଜାଣେ ନାହିଁ, ସବୁକିଛି ଜାଣେ କେବଳ ଜଣେ ବୋକା ଲୋକ।''

## ବଧୂ

ଲଘୁଗଳ୍ପ

ରତ୍ନପ୍ରଭା ନାଥ

ସ୍ୱପ୍ନା ଘରର ସମସ୍ତ କାମ ସାରିବା ପରେ ଟିକିଏ ସମୟ ପାଇଲେ ଫେସ୍‌ବୁକ୍ ନଚେତ୍ ହ୍ୱାଟ୍‌ସଆପ୍ ଦେଖିବାକୁ ବସିଯାଏ। ଏମିତି ବି କାର୍ଯ୍ୟବ୍ୟସ୍ତତା ଭିତରେ ତା' ନିଜ ପାଇଁ ସମୟ ଟିକେ ମିଳେ ନାହିଁ। ଏତେ ବଡ଼ ଘର, ଶାଶୁ, ଶ୍ୱଶୁର, ସ୍ୱାମୀ, ପୁଅ ଝିଅଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼େ। ଏଇ ନିତ୍ୟ ନୈମିତ୍ତିକ ଜୀବନଚର୍ଯ୍ୟା ଭିତରେ ବେଳେବେଳେ ତାକୁ ଭାରି ଚିଟା ଲାଗେ। ଅନ୍ୟ ସାଙ୍ଗମାନଙ୍କ ସହ ନିଜକୁ ତୁଳନା କରେ। ମୋନା, ସୁପ୍ରିୟା ଆଦି କେତେ ସୁନ୍ଦର ଜୀବନ ବିତାଉଛନ୍ତି! ସାଙ୍ଗ ମୋନା ତ ପ୍ରତିବର୍ଷ ବିଦେଶ ଯାଇ ଷ୍ଟାଇଲ୍ ଡ୍ରେସ୍ ପିନ୍ଧି ବିଭିନ୍ନ ଭଙ୍ଗୀର ଫଟୋ ଫେସ୍‌ବୁକ୍‌ରେ ଛାଡ଼େ। ତାକୁ ଦେଖିଲେ ସ୍ୱପ୍ନାକୁ ଲାଗେ ମୋନା ହିଁ ଭରପୂର ଜୀବନ ଜିଉଛି। ପଢ଼ିଲାବେଳେ ଦୃଢ଼ମନା ମୋନା କହୁଥିଲା- ସେ ଜୀବନ ସହ ସାଲିସ୍ କରିବ ନାହିଁ କି କାହାକୁ ବିବାହ କରି ସ୍ୱାମୀ, ପିଲାଙ୍କ ସଂସାରରେ ନିଜକୁ ବନ୍ଦୀ କରି ରଖିବ ନାହିଁ। ସେ ମୁକ୍ତ ଆକାଶର ସ୍ୱାଧୀନ ବିହଙ୍ଗ। ସତକୁ ସତ ଆଜି ମଧ୍ୟ ସେ ସ୍ୱାଧୀନ ଜୀବନ ବଞ୍ଚିଚାଲିଛି। ଆଉ ସ୍ୱପ୍ନାମାନେ ସୁନା ଝିଅ ପରି ବାପା ମା'ଙ୍କ କଥାରେ ବିବାହ କରି ଶାଶୁଘରର ଯାବତୀୟ ଜଞ୍ଜାଳ ବୋହି ଚାଲିଥାନ୍ତି। ଭଲବୋହୂ ହେବା ପାଇଁ ଅହରହ ଗ୍ୟାସ୍‌ଚୁଲାରେ ନିଜକୁ ଜାଳୁଥାନ୍ତି।

ହଠାତ୍ ଦିନେ ମୋନାର ଫୋନ୍ ଆସିଲା। ଏମ୍ସରେ ଆଡମିଟ୍ ହୋଇଛି। ତାକୁ ଦେଖା କରିବାକୁ ଚାହୁଁଛି। ସମୟ ବାହାର କରି ସ୍ୱାମୀ ସହ ମୋନାକୁ ଦେଖା କରିବାକୁ ଗଲା ସ୍ୱପ୍ନା। ସେ ଦୁହିଁଙ୍କୁ ଦେଖି ମୋନା ଖୁସି ହୋଇଗଲା। ମାତ୍ର ମୋନାର ଶୀର୍ଣ୍ଣ ଶରୀର ଦେଖି ସ୍ୱପ୍ନା ଆଖିର ଲୁହ ବୋଲ ମାନିଲା ନାହିଁ। ସ୍ୱପ୍ନା କାନ୍ଦୁଥିବାର ଦେଖି ମୋନା ଏକ ଖିଆଲି ହସ ହସି କହିଲା- ''ପ୍ରତିଟି ମଣିଷ ତା' ନିଜ କର୍ମ ପାଇଁ ନିଜେ ହିଁ ଦାୟୀ ରହେ। ଏହା ହିଁ ଥିଲା ମୋର ପ୍ରାପ୍ୟ। ଭଲ କମ୍ପାନୀରେ ଚାକିରି କରିବା ପରେ ମୋର ଅହଂକାରକୁ ପ୍ରଶ୍ରୟ ମିଳିଗଲା। ତୁ ତ' ମୋତେ ଜାଣୁ, ମୁଁ ବିବାହ କରି ପରାଧୀନ ଜୀବନ ବଞ୍ଚିବାକୁ ଚାହୁଁ ନ ଥିଲି। ଭୋଗର ନିଶାରେ ଗୋଟିଏ ଗୋଟିଏ ପୁରୁଷ ବନ୍ଧୁ ବଦଳାଇବାକୁ ଲାଗିଲି। ଜଣେ ଦୁଇଜଣ ଅବଶ୍ୟ ବିବାହ କରି ସଂସାର କରିବାକୁ ଆଗ୍ରହୀ ଥିଲେ, ମାତ୍ର ମୁଁ ପ୍ରସ୍ତାବ ସବୁକୁ ପ୍ରତ୍ୟାଖ୍ୟାନ କଲି। ଆଲ୍‌କହଲ୍‌ର ଅତ୍ୟଧିକ ମାତ୍ରା ଏବଂ ବାରମ୍ବାର ଗର୍ଭପାତ ପାଇଁ ଡାକ୍ତରୀ ଔଷଧ ସେବନ ଯୋଗୁଁ ମୋର କିଡ୍‌ନୀ ଦୁଇଟି ନଷ୍ଟ ହୋଇଯାଇଛି। ଡାଏଲିସିସ୍‌ରେ ବଞ୍ଚିଛି। ଏ ସଂସାରରେ ମୁଁ ଆଉ ଅଳ୍ପଦିନର ଅତିଥି।'' ମୋନାର ଆଖିରେ ଅନୁତାପର ଲୁହ। ଶେଷରେ କହିଲା, ''ମୋର ତୋତେ ଗୋଟିଏ ଅନୁରୋଧ, ଯେବେ ଏ ସଂସାରରୁ ଅନ୍ତିମ ବିଦାୟ ନେବି ମୋତେ ବଧୂ ବେଶରେ ସଜାଇ ଦେବୁ। ଯେଉଁ ପବିତ୍ର ସମ୍ପର୍କକୁ ବନ୍ଧନ ଭାବି ହସରେ ଉଡ଼ାଇ ଦେଉଥିଲି, ତା'ର ପ୍ରାୟଶ୍ଚିତ୍ତ ସ୍ୱରୂପ ମୋତେ ବଧୂ ବେଶରେ ବିଦାୟ ଦେବୁ।'' କୋହରେ ସ୍ୱପ୍ନାର ତଣ୍ଟି ଚିପି ହୋଇ ଆସୁଥିଲା।

ମୋ: ୮୨୪୯୯୨୯୭୬୨





# ସ୍ୱପ୍ନ ସାକାର ଦିଗରେ ମେସି

ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳିଙ୍କ ମଧ୍ୟରୁ ଲିଓନେଲ ମେସି ହେଉଛନ୍ତି ଅନ୍ୟତମ। ବ୍ରାଜିଲର ପେଲେ ଓ ଆର୍ଜେଣ୍ଟିନାର ମାରାଡୋନାଙ୍କ ପରି କିମ୍ବଦନ୍ତୀଙ୍କ ସହିତ ସର୍ବଦା ତାଙ୍କର ତୁଳନା କରାଯାଇଥାଏ। ସାମ୍ପ୍ରତିକ ଖେଳାଳିଙ୍କ ମଧ୍ୟରେ ତାଙ୍କୁ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସମକକ୍ଷଭାବେ ମଧ୍ୟ ବିବେଚନା କରାଯାଏ। ତେବେ ଏହି ଆଲୋଚନାରୁ ବେଶ୍ ଆଗରେ ରହି ନିଜକୁ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠା କରିଛନ୍ତି ଲିଓନେଲ ମେସି। ଚଳିତ ଫିଫା ବିଶ୍ୱକପରେ ମେସି ନିଜ ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି। କ୍ୟାରିୟରର ଅନ୍ତିମ ବିଶ୍ୱକପ ଖେଳୁଥିବା ମେସି ଟାଇଟଲ ହାସଲରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। କାରଣ କାତାରରେ ଚାଲିଥିବା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନା ପ୍ରବେଶ କରିସାରିଛି। ଫାଇନାଲରେ ମେସିଙ୍କ ଦଳ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ଭେଟିବ। ଫ୍ରାନ୍ସ ହର୍ଡଲ୍ସ ଅତିକ୍ରମ କରିପାରିଲେ ଆର୍ଜେଣ୍ଟିନା ୩ୟ ଥରପାଇଁ ବିଶ୍ୱକପ ଜିତିବ ଏବଂ ମେସି ନିଜ ସ୍ୱପ୍ନ ସାକାର କରିପାରିବେ।

୧୮ ବର୍ଷର ପ୍ରଫେସନାଲ ଫୁଟବଲ କ୍ୟାରିୟରରେ ୬୯୧ ଗୋଲ, ରେକର୍ଡ ସଂଖ୍ୟକ ୭ ଥର ବାଲନ୍ ଡି ଓର୍ ଓ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଥିଲେ ମଧ୍ୟ ଥରେ ହେଲେ ବିଶ୍ୱକପ୍ ଟ୍ରଫି ହାସଲରେ ସମର୍ଥ ହୋଇନାହାନ୍ତି। ତେବେ ଚଳିତ ବିଶ୍ୱକପ୍‌ରେ ଏହି ଲକ୍ଷ୍ୟ ହାସଲ କରିବାପାଇଁ ତାଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଆର୍ଜେଣ୍ଟିନା ଜାତୀୟ ଦଳର ଅଧିନାୟକ ଲିଓନେଲ ଆଣ୍ଡ୍ରେସ୍ ମେସି ୨୪ ଜୁନ୍ ୧୯୮୭ରେ ରୋସାରିଓରେ ଜନ୍ମଗ୍ରହଣ କରିଥିଲେ। ଆରମ୍ଭରୁ ଫୁଟବଲ ପ୍ରତି ତାଙ୍କର ରହିଥିଲା ଅହେତୁକ ଦୁର୍ବଳତା। ମାତ୍ର ୧୩ ବର୍ଷ ବୟସରେ ବାର୍ସେଲୋନା ପାଇଁ ଖେଳିବାକୁ ପରିବାର ଲୋକଙ୍କ ସହିତ ସେ ସ୍ପେନ୍ ଯାଇଥିଲେ। ପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳିବା ଆରମ୍ଭ କରିଥିବା ମେସି ୨୦୦୦ ମସିହାରେ ପ୍ରଥମେ ବାର୍ସେଲୋନା ଜୁନିୟର ଦଳ ପକ୍ଷରୁ ଖେଳିଥିଲେ। ଏହାପରେ ବାର୍ସେଲୋନା ସିନିୟର ଦଳ ସହିତ ଦୀର୍ଘ ୧୭ ବର୍ଷ ଧରି ଖେଳିଥିଲେ।

## ମ୍ୟାଚ୍ ଓ ଗୋଲ୍

ମେସି ନିଜ କ୍ୟାରିୟରରେ ବର୍ତ୍ତମାନ ସୁଦ୍ଧା ୧୦୦୨ ମ୍ୟାଚ୍ ଖେଳିଥିବା ବେଳେ ସ୍କୋର କରିଛନ୍ତି ୬୯୧ଟି ଗୋଲ୍। ବାର୍ସେଲୋନା ବି ଓ ସି ପାଇଁ ଯଥାକ୍ରମେ ୫ ଓ ୬ ଗୋଲ ଦେଇଥିଲେ ମେସି। ବାର୍ସେଲୋନା ପାଇଁ ସେ ୨୦୦୪-୨୦୨୧ ଯାଏ ଖେଳିଥିବା ବେଳେ ୫୨୦ମ୍ୟାଚରୁ ସ୍କୋର କରିଛନ୍ତି ୪୭୪ ଗୋଲ୍। ଆର୍ଜେଣ୍ଟିନା ୨୦ ବର୍ଷରୁ କମ୍ ଦଳ ପାଇଁ ୧୪ ଓ ୨୩ ବର୍ଷରୁ କମ୍ ଦଳ ପାଇଁ ୨ଟି ଗୋଲ ସ୍କୋର କରିଥିଲେ। ଜାତୀୟ ବରିଷ୍ଠ ଦଳ ପାଇଁ ସେ ୧୭୧ ମ୍ୟାଚ ଖେଳିଥିବା ବେଳେ ସ୍କୋର କରିଛନ୍ତି ୯୬ ଗୋଲ। ଏହା ସହିତ ସେ ୫ଟି ଫିଫା ବିଶ୍ୱକପର ୨୫ ମ୍ୟାଚରୁ ୧୧ ଗୋଲ ସ୍କୋର କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଏହା ମଧ୍ୟରୁ ୫ ଗୋଲ ସ୍କୋର କରିଛନ୍ତି। ୨୦୨୧ରେ ମେସି ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)କୁ ଟ୍ରାନ୍ସଫର୍ ହୋଇଥିବା ବେଳେ ୩୯ ମ୍ୟାଚ୍ ଖେଳି ୧୩ ଗୋଲ ସ୍କୋର କରିଛନ୍ତି।

## ପୁରସ୍କାର ଓ ରେକର୍ଡ

୧୮ ବର୍ଷର ପ୍ରଫେସନାଲ ଫୁଟବଲ କ୍ୟାରିୟରରେ ମେସି ଅନେକ ପୁରସ୍କାର ହାସଲ କରିଥିବା ବେଳେ ଅନେକ ରେକର୍ଡ ନିଜ ନାମରେ କରିଛନ୍ତି। ସେ ନିଜ କ୍ୟାରିୟରରେ ୭ ଥର ବାଲନ୍ ଡି ଓର ପୁରସ୍କାର ହାସଲ କରିଥିବା ବେଳେ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଛନ୍ତି। ୨୦୦୯ରେ ପ୍ରଥମ ଥର ବାଲନ୍ ଡି ଓର୍ ପୁରସ୍କାର ହାସଲ କରିଥିବା ମେସି କ୍ରମାଗତ ଭାବରେ ୨୦୧୨ ଯାଏ ଏହି ପୁରସ୍କାର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୫, ୨୦୧୯ ଓ ୨୦୨୧ରେ ଆଉ ୩ ଥର ଏହି ପୁରସ୍କାର ହାସଲ କରିବା ସହିତ ସର୍ବାଧିକ ୭ ଥର ରେକର୍ଡ ନିଜ ନାମରେ ରଖିଛନ୍ତି। ୨୦୧୭-୧୯ କ୍ରମାଗତ ୩ ବର୍ଷ ଧରି ୟୁରୋପିଆନ୍ ଗୋଲ୍ଡେନ ବୁଟ୍ ହାସଲ କରି ମେସି ରେକର୍ଡ କରିଥିଲେ। ୨୦୧୪ ବିଶ୍ୱକପ୍‌ରେ ଆର୍ଜେଣ୍ଟିନାକୁ ସେମି ଫାଇନାଲରେ ପହଞ୍ଚାଇଥିବା ବେଳେ ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ ବଲ୍ ହାସଲ କରିଥିଲେ। ଏହା ବ୍ୟତୀତ ସେ ୧୭ ବର୍ଷ ଧରି ବାର୍ସେଲୋନା ପାଇଁ ଖେଳି ୩୫ଟି ଟାଇଟଲ ହାସଲ କରିଛନ୍ତି। ଏହା ମଧ୍ୟରେ ୧୦ ଲା ଲିଗା, ୭ କୋପା ଡେଲ୍ ରେ ଓ ୪ଟି ୟୁଫା ଟାଇଟଲ ସାମିଲ। ଲା ଲିଗାରେ ସର୍ବାଧିକ ୪୭୪ ଗୋଲ ସ୍କୋର କରିଥିବା ମେସି ଗୋଟିଏ ସିଜନରେ ସର୍ବାଧିକ ୫୦ ଗୋଲ ସ୍କୋର କରିଛନ୍ତି, ଯାହା ଉଭୟ ଲା ଲିଗା ଓ ୟୁରୋପିଆନ୍ ଲିଗ୍ ରେକର୍ଡ। ସେ ଲା ଲିଗାରେ ସର୍ବାଧିକ ୩୬ ଓ ୟୁଫାରେ ୮ ହ୍ୟାଟ୍ରିକ ଗୋଲର ରେକର୍ଡ ନିଜ ନାମରେ ରଖିଛନ୍ତି। ଗୋଟିଏ କ୍ଲବ ପକ୍ଷରୁ ୬୭୨ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ ମେସି ନିଜ ନାମରେ ରଖିଛନ୍ତି। ୨୦୦୯-୧୪ ମଧ୍ୟରେ ମେସି ବିଶ୍ୱର ହାଇଏଷ୍ଟ ପେଡ୍ ଫୁଟବଲର ରହିଥିବା ବେଳେ ୨୦୧୯-୨୨ ଯାଏ ଫୋବର୍ସ ପକ୍ଷରୁ ତାଙ୍କୁ ବିଶ୍ୱର ହାଇଏଷ୍ଟ ପେଡ୍ ଆଥଲେଟ୍ ଘୋଷଣା କରାଯାଇଥିଲା। ୨୦୧୧ ଓ ୨୦୧୨ରେ ଟାଇମ୍ସ ପକ୍ଷରୁ ବିଶ୍ୱର୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ତାଙ୍କୁ ସାମିଲ କରାଯାଇଥିଲା। ୨୦୨୦ରେ ମେସିଙ୍କୁ ଲୌରିଅସ ପକ୍ଷରୁ ବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଘୋଷଣା କରାଯାଇଥିଲା। ବିଶ୍ୱର ପ୍ରଥମ ଫୁଟବଲର ତଥା ଟିମ୍ ସ୍ପୋର୍ଟ୍ସ ଖେଳାଳି ଭାବେ ସେ ଏହି ପୁରସ୍କାର ହାସଲ କରିଥିଲେ।

### ଲିଓନେଲ ମେସି

- ମୋଟ ୬୯୧ ଗୋଲ
- ୭ ଥର ବାଲନ୍ ଡି ଓର୍ ପୁରସ୍କାର
- ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍
- ୧ ଥର ଲୌରିଅସ ପୁରସ୍କାର
- ୧୦ ଲା ଲିଗା, ୭ କୋପା ଡେଲ୍ ରେ ଓ ୪ ୟୁଫା ଟାଇଟଲ ହାସଲ

ଦୀର୍ଘ ୧୮ ବର୍ଷର ପ୍ରଫେସନାଲ ଫୁଟ୍‌ବଲ କ୍ୟାରିୟରରେ ୬୯୧ ଗୋଲ, ରେକର୍ଡ ସଂଖ୍ୟକ ୭ ଥର ବାଲନ୍ ଡି ଓର୍ ପୁରସ୍କାର ଓ ୬ ଥର ୟୁରୋପିଆନ୍ ଗୋଲ୍ଡେନ୍ ବୁଟ୍ ହାସଲ କରିଥିବା ଲିଓନେଲ ମେସି ଚଳିତ ଫିଫା ବିଶ୍ୱକପରେ ନିଜର ଆଉ ଏକ ସ୍ୱପ୍ନ ସାକାର କରିବା ଦିଗରେ ଅଗ୍ରସର ହୋଇଛନ୍ତି। କାତାରରେ ଚାଲିଥିବା ଫିଫା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନା ପ୍ରବେଶ କରିସାରିଛି। ଫାଇନାଲରେ ମେସିଙ୍କ ଦଳ ଗତଥରର ଚାମ୍ପିୟନ ଫ୍ରାନ୍ସକୁ ଭେଟିବ। ଫ୍ରାନ୍ସ ହର୍ଡଲ୍ସ ଅତିକ୍ରମ କରିପାରିଲେ ଆର୍ଜେଣ୍ଟିନା ୩ୟ ଥରପାଇଁ ବିଶ୍ୱକପ ଜିତିବ ଏବଂ ମେସି ପ୍ରଥମଥରପାଇଁ ବିଶ୍ୱକପ ଜିତି ନିଜ ସ୍ୱପ୍ନ ସାକାର କରିପାରିବେ।

### ୨୦୨୨ରେ ପ୍ରଦର୍ଶନ

ବାମ ପାଦରେ ଖେଳୁଥିବା ମେସିଙ୍କ ତୁଳନା ସର୍ବଦା ଆର୍ଜେଣ୍ଟିନାର କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ସହିତ କରାଯାଇଥାଏ। ମାରାଡୋନାଙ୍କୁ ଅତିକ୍ରମ କରି ସେ ବିଶ୍ୱକପ୍‌ରେ ଦେଶ ପକ୍ଷରୁ ସର୍ବାଧିକ ଗୋଲ ସ୍କୋରର ମଧ୍ୟ ରହିଛନ୍ତି। ମାରାଡୋନା ୨୧ଟି ବିଶ୍ୱକପ୍ ମ୍ୟାଚ୍‌ରେ ୮ ଗୋଲ ସ୍କୋର କରିଥିବା ବେଳେ ୨୫ ମ୍ୟାଚ୍‌ରୁ ୧୧ ଗୋଲ ସହିତ ତାଙ୍କୁ ଅତିକ୍ରମ କରିଛନ୍ତି ମେସି। ଚଳିତ ଫିଫା ବିଶ୍ୱକପ୍ ପୂର୍ବରୁ ସେ ୬ଟି ଗୋଲ ମାରିଥିବା ବେଳେ ଚଳିତ ବର୍ଷ ୫ ଗୋଲ ସ୍କୋର କରିବା ସହିତ ଗୋଲ୍ଡେନ୍ ବୁଟ୍ ଦୌଡରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ସାଉଦି ଆରବ, ମେକ୍ସିକୋ, ଅଷ୍ଟ୍ରେଲିଆ ବିପକ୍ଷରେ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଗୋଲ ସ୍କୋର କରିଥିଲେ। ଏହାପରେ ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ ଓ କ୍ରୋଏସିଆ ବିପକ୍ଷ ସେମିଫାଇନାଲରେ ସେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଚଳିତ ବିଶ୍ୱକପ୍‌ର ଅନ୍ତିମ ୫ ମ୍ୟାଚ୍‌ରୁ ମେସି ୪ ଥର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହେବାର ରେକର୍ଡ ନିଜ ନାମରେ କରିଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ମେସି

# ଭାରତରେ ବିଶ୍ୱକପ୍‌ର ପ୍ରଭାବ

ଭାରତ ଏକ କ୍ରିକେଟ ପାଗଳ ଦେଶ। ତେବେ ଭାରତରେ ଫୁଟବଲ ଫ୍ୟାନ୍‌ଙ୍କ ସଂଖ୍ୟା କିଛି କମ୍ ନୁହେଁ। ବିଶ୍ୱ ମାନ୍ୟତାରେ ୧୦୬ ନମ୍ବର ସ୍ଥାନରେ ରହିଥିବା ଭାରତ ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ହାସଲ କରିନାହିଁ। କିନ୍ତୁ ଭାରତରେ ଲକ୍ଷ ଲକ୍ଷ ସମର୍ଥକ ଫୁଟବଲ ଦେଖୁଛନ୍ତି ଏବଂ ତାରକା ଖେଳାଳିମାନଙ୍କ ପ୍ରତି ନିଜର ସମର୍ଥନ ପ୍ରକାଶ କରୁଛନ୍ତି। ଭାରତ ଫୁଟବଲ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁ ନ ଥିଲେ ମଧ୍ୟ ଯେଉଁଭଳି ସମର୍ଥନ ପ୍ରଦାନ କରୁଛି ତାହା ସମସ୍ତଙ୍କୁ ଉତ୍ସାହିତ କରିଛି। ଅଧିନାୟକ ଲିଓନେଲ ମେସିଙ୍କ ଦମଦାର ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନା ୩-୦ ଗୋଲରେ କ୍ରୋଏସିଆକୁ ହରାଇଥିଲା। ରବିବାର ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକରେ ଆର୍ଜେଣ୍ଟିନାର ବିଜୟ ପରେ ଭାରତୀୟଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ସେଲିବ୍ରେଶନ କରାଯାଇଥିଲା। ଭାରତୀୟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ଏକ ଭିଡିଓ ପୋଷ୍ଟ କରିଥିଲେ। ଭାରତୀୟ ସହର କେରଳରେ ମଧ୍ୟରାତ୍ରରେ ମେସିଙ୍କ କଟ୍‌ଆଉଟ ଓ ଆର୍ଜେଣ୍ଟିନା ପତାକା ସହିତ ସେଲିବ୍ରେଶନ୍ ଦେଖିବାକୁ ମିଳିଥିଲା। ଭାରତୀୟ ଦଳ ଫୁଟବଲରେ ନିଜର ପରାକାଷ୍ଠା ଦେଖାଇବାରେ ବିଫଳ ହେବା ପରେ ଯଦି ଫ୍ୟାନମାନଙ୍କ ପାଇଁ ପୁରସ୍କାର ବ୍ୟବସ୍ଥା ଆସିବ ତେବେ ଭାରତ ନିଶ୍ଚୟ ସଫଳ ହେବ ବୋଲି ମହିନ୍ଦ୍ରା ଲେଖିଥିଲେ। ଭାରତ ୧୦୬ ନମ୍ବର ସ୍ଥାନରେ ଥିଲେ ହେଁ ଏହା ଫ୍ୟାନଙ୍କୁ ପ୍ରଭାବିତ କରିପାରି ନାହିଁ। ଭାରତରେ ଦୁଇ ଫୁଟବଲ ପ୍ରସିଦ୍ଧ ରାଜ୍ୟ କେରଳ ଓ ପଶ୍ଚିମବଙ୍ଗରେ ଫ୍ୟାନଙ୍କ ଅଧିକ ଭିଡ ଦେଖିବାକୁ ମିଳିଥିଲା। କ୍ରୋଏସିଆ ବିପକ୍ଷରେ ଜିତିବା ପରେ କେରଳରେ ମେସିଙ୍କ ସମର୍ଥକମାନେ ପ୍ଲାକାର୍ଡ ଓ କଟଆଉଟ ସହିତ ବିଜୟ ଉତ୍ସବ ପାଳନ କରିଥିଲେ। ଖେଳିବା ସମୟରେ ମେସିଙ୍କୁ ଦେଖି ତାଙ୍କର ଲୋମ ଟାଙ୍କୁରି ଯାଇଥିଲା ବୋଲି ଅଜୟ ଭି ଜନ୍ ନାମକ ଜଣେ ୨୦ ବର୍ଷୀୟ କଳାକାର ପ୍ରକାଶ କରିଥିଲେ। ଏକ କଲେଜ କ୍ୟାମ୍ପସରେ ଥିବା ବାସ୍କେଟବଲ କୋର୍ଟରେ ସେ ମେସିଙ୍କର ୧୦.୯ ମିଟର ଦୈର୍ଘ୍ୟ ଓ ୯ ମିଟର ପ୍ରସ୍ଥର ଏକ ପ୍ରତିକୃତି ନିର୍ମାଣ କରିଥିଲେ। ଲାଲ, ନାରଙ୍ଗି, ହଳଦିଆ, କଳା ଓ ନୀଳ ରଙ୍ଗର ୧ ଲକ୍ଷ ୧୮ ହଜାର ଚାର୍ଟ ପେପର ବ୍ୟବହାର କରି ସେ ଏହି ଚିତ୍ର ନିର୍ମାଣ କରିଥିଲେ। କେବଳ ଗୋଲ ସ୍କୋରିଂ ନୁହେଁ ଚଳିତ ବର୍ଷ ମେସିଙ୍କ ଆସିଷ୍ଟ ମଧ୍ୟ ଚମତ୍କାର ରହିଥିଲା। ସେମିଙ୍କ ପ୍ରଦର୍ଶନ ପରେ ମେସି ଓ ରୋନାଲ୍ଡୋଙ୍କ ମଧ୍ୟରେ କିଏ ସର୍ବକାଳୀନ ଶ୍ରେଷ୍ଠ ତାହାକୁ ନେଇ ଆଲୋଚନା ଜୋର ଧରିଥିଲା। ତେବେ ଜନଙ୍କ ପରି ଡାଇହାର୍ଡ ଫ୍ୟାନ ମେସିଙ୍କୁ ହିଁ ଶ୍ରେଷ୍ଠ ବୋଲି ବର୍ଣ୍ଣନା କରିଥିଲେ। ବିଶ୍ୱକପ୍ ପ୍ରଦର୍ଶନକୁ ବାଦ୍ ଦେଲେ ମଧ୍ୟ ମେସି ସର୍ବଦା ଶ୍ରେଷ୍ଠ ବୋଲି ଜନ୍ କହିଛନ୍ତି। ସେହିପରି ଆଉ ଜଣେ ୨୮ ବର୍ଷୀୟ ଯୁବକ ରିଜୱାନ ଏମ୍ ଏମ୍ ମଧ୍ୟ ଜନଙ୍କ ସହିତ ସମାନ ମତପୋଷଣ କରିଥିଲେ। ମେସିଙ୍କୁ କାହା ନିକଟରେ ଏହା ପ୍ରମାଣିତ କରିବାର ଆବଶ୍ୟକତା ନାହିଁ। ମେସିଙ୍କ ଦକ୍ଷତା ଉପରେ ସନ୍ଦେହ ପ୍ରକଟ କରିଥିବା ବ୍ୟକ୍ତିଙ୍କ ପାଇଁ ଏହା କଡା ଜବାବ ବୋଲି ସେ କହିଛନ୍ତି। ସେହିପରି ଅନିର୍ବାଣ ଦେବ(୩୪) ହେଉଛନ୍ତି ଆଉଜଣେ ସମର୍ଥକ ଯିଏକି ଦିଲ୍ଲୀରେ ବାସ କରନ୍ତି। ତେବେ ଜଣେ ଖେଳାଳି ଭାବରେ ମେସିଙ୍କ ରେକର୍ଡ ଅତୁଳନୀୟ। କ୍ରୀଡା ପ୍ରତି ମେସିଙ୍କ ଭାବାବେଗ ଓ ବଲ୍ ନିୟନ୍ତ୍ରଣ ଦକ୍ଷତା ମଧ୍ୟ ବେଶ୍ ଚମତ୍କାର। କ୍ଲବ ହେଉ କିମ୍ବା ଜାତୀୟ ଦଳ ମେସିଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଫୁଟବଲ ଏକ ଦଳଗତ ଖେଳ ହୋଇଥିବା ବେଳେ ମେସିଙ୍କ ଭୂମିକା ସର୍ବଦା ଅଗ୍ରଣୀ ରହିଥାଏ। ପ୍ରତୀକ ରାଠି ନାମକ ଆଉ ଜଣେ ଫ୍ୟାନ ମଧ୍ୟ ସମାନ ପ୍ରତିକ୍ରିୟା ରଖିଛନ୍ତି। ଆର୍ଜେଣ୍ଟିନା କେଉଁଠି ତାହା ୫୦% ଭାରତୀୟ ଜାଣି ନ ଥିବେ, ମାତ୍ର ସେମାନେ ମେସିଙ୍କୁ ସମର୍ଥନ କରିଥାନ୍ତି। ଏହା ହିଁ ମେସିଙ୍କ ସାମ୍ରାଜ୍ୟ ବୋଲି ସେ କହିଛନ୍ତି।


କେରଳର ଏକ କଲେଜ କ୍ୟାମ୍ପସରେ ଥିବା ବାସ୍କେଟବଲ କୋର୍ଟରେ ମେସିଙ୍କର ୧୦.୯ ମିଟର ଦୈର୍ଘ୍ୟ ଓ ୯ ମିଟର ପ୍ରସ୍ଥର ଏକ ପ୍ରତିକୃତିକୁ ପ୍ରଶଂସକମାନେ ଦେଖୁଛନ୍ତି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୭/୨୦୨୨ Bhubaneswar, Saturday, December 17/ 2022

# ମରକ୍କୋ-କ୍ରୋଏସିଆ ପ୍ଲେ-ଅଫ୍ ଆଜି

**ଦୋହା, ୧୬।୧୨**

ଚଳିତ ଫିଫା ବିଶ୍ୱକପ୍‌ର ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଶନିବାର ସ୍ଥାନୀୟ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପରାଜିତ ଦୁଇ ସେମିଫାଇନାଲିଷ୍ଟ ଦଳ ମରକ୍କୋ ଓ କ୍ରୋଏସିଆ ଏହି ମ୍ୟାଚରେ ପରସ୍ପରର ମୁକାବିଲା କରିବେ। ପ୍ରଥମ ଆଫ୍ରିକୀୟ ଦଳଭାବେ ମରକ୍କୋ କୌଣସି ଫିଫା ବିଶ୍ୱକପ୍‌ର ପ୍ଲେ-ଅଫ୍ ଖେଳିବାକୁ ଯାଉଛି। ତେଣୁ ଯଥା ସମ୍ଭବ ମଥା ଉଚ୍ଚକରି ଏହି ଦଳ ପ୍ରତିଯୋଗିତା ଶେଷ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଗତଥରର ରନରଅପ୍ କ୍ରୋଏସିଆ ଏହାକୁ ମିଶାଇ ୨ୟ ଥର ପାଇଁ ପ୍ଲେ-ଅଫ୍ ଖେଳିବ। ୧୯୯୮ ବିଶ୍ୱକପ୍‌ରେ ଏହି ଦଳ ପ୍ରଥମେ ପ୍ଲେ-ଅଫ୍ ଖେଳିଥିଲା ଏବଂ ନେଦରଲାଣ୍ଡ୍‌କୁ ୨-୧ ଗୋଲରେ ହରାଇ ତୃତୀୟସ୍ଥାନ ଅଧିକାର କରିଥିଲା। ତେଣୁ ଆଗାମୀ ମ୍ୟାଚରେ ମଧ ଦଳ ଅନୁରୂପ ଫଳାଫଳ ଆଶା ରଖିଛି। ବିଶ୍ୱକପ୍‌ର ପୂର୍ବ ୧୯ଟି ସଂସ୍କରଣରେ ପ୍ଲେ-ଅଫ୍ ମ୍ୟାଚ କେବେହେଲେ ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇନାହିଁ। ୧୯୮୬ରେ କେବଳ ଥରେ ଫ୍ରାନ୍ସ-ବେଲଜିୟମ ମ୍ୟାଚ ଅତିରିକ୍ତ ସମୟକୁ ଯାଇଥିଲା। ୧୯୭୮ରେ ଇଟାଲିକୁ ବ୍ରାଜିଲ ୨-୧ରେ ହରାଇବା ପରଠାରୁ ଶେଷ ୧୦ ସଂସ୍କରଣରେ ୟୁରୋପୀୟ ଦଳ ହିଁ ମ୍ୟାଚ ଜିତି ଆସିଛନ୍ତି। ଏଥର କିନ୍ତୁ କ୍ରୋଏସିଆକୁ ମରକ୍କୋ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ।

ବିଶ୍ୱକପ୍‌ରେ ମରକ୍କୋ ଓ କ୍ରୋଏସିଆ ମଧ୍ୟରେ ଏହା ହେବ ଦ୍ୱିତୀୟ ମ୍ୟାଚ। ଚଳିତ ବିଶ୍ୱକପରେ ୨ଟି ଯାକ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିଲେ। ନଭେମ୍ବର ୨୩ରେ ଅଲ୍ ବାୟଟ ଷ୍ଟାଡିୟମରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଗ୍ରୁପ୍ 'ଏଫ୍' ଓପନର ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। କ୍ରୋଏସିଆ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ହେଁ ମରକ୍କୋ ଗୋଲ ହେବାକୁ ଦେଇ ନ ଥିଲା। ଏହାପରେ ମରକ୍କୋ ୨-୦ରେ ବେଲ୍‌ଜିୟମକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ କାନାଡ଼ାକୁ ୨-୧ ଗୋଲରେ ପରାସ୍ତ କରି ଗ୍ରୁପ୍ ଟପ୍ପରଭାବେ ନକ୍‌ଆଉଟରେ ପ୍ରବେଶ କରିଥିଲା। ରାଉଣ୍ଡ ଅଫ୍ ୧୬ରେ ଦଳ ପୂର୍ବତନ ଚାମ୍ପିୟନ ସ୍ପେନ୍‌କୁ ପେନାଲ୍ଟି ଶୁଟ୍ ଆଉଟ ୩-୦ ଗୋଲରେ ହରାଇ ଥିବାବେଳେ କ୍ୱାର୍ଟର ଫାଇନାଲରେ ୧-୦ରେ ବିଜୟ ସହ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲକୁ ବିଦାୟ ପଥ ଦେଖାଇଥିଲା। ତେବେ ସେମିଫାଇନାଲରେ ଦଳ ୨ ଥର ଚାମ୍ପିୟନ ଫ୍ରାନ୍ସ ନିକଟରୁ ୦-୨ ଗୋଲରେ ପରାସ୍ତ ହୋଇଥିଲା। ସେହିପରି କ୍ରୋଏସିଆ ନିଜର ଗ୍ରୁପ୍ ପର୍ଯ୍ୟାୟ ଦ୍ୱିତୀୟ ମ୍ୟାଚରେ ୪-୧ ଗୋଲରେ କାନାଡ଼ାକୁ ହରାଇଥିବାବେଳେ ବେଲଜିୟମ ବିପକ୍ଷ ତୃତୀୟ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଫଳରେ ମରକ୍କୋ ପଛକୁ ଗ୍ରୁପ୍‌ର ଦ୍ୱିତୀୟ ଶ୍ରେଷ୍ଠ ଦଳଭାବେ ନକ୍‌ଆଉଟରେ ପହଞ୍ଚିଥିଲା। ରାଉଣ୍ଡ ଅଫ୍ ୧୬ରେ ଦଳ ଜାପାନକୁ ପେନାଲ୍ଟି ଶୁଟ୍‌ଆଉଟ ୩-୧ ଗୋଲରେ ହରାଇଥିଲା ଏବଂ କ୍ୱାର୍ଟର ଫାଇନାଲରେ ୫ ଥର ଚାମ୍ପିୟନ ବ୍ରାଜିଲକୁ ସେହି ପେନାଲ୍ଟି ଶୁଟ୍‌ଆଉଟ ୪-୨ ଗୋଲରେ ପରାସ୍ତ କରିଥିଲା। ତେବେ ସେମିଫାଇନାଲରେ ଦଳ ଆର୍ଜେଣ୍ଟିନା ନିକଟରୁ ୦-୩ ଗୋଲରେ ହାରିଯିବାରୁ କ୍ରମାଗତ ଦ୍ୱିତୀୟ ଥରପାଇଁ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଟାଇଟଲ ହାସଲ ଆଶା ଧୂଳିସାତ ହୋଇଯାଇଥିବାରୁ ଦଳ ଆଗାମୀ ମ୍ୟାଚ ଜିତି ତୃତୀୟ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିବା ଯୋଜନାରେ ରହିଛି।


ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସରତ କ୍ରୋଏସିଆ ଦଳ।

**ଫିଫା ବିଶ୍ୱକପ**

**(ଆଜିର ମ୍ୟାଚ)**

**କ୍ରୋଏସିଆ ବନାମ ମରକ୍କୋ**

ସ୍ଥାନ: ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ

ସମୟ: ରାତି ୮.୩୦

ପ୍ରସାରଣ: ସ୍ପୋର୍ଟ୍ସ ୧୮

# 'ଭାରତୀୟ ଦଳରେ ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିବ'



ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ।

**ଭୁବନେଶ୍ୱର, ୧୬।୧୨**
**(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ନେଇ ପ୍ରସ୍ତୁତି କରିସାରିଛି। ଏଥିପାଇଁ ଅତ୍ୟାଧୁନିକ ଉପକରଣ ମଧ୍ୟ ଉପଲବ୍ଧ ହୋଇଛି। ଆସନ୍ତା କିଛିବର୍ଷ ମଧ୍ୟରେ ଜାତୀୟ ଦଳରେ ଓଡ଼ିଶାରୁ କେବଳ ଅଧା ଖେଳାଳି ଥିବେ। ଶୁକ୍ରବାର ଏଠାରେ ଏକ ତାରକା ହୋଟେଲରେ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ବିଶିଷ୍ଟ କ୍ରୀଡ଼ା ବୈଜ୍ଞାନିକ ସଜ୍ଜୁ ଜୋଶେଫଙ୍କ ଲିଖିତ 'ସିଜିଂ ଦ ଅପର୍ଚୁନିଟି: ଦ ଆର୍ଟିଷ୍ଟିସ ଗ୍ୟାଲେରି ଫର୍ ପେନାଲ୍ଟି କର୍ନର ଆଣ୍ଡ ଏଏମ୍‌ପି, ଡ୍ରାଗ୍ ଫ୍ଲକ୍' ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ କ୍ରୀଡ଼ା ପାଇଁ ଅନେକ ସୁବିଧାସୁଯୋଗ ସୃଷ୍ଟି କରାଯାଇଛି। ଜିମ୍, ବ୍ୟାଡ୍‌ମିଣ୍ଟନ, ଟେବଲ ଟେନିସ ଏବଂ ଅନ୍ୟ କ୍ରୀଡ଼ା ପାଇଁ ସହରାଞ୍ଚଳରେ ୧୦୦ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଆସନ୍ତା ଜାନୁୟାରୀରେ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଇତିହାସରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଦୁଇଟି ଷ୍ଟାଡିୟମରେ ଖେଳାଯିବ। ଗତ ଟୋକିଓ ଅଲିମ୍ପିକ୍ସରେ ହକି ଟିମ୍‌ର ଉତ୍ତମ ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ହକି ପ୍ରାୟୋଜକ ହେବା ଅବଧିକୁ ଆସନ୍ତା ୨୦୩୨ ଯାଏ ବୃଦ୍ଧି କରିଛନ୍ତି । ଆସନ୍ତା କିଛି ବର୍ଷ ମଧ୍ୟରେ ଜାତୀୟ ଟିମ୍‌ରେ ଓଡ଼ିଶାରୁ କେବଳ ଅଧା କ୍ରୀଡାବିତ୍ ବାହାରିବେ। ସେଥିନେଇ ପ୍ରସ୍ତୁତି ଚାଲିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

**ହକି ପୁସ୍ତକ 'ସିଜିଂ ଦି ଅପର୍ଚୁନିଟି' ଉନ୍ମୋଚିତ**

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ସମ୍ମାନିତ ଅତିଥି ଏବଂ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏବଂ ପୁସ୍ତକର ରଚୟିତା ସାଜୁ ଜୋସେଫ ଉପସ୍ଥିତ ଥିଲେ। ହକି ଆସୋସିଏଶନ ଅଫ୍ ଓଡ଼ିଶାର ଅନ୍ୟ ଅଧିକାରୀଙ୍କ ସମେତ ଓଡ଼ିଶାର ଚେସ୍ କୁଇନ୍ ତଥା ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ, ଖେଳରତ୍ନ ପୁରସ୍କାରପ୍ରାପ୍ତ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂର୍ବତନ ବରିଷ୍ଠ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରିଷି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରୀନ୍ ଟି' ଅନୁଷ୍ଠାନ ପକ୍ଷରୁ ଦିଲୀପଙ୍କୁ ରୁପାରେ ଏକ ହକିଷ୍ଟିକ୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, କେରଳରେ ଜନ୍ମିତ ଜୋସେଫ ବେଙ୍ଗାଲୁରୁରେ ରହୁଛନ୍ତି। ସେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ହାଇପରଫର୍ମାନ୍ସ ଡାଇରେକ୍ଟର। 'ସିଜିଂ ଦି ଅପର୍ଚୁନିଟି' ହେଉଛି ତାଙ୍କର ପ୍ରଥମ ପୁସ୍ତକ।



ହକି ବିଶ୍ୱକପ ଟ୍ରଫି ଟୁର୍ ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛି। କିମ୍ବଦନ୍ତୀ ଖେଳାଳିଙ୍କ ଗହଣରେ ଟ୍ରଫି ଉନ୍ମୋଚନ ଅବସରରେ କେନ୍ଦ୍ର କ୍ରୀଡ଼ା ଏବଂ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଅନୁରାଗ ଠାକୁର ।

# ଭାରତର ସଫଳତା ନେଇ ଆଶାବାଦୀ ଅନୁରାଗ

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ହକି ବିଶ୍ୱକପ ଟ୍ରଫି ଟୁର୍‌ର ନୂଆଦିଲ୍ଲୀ ପର୍ଯ୍ୟାୟ ଶୁକ୍ରବାର ଆରମ୍ଭ ହୋଇଛି। କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର, ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଅନୁରାଗ ଠାକୁର ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମ ହକି ବିଶ୍ୱକପରେ ଭାରତର ସଫଳତାକୁ ନେଇ ଆଶାବାଦୀ ଥିବା ନେଇ ପ୍ରକାଶ କରିଛନ୍ତି କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ଏହି ବିଶ୍ୱକପ ଅନୁଷ୍ଠିତ ହେବ। ଟୋକିଓ ୨୦୨୦ରେ ଦଳର ପ୍ରଦର୍ଶନ ଆଉ ଆତ୍ମବିଶ୍ୱାସ ବଳରେ ଭାରତ ଚଳିତ ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିବ ବୋଲି ଅନୁରାଗ ମତ ରଖିଛନ୍ତି। ବିଶ୍ୱର ଅନ୍ୟ ୧୫ ଦଳକୁ ଚ୍ୟାଲେଞ୍ଜ ଦେବା ପାଇଁ ଭାରତ ପ୍ରସ୍ତୁତ ବୋଲି ଅନୁରାଗ କହିଛନ୍ତି। ଭାରତୀୟ ଦଳର ପ୍ରସ୍ତୁତି ବେଶ ଚମତ୍କାର ରହିଛି। ତେଣୁ ପ୍ରସ୍ତୁତିକୁ ଦେଖିଲେ କହି ହେବ କି କେବଳ ବିଶ୍ୱକପ ନୁହେଁ ପ୍ୟାରିସ୍ ୨୦୨୪ରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ। ଭାରତ ଶେଷ ଥର ପାଇଁ ୧୯୭୫ ବିଶ୍ୱକପରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ଭାରତ ଉକ୍ତ ସଫଳତା ପୁନର୍ବାର ଦୋହରାଇବ ବୋଲି ଠାକୁର କହିଛନ୍ତି। କେବଳ ଠାକୁର ନୁହନ୍ତି ପୂର୍ବତନ ଭାରତୀୟ ଅଧିନାୟକ ଜାଫର ଇକ୍‌ବାଲ ମଧ୍ୟ ସମାନ ମତ ଦେଇଛନ୍ତି। ୧୯୭୫ ଦଳର ଅଧିନାୟକ ଅଜିତ୍ ପାଲ ସିଂ ମଧ୍ୟ ସମାନ ମତ ଦେଇଛନ୍ତି। ଟୁର୍ନାମେଣ୍ଟରେ କାହାକୁ ଫେବରିଟ୍ କହିବା କଷ୍ଟ ମାତ୍ର ଭାରତର ପୋଡିୟମ ଫିନିଶ ସମ୍ଭାବନା ଅଧିକ ବୋଲି ସେ କହିଛନ୍ତି।

# ଦିବାରାତ୍ର କ୍ରିକେଟରେ ୧୬ ଦଳ ଭାଗନେବେ

**ଭୁବନେଶ୍ୱର, ୧୬।୧୨**
**(କ୍ରୀଡ଼ା ପ୍ରତିନିଧି)**

ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ଏବଂ ଜେନ୍-ନେଷ୍ଟ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚଳିତ ମାସ ୧୮ ତାରିଖରୁ ଏକ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଭୁବନେଶ୍ୱରରୁ ୮ଟି, କଟକରୁ ୬ଟି ଏବଂ ଖୋର୍ଦ୍ଧା, ସମ୍ବଲପୁର, ଝାରସୁଗୁଡ଼ା ଓ କେନ୍ଦୁଝରରୁ ଗୋଟିଏ ଲେଖାଏ ଦଳ ଅନ୍ତର୍ଭୁକ୍ତ। ଚାମ୍ପିୟନ, ରନରଅପ୍ ଏବଂ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ଯଥାକ୍ରମେ ୮୦,୦୦୦, ୫୦,୦୦୦ ଓ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ମୋଟ ୮ ଲକ୍ଷ ଟଙ୍କାର ବଜେଟ ଅଟକଳ କରାଯାଇଛି ବୋଲି ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ ସମ୍ପାଦକ ଏ. ମଧୁସୂଦନ ରେଡ୍ଡୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ କର୍ପୋରେଟର ଶ୍ରୀଧର ବେହେରା ଓ ପୁଷ୍ପା ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରହିବେ। ସଡ଼କ ଦୁର୍ଘଟଣାରେ ପୀଡ଼ିତଙ୍କ ପାଇଁ ଏହି ଟୁର୍ନାମେଣ୍ଟରୁ ପାଣ୍ଠି ସଂଗ୍ରହ କରାଯିବ ବୋଲି ବନଦୁର୍ଗା କଲ୍‌ଚରାଲ ୟୁଥ୍ ଆସୋସିଏଶନ କ୍ରୀଡ଼ା ସମ୍ପାଦକ ତନ୍ମୟ ପରିଡ଼ା ପ୍ରକାଶ କରିଛନ୍ତି।

# ଓଡ଼ିଶା-ବରୋଦା ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୬।୧୨**
**(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ୧ ପଏଣ୍ଟ ସହିତ ଏହାର ୨୦୨୨-୨୩ ରଣଜୀ ଟ୍ରଫି ସିଜନ ଆରମ୍ଭ କରିଛି। ବିକାଶ ଗ୍ରାଉଣ୍ଡରେ ଶୁକ୍ରବାର ଶେଷ ହୋଇଥିବା ଓଡ଼ିଶା-ବରୋଦା ରଣଜୀ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବରୋଦା ୩ ଓ ଓଡ଼ିଶା ୧ ପଏଣ୍ଟ ପାଇଛି। ଓଡ଼ିଶା ପ୍ରଥମ ଇନିଂସରେ ୪୫୭ ରନ କରିଥିବାବେଳେ ବରୋଦା ଏହାର ପ୍ରଥମ ଇନିଂସକୁ ୬୨୪/୮ରେ ଘୋଷଣା କରିଥିଲା। ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା ନ ଥିବାରୁ ଉଭୟ ଅଧିନାୟକଙ୍କ ସହମତିକ୍ରମେ ଖେଳକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ରଖା ଯାଇଥିଲା। ୩ୟ ଦିବସର ଅସମାପ୍ତ ସ୍କୋର ୪୧୬/୫ରୁ ଖେଳ ଆରମ୍ଭ କରିଥିବା ବରୋଦା ୪ର୍ଥ ଦିବସର ପ୍ରଥମ ସେସନରେ ୨ ଉଇକେଟ ହରାଇ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରି ନେଇଥିଲା। ପରେ ଅଭିମନ୍ୟୁସିଂ ରାଜପୁତଙ୍କ ଅପରାଜିତ ଶତକ ସହାୟତାରେ ବୃହତ ସ୍କୋର କରିଥିଲା। ରାଜପୁତ ୧୦୨ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୯ ନମ୍ବର ବ୍ୟାଟର ଭାର୍ଗବ ଭଟ୍ଟ ମଧ ୮୭ ରନର ଦୃଢ଼ ଇନିଂସ ଖେଳିଥିଲେ। ୮ମ ଉଇକେଟରେ ରାଜପୁତ ଓ ଭଟ୍ଟ ୩୦୦ ବଲ୍‌ରୁ ୧୮୪ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭମ୍ ନାୟକ ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ରଣଜୀ ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୫୭। ବରୋଦା ପ୍ରଥମ ଇନିଂସ: ୬୨୪/୮/ଘୋଷଣା (ଶାଶ୍ୱତ ରାଓ୍ୱତ-୧୩୫, ପ୍ରିୟାଂଶୁ ମୋଲିୟା-୧୧୮, ଅଭିମନ୍ୟୁସିଂ-୧୦୨*, ଭାର୍ଗବ ଭଟ୍ଟ-୮୭, ଜ୍ୟୋସ୍ନିଲ ସିଂ-୬୩, ବସନ୍ତ ମହାନ୍ତି-୨/୩୧, ସୂର୍ଯ୍ୟକାନ୍ତ ପ୍ରଧାନ-୨/୧୧୬, ଶୁଭମ୍ ନାୟକ-୨/୧୨୨, ଅଭିଷେକ ରାଉତ-୧/୭୯, ଦେବବ୍ରତ ପ୍ରଧାନ-୧/୧୫୧)।

# ଫାଇନାଲରେ ଆଷ୍ଟ୍ରୋ, ଏମ୍‌ବିସିସି

**ଭୁବନେଶ୍ୱର, ୧୬।୧୨**
**(କ୍ରୀଡ଼ା ପ୍ରତିନିଧି)**

୧୪ ତମ ହାଡିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟର ଫାଇନାଲରେ ପ୍ରବେଶ କରିଛନ୍ତି ଆଷ୍ଟ୍ରୋ ଏକାଦଶ ଓ ଏମ୍‌ବିସିସି। ଶୁକ୍ରବାର ଦୁଇଟି ଯାକ ସେମି ଫାଇନାଲ ଖେଳାଯାଇଥିଲା। ପ୍ରଥମ ସେମିରେ ଆଟିଭିର ଏକାଦଶକୁ ୧ ଉଇକେଟରେ ପରାସ୍ତ କରିଥିଲା ଆଷ୍ଟ୍ରୋ ଏକାଦଶ। ଆଟିଭିର ପ୍ରଥମେ ବ୍ୟାଟିଂ କରି ବିପୁଳ ପ୍ରଧାନଙ୍କ ୬୭ ରନ୍ ବଳରେ ୭ ଉଇକେଟରେ ୧୮୩ ରନ୍ କରିଥିଲା। ଜବାବରେ ପ୍ଲେୟର ଅଫ୍ ଦ ମ୍ୟାଚ ଅମୂଲ୍ୟ ପାତ୍ରଙ୍କ ୪୦ ରନ୍ ବଳରେ ଗୋଟିଏ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ଆଷ୍ଟ୍ରୋ ଏକାଦଶ। ଦ୍ୱିତୀୟ ସେମିଫାଇନାଲରେ ରୟାଲକୁ ୪ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି ଏମ୍‌ବିସିସି। ଏମ୍‌ବିସିସି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୧୫୭ ରନ୍ କରିଥିଲା। ଏମ୍‌ବିସିସି ଦଳ ନିର୍ଦ୍ଧାରିତ ଓଭରରେ ୧୫୩ ରନରେ ସୀମିତ ରହିଥିଲା। ଏମ୍‌ବିସିସିର ରବି ସିଂଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆରାଧା ଚାମ୍ପିୟନ, ଶ୍ୱେତା ରନରଅପ୍

**ଭୁବନେଶ୍ୱର, ୧୬।୧୨ (କ୍ରୀଡ଼ା ପ୍ରତିନିଧି)**

ଅନୁଗୋଳସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ୨୮ତମ ଆନ୍ତଃଜିଲା ଏବଂ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୧ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧା ସାହୁ ଚାମ୍ପିୟନ ଓ ଶ୍ୱେତା ବର୍ମା ରନରଅପ୍ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଆରାଧା ୩-୦ରେ ଶ୍ୱେତାଙ୍କୁ ପରାସ୍ତ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଜିଜ୍ଞାସୁ ସାହୁ, ମହମ୍ମଦ ଜିଶାନ, ଅନିନ୍ଦ୍ୟ ଅନୁପମ ଏବଂ ଫରଜ ରାଜା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୫ ବର୍ଷରୁ କମ୍ ବାଳିକାରେ ଉର୍ଜା ବର୍ମା, ଅଫିଆ ମୌଶିନ, ସୁକୁଲଦେଇ ପେଣ୍ଡିଆ, ସାକ୍ଷୀ ଭଗତ ସେମିଫାଇନାଲରେ ପହଞ୍ଚିଛନ୍ତି।


ଆରାଧା ସାହୁ ଓ ଶ୍ୱେତା ବର୍ମା।

# ବାଂଲାଦେଶକୁ ଆବଶ୍ୟକ ୪୭୧ ରନ

**ଚଟ୍ଟୋଗ୍ରାମ, ୧୬।୧୨ (ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଡ୍ରାଇଭର ସିଟ୍‌ରେ ଭାରତ। ଓପନର ଶୁବମନ ଗିଲ୍ ଓ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରାଙ୍କ ଶତକ ବଳରେ ଭାରତ ଦ୍ୱିତୀୟ ଇନିଂସରେ ୨୫୮/୨ରେ ଇନିଂସ ଘୋଷଣା କରିଛି। ଜବାବରେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ବିନା କ୍ଷତିରେ ୪୨ ରନ୍ କରିଥିବା ବେଳେ ବିଜୟ ପାଇଁ ଘରୋଇ ଦଳକୁ ଆଉ ୪୭୧ ରନ୍ ଆବଶ୍ୟକ ରହିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୩୩/୮ରୁ ଖେଳ ଆରମ୍ଭ କରି ବାଂଲାଦେଶ ଆଉ ମାତ୍ର ୧୭ ରନ୍ ଯୋଡିଥିଲା। ଅକ୍ଷରପକ୍ଷେ ପଟେଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇ ବାଂଲାଦେଶ ଇନିଂସ ଶେଷ କରିଥିଲେ। ମୁଶଫିକୁର ରହିମ ସର୍ବାଧିକ ୨୮ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୫ ଉଇକେଟ ସଫଳତା ହାସଲ କରିଥିଲେ। ୨୫୪ ରନରେ ଆଗୁଆ ରହିବା ପରେ ଭାରତ ପୁନର୍ବାର ବ୍ୟାଟିଂ କରିଥିଲା। ଷ୍ଟାଣ୍ଡଇନ୍ ଅଧିନାୟକ ଲୋକେଶ ରାହୁଲ ମାତ୍ର ୨୩ ରନ୍ କରି ଆଉଟ ହୋଇଥିବା ବେଳେ ଶୁବମନ ଗିଲ ୧୧୦ ଓ ଚେତେଶ୍ୱର ପୂଜାରା ୧୦୨* ଦ୍ୱିତୀୟ ଉଇକେଟରେ ଯୋଡିଥିଲେ ୧୧୩ ରନ୍। ଗିଲ୍ ୧୫୨ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରିବା ସହିତ ଟେଷ୍ଟ କ୍ରିକେଟରେ ନିଜର ପ୍ରଥମ ଶତକ ହାସଲ କରିଥିଲେ। ୧୩୦ ବଲ ଖେଳିଥିବା ପୂଜାରା ୧୦୨ ରନର ଇନିଂସରେ ମାରିଥିଲେ ୧୩ ଚୌକା। ପୂଜାରା ଶତକ ହାସଲ କରିବା ପରେ ଭାରତ ଇନିଂସ ଘୋଷଣା କରିଥିଲା। ୫୧୩ ରନର ବିଶାଳ ଲକ୍ଷ୍ୟ ରହିଥିବା ବେଳେ ବ୍ୟାଟିଂ ଆରମ୍ଭ କରି ବାଂଲାଦେଶ ବିନା କୌଣସି ଉଇକେଟରେ ୪୨ ରନ୍ ସଂଗ୍ରହ କରିଛି। ମ୍ୟାଚ ଦୁଇ ଦିନ ବାକି ରହିଥିବା ବେଳେ ବାଂଲାଦେଶର ବିଜୟ ଅସମ୍ଭବ ପ୍ରତୀୟମାନ ହେଉଛି।

**ଗିଲ୍, ପୂଜାରାଙ୍କ ଶତକ**


ଶତକ ହାସଲ ପରେ ଚେତେଶ୍ୱର ପୂଜାରା ଓ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୦୪। ବାଂଲାଦେଶ ପ୍ରଥମ ଇନିଂସ ୫୫.୫ ଓଭରରେ ୧୫୦/୧୦ (ମୁଶଫିକର ରହିମ୍-୨୮, ମେହିଦୀ ହସନ ମିରାଜ-୨୫, ଲିଟନ ଦାସ-୨୪, କୁଲଦୀପ ଯାଦବ-୫/୪୦, ମହମ୍ମଦ ସିରାଜ-୩/୨୦, ଅକ୍ଷର ପଟେଲ-୧/୧୦)। ଭାରତ ଦ୍ୱିତୀୟ ଇନିଂସ- ୬୧.୪ ଓଭରରେ ୨୫୮/୨ (ଶୁବମନ ଗିଲ-୧୧୦, ଚେତେଶ୍ୱର ପୂଜାରା-୧୦୨*, ଲୋକେଶ ରାହୁଲ-୨୩, ଖାଲେଦ ଅହମଦ-୧/୫୨, ମେହିଦୀ ହସନ ମିରାଜ-୧/୮୧)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨/୦।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ